# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ନଭେମ୍ବର ୧୩/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, November 13/2025 | Page 14 | ₹ 7.00

୫୧ଶ ଭାଗ ୩୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 347 | ମୂଲ୍ୟ ₹୭/-




**ସାତ୍ତ୍ୱିକଙ୍କୁ କ୍ୟାଣ୍ଡିଡେଟ୍ ମାଷ୍ଟର ଟାଇଟଲ**

ଓଡ଼ିଶାର ଚେସ୍ ପ୍ରତିଭା ସାତ୍ତ୍ୱିକ ସ୍ୱାଇଁଙ୍କୁ ଅନ୍ତର୍ଜାତୀୟ ଚେସ୍ ଫେଡେରେଶନ(ଫିଡେ) ପକ୍ଷରୁ କ୍ୟାଣ୍ଡିଡେଟ୍ ମାଷ୍ଟର ଟାଇଟଲ ପ୍ରଦାନ କରାଯାଇଛି।

୧୪

୦୨

**୫ରେ ଆସିବେ ପୁଟିନ୍**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୫ରେ ଭାରତ ଗସ୍ତରେ ଆସି ରୁଷିଆ-ଇଣ୍ଡିଆ ଫୋରମ୍-୨୦୨୫ କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂତ୍ରରୁ ଜଣାପଡ଼ିଛି।



## କାର୍ ବିସ୍ଫୋରଣ 'ଆତଙ୍କବାଦୀ ଘଟଣା': କେନ୍ଦ୍ର

ନୂଆଦିଲ୍ଲୀ,୧୨।୧୧(ପି.ଟି.)

୧୨ ଜଣଙ୍କ ଜୀବନ ଯାଇଥିବା ଦିଲ୍ଲୀର ଲାଲ୍‌କିଲ୍ଲା ଆତ୍ମଘାତୀ ବିସ୍ଫୋରଣ ଏକ 'ଆତଙ୍କବାଦୀ ଘଟଣା' ବୋଲି ବୁଧବାର କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଏଥିସହ ଉକ୍ତ ଆକ୍ରମଣର ସମସ୍ତ ଦିଗକୁ ଜରୁରୀ ଭିତ୍ତିରେ ଓ ବୃତ୍ତିଗତ ଭାବେ ଅନୁଧ୍ୟାନ କରି ଅପରାଧୀମାନଙ୍କୁ ଅବିଳମ୍ବେ ଆଇନର କାଠଗଡ଼ାକୁ ଆଣିବା ପାଇଁ ସୁରକ୍ଷା ଏଜେନ୍ସିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକରେ ଉପରୋକ୍ତ ☞ପୃଷ୍ଠା-୪

**ବାଲିଯାତ୍ରାରେ ଅଘଟଣ**

୧୦୦ ଫୁଟ ଉଚ୍ଚ ହାମର ଦୋଳିରେ ଫସିଲେ ୮

ପୃଷ୍ଠା-୩

**ଆଜିର ସମ୍ପାଦକୀୟ**

ଭୀମବେଟ୍‌କାର ଖୋଦେଇ କଳା



'ସୁରଭି' ଉଦ୍‌ଘାଟିତ

ଭୁବନେଶ୍ୱର ୟୁନିଟ୍-୩ କ୍ୟାପିଟାଲ ହାଇସ୍କୁଲଠାରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କୁ ବୁଧବାର ଉଦ୍‌ଘାଟନ କରିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜଣେ ଛାତ୍ରଙ୍କ ସହ ତାଙ୍କ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରୁଛନ୍ତି।

## ଶିଶୁଙ୍କୁ ମାର୍ଗଦର୍ଶନ ସର୍ବୋଚ୍ଚ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୧(ସୁଚିସ୍ମିତା ସାହୁ)

ଶିଶୁମାନେ ଆମର ଭବିଷ୍ୟତ, ଆମର ଆଶା। ଶିଶୁମାନଙ୍କ ସ୍ୱପ୍ନକୁ ସାକାର କରିବା ଓ ସେମାନଙ୍କୁ ମାର୍ଗଦର୍ଶନ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲଠାରେ ଆୟୋଜିତ ତିନିଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'କୁ ବୁଧବାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ, ରାଜ୍ୟ ସରକାର ପ୍ରାକ୍ ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ☞ପୃଷ୍ଠା-୪

# ତହସିଲଦାରଙ୍କୁ ମିଳିଲା ପୁରୁଣା କବଲା ସଂଶୋଧନ କ୍ଷମତା

ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜମି କ୍ରେତା-ବିକ୍ରେତାଙ୍କ ସମସ୍ୟା ଦୂରକରିବା ପାଇଁ ଓଡ଼ିଶା ସର୍ଭେ ଆଣ୍ଡ ସେଟଲମେଣ୍ଟ ରୁଲ୍ସର ସଂଶୋଧନକୁ ବୁଧବାର ଅନୁମୋଦନ ଦେଇଛନ୍ତି। ବର୍ତ୍ତମାନ ପ୍ରାବଧାନ ଅନୁସାରେ ବନ୍ଦୋବସ୍ତ ପ୍ରକ୍ରିୟା (ସେଟଲମେଣ୍ଟ ଅପରେଶନ) ପୂର୍ବରୁ କିଣିଥିବା ଜମିର ଜମି ପଟ୍ଟା (ଆର୍‌ଓଆର୍) ବନ୍ଦୋବସ୍ତ ଅଧିକାରୀ (ସେଟଲମେଣ୍ଟ ଅଫିସର) କ୍ରେତାଙ୍କ ନାମରେ କରନ୍ତି। କିନ୍ତୁ ଯଦି କୌଣସି କାରଣ ଯୋଗୁ ବନ୍ଦୋବସ୍ତ ପ୍ରକ୍ରିୟାରେ ଏହି ଜମିପଟ୍ଟା କ୍ରେତାଙ୍କ ନାମରେ କରାଯାଇ ନ ଥାଏ ତେବେ ସେ ଏଥିପାଇଁ ରାଜସ୍ୱ ପର୍ଷଦ (ବୋର୍ଡ ଅଫ୍ ରେଭିନ୍ୟୁ) ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ୍ କରିଥାଆନ୍ତି। ଅତ୍ୟଧିକ କାର୍ଯ୍ୟଭାର ଯୋଗୁ ଏହି ଅପିଲଗୁଡିକ ବର୍ଷ ବର୍ଷ ଧରି ଫଇସଲା ନ ହୋଇ ପଡ଼ି ରହିଥାଏ। କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ଉପରୋକ୍ତ ରୁଲ୍ସ ସଂଶୋଧନ ଦ୍ୱାରା ବର୍ତ୍ତମାନ ଏପରି ମାମଲାରେ ଜମିପଟ୍ଟା କ୍ରେତାଙ୍କ ନାମରେ ରେକର୍ଡ କରିବା ପାଇଁ ସମ୍ପୃକ୍ତ ତହସିଲଦାରମାନେ କ୍ଷମତାପ୍ରାପ୍ତ ହେବେ। ଏହାଦ୍ୱାରା ସମ୍ପୃକ୍ତ କ୍ରେତାମାନେ ବନ୍ଦୋବସ୍ତ ପ୍ରକ୍ରିୟା ପୂର୍ବରୁ ବୈଧ ଭାବେ କିଣିଥିବା ଜମିର ଜମିପଟ୍ଟା ନିଜ ନାମରେ କରିବା ପାଇଁ ସମ୍ପୃକ୍ତ ତହସିଲଦାରଙ୍କ ପାଖରେ ଆବେଦନ କରିପାରିବେ। ସେମାନଙ୍କୁ ରାଜସ୍ୱ ପର୍ଷଦ ବା ଅନ୍ୟ କ୍ଷମତାପ୍ରାପ୍ତ ରିଭିଜନ କୋର୍ଟରେ ଅପିଲ ବା ଆବେଦନ କରିବା ଆଉ ଦରକାର ହେବ ନାହିଁ।

## ୯ରେ ବାରବାଟୀରେ ଭାରତ-ଦ.ଆଫ୍ରିକା ଟି୨୦

ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)

**ତ୍ରୁଟିଶୂନ୍ୟ ପରିଚାଳନା ହେବା ଦରକାର: ମୁଖ୍ୟମନ୍ତ୍ରୀ**

ଅନ୍ତର୍ଜାତୀୟ କ୍ରୀଡ଼ା ଆୟୋଜନ କରିବାରେ ଓଡ଼ିଶାର ସୁନାମ ରହିଛି। କଟକ ବାରବାଟୀ ଷ୍ଟାଡିୟମରେ ପୂର୍ବରୁ ଅନେକ ଅନ୍ତର୍ଜାତୀୟ ମ୍ୟାଚ୍ ସୁବ୍ୟବସ୍ଥିତ ଭାବେ ଆୟୋଜିତ ହୋଇଯାଇଛି। ତେଣୁ ଆସନ୍ତା ଡିସେମ୍ବର ୯ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ହେବାକୁ ଥିବା ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ଯେପରି ସୁବ୍ୟବସ୍ଥିତ ଓ ସୁନିୟନ୍ତ୍ରିତ ଭାବେ ଆୟୋଜନ ହେବ ସେଥିପାଇଁ ସମସ୍ତ ☞ପୃଷ୍ଠା-୪


DSPL - 345

International Year of Cooperatives 2025
Cooperatives Build a Better World



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

୭୨ତମ
ନିଖିଳ ଭାରତ ସମବାୟ ସପ୍ତାହ
( ଆତ୍ମନିର୍ଭର ଭାରତ ପାଇଁ ସମବାୟ ଏକ ମାଧ୍ୟମ )
୧୪-୨୦ ନଭେମ୍ବର ୨୦୨୫



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆମ ସଫଳତା

- ୨୦୨୫-୨୬ ଆର୍ଥିକ ବର୍ଷରେ ସମବାୟ ସମିତି ମାଧ୍ୟମରେ ୩୭ ଲକ୍ଷ ଚାଷୀଙ୍କୁ ୨୦,୫୦୦ କୋଟି ଟଙ୍କାର କୃଷି ଋଣ ପ୍ରଦାନର ବ୍ୟବସ୍ଥା।
- ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୨୦୨୫ ଖରିଫ ଋତୁରେ ମୋଟ ୨୨.୮୪ ଲକ୍ଷ ଚାଷୀଙ୍କୁ ଫସଲ ବୀମା ସୁରକ୍ଷା ପ୍ରଦାନ।
- ଚଳିତ ୨୦୨୫-୨୬ ଖରିଫ ବିପଣନ ବର୍ଷରେ ପ୍ୟାକ୍ସ/ ଲ୍ୟାମ୍ପସ (PACS/ LAMPCS) ମାଧ୍ୟମରେ ୧୫ ଲକ୍ଷ ଚାଷୀଙ୍କ ଠାରୁ ପ୍ରାୟ ୬୬ ଲକ୍ଷ ମେଟ୍ରିକ ଟନ ଧାନ କ୍ରୟ କରାଯାଇ ସର୍ବନିମ୍ନ ସହାୟକ ମୂଲ୍ୟ (M.S.P) ପ୍ରଦାନ।
- ସରକାରଙ୍କ ମୂଲ୍ୟ ସହାୟକ ଯୋଜନା (Price Support Scheme) ମାଧ୍ୟମରେ ଡାଲି ଏବଂ ତୈଳବୀଜ ଜାତୀୟ ଶସ୍ୟ ମାର୍କଫେଡ୍ (MARKFED) ସହାୟତାରେ ସର୍ବନିମ୍ନ ସହାୟକ ମୂଲ୍ୟରେ କ୍ରୟ।
- ୯୭୩ ଗୋଟି ପ୍ୟାକ୍ସ/ ଲ୍ୟାମ୍ପସ (PACS/ LAMPCS) ଓ ନିୟନ୍ତ୍ରିତ ବଜାର କମିଟି (RMC) ମଣ୍ଡି ଗୁଡ଼ିକରେ ୫୬୧.୩୬ କୋଟି ଟଙ୍କା ବ୍ୟୟରେ ଭିତ୍ତିଭୂମି ବିକାଶ।
- କୃଷକ ମାନଙ୍କ ଦ୍ୱାରା ବ୍ୟବହୃତ **ରାସାୟନିକ/ ଜୈବିକ ସାରର ୬୦% ସମବାୟ ସମିତିମାନଙ୍କ ଦ୍ୱାରା ବଣ୍ଟନ** ପରିକଳ୍ପନା।
- ୨୦୨୫ ଖରିଫ୍ ଋତୁରେ ସମବାୟ ମାଧ୍ୟମରେ **୬,୩୪୬** ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (WSHG) ଙ୍କୁ **୨୭୭.୨୧ କୋଟି** ଏବଂ ଯୁଗ୍ମ ଦେୟ ଗୋଷ୍ଠୀ (JLG) ମାଧ୍ୟମରେ ଭୂମିହୀନ, କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ **୨୨୫.୯୪ କୋଟି ଟଙ୍କାର ଋଣ** ପ୍ରଦାନ।
- RIDF ଯୋଜନାରେ ୮୦ **ଗୋଟି PACS/ LAMPCS** ରେ **୨୦୦ ମେଟ୍ରିକ ଟନ** କ୍ଷମତା ବିଶିଷ୍ଟ **ଗୋଦାମ ଗୃହ ନିର୍ମାଣ** ନିମନ୍ତେ ୨୦୨୫-୨୬ ଆର୍ଥିକ ବର୍ଷରେ ୨୦ କୋଟି ଟଙ୍କାର ପ୍ରାବଧାନ।
- ଆସନ୍ତା ୨ ବର୍ଷ ମଧ୍ୟରେ ଅତ୍ୟାଧୁନିକ ସୁବିଧା ଥିବା **୧୦୦ ଗୋଟି ମଡେଲ ମଣ୍ଡି ସ୍ଥାପନ ଯୋଜନା**।
- ମତ୍ସ୍ୟ, ଦୁଗ୍ଧ ଉତ୍ପାଦନ, ହସ୍ତଶିଳ୍ପ, ବୟନ, ରେଶମ ଚାଷ, କୁକୁଡ଼ା ପାଳନ ଓ ତାଳଗୁଡ କ୍ଷେତ୍ରରେ ଉତ୍ପାଦନକାରୀମାନଙ୍କୁ ସମବାୟ ମାଧ୍ୟମରେ ସଂଗଠିତ କରାଯାଇ ବିପଣନ ବ୍ୟବସ୍ଥାର ସୁଦୃଢ଼ୀକରଣ।

ସଚେତନତା ପାଇଁ ଗଣଦୌଡ଼
ସେଣ୍ଟ ଯୋଶେଫ ସ୍କୁଲ, ରାମ ମନ୍ଦିର ଛକରୁ ୟୁନିୟନ ଅଫିସ
୧୪ ନଭେମ୍ବର | ସକାଳ ୭ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର

OIPR :

## ସଂକ୍ଷେପରେ

### ବାୟୁ ପ୍ରଦୂଷଣ: କେନ୍ଦ୍ରର ନୂଆ ମାର୍ଗଦର୍ଶିକା ଜାରି

ନୂଆଦିଲ୍ଲୀ,୧୨।୧୧

ଦେଶରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଥିବାବେଳେ କେନ୍ଦ୍ର ସରକାର ବୁଧବାର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ନୂଆ ମାର୍ଗଦର୍ଶିକା ଜାରି କରିଛନ୍ତି। ପ୍ରଦୂଷଣଜନିତ ରୋଗର ମୁକାବିଲା ପାଇଁ ଜଳବାୟୁ ପରିବର୍ତ୍ତନ ଓ ମାନବ ସ୍ୱାସ୍ଥ୍ୟ ସମ୍ପର୍କିତ ଜାତୀୟ କାର୍ଯ୍ୟକ୍ରମ (ଏନ୍‌ପିସିସିଏଚ୍‌ଏଚ୍) ଅଧୀନରେ ସରକାରୀ ହସ୍ପିଟାଲ ଓ ମେଡିକାଲ କଲେଜଗୁଡ଼ିକରେ ଚେଷ୍ଟ କ୍ଲିନିକ୍ ପ୍ରତିଷ୍ଠା କରିବାକୁ ଏଥିରେ ପରାମର୍ଶ ଦିଆଯାଇଛି। ସେପ୍ଟେମ୍ବରରୁ ମାର୍ଚ୍ଚ ମଧ୍ୟରେ ସର୍ବାଧିକ ବାୟୁ ପ୍ରଦୂଷଣ ହେଉଥିବାରୁ ଏହି ଅବଧି ମଧ୍ୟରେ କ୍ଲିନିକ୍‌ଗୁଡ଼ିକ ଦୈନିକ ୨ ଘଣ୍ଟା ଚାଲିପାରେ। ୩୩ ପୃଷ୍ଠା ସମ୍ବଳିତ ଗାଇଡ୍‌ଲାଇନ୍‌ରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶ୍ୱାସଜନିତ ଏବଂ ହୃଦ୍‌ରୋଗ ମାମଲାକୁ ବିଶେଷ ଗୁରୁତ୍ୱ ଦେବା ପାଇଁ ପ୍ରସ୍ତୁତ ହେବାକୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶ ଦେଇଛି।

### ତୁର୍କୀ ସେନା ବିମାନ ଦୁର୍ଘଟଣା: ୨୦ ମୃତ

ଆଙ୍କାରା,୧୨।୧୧(ପି.ଟି.)

ତୁର୍କୀର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଥିବା ସମସ୍ତ ୨୦ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଥିବା ସେଠାକାର ପ୍ରତିରକ୍ଷା ମନ୍ତ୍ରୀ ୟାସର ଗୁଲେର ବୁଧବାର ସୂଚନା ଦେଇଛନ୍ତି। ଗୁଲେର 'X 'ରେ ନିହତ ସୈନ୍ୟଙ୍କ ଫଟୋକୁ ସଂଲଗ୍ନ କରି ବାର୍ତ୍ତା ଲେଖିଛନ୍ତି, ନଭେମ୍ବର ୧୧ରେ ଆମ ସି-୧୩୦ ମିଲିଟାରି କାର୍ଗୋ ପ୍ଲେନ୍ ଆଜରବୈଇଜାନ୍‌ରୁ ତୁର୍କୀ ଆସୁଥିବାବେଳେ ଜର୍ଜିଆ-ଆଜରବୈଜାନ୍ ସୀମାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଆମ ବୀର କମ୍ରେଡ୍‌ମାନେ ଶହୀଦ ହୋଇଯାଇଛନ୍ତି। ବିମାନ ଦୁର୍ଘଟଣାର ତଦନ୍ତ ଚାଲିଛି। ତଦନ୍ତକାରୀ ଟିମ୍ ଏହାର ଭଗ୍ନାବଶେଷକୁ ଯାଞ୍ଚ କରୁଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

### ୫ରେ ଭାରତ ଆସିବେ ପୁଟିନ୍



ନୂଆଦିଲ୍ଲୀ/ ମସ୍କୋ, ୧୨।୧୧

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଡିସେମ୍ବର ୫ରେ ଭାରତ ଆସିବେ। ରୁଷିଆ-ଭାରତ ଫୋରମ୍ ୨୦୨୫ ଆସନ୍ତା ୪-୫ରେ ଅନୁଷ୍ଠିତ ହେବାକୁ ଥିବାବେଳେ ପୁଟିନ୍ ଏହି ସମୟରେ ସରକାରୀ ଗସ୍ତରେ ଆସିବେ। ଏହି କାର୍ଯ୍ୟକ୍ରମ ରୋସ୍‌କଂଗ୍ରେସ ଫାଉଣ୍ଡେଶନ୍ ପକ୍ଷରୁ ଆୟୋଜନ ହେବ ବୋଲି ରୁଷିଆ-ଇଣ୍ଡିଆ ଫୋରମ୍ ପକ୍ଷରୁ କୁହାଯାଇଛି। ଚଳିତବର୍ଷ ଶେଷ ଆଡ଼କୁ ପୁଟିନ୍‌ଙ୍କ ଭାରତ ଗସ୍ତକୁ ନେଇ ରୁଷିଆ ତତ୍ପରତାର ସହ ପ୍ରସ୍ତୁତି ଚଳାଇଥିବା ରୁଷିଆ ସରକାରୀ ମିଡିଆ ଟିଏଏସ୍‌ଏସ୍ ସୂଚନା ଦେଇଛି। ତେବେ ଏହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗସ୍ତ ହେବାକୁ ଯାଉଛି ବୋଲି କ୍ରେମ୍ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି। ଏହା ପୂର୍ବରୁ ପୁଟିନ୍ ୨୦୨୧ରେ ଭାରତ ଗସ୍ତ କରିଥିଲେ। ପୁଟିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ସେପ୍ଟେମ୍ବର ୧ରେ ଚାଇନାର ତିଆଞ୍ଜିନ୍‌ଠାରେ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ସମ୍ମିଳନୀରେ ପରସ୍ପରକୁ ଭେଟିଥିଲେ। ମସ୍କୋଠାରୁ ତୈଳ କ୍ରୟକୁନେଇ ଭାରତ ଉପରେ ଆମେରିକାର ଚାପ ପରିପ୍ରେକ୍ଷୀରେ ପୁଟିନ୍‌ଙ୍କ ଗସ୍ତକୁ ତାତ୍ପର୍ଯ୍ୟପୂର୍ଣ୍ଣ ମନେକରାଯାଉଛି।



ଦିଲ୍ଲୀର ଲାଲ୍‌କିଲ୍ଲା ନିକଟ ବିସ୍ଫୋରଣସ୍ଥଳରେ ଯାତ୍ରୀଙ୍କ ଅପେକ୍ଷାରେ ଜଣେ ରିକ୍ସାଚାଳକ।

### ଶାହାଙ୍କ ଇସ୍ତଫା ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୧୨।୧୧

ଲାଲ୍‌କିଲ୍ଲା ଆତ୍ମଘାତୀ ବିସ୍ଫୋରଣରେ ୧୨ ଜଣଙ୍କ ଜୀବନ ଯିବା ପରେ ଏହି ଘାତକ ଆକ୍ରମଣ ପାଇଁ ବିରୋଧୀ କଂଗ୍ରେସ ସୁରକ୍ଷା ବିଫଳତାକୁ ଦାୟୀକରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଇସ୍ତଫା ଦାବି କରିଛି। କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ବୁଧବାର କହିଛନ୍ତି, ସୁରକ୍ଷା ବ୍ୟବସ୍ଥାରେ ଗମ୍ଭୀର ତ୍ରୁଟି ଯୋଗୁ ଏତେ ବଡ଼ ଆକ୍ରମଣ ଘଟିଗଲା। ଶାହାଙ୍କ ପାଖରେ ଟିକିଏ ବି ଉତ୍ତରଦାୟିତ୍ୱବୋଧ ଥିଲେ ସେ ନିଜ ପଦରୁ ଇସ୍ତଫା ଦେବା ଉଚିତ। ମୁମ୍ବାଇ ବିସ୍ଫୋରଣ ବେଳେ ଉପା କ୍ଷମତାରେ ଥିଲା। ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଶିବରାଜ ପାଟିଲ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଥିଲେ। ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏହି ବିସ୍ଫୋରଣକୁ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଏକ ବଡ଼ ବିଫଳତା ଭାବେ ଅଭିହିତ କରି ଆତଙ୍କର ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣି ଦୃଷ୍ଟାନ୍ତମୂଳକ ଦଣ୍ଡ ଦେବାକୁ ଦାବି କରିଛନ୍ତି।

# ୨୬/୧୧ ଭଳି ଆକ୍ରମଣ ଯୋଜନା ଥିଲା

- ଜୈଶ୍ ରଚିଥିଲା ସାଂଘାତିକ ଷଡ଼ଯନ୍ତ୍ର: ସୂତ୍ର
- ପ୍ରଫେସରଙ୍କୁ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ବିଦା କରିଥିଲେ, ଅଲ୍ ଫଲାହ ୟୁନିଭର୍ସିଟି ନିଯୁକ୍ତି ଦେଇଥିଲା
- ଡାକ୍ତର ଉମରଙ୍କ ଲାଲ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ କାର୍ ହରିୟାଣାରୁ ଜବତ

ନୂଆଦିଲ୍ଲୀ,୧୨।୧୧

ରେଡ୍ ଫୋର୍ଟ ମେଟ୍ରୋ ଷ୍ଟେଶନ ନିକଟରେ ସୋମବାର ଘଟିଥିବା ଆତ୍ମଘାତୀ ବିସ୍ଫୋରଣ ତଦନ୍ତରୁ ଜଣାପଡ଼ିଛି ଯେ, ଆତଙ୍କବାଦୀମାନେ ଦିଲ୍ଲୀରେ ମୁମ୍ବାଇର ୨୬/୧୧ ଭଳି ଆକ୍ରମଣ ଯୋଜନା କରିଥିଲେ। ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ (ଜେଇଏମ୍) ଲାଲ୍‌କିଲ୍ଲା, ଇଣ୍ଡିଆ ଗେଟ୍, କନ୍‌ଷ୍ଟିଚ୍ୟୁଶନ୍ କ୍ଲବ୍ ଓ ଗୌରୀଶଙ୍କର ମନ୍ଦିର ସମେତ କେନ୍ଦ୍ରୀୟ ଦିଲ୍ଲୀର ଅନେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିସ୍ଫୋରଣ ପାଇଁ ଯୋଜନା କରିଥିଲା। ଜବତ ହୋଇଥିବା ୨୦୦ରୁ ଅଧିକ ବିକଶିତ ବିସ୍ଫୋରକ ଉପକରଣ (ଆଇଇଡି)କୁ କେବଳ ଦିଲ୍ଲୀ ନୁହେଁ, ବରଂ ଗୁରୁଗ୍ରାମ୍ ଓ ଫରିଦାବାଦରେ ମଧ୍ୟ ବ୍ୟବହାର ପାଇଁ ପ୍ରସ୍ତୁତି ଚାଲିଥିଲା। ଆତଙ୍କବାଦୀମାନେ ବିଭିନ୍ନ ଧର୍ମୀୟସ୍ଥଳ ଓ ସର୍ବସାଧାରଣ ସ୍ଥାନରେ ଆକ୍ରମଣ ଜରିଆରେ ସାମ୍ପ୍ରଦାୟିକ ଉତ୍ତେଜନା ବୃଦ୍ଧି କରିବାକୁ ଚାହୁଁଥିବା ବିଷୟ ସୂତ୍ରରୁ ଜଣାପଡ଼ିଛି।

ଲାଲ୍‌କିଲ୍ଲା ଆକ୍ରମଣର ତଦନ୍ତରୁ ଅନେକ ବିଷୟ ପ୍ରଘଟ ହେବାରେ ଲାଗିଛି। ହରିୟାଣାର ଫରିଦାବାଦସ୍ଥିତ ଅଲ୍ ଫଲାହ ୟୁନିଭର୍ସିଟି ଏବେ ପୋଲିସ ସ୍କାନରକୁ ଚାଲିଆସିଛି। ଉକ୍ତ ଘରୋଇ ବିଶ୍ୱବିଦ୍ୟାଳୟର ମେଡିସିନ୍ ବିଭାଗରେ କାର୍ଯ୍ୟରତ ପ୍ରଫେସର ଡା. ନିସାର-ଉଲ୍-ହାସନ୍ ଏହି ଆକ୍ରମଣ ପରଠାରୁ କୁଆଡ଼େ ଉଭାନ୍ ହୋଇଯାଇଛନ୍ତି। ନିସାର ପୂର୍ବରୁ ଶ୍ରୀନଗରସ୍ଥିତ ଶ୍ରୀ ମହାରାଜା ହରି ସିଂ (ଏସ୍‌ଏମ୍‌ଏଚ୍‌ଏସ୍) ହସ୍ପିଟାଲରେ ଆସିଷ୍ଟାଣ୍ଟ ପ୍ରଫେସର ଭାବେ କାମ କରୁଥିଲେ। କିନ୍ତୁ ଦେଶବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତି ଅଭିଯୋଗରେ ୨୦୨୩ ନଭେମ୍ବର ୨୧ରେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ସମ୍ବିଧାନର ଅନୁଚ୍ଛେଦ ୩୧୧(୨)(ସି) ବଳରେ ତାଙ୍କୁ ବରଖାସ୍ତ କରିଥିଲେ। ଏହା ପରେ ଅଲ୍ ଫଲାହ ୟୁନିଭର୍ସିଟି ନିସାରଙ୍କୁ ନିଯୁକ୍ତି ଦେଇଥିଲା। ଅନ୍ୟପକ୍ଷେ ୨୦୧୪ରେ ପ୍ରତିଷ୍ଠିତ ଏହି ଘରୋଇ ବିଶ୍ୱବିଦ୍ୟାଳୟ କୌଣସି ଆତଙ୍କବାଦୀ ସଙ୍ଗଠନ ସହ ଏହାର ସମ୍ପୃକ୍ତି ଅଭିଯୋଗକୁ ଖଣ୍ଡନ କରିଛି। କେନ୍ଦ୍ରୀୟ ତଦନ୍ତ ଏଜେନ୍ସିଗୁଡ଼ିକ ଦିଲ୍ଲୀ-ଏନ୍‌ସିଆର୍‌ରୁ ଟେରର୍ ସେଲ୍ ପରିଚାଳନା କରୁଥିବା ଏବଂ ଉକ୍ତ ବିଶ୍ୱବିଦ୍ୟାଳୟ ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ ଲିଙ୍କ୍ ଖୋଜୁଛନ୍ତି।



ହରିୟାଣାରୁ ଜବତ ଫୋର୍ଡ ଇକୋସ୍ପୋର୍ଟ କାର୍।



ଡା. ଉମର-ଉନ୍ ନବୀ





ଦକ୍ଷିଣ କଶ୍ମୀର ପୁଲଓ୍ୱାମା ଜିଲା ନିବାସୀ ୨୮ ବର୍ଷୀୟ ଡାକ୍ତର ଉମର ଉନ୍ ନବୀ ଆସନ୍ତା ଡିସେମ୍ବର ୬ରେ ଅଯୋଧ୍ୟା ବାବ୍ରୀ ମସ୍‌ଜିଦ ଭଙ୍ଗା ଘଟଣାର ବର୍ଷପୂର୍ତ୍ତି ବେଳେ ଦିଲ୍ଲୀରେ ଏକ ବଡ଼ଧରଣର ଆକ୍ରମଣ ଘଟାଇଥାନ୍ତେ। ତେବେ ହରିୟାଣାର ଅଲ୍-ଫଲାହ ୟୁନିଭର୍ସିଟିରେ ପ୍ରାଧାପନା କରୁଥିବା ଡା. ମୁଜାମ୍ମିଲ ଅହମଦ ଗନାଇଏ ଓରଫ୍ ମୁସାଇଫ୍‌ଙ୍କ ରୁମ୍‌ରୁ ୩୬୦ କେ.ଜି. ଆମୋନିଆ ନାଇଟ୍ରେଟ୍ ଜବତ ହେବା ପରେ ତାଙ୍କୁ ଗିରଫ କରାଯାଇଛି। ଏହା ପରେ ଉମରଙ୍କ ସବୁ ଯୋଜନା ଭଣ୍ଡୁର ହୋଇଯାଇଥିଲା। ସେ ଏଥିରେ ଭୟଭୀତ ହୋଇ ବିସ୍ଫୋରଣ ଉର୍ତ୍ତି ଆଇ-ଟ୍ୱେଣ୍ଟି କାର୍‌କୁ ଚଳାଇ ଲାଲ୍‌କିଲ୍ଲାକୁ ଯାଇଥିବାବେଳେ ଆକସ୍ମିକ ଭାବେ ବିସ୍ଫୋରଣ ଘଟିଥିବା ସୁରକ୍ଷା ଏଜେନ୍ସିଗୁଡ଼ିକ ତଦନ୍ତରୁ ଜାଣିବାକୁ ପାଇଛନ୍ତି।

୧୨ ଜଣଙ୍କ ଜୀବନ ଯାଇଥିବା ଏହି ବିସ୍ଫୋରଣ ପଛରେ ରହିଥିବା ଡାକ୍ତରମାନେ ଜମ୍ମୁ-କଶ୍ମୀରର ପୁଲଓ୍ୱାମା, ଶୋପିଆନ୍ ଓ ଅନନ୍ତନାଗ ଜିଲାର ବାସିନ୍ଦା। ସେମାନେ ଆତଙ୍କବାଦ ନେଟ୍‌ୱର୍କ ପାଇଁ ଏକ 'ହ୍ୱାଇଟ୍-କୋଲାର କଭର୍' ପ୍ରଦାନ କରିଥିଲେ। ଫଳରେ ସେମାନେ କେବେହେଲେ ସନ୍ଦେହର ପରିଧିକୁ ନ ଆସି ଦିଲ୍ଲୀ-ଏନ୍‌ସିଆର୍‌ରେ ଅବାଧରେ ବିଚରଣ କରିପାରୁଥିଲେ। ଏପରି କି ସେମାନେ ଫରିଦାବାଦର ଧୌଜ ଓ ଫତେପୁର ଟାଗା ଆଦି ଗ୍ରାମାଞ୍ଚଳରେ ମଧ୍ୟ ଶିବିର କରି ନିଜ ମନ୍ଦ ଉଦ୍ଦେଶ୍ୟକୁ ଚରିତାର୍ଥ ପାଇଁ ଉଦ୍ୟମ ଚଳାଇଥିଲେ। ଅଦ୍ୟାବଧି ଗିରଫ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରହିଛନ୍ତି ଡ. ଶାହିନ୍ ସଇଦ, ଡ. ମୁଜାମ୍ମିଲ ଶକିଲ ଗନାଲେ ଓ ଡ. ଆଦିଲ ରାଥେର। ସନ୍ଦିଗ୍ଧ ଡା. ଉମର-ଉନ୍ ନବୀ କାର୍‌ରେ ଆତ୍ମଘାତୀ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ଡାକ୍ତର ଶହିନ୍ ଓ ଡାକ୍ତର ମୁଜାମ୍ମିଲ ଶକିଲ ଅଲ୍-ଫଲାହ ୟୁନିଭର୍ସିଟିରେ ନିଯୁକ୍ତ ଥିଲେ। ଉଭୟେ ଗିରଫ ହେବା ପୂର୍ବରୁ ପରସ୍ପର ଯୋଗସୂତ୍ରରେ ଥିଲେ। ଡାକ୍ତର ସଇଦ୍‌ଙ୍କ ଗାଡ଼ିରୁ ରାଇଫଲ ଓ ଅନ୍ୟ ଅସ୍ତ୍ରଶସ୍ତ୍ର ଜବତ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେ ଜେଇଏମ୍‌ର ମହିଳା ଶାଖା ପ୍ରତିଷ୍ଠା ପାଇଁ ଉଦ୍ୟମ ଚଳାଇଥିଲେ। ଉକ୍ତ ବିବାଦୀୟ ୟୁନିଭର୍ସିଟିରେ କାର୍ଯ୍ୟରତ ଅନ୍ୟ ୩ ଡାକ୍ତରଙ୍କୁ ଜେରା ପାଇଁ ଅଟକ ରଖାଯାଇଛି।

ଇତିମଧ୍ୟରେ ଡାକ୍ତର ଉମରଙ୍କ ଅନ୍ୟ ଏକ କାର୍ ହରିୟାଣାରେ ଠାବ ହୋଇଛି। ୨୦୧୭ ନଭେମ୍ବର ୨୨ରେ ରାଜୋରି ଗାର୍ଡେନ୍ ଆର୍‌ଟିଓରେ ଉମରଙ୍କ ନାମରେ ଏହି କାର୍ ପଞ୍ଜୀକୃତ ହୋଇଥିଲା। ଡିଏଲ୍ ୧୦ସିକେ୦୪୫୮ ନମ୍ବର ପ୍ଲେଟ୍ ବିଶିଷ୍ଟ ଲାଲ ରଙ୍ଗର ଫୋର୍ଡ ଇକୋସ୍ପୋର୍ଟ କାର୍‌ଟି ହରିୟାଣାର ଖଣ୍ଡାଓ୍ୱଲି ଗ୍ରାମରେ ତାଙ୍କ ଘର ବାହାରେ ମିଳିଛି। ଉମର ଏହି କାର୍ କିଣିବା ବେଳେ ଉତ୍ତରପଶ୍ଚିମ ଦିଲ୍ଲୀର ଜାଲ୍ ଠିକଣା ବ୍ୟବହାର କରିଥିଲେ। ସେପଟେ ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣାଇଥିବା କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ଗମ୍ଭୀରତା ଦେଖାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାରୀ ବାସଭବନରେ ତାଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟି (ସିସିଏସ୍)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଭୁଟାନରୁ ଫେରି ଏଲ୍‌ଏନ୍‌ଜେପି ହସ୍ପିଟାଲରେ ବିସ୍ଫୋରଣର ଆହତମାନଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ।

## ବିସ୍ଫୋରଣ ପରେ ଚାନ୍ଦିନୀ ଚୌକ ବଜାର ଦୈନିକ କ୍ଷତି ୩୦୦-୪୦୦ କୋଟି

ନୂଆଦିଲ୍ଲୀ,୧୨।୧୧

ଦିଲ୍ଲୀର ଚାନ୍ଦନୀ ଚୌକ ବଜାର ବର୍ତ୍ତମାନ ଏପରି ଏକ ବିରଳ ସ୍ଥିତିକୁ ସାମ୍ନା କରୁଛି, ଯାହାକି ଏହାର ୩ ଦଶନ୍ଧି ପୁରୁଣା ଇତିହାସରେ କେବେ ଦେଖିବାକୁ ମିଳି ନ ଥିଲା। ତାହା ହେଲା ଭିଡ଼ର ଅଭାବ। ଦୈନିକ ପ୍ରାୟ ୪ ଲକ୍ଷ ଲୋକଙ୍କ ଗହଳି ଲାଗିରହୁଥିବା ଚାନ୍ଦନୀ ଚୌକ ବଜାର ହେଉଛି ଦେଶର ସବୁଠୁ ବଡ଼ ହୋଲ୍‌ସେଲ ମାର୍କେଟ। ଏହି ବୃହତ୍ ବଜାରରେ ଦୈନିକ ୪୫୦ରୁ ୫୦୦ କୋଟି ଟଙ୍କାର ବ୍ୟବସାୟ ହୋଇଥାଏ। କିନ୍ତୁ ଗତ ସୋମବାର ଏହା ନିକଟସ୍ଥ ଲାଲ୍‌କିଲ୍ଲା ପାଖରେ ହୁଣ୍ଡାଇ ଆଇଟ୍ୱେଣ୍ଟି କାର୍ ବିସ୍ଫୋରଣରେ ୧୨ ଜଣଙ୍କ ମୃତ୍ୟୁ ଘଟିବା ସହ ୨୦ ଆହତ ହେବା ପରଠୁ ମାର୍କେଟରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି।

ବିସ୍ଫୋରଣ ଏତେ ଭୟାବହ ଥିଲା ଯେ ମୃତକମାନଙ୍କ ଖଣ୍ଡବିଖଣ୍ଡିତ ଅଙ୍ଗପ୍ରତ୍ୟଙ୍ଗ ସେଠାରେ ଥିବା ଏକ ମନ୍ଦିର ପ୍ରବେଶପଥ ନିକଟରେ ପଡ଼ି ରହିଛି। ବିସ୍ଫୋରଣ ପରଠାରୁ ବଜାରକୁ ଲୋକଙ୍କ ଆଗମନ ନାଟକୀୟ ଭାବେ ହ୍ରାସ ପାଇଛି। ବର୍ତ୍ତମାନ ସମୟରେ ବିବାହ ପାଇଁ ଶପିଂ କରିବାକୁ ଲୋକଙ୍କ ଭିଡ଼ ଏଠାରେ ଲାଗି ରହିଥାଏ। କିନ୍ତୁ ଏହି ଆତ୍ମଘାତୀ ଆକ୍ରମଣ ପରେ ପୋଲିସ କଟକଣା ବଢ଼ିଛି। ଲୋକେ ଆଗଭଳି ଆସୁ ନ ଥିବାରୁ

ବ୍ୟବସାୟୀମାନଙ୍କ ଦୈନିକ ୩୦୦ରୁ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ କ୍ଷତି ହେଉଛି ବୋଲି ଚାନ୍ଦିନୀ ଚୌକର ଭାଜପା ଏମ୍‌ପି ପ୍ରବୀଣ ଖଣ୍ଡେଲଓ୍ୱାଲ ବୁଧବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।



ନୂଆଦିଲ୍ଲୀର ଏଲ୍‌ଏନ୍‌ଜେପି ହସ୍ପିଟାଲରେ ଲାଲ୍‌କିଲ୍ଲା ବିସ୍ଫୋରଣର ଆହତଙ୍କୁ ଭେଟୁଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

## ଅକ୍ଟୋବର ଖୁଚୁରା ମୁଦ୍ରାସ୍ଫୀତି ୦.୨୫%

ନୂଆଦିଲ୍ଲୀ,୧୨।୧୧(ପି.ଟି.)

ଗତ ଅକ୍ଟୋବର ମାସରେ ଖୁଚୁରା ମୁଦ୍ରାସ୍ଫୀତି ୦.୨୫%କୁ ଖସିଆସିଥିଲା, ଯାହାକି ଅନେକ ବର୍ଷରେ ସର୍ବନିମ୍ନ। ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ହାର ହ୍ରାସ ସାଙ୍ଗକୁ ପରିବା ଓ ଫଳ ଦାମ୍ କମିବାରୁ ମୁଦ୍ରାସ୍ଫୀତିରେ ଏପରି ସୁଧାର ଦେଖିବାକୁ ମିଳିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି।

ଖୁଚୁରା ମୁଦ୍ରାସ୍ଫୀତିଭିତ୍ତିକ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ୨୦୨୪ ସେପ୍ଟେମ୍ବରରେ ୧.୪୪% ଥିବାବେଳେ ଅକ୍ଟୋବରରେ ୬.୨୧% ରହିଥିଲା। ତେବେ ୨୦୨୫ ଅକ୍ଟୋବରରେ ଖାଦ୍ୟ ମୁଦ୍ରାସ୍ଫୀତି (-) ୫.୦୨% ରହିଥିବା ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ଜାରି ତଥ୍ୟରୁ ଜଣାପଡ଼ିଛି। କେନ୍ଦ୍ର ସରକାର ଜିଏସ୍‌ଟିରେ ସଂସ୍କାର ଆଣି ଟିକସ ହ୍ରାସ କରିଥିବାରୁ ତେଲ, ଫ୍ୟାଟ, ପରିବା, ଫଳମୂଳ, ଅଣ୍ଡା, ଜୋତା, ପରିବହନ ଓ ଯୋଗାଯୋଗ ଶସ୍ତା ହୋଇଥିବା ଏନ୍‌ଏସ୍‌ଓ କହିଛି।

## ପେନ୍‌ସିଲ୍‌ରେ କଣା ହୋଇଗଲା ୧.୫ କୋଟିର ଫ୍ଲାଟ

ନୂଆଦିଲ୍ଲୀ

ନଏଡ଼ାସ୍ଥିତ ଏକ ଆପାର୍ଟମେଣ୍ଟର ଜଣେ ବାସିନ୍ଦା ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଛନ୍ତି, ଯେଉଁଥିରେ ସେ ନିଜର ୧.୫ କୋଟି ଟଙ୍କା ମୂଲ୍ୟର ଫ୍ଲାଟ କାନ୍ଥରେ ଏକ କାଠ ପେନ୍‌ସିଲରେ ଗାତ କରୁଥିବା ଦେଖାଯାଉଛି। ଭିଡିଓରେ ସେ ଦର୍ଶାଇଛନ୍ତି ଯେ, କିପରି ଏକ ସାଧାରଣ ହାତୁଡ଼ି ସାହାଯ୍ୟରେ ପେନ୍‌ସିଲ୍‌ଟି ସିଧା କାନ୍ଥ ଭିତରକୁ



ପଶିଯାଉଛି। ଭିଡିଓରେ ବ୍ୟକ୍ତି ଜଣକ କହୁଛନ୍ତି, ''ଏହି ଗାତଟି ଏକ ପେନ୍‌ସିଲ ଦ୍ୱାରା ହିଁ କରାଯାଇଛି। ପ୍ରଥମେ ଡ୍ରିଲରେ ଚେଷ୍ଟା କଲି, ତା'ପରେ ପେନ୍‌ସିଲ ଲଗାଇଲି ଏବଂ ତାହା ସିଧା ଭିତରକୁ ଚାଲିଗଲା। ଏହି କାନ୍ଥ ଏତେ ଦୁର୍ବଳ ଯେ, ଡ୍ରିଲ୍ ଆବଶ୍ୟକତା ନାହିଁ।'' ଏହି ଭିଡିଓ ଭାଇରାଲ ହେବା ପରେ ଲୋକେ ବିଲ୍ଡିଂର ନିର୍ମାଣ ମାନ ଉପରେ ପ୍ରଶ୍ନ ଉଠାଇଛନ୍ତି। ଭିଡିଓ ଭାଇରାଲ ହେବା ପରେ ଅନେକ ୟୁଜର୍ସ ଏହାକୁ 'ଧୋକା' ବୋଲି କହିଥିବା ବେଳେ ଅନ୍ୟ କିଛି ୟୁଜର୍ସ ଏହାକୁ ବୈଷୟିକ ଦୃଷ୍ଟିରୁ ସଠିକ ବୋଲି ଯୁକ୍ତି ବାଢ଼ିଛନ୍ତି। ସେମାନେ କହିଛନ୍ତି ଯେ, ଏହି କାନ୍ଥଗୁଡ଼ିକ ଏଏସି(ଅଟୋକ୍ଲାଭ୍‌ଡ୍ ଏରେଟେଡ୍ କଂକ୍ରିଟ୍)ବ୍ଲକ୍ସରେ ତିଆରି, ଯାହା ଓଜନ ନ ଧରୁଥିବା କାନ୍ଥ ଅଟେ। ଏହାର ବ୍ୟବହାର କୋଠାର ମୋଟ ଓଜନ ହ୍ରାସ କରିବା ଏବଂ ଭୂକମ୍ପ ସମୟରେ ସ୍ଥିରତା ବଢ଼ାଇବା ପାଇଁ କରାଯାଏ। ଏକ ୟୁଜର୍ ଲେଖିଛନ୍ତି, ''ଭାଇ, ଏଗୁଡ଼ିକ ଏଏସି ବ୍ଲକ୍ସ, ଯେଉଁଥିରେ ଏୟାର୍ ପକେଟ୍ସ ଥାଏ। ଏଗୁଡ଼ିକ ହାଲୁକା ହୋଇଥିବାରୁ ଡ୍ରିଲ କିମ୍ବା ପେନ୍‌ସିଲରେ ସହଜରେ ଗାତ ହୋଇଯାଏ।'' ତେବେ ଅନେକଙ୍କ କହିବା କଥା ଯେ ବୈଷୟିକ କାରଣ ଯାହା ବି ହେଉ, ଏତେ ଦାମୀ ଫ୍ଲାଟ୍‌ଟେ 'ମଜବୁତିର ଅନୁଭବ' ରହିବା ଜରୁରୀ। ବର୍ତ୍ତମାନ ସୁଦ୍ଧା ଏହି ଭିଡିଓର ସତ୍ୟତା କିମ୍ବା କାନ୍ଥର ପ୍ରକୃତ ଗୁଣବତ୍ତା ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇ ନାହିଁ। ତଥାପି, ଏହି କ୍ଲିପ୍ ଏକ ବଡ଼ ବିତର୍କ ସୃଷ୍ଟି କରିଛି ଯେ ଆମର 'ପ୍ରିମିୟମ' ଆପାର୍ଟମେଣ୍ଟଗୁଡ଼ିକ ପ୍ରକୃତରେ ସେମାନଙ୍କ ଦାମ ଅନୁସାରେ ମଜଭୁତ କି ନାହିଁ।

# ଆସିଲେନି ନା ଆଣିବାକୁ ଚାହିଁଲେନି

**ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)**

୨୦୨୪ ସାଧାରଣ ନିର୍ବାଚନ ପରେ ମଙ୍ଗଳବାର ଶେଷ ହୋଇଥିବା ନୂଆପଡ଼ା ଉପନିର୍ବାଚନ ଫଳାଫଳ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ଭାଜପା, ବିଜେଡି ଏବଂ କଂଗ୍ରେସ ପାଇଁ ବହୁ ଗୁରୁତ୍ୱ ବହନ କରିବ। ଏହି ଉପନିର୍ବାଚନରେ କେଉଁ ଦଳକୁ କେତେ ଭୋଟ୍ ମିଳିବ ଏବଂ କିଏ ବାଜିମାତ୍ କରିବ ତାହା ଉପରେ ରାଜ୍ୟବାସୀଙ୍କ ନଜର ରହିଛି। ବିଶେଷ ଭାବେ ଏହି ଉପନିର୍ବାଚନରେ କଂଗ୍ରେସର ଭୂମିକାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭାବେ ଭକ୍ତ ଚରଣ ଦାସ ଦାୟିତ୍ୱ ନେବାପରେ ଦଳ ପ୍ରଥମ ଥର ଲାଗି ତାଙ୍କ ନେତୃତ୍ୱରେ ଉପନିର୍ବାଚନ ଲଢୁଥିଲା। ହେଲେ ଭକ୍ତଙ୍କ ଆଭିମୁଖ୍ୟକୁ ନେଇ ତାଙ୍କରି ଦଳ ଭିତରେ ଏବେ ନାନା ପ୍ରକାର ଚର୍ଚ୍ଚା ଆରମ୍ଭ ହୋଇଛି। ଫଳାଫଳ ବାହାରିବା ପୂର୍ବରୁ କେଉଁ ଦଳ ଉପନିର୍ବାଚନରେ ବିଜୟୀ ହେବ ସେକଥା ଅନୁମାନ କରି କହିବା ଉଚିତ ହେବନାହିଁ। ମାତ୍ର କଂଗ୍ରେସ ଯଦି ଏହି ଆସନରେ ୩ ନମ୍ବର ସ୍ଥାନରେ ରୁହେ ତା'ହେଲେ ଉପନିର୍ବାଚନରେ ଭକ୍ତଙ୍କ ଆଭିମୁଖ୍ୟ ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବ ବୋଲି କୁହାଯାଉଛି। କଂଗ୍ରେସର ଷ୍ଟାର ପ୍ରଚାରକ ତାଲିକା ରାଜନୈତିକ ମହଲରେ ଏଭଳି ଆଲୋଚନାକୁ ଖୋରାକ ଯୋଗାଇଛି। ଭକ୍ତଙ୍କ ଦସ୍ତଖତରେ ନୂଆପଡା ଉପନିର୍ବାଚନର ପ୍ରଚାର ଲାଗି ଅକ୍ଟୋବର ୧୭ ତାରିଖରେ ୪୦ ଜଣିଆ ଷ୍ଟାର ପ୍ରଚାରକ ତାଲିକା ପ୍ରକାଶ ପାଇଥିଲା। ସେଥିରେ ପାଖାପାଖି ରାଜ୍ୟ ବାହାରର ପ୍ରାୟ ୧୫ ଜଣ ନେତାଙ୍କ ନାମ ରଖାଯାଇଥିଲା। ନୂଆପଡ଼ାର ସୀମାକୁ ଛତିଶଗଡ଼ ରାଜ୍ୟ ଲାଗିଛି। ସେଥିଲାଗି ସେହି ରାଜ୍ୟର ବହୁ ନେତାଙ୍କୁ ଷ୍ଟାର ପ୍ରଚାରକ ତାଲିକାରେ ରଖାଯାଇଥିଲା। ହେଲେ ସୂଚନା ମୁତାବକ, ୨ ଜଣ ଛତିଶଗଡ଼ ନେତାଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ପ୍ରଚାରକୁ ଆସିଲେ ନାହିଁ। ଏପରିକି ଯେଉଁ ୨ ଜଣ ଦ୍ୱାରିକା ପ୍ରସାଦ ଯାଦବ ଏବଂ ଗୁରୁ ରୁଦ୍ରକୁମାର ଆସିଥିଲେ ସେମାନେ ଗୋଟିଏ ଦିନ ପ୍ରଚାର କରିଛନ୍ତି। ସେହିଭଳି ଆହୁରି ବହୁ ବଡ଼ ନେତାଙ୍କ ନାମ ତାଲିକାରେ ଥିବାବେଳେ ସେମାନେ ମଧ୍ୟ କେହି ଆସିଲେ ନାହିଁ। ଫଳରେ ତାଲିକାରେ ଥିବା ନେତାମାନେ ଆସିଲେନି ନା ଭକ୍ତ ଆଣିବାକୁ ଚାହିଁଲେ ନାହିଁ ତାକୁ ନେଇ ପ୍ରଶ୍ନ ଉଠିବା ଆରମ୍ଭ ହୋଇଛି।

ଗୋଟିଏ ପଟେ ଭାଜପା ଷ୍ଟାର ପ୍ରଚାରକ ତାଲିକାରେ ରଖିଥିବା ଛତିଶଗଡ଼ ନେତାମାନେ ଆସି ବହୁଳ ମାତ୍ରାରେ ସୀମାନ୍ତ ଗ୍ରାମଗୁଡ଼ିକରେ ବୁଲି ପ୍ରଚାର କରିଲେ। ଛତିଶଗଡ଼ର ବହୁ ଭାଜପା ନେତା ଖରିଆର୍ ରୋଡ୍ ଏନ୍ଏସି ଅଞ୍ଚଳରେ ଥିବା ହୋଟେଲ୍‌ରେ ରହି ନିତିଦିନିଆ ପ୍ରଚାର ଚଳାଇଲେ। ହେଲେ କଂଗ୍ରେସ ତାଲିକାରେ ଥିବା ତାଙ୍କ ଦଳର ଛତିଶଗଡ଼ ନେତାଙ୍କ ଦେଖା ମିଳିଲା ନାହିଁ। ଭାଜପା ପାଇଁ ପ୍ରଚାର କରିବାକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଆସି ଦୁଇଟି ସ୍ଥାନରେ ଜନସଭା କରି ପ୍ରଚାର କରି ଗଲେ। ହେଲେ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଭୂପେଶ ବାଘେଲଙ୍କ ନାମ ଷ୍ଟାର ପ୍ରଚାରକ ତାଲିକାରେ ଥିବା ସତ୍ତ୍ୱେ ଥରୁଟିଏ ବି ଆସିଲେନାହିଁ। ସେହିପରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭାନ୍ତ ରେଡ୍ଡିଙ୍କ ନାମ କଂଗ୍ରେସ ପ୍ରଚାରକ ତାଲିକାରେ ରଖିଥିଲା, ସେ ଆସିବେ ବୋଲି ବାରମ୍ବାର ଦଳ ପକ୍ଷରୁ କୁହାଯାଉଥିବା ବେଳେ ଶେଷରେ ସିଏ ମଧ୍ୟ ଆସିଲେ ନାହିଁ।


INDIAN NATIONAL CONGRESS
Phone No: (O) 0674-2535577
(Fax) 0674-2533551
ODISHA PRADESH CONGRESS COMMITTEE
Shri Bhakta Charan Das
President

ପତ୍ର ନମ୍ବର -୫୧୯
ତା. ୧୫.୧୦.୨୦୨୫

ପ୍ରାପ୍ତେଷୁ

ଓଡ଼ିଶା ପ୍ରଦେଶ କଂଗ୍ରେସର ସମସ୍ତ ନେତୃବୃନ୍ଦ

ନମସ୍କାର।

ଆପଣ ଜାଣନ୍ତି, ଆସନ୍ତା ନୂଆପଡ଼ା ଉପନିର୍ବାଚନ, ଆମ କଂଗ୍ରେସ ଦଳ ପାଇଁ ବହୁତ ଗୁରୁତ୍ୱ ବହନ କରୁଛି। ଆମ ଦଳର ପ୍ରାର୍ଥୀ ଶ୍ରୀ ଘାସିରାମ ମାଝୀ କେବଳ ଯୋଗ୍ୟତମ ନୁହନ୍ତି, ପ୍ରଚାର ଓ ଗ୍ରହଣୀୟତା ଦୃଷ୍ଟିରୁ ମଧ୍ୟ ଆମେ ଆଗୁଆ ରହିଛୁ। ତେବେ ଭାଇଭାଇ ବିଜେଡି-ବିଜେପିର ମିଳିତ ରଣନୀତି ତଥା ସେମାନଙ୍କ ଅର୍ଥ ଓ ବାହୁବଳକୁ ପ୍ରତିହତ କରି ଶେଷ ଯାଏ ଆମେ ଆଗୁଆ ରହିବାକୁ ହେଲେ ଆମ ଦଳର ନେତୃବୃନ୍ଦ ଓ ଅଗଣିତ କର୍ମୀମାନଙ୍କର ଐକ୍ୟବଦ୍ଧ ସଂକଳ୍ପ ଓ ପରିଶ୍ରମ ଲୋଡ଼ା। ସୁଖର କଥା, ରାଜ୍ୟର କୋଣ ଅନୁକୋଣରୁ ନୂଆପଡ଼ା ଆସି ଦଳର ପ୍ରଚାରରେ ସାମିଲ ହେବାପାଇଁ ଅନେକ ନେତା ଓ କର୍ମୀ ଆଗ୍ରହ ପ୍ରକାଶ କରିଛନ୍ତି। କିନ୍ତୁ ଏହି ପ୍ରକ୍ରିୟାକୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା ନ କଲେ ଏହା ବିଶେଷ ଫଳପ୍ରଦ ନ ହେବାର ଆଶଙ୍କା ରହିଛି। ତେଣୁକରି ଦଳର ସମସ୍ତ ଆଦରଣୀୟ ନେତୃବୃନ୍ଦଙ୍କର ଅଭିଜ୍ଞତାକୁ ପୂର୍ଣ୍ଣ ମାତ୍ରାରେ ଉପଯୋଗ କରି ଶ୍ରୀ ମାଝୀଙ୍କୁ ଜିତାଇବାକୁ ହେଲେ ସବୁକିଛି ବ୍ୟବସ୍ଥିତ କରିବାର ଆବଶ୍ୟକତା ରହିଛି।

ଏହି କାର୍ଯ୍ୟରେ ସହଯୋଗ କରିବା ପାଇଁ **ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଶ୍ରୀ ସୁଜିତ କୁମାର ପାଢ଼ୀଙ୍କୁ** ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯେଉଁ ନେତୃବୃନ୍ଦ ନୂଆପଡ଼ା ଆସିବାକୁ ଚାହାନ୍ତି, ସେମାନେ ଶ୍ରୀ ପାଢ଼ୀଙ୍କ ସହ ତାଙ୍କ **ମୋବାଇଲ ନଂ ୯୪୩୭୦୩୦୭୪୩** ରେ ଯୋଗାଯୋଗ କରିବାକୁ ଅନୁରୋଧ।

ଅନ୍ୟପକ୍ଷରେ ନିର୍ବାଚନ ପରିଚାଳନା ନିମନ୍ତେ ଆବଶ୍ୟକ ଅର୍ଥ ସଂଗ୍ରହରେ ସହଯୋଗ କରିବା ପାଇଁ ମଧ୍ୟ କିଛି ବନ୍ଧୁ ନିଜ ତରଫରୁ ପ୍ରସ୍ତାବ ଦେଇଛନ୍ତି। ସେମାନଙ୍କୁ ମଧ୍ୟ କୃତଜ୍ଞତା ଜଣାଉଛି। ଯେଉଁ ବନ୍ଧୁମାନେ ଏ ନେଇ ସାହାଯ୍ୟ କରିବାକୁ ଚାହାନ୍ତି, ପିସିସି କୋଷାଧ୍ୟକ୍ଷ **ଶ୍ରୀ ସିଦ୍ଧାର୍ଥ ସ୍ୱରୂପ ଦାଶ(ମୋବାଇଲ ନଂ ୯୪୩୭୧୭୦୧୦୨)**ଙ୍କୁ ଯୋଗାଯୋଗ କରିବାକୁ ଅନୁରୋଧ କରୁଛି।

ଯଦିଓ ମୁଁ ନିର୍ବାଚନ ଶେଷ ଯାଏ ଅପାତତଃ ନୂଆପଡ଼ାରେ ରହିବି, ଆବଶ୍ୟକ ମନେ କଲେ ଆପଣ ମୋତେ ମଧ୍ୟ ଯୋଗାଯୋଗ କରିପାରିବେ।

ଶୁଭେଚ୍ଛା ସହ,

ଆପଣଙ୍କର ସ୍ନେହାଧୀନ
(ଭକ୍ତଚରଣ ଦାସ)
ସଭାପତି

ସଚିନ ପାଇଲଟ ଏବଂ କହ୍ନେୟା କୁମାରଙ୍କ ନାମ ରଖାଯାଇଥିଲା। ସେମାନେ ଦୁହେଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଲାଗି ପ୍ରଚାର କରିବାକୁ ଆସିବେ ବୋଲି କୁହାଯାଇଥିଲେ ସୁଦ୍ଧା ସେମାନେ ମଧ୍ୟ ଆସିଲେନାହିଁ। ସେମାନଙ୍କ ଭଳି କଂଗ୍ରେସର ତାଲିକା ଅନ୍ତର୍ଭୁକ୍ତ ମଲ୍ଲୁ ଭାଟି, ଅଲକା ଲାମ୍ବା, ୱାଇଏନ୍ଏସ୍ ଲାଗୁରି, ଉଦୟଭାନୁ ଗିବ୍, ସେହେନୱାଜ୍ ଚୌଧୁରୀ, ଜନକ ଧ୍ରୁବ, ଶିବକୁମାର ଦହରିଆ, ବରୁଣ ଚୌଧୁରୀ ଏମାନେ କେହି ନୂଆପଡ଼ା ପ୍ରଚାରରେ ସାମିଲ ହେଲେ ନାହିଁ।

ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନ ସମୟରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ି ଘାସିରାମ ମାଝୀ ୫୦,୯୪୧ ଖଣ୍ଡ ଭୋଟ୍ ପାଇ ବିଜେଡି ପ୍ରାର୍ଥୀ ହୋଇଥିବା ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆଙ୍କଠାରୁ ୧୦,୮୮୧ ଖଣ୍ଡ ଭୋଟ୍‌ରେ ହାରିଥିଲେ। ଭାଜପା ସେଥର ଅଭିନନ୍ଦନ ପଣ୍ଡାଙ୍କୁ ପ୍ରାର୍ଥୀ କରିଥିଲା। ଅଭିନନ୍ଦନଙ୍କୁ ୪୪,୮୧୪ ଖଣ୍ଡ ଭୋଟ୍ ମିଳିଥିଲା। ବର୍ତ୍ତମାନ ସରିଥିବା ନୂଆପଡ଼ା ଉପନିର୍ବାଚନରେ ଘାସିରାମଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଘାସିରାମ ଆଦିବାସୀ ସମ୍ପ୍ରଦାୟର ହୋଇଥିବା ବେଳେ ସେହି ନିର୍ବାଚନମଣ୍ଡଳୀରେ ଆଦିବାସୀ ଭୋଟ୍ ପ୍ରାୟ ୧ ଲକ୍ଷ ରହିଥିବା କୁହାଯାଉଛି। ତେଣୁ ଘାସିରାମ ଉପନିର୍ବାଚନରେ ସବୁଠାରୁ ଭଲ ପ୍ରାର୍ଥୀ ବୋଲି ଚର୍ଚ୍ଚା ହେବା ସ୍ୱାଭାବିକ। ତେଣୁ ଏହି ଉପନିର୍ବାଚନରେ କଂଗ୍ରେସକୁ ମଜଭୁତ କରିବା ପାଇଁ ଭକ୍ତଙ୍କ ପାଖରେ ଏକ ଭଲ ସୁଯୋଗ ରହିଥିଲା। ଉପନିର୍ବାଚନରେ ପୂରା ରାଜ୍ୟରୁ ବଛା ବଛା ନେତାଙ୍କୁ ସେ ସାମିଲକରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରାଯାଇପାରିଥାଆନ୍ତା। ଏହା ହୋଇଥିଲେ ହୁଏତ ରାଜ୍ୟବ୍ୟାପୀ କଂଗ୍ରେସର ବହୁ ଯୁବ, ଛାତ୍ର ଏବଂ ବରିଷ୍ଠ ନେତାମାନେ ସାମିଲ ହୋଇ କଂଗ୍ରେସର ସାଙ୍ଗଠନିକ ସ୍ଥିତି ଭଲ ହେବାର ଏକ ବାର୍ତ୍ତା ଦେବାର ସୁଯୋଗ ପାଇପାରି ଥାଆନ୍ତେ। ହେଲେ ସେ ଅକ୍ଟୋବର ୧୫ରେ ଏକ ଚିଠି ଜାରି କରି 'ସବୁକିଛି ବ୍ୟବସ୍ଥିତ' କରିବା ନାଁରେ ଅନେକ ନେତାଙ୍କୁ ପରୋକ୍ଷରେ ନୂଆପଡ଼ା ଯିବାରୁ ଅଟକେଇ ଦେଇଥିଲେ। ନୂଆପଡ଼ା ନିର୍ବାଚନମଣ୍ଡଳୀ ଭକ୍ତ ପୂର୍ବରୁ ଲଢ଼ିଥିବା ଲୋକ ସଭା କ୍ଷେତ୍ର କଳାହାଣ୍ଡି ଅନ୍ତର୍ଗତ ହୋଇଥିବାରୁ ସେ ବାହାର ନେତାଙ୍କୁ ଆଣି ନିଜ ପତିଆରା ହାନି କରିବାକୁ ଚାହୁଁ ନ ଥିଲେ ବୋଲି କେତେଜଣ କଂଗ୍ରେସ ନେତା କହି ବୁଲିଲେ। ଭକ୍ତ ଅନେକ ସମୟରେ କଂଗ୍ରେସ କେନ୍ଦ୍ରୀୟ ନେତୃତ୍ୱଙ୍କ ବିଶ୍ୱାସଭାଜନ ହେବା ସହିତ ବିଭିନ୍ନ ରାଜ୍ୟର ପ୍ରଭାରୀ ଦାୟିତ୍ୱ ବିଗତ ଦିନରେ ତୁଲାଇଛନ୍ତି। ତେଣୁ କେନ୍ଦ୍ରର ଅନେକ ନେତାଙ୍କ ସହ ତାଙ୍କର ଭଲ ସମ୍ପର୍କ ଅଛି ବୋଲି ଜଣାଶୁଣା। ଯେତେବେଳେ କଂଗ୍ରେସର ଶୀର୍ଷ ନେତୃତ୍ୱ ତଥା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ୨୦୨୪ ନିର୍ବାଚନ ପରେ ୨ ଥର ଓଡ଼ିଶା ଆସି ସାରିଛନ୍ତି ସେତେବେଳେ ଉପନିର୍ବାଚନରେ ପ୍ରଚାର କରିବାକୁ ଛତିଶଗଡ଼ର ନେତା ଏବଂ ଅନ୍ୟ ବରିଷ୍ଠ ନେତୃବୃନ୍ଦ ନ ଆସିବା କଂଗ୍ରେସର ଭବିଷ୍ୟତକୁ ପୁନର୍ବାର ଅନ୍ଧାରକୁ ଠେଲିଦେବ ବୋଲି ଚର୍ଚ୍ଚା ହେଉଛି।

# ୧୦୦ ଫୁଟ ଉଚ୍ଚ ହାମର ଦୋଳିରେ ଫସିଲେ ୮

## ବାଲିଯାତ୍ରାରେ ଅଘଟଣ

### ୧ ଘଣ୍ଟା ଫସିବା ପରେ ଉଦ୍ଧାରକଲା ଅଗ୍ନିଶମ ବିଭାଗ

**କଟକ,୧୨।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଐତିହାସିକ ବାଲିଯାତ୍ରା ପଡିଆରେ ବୁଧବାର ବିଳମ୍ବିତ ରାତିରେ ଏକ ଅଘଟଣ ଘଟିଛି। ରାତି ପ୍ରାୟ ୧୧ଟା ବେଳେ ହାମର୍ ଦୋଳିର ମୋଟର ପୋଡ଼ିଯିବାରୁ ଏହା ଅଧାରୁ ବନ୍ଦ ହୋଇଯାଇଥିଲା। ଫଳରେ ଦୋଳିରେ ବସିଥିବା ୮ଜଣ ଲୋକ ପ୍ରାୟ ୧୦୦ ଫୁଟ ଉଚ୍ଚରେ ଫସି ରହିଥିଲେ। ପ୍ରାୟ ୧ଘଣ୍ଟା ଧରି ଫସି ରହିବା ପରେ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଫସି ରହିଥିବା ଯାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ଦୋଳି ନିକଟ ଅଞ୍ଚଳରେ ଜାଲ ବିଛାଯାଇଥିଲା।

ସୂଚନାନୁଯାୟୀ, ରାତି ୧୧ଟାରେ ବାଲିଯାତ୍ରାରେ ସମସ୍ତ ଦୋଳି ବନ୍ଦ କରାଯିବା କଥା। ହେଲେ ହାମର ଦୋଳିରେ ଏହି ସମୟରେ ୧୬ ଜଣଙ୍କୁ ବସାଇ ଖେଳ ଚାଲିଥିଲା। ଏହି ସମୟରେ ଦୋଳି ହଠାତ୍ ବନ୍ଦ ହୋଇଯାଇଥିଲା। ଯାଞ୍ଚ ସମୟରେ ଦୋଳିର ମୋଟର ପୋଡ଼ିଯାଇଥିବା ଜଣାପଡ଼ିଥିଲା। ଦୋଳି ଖେଳ ଅଧାରେ ବନ୍ଦ ହେବାବେଳକୁ ହାମରର ଗୋଟିଏ ପାର୍ଶ୍ୱ ଭୂମି ଆଡ଼କୁ ଥିବାବେଳେ ଅନ୍ୟ ପାର୍ଶ୍ୱଟି ଉପରକୁ ଉଠି ରହିଥିଲା। ଉଭୟ ପାର୍ଶ୍ୱରେ ୮ଜଣ ଲେଖାଏ ବସିଥିଲେ। ଦୋଳି ନ ଚାଲିବାରୁ ଉପର ପାର୍ଶ୍ୱରେ ବସିଥିବା ଲୋକମାନେ ଓହ୍ଲାଇ ପଡ଼ିଥିବାବେଳେ ଉପରକୁ ଉଠି ରହିଥିବା ପାର୍ଶ୍ୱରେ ଲୋକେ ଭୟରେ ଚିତ୍କାର



କରିଥିଲେ। ଘଟଣା ଜଣାପଡ଼ିବା ପରେ ଦୋଳି ପାଖ ଅଞ୍ଚଳ ଲୋକାରଣ୍ୟ ହୋଇ ଯାଇଥିଲା। ଯାନ୍ତ୍ରିକ ତ୍ରୁଟି ଯୋଗୁ ଏଭଳି ଅଘଟଣ ଘଟିଛି ବୋଲି ଦୋଳି ମାଲିକ କହିଛନ୍ତି। ଘଟଣାର ଖବର ପାଇଁ କଟକ ଡିସିପି ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଗୁରୁବାର ବଲିଉଡ୍ର କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲଙ୍କ କାର୍ଯ୍ୟକ୍ରମ ଥିବାବେଳେ ରାତିକ ପୂର୍ବରୁ ଏଭଳି ଅଘଟଣ ହେବା ନେଇ ଚିନ୍ତା ପ୍ରକାଶ ପାଇଛି।




# ନୂଆପଡ଼ାରେ ରେକର୍ଡ: ୮୩.୪୫% ମତଦାନ

**ଭୁବନେଶ୍ୱର/ନୂଆପଡ଼ା,୧୨।୧୧**
**(ରବିନାରାୟଣ ଜେନା/ମକାରୁ ବେମାଲ)**

ଦେଶରେ ୮ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ହୋଇଥିବା ଉପନିର୍ବାଚନରେ ନୂଆପଡ଼ାରେ ରେକର୍ଡ ସଂଖ୍ୟକ ତଥା ୮୩.୪୫% ମତଦାନ ହୋଇଛି। ଯାହା ପୂର୍ବ ନିର୍ବାଚନ ତୁଳନାରେ ପାଖାପାଖି ୧୦% ଅଧିକ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର. ସନ୍ଥ ଗୋପାଳନ କହିଛନ୍ତି। ସିଇଓଙ୍କ ସୂଚନା ଅନୁଯାୟୀ,

ନୂଆପଡ଼ାରେ ସମୁଦାୟ୨,୫୪,୪୯୭ ଭୋଟର ମଧ୍ୟରୁ ୨,୧୨,୩୮୫ ଭୋଟିଂ ହୋଇଛି। ଏଥିରେ ମହିଳା ଭୋଟର ମୋଟ ୧,୨୯,୯୩୨ରୁ ୧,୦୮,୫୬୩ ଭୋଟିଂ ଦେଇଥିବା ବେଳେ ପୁରୁଷ ଭୋଟର ୧,୨୪,୫୪୪ରୁ ୧,୦୩,୮୧୭ ଜଣ ଭୋଟ ଦେଇ ନିଜର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିଛନ୍ତି। ଯାହା ଏକ ସୁସ୍ଥ ସମାଜ ଓ ଉତ୍ତମ ଗଣତାନ୍ତ୍ରିକ ମୂଲ୍ୟବୋଧର ପ୍ରତୀକ। ଏହି ଐତିହାସିକ ସଫଳତା ଉପନିର୍ବାଚନର ଉତ୍ତମ ପ୍ରସ୍ତୁତି, ବ୍ୟାପକ ଜନସଚେତନତା,ସଶକ୍ତ ସୁରକ୍ଷା ବ୍ୟବସ୍ଥା,ନିର୍ବାଚନ ଅଧିକାରୀ/କର୍ମଚାରୀ, ପ୍ରାର୍ଥୀ, ଅନ୍ୟାନ୍ୟ ଅଂଶୀଦାର ସର୍ବୋପରି ମତଦାତାଙ୍କ ସକ୍ରିୟ ସହଯୋଗ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ସେ କହିଛନ୍ତି।

ଭୋଟ ଚୋରି ନେଇ ସିଇଓଙ୍କ ପକ୍ଷରୁ କୁହାଯାଇଛି ଯେ, ଜୟନ୍ତୀ ଛତ୍ରିଆଙ୍କ ଭୋଟ ଅନ୍ୟ ଜଣେ କେହି ଦେଇଦେବାର ଅଭିଯୋଗ ଆସିଥିଲା। ତାକୁ ଅତ୍ୟନ୍ତ ଗୁରୁତର ସହିତ ନେଇ ସେହି ଅଭିଯୋଗ ସମ୍ପର୍କରେ କ୍ଷେତ୍ର ଅଧିକାରୀ ଓ ପୁଲିଙ୍ଗ ଅଫିସରମାନେ ତତ୍କ୍ଷଣାତ ଯାଞ୍ଚ କରିଥିଲେ। ଅଭିଯୋଗଟି ଭିତ୍ତିହୀନ ଓ ମିଥ୍ୟା ବୋଲି ଯାଞ୍ଚ ସମୟରେ ଜଣାପଡିଲା। ସୂଚନା ଯୋଗ୍ୟ ଯେ, ଜୟନ୍ତୀ ଚତ୍ରିଆ ନିଜେ ନିଜର ଭୋଟ ଦେଇଥିଲେ। ସେହିପରି ବୁଥ ନଂ-୧୧ ରେ ରଙ୍ଗୀନ ଭୋଟର ତାଲିକା ବ୍ୟବହାର ହେଉଥିବା ଅଭିଯୋଗ ଆସିଥିଲା। ମାତ୍ର ସେହି ସ୍ଥାନରେ ନିଯୋଜିତ ଅଧିକାରୀ ତତକ୍ଷଣାତ ଯାଞ୍ଚ କରି,ପୋଲିଂ କେନ୍ଦ୍ର ବାହାରେ ଦୁଇଜଣ ବ୍ୟକ୍ତିଙ୍କୁ ଏହିପରି ତାଲିକା ସହ ପାଇଥିଲେ। ସେହି ତାଲିକାଗୁଡ଼ିକୁ ତୁରନ୍ତ ଜବତ କରାଯାଇ ଆଗକୁ ଯେପରି ଏଭଳି ରଙ୍ଗୀନ ଭୋଟର ତାଲିକା ବ୍ୟବହାର କରା ନ ଯିବ ତାହା ସୁନିଶ୍ଚିତ କରାଯାଇଥିଲା। ସେହିପରି ପୋଲିଂ ଷ୍ଟେସନ ନଂ-୨୫୦ ରେ ଭୋଟିଂ ତଥ୍ୟ ମେଳ ନ

## ତ୍ରିସ୍ତରୀୟ ସୁରକ୍ଷାରେ ହେବ ଭୋଟ ଗଣତି

ଖାଇବାର ଅଭିଯୋଗ ଯାଞ୍ଚ ପରେଏହା ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଜଣା ପଡିଥିଲା। ମତଦାନ ଶେଷ ହେବା ପରେ ସମସ୍ତ ଇ.ଭି.ଏମ୍ ଏବଂ ଭି.ଭି.ପ୍ୟାଟକୁ ନିର୍ଦ୍ଦିଷ୍ଟ ଷ୍ଟ୍ରଙ୍ଗରୁମରେ ତିନି-ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ସହ ରଖାଯାଇଛି ବୋଲି ସିଇଓ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଆସନ୍ତା ୧୪ତାରିଖରେ ନୂଆପଡ଼ା ନ୍ୟାଶନାଲ କଲେଜରେ ଭୋଟ ଗଣତି ହେବ। ଏଥିପାଇଁ ସିଇଓଙ୍କ ପକ୍ଷରୁ ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସକାଳ ୮ଟାରେ ପ୍ରଥମେ ପୋଷ୍ଟାଲ ବାଲଟ ଗଣତିହେବାକୁ ଥିବାବେଳେ ସାଢେ ୮ଟାରେ ଇଭିଏମ୍ ଖୋଲି ଗଣନା କରାଯିବ। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ ମଧୁସୂଦନ ଦାଶ ଏହି ସୂଚନା ଦେଇଛନ୍ତି। ନିର୍ବାଚନମଣ୍ଡଳୀର ୩୫୮ ବୁଥ୍ ରହିଥିବାବେଳେ ୧୪ ଟେବୁଲରେ ୨୬ ରାଉଣ୍ଡ ଗଣତି ହେବ। ଗୋଟିଏ କେନ୍ଦ୍ର ଟେବୁଲ ରହିବ। ପ୍ରତି ଟେବୁଲରେ ୩ ଜଣ ଅଧିକାରୀ ରହିବେ। ଜଣେ ଗଣତି ସହ ଅଧିକାରୀ, ଗଣତି ସୁପରଭାଇଜର ଓ ମାଇକ୍ରୋ ଅବଜର୍ଭର ନିଯୁକ୍ତ ହୋଇଛନ୍ତି। ସେହିପରି ଗଣତି ଅବଜର୍ଭର ଓ ନିର୍ବାଚନ ଅଧିକାରୀ ରହିବେ। ଗଣତି ଅବଜର୍ଭର ଗଣତି ପ୍ରକ୍ରିୟାକୁ ଅବଜର୍ଭ କରିବେ। ଭୋଟ ଗଣତି ସମୟରେ ନିୟୋଜିତ ଅଧିକାରୀମାନେ ହିଁ କେନ୍ଦ୍ରକୁ ଯିବେ। ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ଆବଶ୍ୟକ ପୋଲିସ ଫୋର୍ସ ମୁତୟନ କରାଯାଇ କଡ଼ା ସୁରକ୍ଷା ବଳୟରେ ଗଣତି ହେବ। ଉପନିର୍ବାଚନ ଫଳାଫଳ ଡାକବାଜି ଯନ୍ତ୍ର ମାଧ୍ୟମରେ ସାଧାରଣ ଲୋକେ ଜାଣିପାରିବେ ବୋଲି ଜିଲାପାଳ କହିଛନ୍ତି।

# ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଫର୍ମ ପୂରଣ ଆରମ୍ଭ

**କଟକ,୧୨।୧୧(କାର୍ତ୍ତିକ ସାହୁ):** ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୨୬ ନିମନ୍ତେ ଅନ୍‌ଲାଇନରେ ଫର୍ମ ପୂରଣ ୧୨ ତାରିଖରୁ ଆରମ୍ଭ ହୋଇଛି। ଏହି ଫର୍ମ ପୂରଣ ପ୍ରକ୍ରିୟା ନଭେମ୍ବର ୨୫ ତାରିଖ ମଧ୍ୟରାତ୍ରି ଯାଏ ଚାଲିବ। ଆଗାମୀ ୨୦୨୬-୨୭ ଶିକ୍ଷା ବର୍ଷ ପାଇଁ ଷଷ୍ଠ ଶ୍ରେଣୀ ସମେତ ସପ୍ତମ, ଅଷ୍ଟମ ଓ ନବମ ଶ୍ରେଣୀର ଖାଲି ସିଟ୍‌ରେ ନାମ ଲେଖାଇବା ନିମନ୍ତେ ପ୍ରବେଶିକା ପରୀକ୍ଷା ହେବ। ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଛାତ୍ରୀଛାତ୍ରଙ୍କ ମାତାପିତା ଅନ୍‌ଲାଇନ ଆବେଦନ କରିବାରେ ଅସମର୍ଥ ହେଲେ ନିଜ ବ୍ଲକ ମଧ୍ୟରେ ଥିବା କୌଣସି ଆଦର୍ଶ ବିଦ୍ୟାଳୟକୁ ଯାଇ ଆବଶ୍ୟକ କାଗଜାତ ସହିତ ଫର୍ମ ପୂରଣ କରିପାରିବେ। ନିର୍ଦ୍ଧାରିତ ସମୟ ମଧ୍ୟରେ www.bseodisha.ac.in ଓ www.oav.edu.inରେ ଲିଙ୍କ୍ ଉପଲବ୍ଧ ରହିବ। ଏଥିପାଇଁ ୱେବସାଇଟ୍‌ରେ ସମସ୍ତ ନିର୍ଦ୍ଦେଶାବଳୀ ଉପଲବ୍ଧ ରହିଛି। କୌଣସି ଅସୁବିଧା ଦେଖାଦେଲେ ହେଲପ୍ ଲାଇନ ନଂ. ୯୮୬୧୯୨୪୮୦୭ରେ ଯୋଗାଯୋଗ କରିବାକୁ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଲୌହ ମାନବ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ପଦଯାତ୍ରା, ସ୍ଥାନ: ଜୟଦେବ ଗ୍ରାମ ପଞ୍ଚାୟତ ନିକଟସ୍ଥ ଖେଳ ପଡ଼ିଆରୁ ଜୟଦେବ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ, ସମୟ:ସକାଳ ୮ଟା ୩୦।
- କୋହର୍ଟ କନେକ୍ଟ ଜାତୀୟ ସମ୍ମିଳନୀ, ସ୍ଥାନ: ସିଏସ୍ଆଇଆର୍, ଆଚାର୍ଯ୍ୟ ବିହାର, ସମୟ: ମଧ୍ୟାହ୍ନ ୧୨ଟା।
- ଆଜିର ସୃଜନୀ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ସଂଗ୍ରାହଳୟ ଦ୍ୱାରା ଓଡ଼ିଆ ଅସ୍ମିତା ପାଳନ, ସ୍ଥାନ: ଓଡ଼ିଶା ରାଜ୍ୟ ସଂଗ୍ରାହଳୟ, ସମୟ: ଅପରାହ୍ନ ୩ଟା ୩୦।
- ଅଲ ଓଡ଼ିଶା ବ୍ୟାଙ୍କ ରିଟାୟାରସ୍ ଫେଡେରେଶନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ହୋଟେଲ ପ୍ରେସିଡେନ୍ସି, ଆଇଆର୍ସି ଭିଲେଜ୍, ସମୟ: ଅପରାହ୍ନ ୪ଟା ୩୦।
- ଅଞ୍ଜଳି ଅନ୍ତର୍ଜାତୀୟ ଶିଶୁ ଓ ଯୁବ ଉତ୍ସବ, ସ୍ଥାନ: ଆଦିବାସୀ ପଡ଼ିଆ, ୟୁନିଟ୍-୧, ସମୟ: ସନ୍ଧ୍ୟା ୬ଟା।
- ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ କାର୍ଯ୍ୟକ୍ରମ, ସ୍ଥାନ: କ୍ୟାପିଟାଲ ହାଇସ୍କୁଲ ପରିସର, ୟୁନିଟ ୩, ସମୟ: ସନ୍ଧ୍ୟା ୬ଟା।
- ମୋକ୍ଷ ଅନୁଷ୍ଠାନ ପକ୍ଷରୁ ୧୬ଶ ଯୁଗଳବନ୍ଦୀ ଓଡ଼ିଶୀ ଡ୍ୟାନ୍ସ କୋରିଓଗ୍ରାଫି, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ନିମାପଡ଼ାରେ ଏକତା ପଦଯାତ୍ରାର ଶୁଭାରମ୍ଭ ସମାରୋହ, ସ୍ଥାନ: କାଜିପାଟଣା ଛକ, ସମୟ: ସକାଳ ୭ଟା।

## ଖୋର୍ଦ୍ଧା

- ପୁଞ୍ଜି ବିନିଯୋଗ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ତମ ଜୟନ୍ତୀ ପାଳନ ଅବସରରେ ପଦଯାତ୍ରାରେ ସାମିଲ ହେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ,ସ୍ଥାନ: ମିତ୍ରପୁର, ନୀଳଗିରି, ସମୟ: ସକାଳ ୯ଟା।
- ସାମାଜିକ କର୍ମୀ ସ୍ୱର୍ଗତ ଗଣେଶ ଚନ୍ଦ୍ର ନାୟକଙ୍କ ସ୍ମୃତିସଭା,ସ୍ଥାନ:ଶ୍ରଦ୍ଧାପୁର ହାଟ ପଡ଼ିଆ, ଭୋଗରାଇ,ସମୟ:ପୂର୍ବାହ୍ନ ୧୧ଟା।

- ଖଇରା ଏଏନ୍ଏମ୍ କେନ୍ଦ୍ର ନୂତନ ଗୃହର ଶିଳାନ୍ୟାସ, ସ୍ଥାନ:ଖଇରା ପଞ୍ଚାୟତ କାର୍ଯ୍ୟାଳୟ ନିକଟ,ସମୟ:ଅପରାହ୍ନ ୪ଟା।

## ଭଦ୍ରକ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ବାସୁଳୀପଡ଼ିଆ, ଦହପାଣିଆ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ନାକ୍ ସଂକ୍ରାନ୍ତୀୟ କର୍ମଶାଳା, ସ୍ଥାନ: ଧାମନଗର ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ଜିଲାସ୍କୁଲ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୩୦।
- 'ବନ୍ଦେ ମାତରମ୍'ର ୧୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଆଇ ଲଭ୍ ଭଦ୍ରକ ପଏଣ୍ଟ, ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

## କେନ୍ଦୁଝର

- ସତସଙ୍ଗ, ସ୍ମୃତି ସଭା ଏବଂ ଭଜନ, ସ୍ଥାନ: ମରୈଗାଁ,ହାଟଡ଼ିହୀ ବ୍ଲକ, ସମୟ : ସକାଳ ୮ ଟା।
- ଭାଜପା କୃଷକ ମୋର୍ଚ୍ଚାର ବୈଠକ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, କେନ୍ଦୁଝର, ସମୟ : ପୂର୍ବାହ୍ନ ୧୧ ଟା।
- ଶ୍ରୀ ଲକ୍ଷ୍ମୀ ନାରାୟଣଙ୍କ ମନ୍ଦିରରେ ଗୀତା ପାଠ, ସ୍ଥାନ: ସରଳା, ହାଟଡ଼ିହୀ, ସମୟ : ସକାଳ ୬ ଟା ସନ୍ଧ୍ୟା ୫ ଟା।

## ମୟୂରଭଞ୍ଜ

- ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ର ଏକାଦଶ ସଂସ୍କରଣର ଉଦ୍‌ଘାଟନୀ ଉତ୍ସବ,ସ୍ଥାନ:ଶିଶୁ ଉଦ୍ୟାନ ବାରିପଦା, ସମୟ: ସକାଳ ୮ଟା।
- ମିଶନ ଶକ୍ତି ବୈଠକ, ସ୍ଥାନ: ରାସଗୋବିନ୍ଦପୁର ବ୍ଲକ୍ ସମ୍ମିଳନୀ କକ୍ଷ,ସମୟ: ଅପରାହ୍ନ ୩ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଜବାହାର ବିଦ୍ୟାପୀଠ,ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା,ସମୟ: ଅପରାହ୍ନ ୫ଟା।
- ଗୀତା ଜ୍ଞାନ ଯଜ୍ଞ, ସ୍ଥାନ: ଜୁବୁଲି ଲାଇବ୍ରେରୀ ବାରିପଦା,ସମୟ: ସନ୍ଧ୍ୟା ୬ଟା ୩୦।

## କନ୍ଧମାଳ

- ସାଇବର ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବସଷ୍ଟାଣ୍ଡ, ବାଲିଗୁଡ଼ା, ସମୟ: ଅପରାହ୍ନ ୪ ଟା।

## ଗଜପତି

- ପ୍ରଥମ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: ମୋହନା ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- କାମାକ୍ଷାନଗର ପୋଲିସ ପକ୍ଷରୁ ସାଇବର ସଚେତନତା ନେଇ ୱାକାଥନ, ସ୍ଥାନ: ସାରଙ୍ଗଧର ଷ୍ଟାଡିୟମ, ସମୟ: ସକାଳ ୭ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ଭୁବନ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ, ସମୟ: ସକାଳ ୮ଟା ୪୦।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ପରଜଙ୍ଗ ମିନି ଷ୍ଟାଡିୟମ, ସମୟ: ସକାଳ ୯ଟା ୩୦।
- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା, ସ୍ଥାନ: ପରଜଙ୍ଗ ଗୋଷ୍ଠୀ ପ୍ରଣୀ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଅନୁଗୋଳ

- ବ୍ଲକ୍ସ୍ତରୀୟ ବିଜ୍ଞାନମେଳା, ସ୍ଥାନ: କିଶୋରନଗର ବ୍ଲକ ଉରୁକୁଳା ହାଇସ୍କୁଲ, ସମୟ ସକାଳ ୧୦ଟା।

ପଦଯାତ୍ରା ୟୁନିଟି ମାର୍ଚ୍ଚ ପାଇଁ ଖବରଦାତା ସମ୍ମିଳନୀ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ ସମ୍ମୀଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

## ଜଗତ୍ସିଂହପୁର

- ଶିଶୁ ଦିବସ ଉପଲକ୍ଷେ ସ୍କୁଲ ପରିସରରେ ମାତୃ ସମ୍ମିଳନୀ, ସ୍ଥାନ: ଗଣପତି ଶିଶୁ ବିଦ୍ୟାମନ୍ଦିର, ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ମାସିକିଆ ଜିଲା ରାଜସ୍ୱ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଶ୍ରୀ ନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ ବାର୍ଷିକ ସମ୍ମିଳନୀ, ସ୍ଥାନ:ଶ୍ରୀ ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡା, ସମୟ:ସକାଳ ୯ଟା ।
- ରାଜସ୍ୱ ମାମଲା ସମ୍ପର୍କୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତହସିଲ କାର୍ଯ୍ୟାଳୟ, କେନ୍ଦ୍ରାପଡା, ସମୟ:ପୂର୍ବାହ୍ନ ୧୦ଟା ।
- ଗ୍ରାମବାସୀଙ୍କ ପକ୍ଷରୁ ଅକାଳବାଧକ ମା' ମନସା ଦେବୀଙ୍କ ପୂଜା ଉତ୍ସବ, ସ୍ଥାନ: ପିତାପଲ୍ଲୀ, ମହାକାଳପଡା, ସମୟ:ସଂଧ୍ୟା ୬ଟା ।
- ଶ୍ରୀ ସିଦ୍ଧ ମହାପୁରୁଷ ଭୋଳି ବାବାଙ୍କ ବାର୍ଷିକ ଉତ୍ସବ, ସ୍ଥାନ:ବେଲତଳ, ପଟ୍ଟାମୁଣ୍ଡାଇ, ସମୟ:ସଂଧ୍ୟା ୬ଟା ।

## ଯାଜପୁର

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ପିଏମ୍ଶ୍ରୀ ମଧୁବନ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ:ନୂଆଗାଁ ବ୍ଲକ ନୂଆଗାଁ ଥାନା ନିକଟ ପଡିଆ, ସମୟ:ପୂର୍ବାହ୍ନ ୧୦ଟା ୩୦ ।
- ବ୍ଲକସ୍ତରୀୟ କିଶୋରୀ ବାଳିକାଙ୍କ ଟାଲେଣ୍ଟ ହଣ୍ଟ କାର୍ଯ୍ୟକ୍ରମ, ସ୍ଥାନ:ଓଡଗାଁ ବ୍ଲକ କାର୍ଯ୍ୟାଳୟ, ସମୟ:ପୂର୍ବାହ୍ନ ୧୧ଟା ।
- ନୀଳମାଧବ ସାମ୍ବାଦିକ ସଂଘର ପ୍ରସ୍ତୁତି ବୈଠକ, ସ୍ଥାନ:କଣ୍ଟିଲୋ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା, ସମୟ:ଅପରାହ୍ନ ୪ଟା ।
- କାଞ୍ଜିଅଁଳା ପର୍ବ, ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସଂଧ୍ୟା ୭ଟା

## ନବରଙ୍ଗପୁର

- ପୋଲିସ ପ୍ରଶାସନ ପକ୍ଷରୁ ସାଇବର ରଥ ସହର ପରିକ୍ରମା, ସ୍ଥାନ: ଉମରକୋଟ, ସମୟ ପୂର୍ବାହ୍ନ: ୧୦ଟା।
- ବ୍ଲକସ୍ତରୀୟ ମତ୍ସ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ ଖାଣ୍ଡା ଆଦିବାସୀ, ଉମରକୋଟ, ସମୟ ପୂର୍ବାହ୍ନ ୧୧ଟା।

## କୋରାପୁଟ

- ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା, ସ୍ଥାନ: କୁନ୍ଦୁରା ଶାସ୍ତ୍ରୀ ମୈଦାନ, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ଜିଏମ୍ୟୁ ପରିସରସ୍ଥ କବି ଡ. ମାୟାଧର ମାନସିଂ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ମାନେଶ୍ୱର ବ୍ଲକସ୍ତରୀୟ ସାଂସଦ କ୍ରୀଡା ପ୍ରତିଯୋଗିତା-୨୫, ସ୍ଥାନ: ବୀରସୁରେନ୍ଦ୍ର ଷ୍ଟାଡିୟମ, ସମୟ : ସକାଳ ୮ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଆୟୋଜନରେ ପଦ୍ମଶ୍ରୀ କବି ମାୟାଧର ମାନସିଂଙ୍କ ଜୟନ୍ତୀ, ସ୍ଥାନ: ଜିଏମ୍ୟୁ ଅମୃତ ବିହାରସ୍ଥିତ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା ୩୦।
- ସାଇ ଶିକ୍ଷା ଆୟୋଜିତ ସମ୍ବଲପୁର ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର-୨୫ ସକାଶେ ଚୁଡାନ୍ତ ବୈଠକ, ସ୍ଥାନ : ଜଗନ୍ନାଥ କଲୋନୀସ୍ଥିତ ନିଜସ୍ୱ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୧ଟା।

## ବଲାଙ୍ଗୀର

- ଓଡିଶା ରାଜ୍ୟ ଖାଦ୍ୟ ଆୟୋଗଙ୍କ ବଲାଙ୍ଗୀର ମ୍ୟୁନିସିପାଲିଟି ଅଞ୍ଚଳରେ ଆକସ୍ମିକ କ୍ଷେତ୍ର ପରିଦର୍ଶନ, ସ୍ଥାନ: ମ୍ୟୁନିସିପାଲିଟି ଅଞ୍ଚଳ, ବଲାଙ୍ଗୀର, ସମୟ: ସକାଳ ୮ଟା ୩୦ ।

## ରାଉରକେଲା

- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚ ପକ୍ଷରୁ ଷ୍ଟ୍ରିଟ କର୍ନର ମିଟିଂ, ସ୍ଥାନ: ଆଣ୍ଟି ନିର୍ମଳା ସ୍କୁଲ, ସମୟ: ଅପରାହ୍ନ ୪ଟା।
- ବାଟ ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବକୁ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା, ସମୟ: ଅପରାହ୍ନ ୪ଟା।
- ଧରୋବର ଅନୁଷ୍ଠାନ ପକ୍ଷରୁ କମ୍ବଳ ବଣ୍ଟନ, ସ୍ଥାନ: ରେଳବାଇ ଷ୍ଟେଶନ, ରାଉରକେଲା, ସମୟ: ରାତି ୧୦ଟା।

## ବରଗଡ଼

- ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: କ୍ରୀଷ୍ଣା ବିକାଶ ଗ୍ରାଉଣ୍ଡ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ମାଁ ପଁଣ୍ଡ୍ରାପାଟ ଫୁଟବଲ ପ୍ରତିଯୋଗିତା, ସ୍ଥାନ:ବରାହଗୋଡ଼ା ଖେଳ ପଡିଆ, ବରଗଡ଼, ସମୟ:ଅପରାହ୍ନ ୨ଟା।

## ବୌଦ୍ଧ

- ଜିଲାସ୍ତରୀୟ ପଦଯାତ୍ରା ଆସ ବିଦ୍ୟାଳୟ ଯିବା,ସ୍ଥାନ:ପିଏମ୍ଶ୍ରୀ ବାବା ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟ ସରସରା, ବୌଦ୍ଧ, ସମୟ: ସକାଳ ୯ଟା।

## ଦେବଗଡ଼

- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।
- ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଦେବଗଡ଼ସ୍ଥିତ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଦେବଗଡ଼ ପ୍ରଧାନପାଟ ରୋଡ ଶିରିଡ଼ି ସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଗୋକୁଳାଷ୍ଟମୀ ମହୋତ୍ସବର ପଞ୍ଚମ ଦିବସ ବକାସୁର ବଧ, ସ୍ଥାନ: କଂସାରୀ ପଡା ବିନିକା, ସମୟ: ସକାଳ ୭ଟା।
- ସୁବର୍ଣ୍ଣପୁର ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦ୍ୱିଜା ନକ୍ଷତ୍ରର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିବା ସାଙ୍ଗକୁ ଲକ୍ଷ୍ୟ ହାସଲ ଦିଗରେ ଅଗ୍ରସର ହୋଇପାରନ୍ତି। ଅବୁଝା ବନ୍ଧୁଙ୍କୁ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ଯାତ୍ରା, ବାଣିଜ୍ୟ, କ୍ରୟ ବିକ୍ରୟ କ୍ଷେତ୍ରରେ ସାମାନ୍ୟ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। ସାହିତ୍ୟ, ସାମ୍ବାଦିକତା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ପାରିପାର୍ଶ୍ୱିକ ପରିସ୍ଥିତି ଭଲ ଦିଗକୁ ଗତିକରୁଥିବାରୁ ମାନସିକ ବ୍ୟସ୍ତତା ଦୂରେଇଯିବ। ରୋହିଣୀ ନକ୍ଷତ୍ର ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ ସାଧନ କରିବେ। ପ୍ରଶାସନିକ ସ୍ତରରେ, ସଭାସମିତି, ରାଜନୀତି, ଆଲୋଚନାରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଭୁଲ୍ ବୁଝାମଣାବଶତଃ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିପାରେ।

**ମିଥୁନ** ଆକସ୍ମିକ ପ୍ରତିବନ୍ଧକ କାରଣରୁ ଚେଷ୍ଟା କରୁଥିବା କାମରେ ସଫଳତା ବିଳମ୍ବରେ ପାଇବେ। ପୁନର୍ବସୁ ନକ୍ଷତ୍ର ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରିବା ଭଲ। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବାକୁ ପଛାଇବେ ନାହିଁ। ଜମିଜମା, ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ତଥା ବିବାଦୀୟ ଘଟଣା ସମସ୍ୟାବହୁଳ ହୋଇପାରେ।

**କର୍କଟ** ଭାବପ୍ରବଣତା ଓ ନିଷ୍କପଟ ଭାବନା ସମ୍ବଳିତ କର୍ମ ପରିପ୍ରେକ୍ଷୀରେ ଉଚ୍ଚବର୍ଗଙ୍କ ସାହାଯ୍ୟ ପାଇବେ। ଅଶ୍ଳେଷା ନକ୍ଷତ୍ର ବ୍ୟକ୍ତିଗତ ଅସୁବିଧାକୁ ବନ୍ଧୁ ଗୁରତର ଭାବରେ ଗ୍ରହଣ କରି ଦୂରେଇ ରହିପାରନ୍ତି। ଚୁକ୍ତିପତ୍ର ସମ୍ପାଦନାରେ ସଫଳ ହେବେ। ଯାତ୍ରା, ବାଣିଜ୍ୟ, ଶିକ୍ଷା, ସନ୍ତାନ ଓ ଅର୍ଥ ସମ୍ପର୍କ ମାନସିକ ଶାନ୍ତିର ପାଥେୟ ହୋଇପାରେ।

**ସିଂହ** ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମସ୍ୟା ଆସିଲେ ମଧ୍ୟ ଉପସ୍ଥିତ ବୁଦ୍ଧି ବଳରେ କାର୍ଯ୍ୟ ସାଧନ କରିନେବେ। ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ଉତ୍ତରାଫାଲଗୁନୀ ନକ୍ଷତ୍ର ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢିଯିବ। ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବାରେ ଆଜି ଦିନଟି ବିତିଯିବ।

**କନ୍ୟା** ପରିବାରର ଆର୍ଥିକ ସମସ୍ୟା ବୃଦ୍ଧିରୁ କୌଣସି କାମରେ ଉତ୍ସାହିତ ହୋଇପାରିବେ ନାହିଁ। ପରିସ୍ଥିତିବଶତଃ ସାମାଜିକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିପାରନ୍ତି। ଚିତ୍ରା ନକ୍ଷତ୍ର ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରି ଅନତାପ କରିବେ। ଅନ୍ୟମନସ୍କତାରୁ ଦରକାରୀ କାଗଜପତ୍ର ହଜିଯିବାର ସୂଚନା ରହିଛି।

**ତୁଳା** ମାନସିକ ଦ୍ୱନ୍ଦ୍ୱ ମଧ୍ୟରେ ବନ୍ଧୁଙ୍କ ସମ୍ମୁଖରେ ମନ କଥା କହିବାକୁ ପଛେଇ ଯିବେ। ବ୍ୟକ୍ତିଗତ ସ୍ୱାର୍ଥକୁ କେନ୍ଦ୍ରକରି ପାରିବାରିକ ଅଶାନ୍ତି ଉପୁଜିବ। ସ୍ୱାତୀ ନକ୍ଷତ୍ର ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସମସ୍ୟାର ସରଳ ସମାଧାନ କରିପାରିବେ। ଶାରୀରିକ ସୁସ୍ଥତାରେ ଉନ୍ନତି ହେବା କାରଣରୁ ମାନସିକ ଆଶ୍ୱସ୍ତି ଅନୁଭବ କରିବେ।

**ବିଛା** କର୍ମକ୍ଷେତ୍ରରେ ଅଭିଳାଷ ପୂରଣ ହେବାରୁ ଆନନ୍ଦ ଅନୁଭବ କରିବେ। ଜ୍ୟେଷ୍ଠା ନକ୍ଷତ୍ର ବିବାଦୀୟ ପରିସରରୁ ଦୂରେଇ ରହିବା ଭଲ। ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ବନ୍ଧୁଙ୍କୁ ଅନୁନୟ ବିନୟ କରି ଧାର କରଜ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର କ୍ରୀଡ଼ା କ୍ଷେତ୍ରରେ ସଫଳତା ମିଳିବ।

**ଧନୁ** ପାରସ୍ପରିକ ମତଭେଦ କାରଣରୁ ପାରିବାରିକ ପରିସ୍ଥିତି ସରଗରମ ରହିପାରେ। ଉତ୍ତରାଷାଢ଼ା ନକ୍ଷତ୍ର ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାକୁ ସମସ୍ୟା ବହୁଳ କରିପାରନ୍ତି। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ପ୍ରଶାସନିକ ସ୍ତରରେ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା ଜାରି ରହିପାରେ।

**ମକର** ଯାହା ଭାବୁଥିଲେ ତାହା କେତେକାଂଶରେ ପୂର୍ଣ୍ଣତା ଲାଭ କରିପାରେ। ଆଜିର ଯାତ୍ରା ଫଳପ୍ରଦ ହେବ ଏବଂ ବନ୍ଧୁମିଳନଜନିତ ସାମୟିକ ଆନନ୍ଦ ଅନୁଭବ କରିବେ। ଧନିଷ୍ଠା ନକ୍ଷତ୍ର ସକାଶେ ଅନ୍ୟମାନଙ୍କର ତାଗିଦ ଓ ବୃଥା ସନ୍ଦେହଜନକ ବାକ୍ୟାଳାପ ମନକୁ ଭାରାକ୍ରାନ୍ତ କରିପାରେ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହେବାରେ ବହୁତ ବାଧାବିଘ୍ନର ସମ୍ମୁଖୀନ ହେବାକୁ ପଡିପାରେ। ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ଦୀର୍ଘଦିନରୁ ଲାଗିରହିଥିବା ରୋଗ ଓ ଋଣ ଦୁଶ୍ଚିନ୍ତାର କାରଣ ହେବ। ଉତ୍ତରଭାଦ୍ରପଦ ନକ୍ଷତ୍ର କର୍ମକ୍ଷେତ୍ରରେ ସହକର୍ମୀଙ୍କ ବ୍ୟବହାରରେ ଅପମାନିତ ବୋଧ କରିପାରନ୍ତି ।

**ମୀନ** ରେବତୀ ନକ୍ଷତ୍ର ଭୁଲ୍ ବୁଝାମଣାରୁ ଅର୍ଥ ସମ୍ପର୍କକୁ ନେଇ ବିବାଦଗ୍ରସ୍ତ ହୋଇପାରନ୍ତି। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହେବାର ଆଶଙ୍କା ରହିଛି। ଶିଳ୍ପ, ବାଣିଜ୍ୟରେ ସଫଳତା ହାସଲ କରିବେ। ପରିବାରରେ କାହା କଥା ସହ ଅନ୍ୟ କାହାର କଥା ନ ମିଶିବା କାରଣରୁ ମନର ସରସତା ମଉଳି ଯାଇପାରେ।

ଆଜି ନଭେମ୍ବର ୧୩ ତାରିଖ, ମାର୍ଗଶିର କୃଷ୍ଣପକ୍ଷର କାଞ୍ଜିଅଁଳା ନବମୀ ଗୁରୁବାର, ମାଣବସା ଗୁରୁବାର ଦ୍ୱିତୀୟ ପାଳି। ରାଶିନକ୍ଷତ୍ର-ମଘା/ସିଂହ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫।୫୭ ଗତେ ଘ.୦୭।୨୬ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୨।୫୪ ଗତେ ଘ.୦୨।୧୭ ମଧ୍ୟେ ରାହୁ କାଳ ।

# ଡଲାର=୮୮.୬୬ ଟଙ୍କା

**ମୁମ୍ବାଇ,୧୨।୧୧(ପି.ଟି.)**

ଡଲାର ତୁଳନାରେ ଟଙ୍କା ବୁଧବାର ୧୬ ପଇସା ଦୁର୍ବଳ ହୋଇଛି। ଫଳରେ ଡଲାର ସହ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୮.୬୬ ଟଙ୍କାକୁ ଖସିଆସିଛି। ଓଭରସିଜ୍ ମାର୍କେଟରେ ଆମେରିକୀୟ କରେନ୍ସିର ବଳ ବୃଦ୍ଧି ସାଙ୍ଗକୁ କ୍ରୁଡ୍ ଅଏଲ୍ ମହଙ୍ଗା ହେବା ଯୋଗୁ ଟଙ୍କାର ଏପରି ଅବମୂଲ୍ୟାୟନ ହୋଇଥିବା ଫରେକ୍ସ ଟ୍ରେଡର୍ସ ମତ ଦେଇଛନ୍ତି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ବୁଧବାର ଟ୍ରେଡିଂ ସେସନ୍ ଆରମ୍ଭ ବେଳେ ଟଙ୍କାର ବିନିମୟ ମୂଲ୍ୟ ୮୮.୬୧ ରହିଥିଲା। ମଝିରେ ଏହା ୮୮.୫୬ ଟଙ୍କାକୁ ଛୁଇଁ ପରବର୍ତ୍ତୀ ସମୟରେ ୮୮.୬୬ ଟଙ୍କା ପର୍ଯ୍ୟନ୍ତ ଖସିଥିଲା, ଯାହାକି ପୂର୍ବ କ୍ଲୋଜିଂ ତୁଳନାରେ ପଇସା କମ୍। ମଙ୍ଗଳବାର ଡଲାର ତୁଳନାରେ ଟଙ୍କାର ମୂଲ୍ୟ ୮୮.୫୦ ରହିଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅମିନ, ଜାମିନି, ମଧ୍ୟସ୍ଥି,
ମନା କରିଛନ୍ତି ଅଗସ୍ତି ।**

ଅମିନମାନେ ଜମି ମାପକରି ମାଲିକାନା ସାବ୍ୟସ୍ତ କରିଥାନ୍ତି। ଯେତେ ଠିକ ମାପ କଲେ ବି ଦୁଇପକ୍ଷ ସନ୍ତୁଷ୍ଟ ହୋଇପାରି ଥାନ୍ତି। ଜାମିନିମାନେ ବ୍ୟକ୍ତିଗତ ମୁଚାଲିକା ଦେଇ ଥାନା ବା କୋର୍ଟରୁ ଲୋକକୁ ଆଣିଥାନ୍ତି। ସେହି ଲୋକ କୋର୍ଟରେ କି ଥାନାରେ ହାଜର ନ ହେଲେ ଜାମିନଦାର ଦାୟୀ ରହେ। ହାଜର ହୋଇ କୈଫିୟତ ଦେବାକୁ ପଡ଼େ। ଅନ୍ୟକୁ ସାହାଯ୍ୟ କରିବାକୁ ଯାଇ ନିଜେ ହଇରାଣ ହରକତ ହୁଏ। ସେହିପରି ବର ଓ କନ୍ୟା ପକ୍ଷକୁ ମଙ୍ଗେଇ ମଧ୍ୟସ୍ଥ ବାହାଘର ସ୍ଥିର କରେ। ଦେବା ନେବାରେ ଅସୁବିଧା ହେଲେ ଦୁଇପକ୍ଷ ତାକୁ ଗାଳି ଦିଅନ୍ତି। ଏ ତିନୋଟି ଯାକ କାମ ଅପ୍ରୀତିକର ହୋଇଥିବା ସ୍ଥଳେ ଏପରି କାମ ନ କରିବା ପାଇଁ ମନା କରାଯାଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅରନ କରେ ବରନ
ବସ୍ତର୍ କରେ ହୀନ।**

ଅନ୍ନ ଦେହକୁ ପୁଷ୍ଟ କରେ। ବିନା ଖାଦ୍ୟପେୟରେ ବଞ୍ଚିବା କଷ୍ଟକର। ସେହିପରି ଶରୀର ପାଇଁ ବସ୍ତ୍ରର ଆବଶ୍ୟକତା ରହିଥାଏ। ବସ୍ତ୍ରର ଅଭାବରେ ମର୍ଯ୍ୟାଦାହାନି ଘଟେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୯ରେ ବାରବାଟୀରେ ...

ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ ଭାବେ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ପରାମର୍ଶ ଦେଇଛନ୍ତି। ଲୋକସେବା ଭବନଠାରେ ବାରବାଟୀ ଷ୍ଟାଡିୟମରେ ହେବାକୁ ଥିବା ଟି-୨୦ ମ୍ୟାଚ୍ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତାକରି ମୁଖ୍ୟମନ୍ତ୍ରୀ ଓଡ଼ିଶା କ୍ରିକେଟ ଆସୋସିଏସନ ଓ ରାଜ୍ୟ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କୁ ପରାମର୍ଶ ଦେଇ କହିଛନ୍ତି, କ୍ରିକେଟ ଆମ ଦେଶର ଏକ ଅତି ଲୋକପ୍ରିୟ ଖେଳ। ତେଣୁ ଏହି ମ୍ୟାଚ୍ ପ୍ରତି ସମଗ୍ର ଦେଶ ଓ ବିଶ୍ୱର ନଜର ରହିବ। ସେଥିଲାଗି ଏହା ଯେପରି ତ୍ରୁଟିଶୂନ୍ୟ ଭାବେ ପରିଚାଳନା ହେବ ଏବଂ ଓଡ଼ିଶାର ମର୍ଯ୍ୟାଦା ସୁରକ୍ଷିତ ହେବ ସେଥିପାଇଁ ସମସ୍ତେ ସଚେତନ ରହିବା ଆବଶ୍ୟକ। ବୈଠକରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ମ୍ୟାଚ୍ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଟିକେଟ ବିକ୍ରି, ଦର୍ଶକମାନଙ୍କ ପାଇଁ ସୁବ୍ୟବସ୍ଥା, ନିରନ୍ତର ଲାଇଟିଂ ବ୍ୟବସ୍ଥା, ଷ୍ଟାଡିୟମ ଭିତ୍ତିଭୂମି ଓ ଅଗ୍ନି ନିର୍ବାପନ ବ୍ୟବସ୍ଥା, ପାର୍କିଂ ଏବଂ ଟ୍ରାଫିକ୍ ପରିଚାଳନା ଆଦି ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ହୋଇଛି। ଦିଲ୍ଲୀରେ ହୋଇଥିବା ବିସ୍ଫୋରଣ ପରିପ୍ରେକ୍ଷୀରେ ଏହି ଅନ୍ତର୍ଜାତୀୟ କ୍ରୀଡ଼ା ସମୟରେ ପୋଲିସ ପ୍ରଶାସନ ପକ୍ଷରୁ ଲୋକଙ୍କ ସୁରକ୍ଷା ପ୍ରତି ଏକ ଫୁଲ୍-ପ୍ରୁଫ୍ ବ୍ୟବସ୍ଥା କରାଯିବା ଆବଶ୍ୟକ। ଏଥିପାଇଁ ପୋଲିସ ଅଧିକ ସତର୍କ ରହିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅସୁସ୍ଥ ବ୍ୟକ୍ତି କିମ୍ବା ଅନ୍ୟାନ୍ୟ ଅସୁବିଧା ସ୍ଥଳରେ ଲୋକମାନଙ୍କୁ ନେବା ଆଣିବା ପାଇଁ ଏକ ସୁବ୍ୟବସ୍ଥିତ ଗ୍ରୀନ୍ କରିଡର ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଭିଡ଼ ନିୟନ୍ତ୍ରଣ, ଟିକେଟ ବିକ୍ରି, ଜରୁରୀ ଚିକିତ୍ସା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟ ଉପଯୁକ୍ତ ଭାବେ ତଦାରଖକରି ନିର୍ଭୁଲ୍ ଭାବେ ପରିଚାଳନା କରିବାକୁ ସେ ପରାମର୍ଶ ଦେଇଛନ୍ତି।ସୂଚନା ଅନୁଯାୟୀ, ପ୍ରତ୍ୟେକ ଷ୍ଟାଣ୍ଡର କ୍ଷମତା ଅନୁଯାୟୀ ସେଠାରେ ନିର୍ଦ୍ଦିଷ୍ଟ ସଂଖ୍ୟକ ଦର୍ଶକଙ୍କୁ ବସିବା ପାଇଁ ବ୍ୟବସ୍ଥା କରାଯିବ। ମ୍ୟାଚ୍ ସମୟରେ ନିରନ୍ତର ଲାଇଟିଂ ବ୍ୟବସ୍ଥା ପାଇଁ ଅଧିକ ଜେନ୍ସେଟ୍ ଅଣାଯାଇଥିବା ବେଳେ ଏହାର ମନିଟରିଂ ପାଇଁ ନୂଆ ସଫ୍ଟୱେର ମଧ୍ୟ ଇନ୍ଷ୍ଟଲ କରାଯାଇଛି। ଗୋଟିଏ ଜେନ୍ସେଟ୍ ଫେଲ୍ ହେଲେ ତୁରନ୍ତ ଅନ୍ୟ ଗୋଟିଏ ଚାଲୁହେବ ଏବଂ ଲାଇଟିଂ ବ୍ୟବସ୍ଥା ନିରନ୍ତର ଭାବେ ଜାରି ରହିବ ବୋଲି ବୈଠକରେ କୁହାଯାଇଛି। ବୈଠକରେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ର କାଶ ମିଶ୍ର, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଅନୁଗୋଳ ବିଧାୟକ ତଥା ଓସିଏ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ପୋଲିସ ମହାନିର୍ଦ୍ଦେଶକ ୱାଇ.ବି ଖୁରାନିଆ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଓଡ଼ିଶା କ୍ରିକେଟ ଆସୋସିଏସନ ସଭାପତି ପଙ୍କଜ ଲୋଚନ ମହାନ୍ତି, ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ଶାସନ ସଚିବ, କଟକ-ଭୁବନେଶ୍ୱର ପୋଲିସ କମିଶନର, କଟକ ଜିଲାପାଳ ଓ ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ରହି ମ୍ୟାଚ୍ ପରିଚାଳନା ସମ୍ପର୍କରେ ଆଲୋଚନା କରିଥିଲେ।



ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

### ଶିଶୁଙ୍କୁ ମାର୍ଗଦର୍ଶନ ...

ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ପ୍ରୟାସ ଜାରି ରଖିଛନ୍ତି। ଗୋଦାବରୀଶ ଆଦର୍ଶ ପ୍ରାଥମିକ ବିଦ୍ୟାଳୟଠାରୁ ଆରମ୍ଭ କରି ପିଏମ୍-ଶ୍ରୀ ଯୋଜନା ପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଉଛି। ରାଜ୍ୟର ୪୫ ହଜାର ବିଦ୍ୟାଳୟରେ ଶିଶୁ ବାଟିକା ଆରମ୍ଭ କରାଯାଇଛି। ଚଳିତ ବଜେଟରେ ସରକାର ରେକର୍ଡ ୪୧ ହଜାର ୨୭୩ କୋଟି ଟଙ୍କା ପ୍ରାବଧାନ କରିଛନ୍ତି। ଚଳିତ ବଜେଟର ୧୪.୨ ପ୍ରତିଶତ ଓ ରାଜ୍ୟ ଜିଡିପିର ୩.୯ ପ୍ରତିଶତ ଅର୍ଥ କେବଳ ଶିକ୍ଷା କ୍ଷେତ୍ରରେ ଖର୍ଚ୍ଚ ହେଉଛି। 'ସୁରଭି' କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରତିବର୍ଷ ବିଦ୍ୟାର୍ଥୀଙ୍କ ପ୍ରତିଭା ଲୋକଲୋଚନକୁ ଆଣିବାକୁ ପ୍ରୟାସ ଜାରି ରଖିଛି। ସୁରଭି ହେଉଛି ପ୍ରତ୍ୟେକ ଶିଶୁଙ୍କ ସ୍ୱପ୍ନ, ସୃଜନଶୀଳତା, ଚିନ୍ତାଧାରା ଓ ପ୍ରତିଭା ବିକାଶର ମଞ୍ଚ। ବିଦ୍ୟାର୍ଥୀଙ୍କ ଭିତରେ ଲୁଚି ରହିଥିବା ଅସଂଖ୍ୟ ସମ୍ଭାବନା, ଗୁଣାବଳୀ ଏବଂ ଦକ୍ଷତାକୁ ଚିହ୍ନଟ କରନ୍ତୁ। ପିଲାମାନେ ବଡ଼ ସ୍ୱପ୍ନ ଦେଖିବା ପାଇଁ କେବେ ମଧ୍ୟ ଦ୍ୱିଧା ପ୍ରକାଶ କରନ୍ତୁ ନାହିଁ। କଠିନ ପରିଶ୍ରମ ଏବଂ ନିଷ୍ଠା ବଳରେ ସେମାନେ ପ୍ରତ୍ୟେକ ଲକ୍ଷ୍ୟକୁ ହାସଲ କରିପାରିବେ। ଦେଶ ନିର୍ମାଣରେ ବିଦ୍ୟାର୍ଥୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଲେ, ଶିକ୍ଷା ବ୍ୟବସ୍ଥାରେ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ଉଚ୍ଚଶିକ୍ଷା ଭଳି ବିଭିନ୍ନ ସ୍ତର ରହିଛି ଏବଂ ଏହି ସମସ୍ତେ ପରସ୍ପରର ପରିପୂରକ। ତେଣୁ ସବୁ ସ୍ତରର ବିକାଶ ହୋଇପାରିଲେ ହିଁ ଆମ ରାଜ୍ୟର ଶିକ୍ଷା କ୍ଷେତ୍ରରେ ବିକାଶ ସମ୍ଭବ ହୋଇପାରିବ। ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ଲୋକଲୋଚନକୁ ଆସିଲେ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି ହୋଇପାରିବ। ସୃଜନଶୀଳତା ଓ ବୌଦ୍ଧିକ ଗୁଣର ପରିପ୍ରକାଶ କ୍ଷେତ୍ରରେ ସୁରଭି ଭଳି ଶିଶୁ ମହୋତ୍ସବ ନିଶ୍ଚିତ ଭାବେ ସହାୟକ ହୋଇପାରିଛି ବୋଲି ସେ କହିଛନ୍ତି। ଅତିଥି ଭାବେ ଭୁବନେଶ୍ୱର ଏକାମ୍ର ବିଧାୟକ ବାବୁ ସିଂ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାଏକ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ବୀରେନ୍ଦ୍ର କର୍କରା ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଯୋଗଦେଇ ପ୍ରତିଭା ପ୍ରଦର୍ଶନ ପାଇଁ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କଫି ଟେବୁଲ ବୁକ୍ 'ଆସ ସ୍କୁଲ ଯିବା' ଓ 'ପଞ୍ଚସଖା ଶିକ୍ଷା ସେତୁ' ଉନ୍ମୋଚନ କରିଥିଲେ। ପରେ ଯୁକ୍ତ୨ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କଳାରେ ଦେବେନ୍ଦ୍ର ଖମାରିଆ, ବିଜ୍ଞାନରେ ସୁଶିଲ କୁମାର ନାୟକ, ବାଣିଜ୍ୟରେ ସ୍ୱର୍ଣ୍ଣରେଖା ମନ୍ତ୍ରୀ ଏବଂ ଧନ୍ଦାମୂଳକ ଶିକ୍ଷାରେ ସୁପ୍ରିୟା ସୂତାରଙ୍କୁ ମୁଖ୍ୟମନ୍ତ୍ରୀ ୨୦ ହଜାର ଟଙ୍କା ଲେଖାଏ ପୁରସ୍କାର ରାଶି ପ୍ରଦାନ କରିଥିଲେ। ବିଭିନ୍ନ ପ୍ରତିଯୋଗିତା ଓ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର ଏବଂ ମୁଖ୍ୟମନ୍ତ୍ରୀ ଭାଷା ବୃତ୍ତି ପାଇଁ ୫ ଜଣଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିବା ସହିତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ହୁଇଲ ଚେୟାର ପ୍ରଦାନ କରିଥିଲେ। ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କ ସହ ଅନ୍ୟ ଅତିଥିମାନେ ଛାତ୍ରୀଛାତ୍ରଙ୍କ ପ୍ରଦର୍ଶନୀ ବୁଲି ଦେଖିଥିଲେ। ମହୋତ୍ସବରେ ୨୪୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ, ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇଛନ୍ତି। ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନୀୟ ପରିଭ୍ରମଣ, ବିଶିଷ୍ଟ ବ୍ୟକ୍ତିଙ୍କ ସହ ସାକ୍ଷାତ୍କାର, ଶ୍ରେଷ୍ଠ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ, ମଡେଲ ୟୁନାଇଟେଡ ନେଶନ ପାଭିଲିୟନ, କର୍ମଶାଳା ଓ ବିଭିନ୍ନ ପ୍ରଦର୍ଶନୀ ଏବଂ ଦଳଗତ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦି ଆୟୋଜନ କରାଯାଇଛି।

### କାର୍ ବିସ୍ଫୋରଣ ...

ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର କ୍ୟାବିନେଟ୍ କାର୍ ବିସ୍ଫୋରଣକୁ ହିଂସାର ଏକ ସଂଜ୍ଞାହୀନ କାର୍ଯ୍ୟ ରୂପେ ଅଭିହିତ କରି ଏହି ଭୀରୁ କାର୍ଯ୍ୟକୁ କଡ଼ା ନିନ୍ଦା କରିଛି। କ୍ୟାବିନେଟ୍ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିବା ନେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୈଠକ ଶେଷରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।




# ଜନଜାତିଙ୍କ କଥାକୁ ପ୍ରାଥମିକତା ଭିତ୍ତିରେ ଶୁଣ: କେନ୍ଦ୍ର

ଭୁବନେଶ୍ୱର,୧୨।୧୧ (ରବିନାରାୟଣ ଜେନା)

ଜନଜାତିଙ୍କ କଥାକୁ ପ୍ରାଥମିକତା ଭିତ୍ତିରେ ଶୁଣିବା ଲାଗି ଜନଜାତି ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛି। ଏ ସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ସଚିବ ବିଭୁ ନାୟାର ମୁଖ୍ୟ ଶାସନ ସଚିବଙ୍କୁ ଅକ୍ଟୋବର ୨୨ରେ ପତ୍ର ଲେଖି ଦର୍ଶାଇଛନ୍ତି ଯେ, ଜଙ୍ଗଲ ସମ୍ପଦ ଉପରେ ଜନଜାତିଙ୍କ ଅଧିକାର ରହିଛି। ସେମାନେ ଯେପରି ଏହି ସୁବିଧାରୁ ବଞ୍ଚିତ ନ ହେବେ, ତାହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବା ଲାଗି ନାୟାର ଦର୍ଶାଇଛନ୍ତି।

ନାୟାର କହିଛନ୍ତି, କେନ୍ଦ୍ର ସରକାରଙ୍କ ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ(ଡିଏ-ଜେଜିୟୁଏ) ଅଧୀନରେ ଥିବା କାର୍ଯ୍ୟକ୍ରମକୁ ଆଦିବାସୀଙ୍କ ପାଖରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାରଙ୍କ ଜନଜାତି ବିଭାଗ ଏବଂ ଜିଲା ପ୍ରଶାସନ ଗୁରୁତ୍ୱ ଦେବାକୁ ପଡ଼ିବ। ରେକଗ୍ନାଇଜ୍ ଅଫ୍ ଫରେଷ୍ଟ ରାଇଟ୍ ଆକ୍ଟ(ଏଫ୍ଆର୍ଏ)କୁ ନେଇ ସ୍ୱତନ୍ତ୍ର କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇପାରିଲେ ସେମାନେ ଉପକୃତ ହୋଇପାରିବେ। ବର୍ଷକ ମଧ୍ୟରେ ଜନଜାତି ବର୍ଗଙ୍କ କେତେ ଅଭିଯୋଗ ଜିଲା ପ୍ରଶାସନର ହସ୍ତଗତ ହୋଇଛି ଏବଂ ତାହାର କେତେ ସମାଧାନ ହୋଇଛି ଓ କେତେ ପଡ଼ିରହିଛି ତାହାର ଏକ ବିସ୍ତୃତ ଡାଟାବେସ୍ ପ୍ରସ୍ତୁତ କର। ଯଦି ଜିଲା ପ୍ରଶାସନ ପକ୍ଷରୁ କୌଣସି ଅଭିଯୋଗକୁ ନାକଚ କରାଯାଉଛି ତେବେ ତାହାର କାରଣ ସହିତ ଏକ ସ୍ପିକିଂ ଅର୍ଡର ଜାରି କରିବାକୁ ନାୟାର ଦର୍ଶାଇଛନ୍ତି। ତେବେ କେତେକ କ୍ଷେତ୍ରରେ ଦେଖାଯାଇଛି ଯେ, ବିଭିନ୍ନ ପ୍ରକାର କାରଣ(ବୈଷୟିକ) ଦର୍ଶାଇ ଆଦିବାସୀଙ୍କ ଅଭିଯୋଗକୁ ଖାରଜ କରିଦିଆଯାଉଛି। ଯେପରିକି ଉପଗ୍ରହ ଚିତ୍ର ମ୍ୟାପିଙ୍ଗ୍ କରାଯାଉ ନ ଥିବା କିମ୍ବା ସବ୍-ଡିଭିଜନାଲସ୍ତର କମିଟି ପକ୍ଷରୁ ବନଭୂମିର ଅଧିକାର ପ୍ରମାଣ କରିବାରେ ଅସୁବିଧା। ଏହି ପରିପ୍ରେକ୍ଷୀରେ ଧ୍ୟାନ ଦେବା ଉଚିତ୍ ଯେ, ଏଫ୍ଆର୍ଏ ନିୟମ-୧୨ଏ ଅନୁସାରେ, ଉପଗ୍ରହ ଚିତ୍ର ଏବଂ ଅନ୍ୟ ବୈଷୟିକ ତଥ୍ୟଗୁଡ଼ିକ ବିଚାରକୁ ନିଆଯିବା ଉଚିତ, ହେଲେ ମୂଳ ତଥ୍ୟର ପରିବର୍ତ୍ତନ କରାଯାଇପାରିବ ନାହିଁ। ସେହିପରି ଲଘୁ ବନଜାତ ଆଇନ/ନିୟମଗୁଡ଼ିକ ମଧ୍ୟ ଠିକଣା ଭାବେ ପାଳନ ହେବାର ଆବଶ୍ୟକତା ରହିଛି। ବାଉଁଶ, ଜାଳକାଠ, ମହୁଲ, ଲାଖ, କେନ୍ଦୁପତ୍ର, ଔଷଧୀୟ ଉଦ୍ଭିଦ, ମୂଳ ଇତ୍ୟାଦି। ରାଜ୍ୟ ନୀତି ଓ ନିୟମଗୁଡ଼ିକ ସହ ସମନ୍ୱୟରେ ରହିବା ଆବଶ୍ୟକ ବୋଲି ସେ ଦର୍ଶାଇଛନ୍ତି। ସେ ପୁଣି କହିଛନ୍ତି, ଧାରା ୨(ସି) ଏବଂ ନିୟମ ୨(୧)(ଡି) ଅନୁସାରେ, ବନ ଅଧିକାରୀ କିମ୍ବା ସେମାନଙ୍କ ସଂଘ/ମହାସଂଘ ଯେକୌଣସି ଲଘୁ ବନଜାତ ବିକ୍ରି କରିପାରିବେ କିମ୍ବା ସ୍ୱୟଂ କିମ୍ବା ଏକାଠି ପ୍ରକ୍ରିୟାକରଣ କରିପାରିବେ। ସେମାନଙ୍କ ଜୀବନଜୀବିକା ନିମନ୍ତେ ଜଙ୍ଗଲ ଭିତରେ ଓ ବାହାରେ ଲୋକାଲ ଯାନବାହନ ବ୍ୟବହାର କରିପାରିବେ। ପାସ୍ ପ୍ରଦାନ ସମ୍ପର୍କିତ ନିୟମଗୁଡ଼ିକୁ ମଧ୍ୟ ସଂଶୋଧନ କରିବା ଆବଶ୍ୟକ, ଯାହାଦ୍ୱାରା ଗ୍ରାମ ସଭା ନିର୍ଦ୍ଧାରିତ କମିଟି କିମ୍ବା ବନ ଅଧିକାରୀ ସ୍ୱୟଂ ଟ୍ରାଞ୍ଜିଟ୍ ପରମିଟ୍ ଜାରି କରିପାରିବେ ବୋଲି ନାୟାର ଦର୍ଶାଇଛନ୍ତି।

# ଶୀତ ଲହରି, ୮.୫ ଡିଗ୍ରୀରେ ଦାରିଙ୍ଗବାଡ଼ି

ଭୁବନେଶ୍ୱର, ୧୨।୧୧ (ବନ୍ଦନା ସେଠୀ)

ସାରା ରାଜ୍ୟରେ ଶୀତ ଲହର ଜାରି ରହିଥିବାବେଳେ କିଛି ସ୍ଥାନରେ ଘନ କୁହୁଡ଼ି ଦେଖିବାକୁ ମିଳୁଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୧୪ ସହରର ତାପମାତ୍ରା ୧୫ ଡିଗ୍ରୀ ତଳକୁ ଖସିଆସିଥିବାବେଳେ ଦାରିଙ୍ଗବାଡ଼ିଠାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୮.୫ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆଗାମୀ ୪ ଦିନ ମଧ୍ୟରେ ସର୍ବନିମ୍ନ ତାପମାତ୍ରା(ରାତିର ତାପମାତ୍ରା)ରେ କୌଣସି ବଡ଼ ପରିବର୍ତ୍ତନ ନାହିଁ। ଏହାପରେ ରାଜ୍ୟର ବିଭିନ୍ନ ଜିଲାରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ବୁଧବାର ରାଜ୍ୟର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇଛି। ସେହିପରି ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୫ରୁ ୭ ଡିଗ୍ରୀ ପର୍ଯ୍ୟନ୍ତ ପାରଦ ଖସିଛି। ଉପକୂଳ ଓଡ଼ିଶାର ଅନେକ ସ୍ଥାନ ଏବଂ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୩ ରୁ ୪ ଡିଗ୍ରୀ, ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଦକ୍ଷିଣ ଉପକୂଳ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ରୁ ୩ ଡିଗ୍ରୀ କମ୍ ରହିଛି। ଫୁଲବାଣୀରେ ତାପମାତ୍ରା ୧୦ ଡିଗ୍ରୀକୁ ଖସିଆସିଥିବାବେଳେ ରାଉରକେଲା ୧୦.୫, ଝାରସୁଗୁଡ଼ା ୧୦.୬, କେନ୍ଦୁଝରର ୧୨.୪, ସୁନ୍ଦରଗଡ଼ ଏବଂ ଅନୁଗୋଳ ୧୨.୬, କୋରାପୁଟ ୧୩.୨, ବଲାଙ୍ଗୀର ୧୩.୩, ଭବାନୀପାଟଣା ଓ ଢେଙ୍କାନାଳ ୧୩.୫, ସୋନପୁର ୧୪.୧, ସମ୍ବଲପୁର ୧୪.୨, ଯାଜପୁର ୧୪.୬ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ରେକର୍ଡ କରାଯାଇଛି। ରାଜ୍ୟର ସର୍ବାଧିକ ତାପମାତ୍ରା ପାରଳାଖେମୁଣ୍ଡିଠାରେ ୩୨ ଡିଗ୍ରୀ ରେକର୍ଡ ହୋଇଛି। ସେହିପରି ଆଗାମୀ ୨୪ ଘଣ୍ଟାରେ ଭୁବନେଶ୍ୱରରେ ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ରହିବା ସହ ସର୍ବନିମ୍ନ ତାପମାତ୍ରା ୧୫ ପାଖାପାଖି ରହିବା ନେଇ ଆକଳନ କରାଯାଇଛି।

# ୧୮ରେ ଜିଲାପାଳ ସମ୍ମିଳନୀ

**୧୯ରେ ଉଭୟ ଜିଲାପାଳ, ଏସ୍‌ପିଙ୍କ ସମ୍ମିଳନୀ**

ଭୁବନେଶ୍ୱର,୧୨।୧୧(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ପକ୍ଷରୁ ଆସନ୍ତା ୧୮ ତାରିଖରେ ଜିଲାପାଳମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବ। ଲୋକସେବା ଭବନର ରାଜ୍ୟ କନ୍‌ଭେନସନ ସେଣ୍ଟରଠାରେ ଏହି ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବାବେଳେ ଏଥିରେ ସବୁ ଜିଲାପାଳଙ୍କୁ ଯୋଗଦେବା ଲାଗି କୁହାଯାଇଛି। ସମ୍ମିଳନୀର ସବିଶେଷ କାର୍ଯ୍ୟସୂଚୀ ଏଯାଏ ପ୍ରସ୍ତୁତ ହୋଇ ନ ଥିବାବେଳେ ପରବର୍ତ୍ତୀ ସମୟରେ ଏହା ପ୍ରଦାନ କରାଯିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ କୁହାଯାଇଛି। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ଶାସନ ସଚିବ ଦେବାଶିଷ ସିଂ ଏନେଇ ସମସ୍ତ ରାଜସ୍ୱ ଡିଭିଜନାଲ କମିଶନର(ଆର୍‌ଡିସି) ଏବଂ ଜିଲାପାଳଙ୍କୁ ଚିଠି ଜାରି କରିଛନ୍ତି। ସେଥିରେ ସେ ଉଲ୍ଲେଖ କରିଛନ୍ତି, ୧୯ ତାରିଖରେ ଉଭୟ ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକ(ଏସ୍‌ପି)ମାନଙ୍କ ସମ୍ମିଳନୀ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ହେବ। ସୂଚନାଯୋଗ୍ୟ, ଏହି ଜିଲାପାଳ ସମ୍ମିଳନୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଉଦ୍‌ଘାଟନ ହେବାକୁ ଥିବାବେଳେ ଏଥିରେ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟମାନେ ମଧ୍ୟ ଯୋଗଦେବେ।

# ୧୭ରେ ଖର୍ଚ୍ଚର ହିସାବ ନେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୨।୧୧ (ରବିନାରାୟଣ ଜେନା)

ରାଜ୍ୟ ବଜେଟ ବ୍ୟୟବରାଦ ମଧ୍ୟରୁ ବିଭାଗୀୟ ସଚିବମାନେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତା'ର ଚିକିନିଖି ହିସାବ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନେବେ। ଏହା ସହ କେଉଁ ଯୋଜନାର ଅର୍ଥ କେଉଁଠାରେ ପାର୍କ(ଠୁଳ) କରାଯାଇଛି ଏବଂ ଏହାର ଉଦ୍ଦେଶ୍ୟ କ'ଣ ସେ ସଂକ୍ରାନ୍ତରେ ମଧ୍ୟ ସମୀକ୍ଷା କରିବେ। ଏହି ଉଚ୍ଚସ୍ତରୀୟ ସମୀକ୍ଷା ଲାଗି ତଥ୍ୟ ପ୍ରସ୍ତୁତ କରିବା ପାଇଁ ସବୁ ବିଭାଗର ସଚିବଙ୍କୁ ରାଜ୍ୟ ବଜେଟ ନିର୍ଦ୍ଦେଶକ ସତ୍ୟପ୍ରିୟ ରଥ ବୁଧବାର ଅବଗତ କରାଇଛନ୍ତି। ସେ ପତ୍ରରେ ଦର୍ଶାଇଛନ୍ତି, ନଭେମ୍ବର ୧୭ ଅପରାହ୍ନ ୪ଟାରେ ମୁଖ୍ୟମନ୍ତ୍ରୀ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ବଜେଟ ଖର୍ଚ୍ଚର ସମୀକ୍ଷା କରିବେ। ଉକ୍ତ ଦିନ ସମୀକ୍ଷା ବୈଠକରେ ତଥ୍ୟ ସହ ଉପସ୍ଥିତ ରହିବା ଲାଗି ସେ ଦର୍ଶାଇଛନ୍ତି।

ସରକାର ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ରାଜ୍ୟରେ ପରିଗଣିତ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ୨୦୨୫-୨୬ ଆର୍ଥିକବର୍ଷ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୨ଲକ୍ଷ ୯୦ ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା କରାଯାଇଛି। ଅକ୍ଟୋବର ସୁଦ୍ଧା ଯେତିକି ଖର୍ଚ୍ଚ ହୋଇଛି ତାହା ପୂର୍ବ ବର୍ଷ (୨୦୨୪-୨୫) ତୁଳନାରେ ୧୩% ଅଧିକ ବୋଲି ନିକଟରେ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରୁ ଜଣାଯାଇଛି। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ନଭେମ୍ବର ୨୭ରୁ ବିଧାନସଭାର ଅତିରିକ୍ତ ବଜେଟ ଅଧିବେଶନ ଅନୁଷ୍ଠିତ ହେବାକୁ ଯାଉଛି। ଏହାପୂର୍ବରୁ ମୁଖ୍ୟମନ୍ତ୍ରୀ ବାସ୍ତବରେ ବଜେଟ ଅର୍ଥ କେତେ ପରିମାଣର ଖର୍ଚ୍ଚ ହୋଇଛି ତାହାର ଚିକିନିଖି ସମୀକ୍ଷା କରିବେ ବୋଲି ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।




## କାର୍ଯ୍ୟ ବିବରଣୀ ତଥ୍ୟ ପ୍ରଦାନ ପ୍ରସଙ୍ଗ

# ଅଧିକାରୀଙ୍କ ପାଇଁ ଅବଧି ବଢ଼ିଲା ୩ ମାସ

ଭୁବନେଶ୍ୱର,୧୨।୧୧(ରବିନାରାୟଣ ଜେନା)

ରାଜ୍ୟ ସରକାରରେ କାର୍ଯ୍ୟରତ ବିଭିନ୍ନ ଅଧିକାରୀମାନେ କି-ପ୍ରକାର କାର୍ଯ୍ୟ ସମ୍ପାଦନା କରୁଛନ୍ତି ତା'ର ବିବରଣୀ ପ୍ରଦାନ ଲାଗି ସରକାର ଅଧିକ ସମୟ ନେଇଛନ୍ତି। ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟଶାସନ ସଚିବ ସୁରେନ୍ଦ୍ର କୁମାର ମଙ୍ଗଳବାର ସମସ୍ତ ବିଭାଗର ସଚିବ, ମୁଖ୍ୟଦପ୍ତର ମୁଖ୍ୟ, ଆରଡିସି, ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ସେ ଦର୍ଶାଇଛନ୍ତି ଯେ, ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ଭାରତୀୟ ପ୍ରଶାସନିକ ସେବା(ଆଇଏଏସ୍), ଭାରତୀୟ ପୋଲିସ ସେବା(ଆଇପିଏସ୍),ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍), ଓଡ଼ିଶା ଅର୍ଥ ସେବା(ଓଏଫ୍ଏସ୍),ଓଡ଼ିଶା ପୋଲିସ ସେବା(ଓପିଏସ୍), ଓଡ଼ିଶା ଶିକ୍ଷା ସେବା(ଓଇଏସ୍) ଏବଂ ଓଡ଼ିଶା ଯାନ୍ତ୍ରିକ ସେବା(ଓଇଏସ୍)ବର୍ଗଙ୍କ କାର୍ଯ୍ୟ ବିବରଣୀ ତଥ୍ୟ ଲୋଡିଥିଲେ। ଏଥିପାଇଁ ସେପ୍ଟେମ୍ବର ୧୧ରେ ପତ୍ର ଲେଖାଯାଇ ୨ମାସ ମଧ୍ୟରେ ମାନବସମ୍ବଳ ପରିଚାଳନା ପଦ୍ଧତି(ଏଚ୍ଆର୍ଏମ୍ଏସ୍)ରେ ଉପଲବ୍ଧ କରାଇବାକୁ କୁହାଯାଇଥିଲା। ହେଲେ ବହୁ ଅଧିକାରୀ କାର୍ଯ୍ୟଚାପ ଯୋଗୁଁ ଏହି ତଥ୍ୟ ଦେଇ ପାରିନାହାନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ଆଉ ୩ମାସ ପାଇଁ ସମୟ ବଢ଼ାଇଛନ୍ତି।



ପ୍ରତ୍ୟେକ ଲୋକର ନିଜ ବାଟରେ ଭାବିବା, ଅନୁଭବ କରିବା ଓ ପ୍ରତିକ୍ରିୟା ଦେଖାଇବାର ଅଧିକାର ରହିଛି। କାହିଁକି ତୁମେ ଭାବିବ ଯେ, ଅନ୍ୟମାନେ ତୁମେ ଯାହା କରୁଛ ତାହା କରନ୍ତୁ ଓ ତୁମରି ଭଳି ହୁଅନ୍ତୁ ? -ଶ୍ରୀମା

-କାଞ୍ଜିଅଁଳା ନବମୀ, ମାଣବସା ଗୁରୁବାର



# ଭୀମବେଟ୍‌କାର ଖୋଦେଇ କଳା



ଦେବଦତ୍ତ ପଟ୍ଟନାୟକ

ଅନେକେ ଯୁକ୍ତି କରନ୍ତି, ଘୋଡ଼ାର ଜନ୍ମ ଭାରତରେ ଏବଂ ଏଠାରେ ପ୍ରାକ୍ ଐତିହାସିକ ସମୟରେ ଏହାକୁ ପାଳନ କରାଯାଉଥିଲା। ସେମାନେ ଆଉ ମଧ୍ୟ ଯୁକ୍ତି ଉପସ୍ଥାପନ କରନ୍ତି ଭୀମବେଟ୍‌କାରେ ଥିବା ଘୋଡ଼ାର ପେଣ୍ଟିଂ ବା ଚିତ୍ରକଳା ପ୍ରମାଣ କରେ ଯେ, ହରପ୍ପା ସଭ୍ୟତା (ଖ୍ରୀଷ୍ଟପୂର୍ବ ୨୫୦୦-୨୦୦୦) ପୂର୍ବରୁ ଭାରତରେ ଘୋଡ଼ା ଥିଲେ। ଏହା କୁହାଯାଉଥିଲେ ବି ସତ୍ୟ ନୁହେଁ। ଭାରତୀୟ ଉପମହାଦେଶରେ ଥିବା ଇକ୍ବସ୍ ନାମାଡିକସ୍ ପ୍ରଜାତିର ଏକ ପ୍ରକାର ଆକର୍ଷକ ଘୋଡ଼ା ପାଖାପାଖି ୧୧,୭୦୦ ବର୍ଷ ପୂର୍ବେ (ହୋଲୋସିନ ଯୁଗ)ରେ ବିଲୁପ୍ତ ହୋଇଯାଇଥିଲେ। କିନ୍ତୁ ଏହାକୁ କୌଣସି କଳାକୃତିରେ ଚିତ୍ରଣ କରାଯାଇନାହିଁ। କେବଳ ନର୍ମଦା ଉପତ୍ୟକାରେ ଏହାର ଜୀବାଶ୍ମ ମିଳିଛି।

ଭୋପାଳ ନିକଟବର୍ତ୍ତୀ ବିନ୍ଧ୍ୟ ପର୍ବତମାଳାରେ ଭୀମବେଟ୍‌କା ରହିଛି। ଏହା ଏକ ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ, ଯାହା ମାନବ ଭାବନାର କେତେକ ପୁରାତନ ଅସ୍ତିତ୍ୱକୁ ସୂଚିତକରେ। ଭୀମବେଟ୍‌କା ୭ଟି ପାହାଡ଼ରେ ପରିବ୍ୟାପ୍ତ, ଯେଉଁଠି ୭୦୦ରୁ ଊର୍ଦ୍ଧ୍ୱ ଶିଳ ଆଶ୍ରୟସ୍ଥଳୀ ବା ଗୁମ୍ଫା ରହିଛି। ଏହିସବୁ ଗୁମ୍ଫା କେବଳ ପ୍ରାଗ୍ ଐତିହାସିକ ସମୟର ନୁହେଁ, ବରଂ ଏଠାରେ ପ୍ରାଚୀନ ମାନବଙ୍କ ପଥର ଖୋଦେଇ କଳାକୃତି ଓ ଚିତ୍ରକଳା ଶୋଭାପାଉଛି। ୧୯୫୭ରେ ଭୀମବେଟ୍‌କାର ପ୍ରାଗ୍ ଐତିହାସିକ ମହତ୍ତ୍ୱକୁ ପ୍ରଥମ ଥର ପାଇଁ ପ୍ରତ୍ନତତ୍ତ୍ୱବିତ ଭି.ଏସ୍.ୱାକନ୍‌କର ସାମ୍ନାକୁ ଆଣିଥିଲେ। ସେବେଠାରୁ ମାନବୀୟ କ୍ରମବିକାଶର ଏବଂ ଦକ୍ଷିଣ ଏସିଆରେ ସାଂସ୍କୃତିକ ଇତିହାସର ଏହା ଆମ ବୈଚାରିକ କେନ୍ଦ୍ରବିନ୍ଦୁ ପାଲଟିଯାଇଛି।

ଭୀମବେଟ୍‌କାରେ ଖୋଦେଇ ହୋଇଥିବା କପ୍ ଆକୃତିର ଏବଂ ସିଧା ଟଣାଯାଇଥିବା ଗହୀରିଆ ରେଖାଗୁଡ଼ିକ ବାସ୍ତବରେ ଏହାର ଗୁରୁତ୍ୱ ପ୍ରତିପାଦନକରେ। ଏହିସବୁ କୃତି ପ୍ରାୟ ୭,୦୦,୦୦୦ ବର୍ଷ ତଳର, ସମ୍ଭବତଃ ପୃଥିବୀରେ ହୋମୋ ସାପିଆନ ବା ଆଧୁନିକ ମାନବଙ୍କ ସମୟ ପୂର୍ବର ବୋଲି ବିଶେଷଜ୍ଞ ରବର୍ଟ ବେଡ୍‌ନାରିକ୍ କହିଛନ୍ତି । ପ୍ରସିଦ୍ଧ ଅଡିଟୋରିୟମ ଗୁମ୍ଫାରେ ଶୋଭା ପାଉଥିବା ଚର୍ଚ୍ଚ ଭଳି ଖୋଦେଇ କଳାକୃତି ପୁରାତନ ମାନବଙ୍କ ଦ୍ୱାରା କରାଯାଇଥିଲା ବୋଲି କୁହାଯାଉଛି। ଯଦି ଏହା ସତ, ତେବେ କୁହାଯାଇପାରେ ଯେ ମଧ୍ୟପ୍ରଦେଶର ଡରକି ଛତାନ ସହ ଭୀମବେଟ୍‌କା ହେଉଛି ବିଶ୍ୱର ସର୍ବପୁରାତନ ଶିଳାକୃତି। ଭୀମବେଟ୍‌କାରେ ଥିବା ନର୍ତ୍ତକୀ, ଶିକାର ଓ ଅଶ୍ୱାରୋହୀଙ୍କ କାନ୍ଥଚିତ୍ର ଅତ୍ୟନ୍ତ ଲୋକପ୍ରିୟ। ଏହା ୩୦,୦୦୦ ବର୍ଷ ପୂର୍ବର ବୋଲି ଅନେକେ ଦାବି କରନ୍ତି। କିନ୍ତୁ ଐତିହାସିକମାନେ କହନ୍ତି, ଏହା ସତ୍ୟ ନୁହେଁ, ବରଂ ଏହାକୁ ଅତିରଞ୍ଜିତ କରାଯାଉଛି।



ପଥର ଖୋଦେଇ କଳାକୃତି ଭଳି ଚିତ୍ରକଳାଗୁଡ଼ିକର ସମୟକୁ ନେଇ କୌଣସ ବିଶ୍ୱସନୀୟ ବୈଜ୍ଞାନିକ ପ୍ରମାଣ ନାହିଁ। ପୁରାତନ ସମୟରୁ ଲୋକେ ଯେଉଁସବୁ ଶିଳାଚିତ୍ର ଆଙ୍କିଛନ୍ତି ତାହାର ସମୟ ନିର୍ଦ୍ଧାରଣ କରିବା କଷ୍ଟକର। ହେଲେ ଅଧିକ ସଂଖ୍ୟକ ବିଶେଷଜ୍ଞ ଏକମତ ଯେ, ଅଧିକାଂଶ ପେଣ୍ଟିଂ ପ୍ରାଚୀନ ପ୍ରସ୍ତରଯୁଗ ଏବଂ ହୋଲୋସିନ ବା ଆଧୁନିକ ଭୂବୈଜ୍ଞାନିକ ଯୁଗର(ପାଖାପାଖି ୧୦,୦୦୦ ବର୍ଷ ପୂର୍ବର)। ଏହା ପ୍ରସ୍ତରଯୁଗ ଏବଂ ପରେ ତାମ୍ରଯୁଗର କଳାକୃତି ବୋଲି ସ୍ପଷ୍ଟ ପ୍ରମାଣ ମିଳେ, ଯେଉଁ ସମୟରେ କୃଷି ଓ ପଶୁପାଳନ ଆରମ୍ଭ ହୋଇଥିଲା।

ଭୀମବେଟ୍‌କାରେ ଅଶ୍ୱାରୋହୀ କିମ୍ବା ଗଜାରୋହୀ ଖୋଦେଇ ଦୃଶ୍ୟ ଦେଖିବାକୁ ମିଳେ। ଏଣୁ ଭାରତରେ ଏହିସବୁ ପ୍ରାଣୀ ଥିବା ସମୟ ପୂର୍ବର ଏହି ଦୃଶ୍ୟଗୁଡ଼ିକ କେବେ ବି ହୋଇ ନ ପାରେ। ଡିଏନ୍‌ଏ ସମ୍ପର୍କିତ ଏବକାର ଗବେଷଣାଗୁଡ଼ିକରୁ ଜଣାପଡ଼ିଛି, ପୂର୍ବ ୟୁରୋପ ଓ କେନ୍ଦ୍ର ଏସିଆର ତୃଣଭୂମି ଅଞ୍ଚଳରେ ପାଖାପାଖି ଖ୍ରୀଷ୍ଟପୂର୍ବ ୨୨୦୦ରେ ଘୋଡ଼ା ପାଳନ କରାଯାଉଥିଲା। କେବଳ ଖ୍ରୀଷ୍ଟପୂର୍ବ ୧୦୦୦ ପାଖାପାଖିରେ ମେଗାଲିଥିକ ସମୟ( ଯେଉଁ ସମୟରେ ବିଶାଳ ଶିଳା କଳାକୃତି କରାଯାଉଥିଲା)ରେ ଭାରତରେ ଘୋଡ଼ା ରହୁଥିବା ପ୍ରମାଣ ମିଳେ। ବୈଦିକ ଯୁଗର ଲୋକଙ୍କ ସହ ଘୋଡ଼ା ଭାରତକୁ ଆସିଥିଲେ। ଖ୍ରୀଷ୍ଟପୂର୍ବ ୧୫୦୦ ସମୟର ବେଦ (ଋଗ୍‌ବେଦ)ରେ ଘୋଡ଼ା ସମ୍ପର୍କିତ ବିଶ୍ୱର ସର୍ବପ୍ରଥମ କାବ୍ୟ ବା ସ୍ତୋତ୍ର ରହିଛି। ଖ୍ରୀଷ୍ଟପୂର୍ବ ୧୫୦୦ ପୂର୍ବରୁ କୌଣସି ସଭ୍ୟତାରେ କୌଣସି ଘୋଡ଼ା ନ ଥିଲେ। ଏହି ସମୟରେ ଘୋଡ଼ା ଇଜିପ୍ଟ, ଗ୍ରୀସ୍ ଓ ଚାଇନାରେ ଦେଖାଯାଉଥିଲା। ଭାରତୀୟ ଉପମହାଦେଶରେ ଘୋଡ଼ା ଥିବାର ସର୍ବପୁରାତନ ନିର୍ବିବାଦୀୟ ପ୍ରମାଣ ପ୍ରାଚୀନ ସ୍ୱାତ ସଂସ୍କୃତି (ପାଖାପାଖି ଖ୍ରୀଷ୍ଟପୂର୍ବ ୧୬୦୦)ର, ଯାହା ହରପ୍ପା ସହରଗୁଡ଼ିକର ପତନ ହେବାର ବହୁ ପୂର୍ବରୁ ଥିଲା।

ପ୍ରଥମରେ ଘୋଡ଼ାଗୁଡ଼ିକ ଅତି ଛୋଟ ଥିବାରୁ ସେମାନଙ୍କ ଉପରେ ବସି ଯିବା ସମ୍ଭବ ନ ଥିଲା। ଏଣୁ ରଥରେ ସେମାନଙ୍କୁ ବ୍ୟବହାର କରାଯାଉଥିଲା ଓ ଲୋକେ ଏଭଳି ରଥରେ ବସି ଯାଉଥିଲେ। ପରେ ଘୋଡ଼ାଚଢ଼ା ପରମ୍ପରା ଆସିଲା। ଖ୍ରୀଷ୍ଟପୂର୍ବ ୭୦୦ ପରେ ସାରା ବିଶ୍ୱରେ ଅଶ୍ୱାରୋହୀଙ୍କୁ ଦେଖିବାକୁ ମିଳିଲା। ତା' ପୂର୍ବରୁ ଏମାନଙ୍କୁ କେବେ ବି ଦେଖାଯାଇ ନ ଥିଲା। ଏଣୁ ଭୀମବେଟ୍‌କାରେ ଘୋଡ଼ାର ପେଣ୍ଟିଂ (ରଥାରୋହୀ ଓ ଅଶ୍ୱାରୋହୀ) ୨୫୦୦ ବର୍ଷ ପୂର୍ବର ପୁରୁଣା। ଭାରତୀୟ ମୌସୁମୀ ନିର୍ଭରଶୀଳ ଜଳବାୟୁରେ ଘୋଡ଼ା ବଂଶବୃଦ୍ଧି କଷ୍ଟକର। ମହାରାଷ୍ଟ୍ରରେ (ଭୀମଥାଡ଼ି ଘୋଡ଼ା), ଗୁଜରାଟରେ (କାଠିଆୱାଡ ଘୋଡ଼ା) ଏବଂ ରାଜସ୍ଥାନରେ (ମାରୱାଡ଼ି ଘୋଡ଼ା) ପାଳନ ଓ ବଂଶବୃଦ୍ଧି ଖ୍ରୀଷ୍ଟାବ୍ଦ ୧୨୦୦ ପରେ ଆରମ୍ଭ ହୋଇଥିଲା, ଏହା ପୂର୍ବରୁ ନୁହେଁ। ସେହିଭଳି ସିନ୍ଧୁ ସଭ୍ୟତାରେ ପାଖାପାଖି ଖ୍ରୀଷ୍ଟପୂର୍ବ ୨୫୦୦ ସମୟର ସିଲ୍ ବା ମୋହରଗୁଡ଼ିକରେ ହାତୀ ଚିତ୍ର ଦେଖିବାକୁ ମିଳେ। ସେତେବେଳେ ହାତୀଗୁଡ଼ିକୁ ଜଙ୍ଗଲରୁ ଧରାଯାଉଥିଲା, କିନ୍ତୁ ପାଳନ କିମ୍ବା କୌଣସି ବଂଶବୃଦ୍ଧି କରାଯିବାର କୌଣସି ବ୍ୟବସ୍ଥା ନ ଥିଲା। ତେବେ ଘରେ ହାତୀପାଳନର ସର୍ବପୁରାତନ ଉଦାହରଣ ଖ୍ରୀଷ୍ଟପୂର୍ବ ୮୦୦ ସମୟର ବୈଦିକ କର୍ମକାଣ୍ଡ ନିୟମାବଳୀରୁ ଦେଖିବାକୁ ମିଳେ।

ଭୀମବେଟ୍‌କାର ଶିଳାଗୁମ୍ଫାଗୁଡ଼ିକ ମଣିଷ ରହିବା ଲାଗି ସମ୍ପୂର୍ଣ୍ଣ ଉପଯୋଗୀ ଥିଲା। ପର୍ଯ୍ୟାପ୍ତ ଝରଣା ପାଣି, ମୃଗ ଓ ବାରହାଙ୍କ ବିଚରଣ ସହ ପ୍ରାକୃତିକ ସୁରକ୍ଷା ବ୍ୟବସ୍ଥା ଭୀମବେଟ୍‌କାକୁ ଅନେକ ହଜାର ବର୍ଷ ଧରି ଏକ ଭରସାଯୋଗ୍ୟ ତଥା ସମୃଦ୍ଧ ଆଶ୍ରୟସ୍ଥଳୀ କରିପାରିଥିଲା। ସେଠାକାର ଖନନରୁ ପୁରାତନ ପ୍ରସ୍ତରଯୁଗର କୁରାଢ଼ି, କଟୁରି ଏବଂ ହାତୁଡ଼ି ମିଳିଛି ଏବଂ ଏହା ପ୍ରମାଣ କରୁଛି, ମଧ୍ୟପ୍ରସ୍ତରଯୁଗ ଦେଇ ସେଠାରେ ପ୍ରାରମ୍ଭିକ ଆଧୁନିକ ଯୁଗ ଯାଏ ଲଗାତର ଭାବେ ଲୋକେ ରହିଆସିଛନ୍ତି। ଏପରିକି ୭୪,୦୦୦ ବର୍ଷ ପୂର୍ବେ ତୋବା ଉଦ୍‌ଗୀରଣ ଯୋଗୁ ମାନବଜାତିର ମହାପ୍ରଳୟ ଘଟିଥିଲା ବୋଲି ବିଚାର କରାଯାଉଥିଲା। ହେଲେ ତାହା ଭୀମବେଟ୍‌କାରେ ଜୀବନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିପାରି ନ ଥିଲା। ଫଳରେ ପ୍ରସ୍ତର ନିର୍ମିତ ଯନ୍ତ୍ରପାତିର ପରମ୍ପରା ଲଗାତର ଭାବେ ସମୟ ସହ ତାଳଦେଇ ଆଗକୁ ବଢ଼ିଥିଲା।

ଭୀମବେଟ୍‌କା ହେଉଛି ସେହି ସ୍ଥଳ ଯେଉଁଠି ହନୁମାନଙ୍କୁ ମହାଭାରତର ଭୀମ ଭେଟ କରିଥିଲେ। କିନ୍ତୁ ପ୍ରାଗ୍ ଐତିହାସିକ ମାନବଙ୍କ ସହ ଏହାର ଗଭୀର ସମ୍ପର୍କ ଅଛି। ଏଠାରେ ସମ୍ଭବତଃ ୫ ଲକ୍ଷ ବର୍ଷ ପୂର୍ବର ପୁରାତନ ମାନବଙ୍କ ପଥର ଖୋଦେଇ ଚିତ୍ରଠାରୁ ଆରମ୍ଭକରି ମଧ୍ୟ-ପ୍ରସ୍ତର ଯୁଗର ଶିକାର ତଥା ଘୋଡ଼ା ଓ ହାତୀକୁ ନେଇ କରାଯାଇଥିବା ଐତିହାସିକ ଯୁଦ୍ଧର ଦୃଶ୍ୟ ରହିଛି। ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ, କଳା ହଠାତ୍ ଆଧୁନିକ ମଣିଷ ପଖରେ ପହଞ୍ଚି ନାହିଁ, ବରଂ କ୍ରମବିକାଶ ଧାରାରେ ଏହାକୁ ଅନେକ ହଜାର ବର୍ଷ ଲାଗିଯାଇଛି, ଯାହା ଅର୍ଥନୀତି, ଟେକ୍‌ନୋଲୋଜି ଏବଂ ରୀତିନୀତିର ପରିବର୍ତ୍ତନକୁ ପ୍ରକାଶ କରୁଛି।

-devduttofficial@gmail.com

## ବଜାର ଦର



ସତ୍ୟନାରାୟଣ ଦେହୁରୀ

ଆଜିକାଲି ବଜାର ଦରରେ ସମାନତା ଦେଖାଯାଉ ନାହିଁ ବିଭିନ୍ନ ଦୋକାନରେ ଦର ଅସମାନ ରହିବା ଗ୍ରାହକମାନଙ୍କ ପାଇଁ ସମସ୍ୟା। ସବୁ ଜିନିଷର ଦର ଜିନିଷ ଉପରେ ଲେଖା ଯାଇ ନ ଥାଏ। କେବଳ କିଛି ପାକେଟ ଜିନିଷ ଉପରେ ଦର ଲେଖା ଯାଇଥାଏ। ପନିପରିବାର ଦର ମନଇଚ୍ଛା କସାଯାଇଥାଏ। ସମାନ ପରିବା, ବଜାରର ଏମୁଣ୍ଡରେ ଗୋଟିଏ ଦର ଥିବା ବେଳେ ବଜାରର ସେମୁଣ୍ଡରେ ଆଉ ଗୋଟିଏ ଦର ଥାଏ। ଯଦି ଜଣେ ବ୍ୟକ୍ତି ବଜାର ଭିତରକୁ ନ ଯାଇ ଏମୁଣ୍ଡରୁ ପରିବା କିଣି ଚାଲିଆସିବେ ସେ ନିଶ୍ଚିତ ଭାବରେ କିଛି କ୍ଷତି ସହିବେ। ଆଜିକାଲି ଅନେକ ଜିନିଷର ପ୍ୟାକେଟ ମିଳୁଛି। ଡେଙ୍ଗରାଟ ଦୋକାନରେ କେତେକ ଜିନିଷ ଖୋଲାରେ ମଧ୍ୟ ମିଳିଥାଏ। ପ୍ୟାକେଟ ଜିନିଷଗୁଡ଼ିକର ଦର ଯେତିକି ଲେଖା ଯାଇଥାଏ କେତେକ ଦୋକାନୀ ସେତିକିରେ ବିକ୍ରି କଲାବେଳେ ଆଉ କିଛି ଦୋକାନୀ ଲେଖାଯାଇଥିବା ଦରରୁ କିଛି କମ୍ କରି ବିକ୍ରି କରନ୍ତି। ତେବେ ଲେଖାଯାଇଥିବା ଦରଠାରୁ କମ୍‌ରେ ବିକ୍ରିକଲେ ମଧ୍ୟ ତାଙ୍କର କିଛି ଲାଭ ଅଛି। ଯେଉଁମାନେ ପୁରା ଦାମ୍ ନେଉଛନ୍ତି ସେମାନେ ନିଶ୍ଚିତ ଭାବରେ ବହୁତ ଲାଭ ପାଉଛନ୍ତି। ଠିକ୍ ସେହିପରି ଖୋଲାରେ ମିଳୁଥିବା ଜିନିଷ ମଧ୍ୟ ଗୋଟିଏ ଦୋକାନରେ ଗୋଟିଏ ଦର ଥାଏ। ବଜାରରେ ଯେଉଁ ଦୋକାନ ଠିକ୍ ଦରରେ ଜିନିଷ ଯୋଗାଏ ସେହି ଦୋକାନରେ ଅଧିକ ଭିଡ଼ ଦେଖାଯାଏ। ଯଦି ଏହି ଦରକୁ ନେଇ ଦୋକାନୀଙ୍କୁ କିଛି ପଚରାଯାଏ, ତେବେ ସେ ଉତ୍ତର ଦିଅନ୍ତି, ଆମ ଜିନିଷ ଭଲ କମ୍ପାନୀର।

ଔଷଧ ଦୋକାନୀମାନେ ଔଷଧର ଧାର୍ଯ୍ୟମୂଲ୍ୟ ଉପରେ ୧୦ ଶତକଡା କିମ୍ବା ୧୫ ଶତକଡା ପର୍ଯ୍ୟନ୍ତ ରିହାତି ଦିଅନ୍ତି। କେଉଁ କିଛି ଔଷଧ ଦୋକାନୀ ପୁରା ଧାର୍ଯ୍ୟ ମୂଲ ନିଅନ୍ତି। ଥରେ ମୁଁ ଗୋଟିଏ ଔଷଧ ଆଣିବାକୁ ଗଲି। ସେ ଔଷଧର ଲିଖିତ ମୂଲ୍ୟ ଥିଲା ୧୦୦ ଟଙ୍କା। ମୁଁ ଯେତେବେଳେ ଦୋକାନୀଙ୍କୁ କେତେ ଟଙ୍କା ବୋଲି ପଚାରିଲି, ସେ ମୋତେ କହିଲେ ୧୦୦ ଟଙ୍କା। ମୁଁ ଆଶ୍ଚର୍ଯ୍ୟ ହେଲି। କାରଣ ୧୦ ଦିନ ଆଗରୁ ସେହି ସମାନ ଔଷଧକୁ ଆଉ ଗୋଟିଏ ଦୋକାନରୁ ମୁଁ ୯୦ ଟଙ୍କା ଦେଇ ଆଣିଥିଲି। ମୁଁ ସେହି ଦୋକାନୀଙ୍କୁ କହିଲି, ଭାଇ ୧୦ ଦିନ ଆଗରୁ ଏହି ଔଷଧ ମୁଁ ୯୦ ଟଙ୍କାରେ ନେଇଥିଲି। ଆପଣ କ'ଣ ୧୦୦ ଟଙ୍କା କହୁଛନ୍ତି। ସେ ଦୋକାନୀ ମୋତେ କହିଲେ ଆପଣ ଯେଉଁଠାରୁ ୯୦ ଟଙ୍କାରେ ନେଇଥିଲେ, ସେଠାରୁ ନିଅନ୍ତୁ। ମୁଁ ଭାବିଲି ବୋଧହୁଏ ଏହି ଦୋକାନୀ କିଛିବି ରିହାତି ଦିଅନ୍ତି ନାହିଁ। ବାଧ୍ୟ ହୋଇ ୧୦୦ ଟଙ୍କା ଦେଇ ସେହି ଔଷଧ ଆଣିଲି। କାରଣ ଆଉଗୋଟିଏ ଦୋକାନକୁ ଯିବା ପାଇଁ ସମୟ ନ ଥାଏ। ଯେଉଁ ଔଷଧ ଦୋକାନୀମାନେ ରିହାତି ଦେଉ ନାହାନ୍ତି ସେମାନେ ଅଧିକ ଲାଭ ପାଉଛନ୍ତି। ବଡ଼ ବଡ଼ ସହରରେ ଔଷଧ ଦୋକାନୀମାନେ ଗ୍ରାହକମାନଙ୍କୁ ଆକୃଷ୍ଟ କରିବା ପାଇଁ କିଏ କେତେ ରିହାତି ଦେଉଛନ୍ତି ତା'ର ବୋର୍ଡ ଲଗାଉଛନ୍ତି। କିଏ ଲେଖିଥିବେ ୧୫ ଶତକଡ଼ା ତ କିଏ ଲେଖିଥିବେ ୨୦ ଶତକଡ଼ା। ପୁଣି ଯଦି କିଏ ଅଧିକ ମୂଲ୍ୟର ଔଷଧ ନେଲେ ରିହାତିର ପରିମାଣ ବଢ଼ିଥାଏ।

ମାଛ ମାଂସ ବଜାରରେ ମଧ୍ୟ ଅନୁରୂପ ଦୃଶ୍ୟ ଦେଖିବାକୁ ମିଳେ। ମାଛ ବଜାରରେ ସମାନ ମାଛକୁ ବିଭିନ୍ନ ଦରରେ ବିକ୍ରି କରାଯାଉଥାଏ। ବେଳେ ବେଳେ ଶଢ଼ା ମାଛ ମଧ୍ୟ କିଣିବାକୁ ପଡ଼େ। ଆମ ରାଜ୍ୟରେ ମାଛ ଉତ୍ପାଦନ ଆଶାନୁରୂପ ହେଉ ନ ଥିବାରୁ ଆନ୍ଧ୍ରପ୍ରଦେଶରୁ ବହୁତ ମାଛ ବଜାରକୁ ଆସିଥାଏ। ମାଛକୁ ଆମେ ବଜାରରୁ କିଣିଥାଉ। ସେହିପରି ଚିକେନ,ମଟନ୍ ମଧ୍ୟ ବିଭିନ୍ନ ଦରରେ ରହିଛି। କେତେବେଳେ କେଉଁ ଦର ଥାଏ ତା'ର ଠିକଣା ନାହିଁ। ଯଦି ଦେଖିବା ପ୍ରାୟ ପ୍ରତ୍ୟେକ ଜିନିଷର ଦରରେ ସମାନ ରହୁ ନାହିଁ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସବୁ ଦୋକାନୀ ନିଜ ନିଜ ଦୋକାନ ଆଗରେ ଦର ତାଲିକା ଲଗାଇବା କଥା କିନ୍ତୁ ତାହା କେହି ପାଳନ କରୁନାହାନ୍ତି। ନିଜର ସୁବିଧା ଅନୁସାରେ ନିଜକୁ ସୁହାଇଲା ଭଳି ଦରରେ ଜିନିଷ ବିକ୍ରି କରୁଛନ୍ତି। ଏଭଳି ଅସମାନ ଦରପ୍ରତି ଜନସାଧାରଣ ସତର୍କ ରହିବା ଆବଶ୍ୟକ।

ରାଧାନଗର, ବୌଦ୍ଧ
ମୋ: ୯୯୩୮୭୫୮୩୫୩

## ଏଇ ଭାରତରେ

ଜଣେ ଅନ୍ୱେଷୀ ମଣିଷ ମନରେ କୌଣସି ସ୍ଥିତି କିଛି ପରିବର୍ତ୍ତନର ବାଟ ଦେଖାଇଦିଏ। ଏମିତିକା ଜଣେ ମଣିଷ ହେଉଛନ୍ତି ତାମିଲନାଡୁ ତ୍ରିଚିର ପରିବେଶବିତ୍ ସୁସ୍ମିତା କ୍ରିଷ୍ଣନ୍। ସେ ତ୍ରିଚିର ହ୍ରଦକୁ ପ୍ରଦୂଷିତ କରୁଥିବା ଏକଜାତୀୟ ଘାସକୁ ନେଇ ତାହା ଦୂର କରିବା ଉପଯୁକ୍ତ ସମାଧାନ ପାଇଁ ଅଭିନବ ଉପାୟ ଆପଣାଇ ସଫଳ ହୋଇଛନ୍ତି। ପାଣିରେ ଶୀଘ୍ର ବଢୁଥିବା ଆୟସିଙ୍କ ଦଳ (ସ୍ଥାନୀୟ ଅଞ୍ଚଳରେ କୁହାଯାଏ ନାଗଦଳ)କୁ ସଂଗ୍ରହ କରି ସେଥିରୁ ସେ କାଗଜ ତିଆରି କରିପାରୁଛନ୍ତି। ସେ ତିଆରି କରିଥିବା କାଗଜ ସମ୍ପୂର୍ଣ୍ଣ ବିଘଟନଯୋଗ୍ୟ। ସେ ୧୫୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଏହି କାମରେ ନିଯୁକ୍ତ କରିଛନ୍ତି। ସୁସ୍ମିତାଙ୍କ ଏବେ ବୟସ ୨୫। ସେ ତ୍ରିଚିରସ୍ଥିତ ଭାରତୀଦର୍ଶନ ବିଶ୍ୱବିଦ୍ୟାଳୟରୁ ଲାଇଫ୍ ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୨୦୧୯ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ବେଙ୍ଗାଲୁରୁରେ ଇଣ୍ଟର୍ନସିପ କରୁଥିବା ସମୟରେ ଆୟସିଙ୍କ ଦଳରୁ କାଗଜ ତିଆରି କରିବା ଯୋଜନା ଆରମ୍ଭ କରି ୨୦୨୩ରେ ତାଙ୍କ ରିସର୍ଚ୍ଚ ଟିମ୍ ସହାୟତାରେ ସଫଳ ହୋଇଥିଲେ। ଏବେ ୧ କେଜି ଦଳରୁ ୩୦ ଫର୍ଦ୍ଦ କାଗଜ ତିଆରି ହୋଇପାରୁଛି। ଦଳକୁ ସଂଗ୍ରହ କରାଯାଇ ସେଥିରୁ ବହଳିଆ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କାଗଜ ତିଆରି ହେଉଛି।

# ବାଣିଜ୍ୟ ଯୁଦ୍ଧର ପ୍ରଭାବ



ପ୍ରମୋଦ କୁମାର ମିଶ୍ର

ସମାଜବାଦୀ ସୋଭିଏତ୍ ସଂଘର ପତନ ପରେ ସାମ୍ରାଜ୍ୟବାଦୀ ଆମେରିକା ତା' ଆଧିପତ୍ୟ ବିସ୍ତାର କରିବା ପାଇଁ ତୃତୀୟ ବିଶ୍ୱର ଅଂଶୀଦାର ରାଷ୍ଟ୍ର ଉପରେ ଆକ୍ରମଣ କରିଚାଲିଛି। ଏହି ଆକ୍ରମଣ କେବଳ ସାମରିକ କ୍ଷେତ୍ରରେ ସୀମିତ ନୁହେଁ, ବାଣିଜ୍ୟ ଯୁଦ୍ଧ ଏହାର ଅନ୍ୟ ଏକ ରୂପରେଖା। ସମୟ ବିଶେଷରେ ଏହା ସାମରିକ ଯୁଦ୍ଧଠାରୁ ଅଧିକ ଭୟାନକ ହୋଇପାରେ। ଭାରତ ଉପରେ ଆମେରିକା ମଧ୍ୟ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିଛି। ଭାରତ ରୁଷିଆଠାରୁ ଅଶୋଧିତ ତୈଳ କିଣିବା ଫଳରେ ସେହି ଅର୍ଥ ୟୁକ୍ରେନ୍ ଯୁଦ୍ଧରେ ଖର୍ଚ୍ଚ ହେଉଛି ମନେକରେ ଆମେରିକା ଭାରତ ଉପରେ ଟାରିଫ୍ ଲାଗୁ ହୋଇଛି।

ଉଲ୍ଲେଖ କରାଯାଇପାରେ ଯେ, ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ଦୁର୍ବଳ ହେବା ଫଳରେ ଆମେରିକାର ଏଭଳି ଆଧିପତ୍ୟ ବୃଦ୍ଧି ପାଇଛି। ଆମ ଦେଶର ପୂର୍ବ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ 'ନାମ୍' ବା ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନର ନେତୃତ୍ୱ ନେଉଥିବା ସମୟରେ ଆମେରିକାର ଆଧିପତ୍ୟ ସମ୍ମୁଖରେ ମୁଣ୍ଡ ନୁଆଁଇ ନ ଥିଲେ, ବରଂ ବାଂଲାଦେଶ ଯୁଦ୍ଧ ସମୟରେ ଆମେରିକାର ଆଧିପତ୍ୟକୁ କ୍ଷୁଣ୍ଣ କରିବାରେ ଭୂମିକା ଗ୍ରହଣ କରିଥିଲେ। ଅବଶ୍ୟ ସେ ସମୟରେ ଭାରତ ସହିତ ସୋଭିଏତ୍ ୟୁନିୟନର ପ୍ରତ୍ୟେକ କ୍ଷେତ୍ରରେ ପ୍ରତ୍ୟକ୍ଷ ସହଯୋଗ ରହିଥିଲା।

ବର୍ତ୍ତମାନ ଆଉ ସେ ସୋଭିଏତ୍ ସଂଘ ନାହିଁ। ଦେଶର ନେତୃତ୍ୱ ପରିବର୍ତ୍ତନ ପରେ ଆମେରିକା ସହିତ ବିଭିନ୍ନ କ୍ଷେତ୍ରରେ ସମ୍ପର୍କରେ ଉନ୍ନତି ପରିଲକ୍ଷିତ ହୋଇଛି। ଏବେ ଅନେକ କ୍ଷେତ୍ରରେ ଭାରତ ସେ ଦେଶ ଉପରେ ନିର୍ଭରଶୀଳ। ଦୀର୍ଘ ୨୫ ବର୍ଷ ଧରି ଆମେରିକା ସହିତ ଆମର ଉତ୍ତମ ବାଣିଜ୍ୟିକ ସମ୍ପର୍କ ରହିଥିବା ସତ୍ତ୍ୱେ ଟ୍ରମ୍ପ ପ୍ରଶାସନ ଆମେରିକାକୁ ରପ୍ତାନି ହେଉଥିବା ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ବୃଦ୍ଧି କରିବା କେବଳ ଅର୍ଥନୈତିକ ନୁହେଁ, ଏହା ସବୁ ସମୟରେ ରାଜନୈତିକ ଅଭିସନ୍ଧିମୂଳକ। ଏହି ଟାରିଫ ବୃଦ୍ଧି ଯୋଗୁଁ ଭାରତର ଯୁକ୍ତରାଷ୍ଟ୍ରକୁ ରପ୍ତାନି ୩୭.୫% ହ୍ରାସ ପାଇଛି ଏବଂ ଭାରତର ବାଣିଜ୍ୟିକ ନିଅଣ୍ଟ ୩୨.୧୫ ବିଲିୟନ ଡଲାରରେ ପହଞ୍ଚିଛି। ବିଶେଷକରି ଟେକ୍ସଟାଇଲ, ଚିଙ୍ଗୁଡ଼ି, ମୁକ୍ତା ଓ ଅଳଙ୍କାର ରପ୍ତାନି ବହୁତ ହ୍ରାସ ପାଉଛି। ସେହିପରି ଟାରିଫ୍ ବୃଦ୍ଧି ପ୍ରଭାବରେ ସେଠାରେ ଭାରତୀୟ ଜିନିଷ ପ୍ରାୟ ୩୫% ମହଙ୍ଗା ହୋଇ ଯାଇଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ବାଣିଜ୍ୟ ସଚିବ ରାଜେଶ ଅଗ୍ରୱାଲ କହିଛନ୍ତି, ବିଶ୍ୱ ବଜାରରେ ଜଟିଳ ସ୍ଥିତି ସତ୍ତ୍ୱେ ଭାରତର ରପ୍ତାନିରେ ଗତିଶୀଳତା ବଜାୟ ରହିଛି। ଗତ ଏପ୍ରିଲ ମାସରୁ ସେପ୍ଟେମ୍ବର ମାସ ମଧ୍ୟରେ ପ୍ରାୟ ୨୨୦.୧୨ ବିଲିୟନ ଡଲାରର ସାମଗ୍ରୀ ବିଦେଶକୁ ରପ୍ତାନି ହୋଇଛି, ଯାହାକି ସେହି ସମୟ ମଧ୍ୟରେ ଗତବର୍ଷ ଅପେକ୍ଷା (୨୧୩.୬୮ ବିଲିୟନ ଡଲାର) ୩.୦୨% ଅଧିକ। ସେହିପରି ଆମଦାନୀ ୩୭୫.୧୧ ବିଲିୟନ ଡଲାର (ପୂର୍ବ ବର୍ଷ +୩୫୮.୮୫ ବିଲିୟନ ଡଲାର)ରେ ପହଞ୍ଚିଛି। ଉଭୟ ଦେଶ ପରସ୍ପର ପ୍ରତି ବିଭିନ୍ନ ସମୟରେ ଲାଗୁ ହେଉଥିବା ଶୁଳ୍କ, ବଜାର ଅଭିଗମ (Market access)ଓ ନିୟାମକ ଅବରୋଧ (Regulatory barriers) ଭଳି ବିଷୟରେ ସମାଧାନ ଆଣିବା ପାଇଁ ଆଲୋଚନା କରୁଛନ୍ତି।

ଆମେରିକା କୃଷି ଓ ଦୁଗ୍ଧ ଜାତୀୟ ଦ୍ରବ୍ୟ ଉପରେ ରପ୍ତାନି ଶୁଳ୍କ କମ କରିବା ପାଇଁ ଲଗାଯାଇଥିବା ବେପାର ପ୍ରତିବନ୍ଧ ଉଠାଇ ଦେବାକୁ ଦାବି କରିଛି। ଭାରତର କ୍ଷୁଦ୍ର ଓ ମଧ୍ୟମ ଧରଣର ଗ୍ରାମୀଣ ଚାଷୀଙ୍କ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ ମନେକରି ଭାରତ ଏ ପର୍ଯ୍ୟନ୍ତ ଏହି ବ୍ୟାପାରରେ ସମ୍ମତ ହୋଇ ନାହିଁ। ଅନ୍ୟପକ୍ଷରେ ଆମେରିକାର ଯେଉଁ ଶିଳ୍ପଗୁଡ଼ିକ ଭାରତୀୟ କଞ୍ଚାମାଲ ଉପରେ ନିର୍ଭରଶୀଳ ସେଗୁଡ଼ିକ ପ୍ରଭାବିତ ହୋଇଛି। ସେଥିଯୋଗୁଁ ଭାରତ-ଆମେରିକା ମଧ୍ୟରେ ଆରମ୍ଭ ହୋଇଥିବା ବ୍ୟାପାରିକ ଯୁଦ୍ଧ ଉଭୟ ଦେଶ ପାଇଁ ବିଭିନ୍ନ ସମସ୍ୟାର କାରଣ ହୋଇଛି। ବର୍ତ୍ତମାନ ବାଣିଜ୍ୟିକ ନିଅଣ୍ଟ ବ୍ୟବଧାନ ବୃଦ୍ଧି ପାଉଥିବାରୁ ଭାରତୀୟ ମୁଦ୍ରାର ବିନିମୟ ମୂଲ୍ୟ ୮୮ ଟଙ୍କାର ନିକଟରେ ହୋଇଛି।

ଏକ ସୁରକ୍ଷାମୂଳକ ବ୍ୟାପାର ଅନୁସରଣ କରିବାକୁ ଯାଇ ଯଦିଓ ଆମେରିକା ଓ ଭାରତ ସମେତ ବିଭିନ୍ନ ଦେଶ ଉପରେ ଆମଦାନୀ ଶୁଳ୍କ ଲାଗୁ କରିଛି, ତଥାପି ଉଭୟ ଦେଶର ସମ୍ପର୍କକୁ ନେଇ ଏହାର ନକାରାତ୍ମକ ପ୍ରଭାବ ସୁଦୂରପ୍ରସାରୀ। ଉଲ୍ଲେଖ କରାଯାଇପାରେ ଯେ, ଯୁକ୍ତରାଷ୍ଟ୍ର, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ ମଧ୍ୟରେ 'କ୍ୱାଡ୍' ନାମକ ଏକ ଚତୁଷ୍ପକ୍ଷୀୟ ରାଷ୍ଟ୍ରର ସୁରକ୍ଷା କବଚ ଗଠିତ। ଏହା ଏକ ସ୍ଥିର ଓ ସୁରକ୍ଷିତ ଅଞ୍ଚଳ ଗଠନ କରିବାରେ ଲକ୍ଷ୍ୟ ରଖେ। ଆମେରିକା ଇଣ୍ଡୋପାସିଫିକ ଅଞ୍ଚଳରେ ଭାରତର ଭୂମିକାକୁ ସମର୍ଥନ କରେ। ଏହି ଅଞ୍ଚଳ ହେଉଛି ଭାରତ ମହାସାଗର ଓ ପ୍ରଶାନ୍ତ ମହାସାଗରରେ ମିଶିଥିବା ଏକ ବିଶାଳ ଭୂରାଜନୀତିକ ଆର୍ଥିକ କ୍ଷେତ୍ର। ଏହା ଆନ୍ତର୍ଜାତିକ ବାଣିଜ୍ୟ ଓ ନୌ ସମ୍ପର୍କର ମୁଖ୍ୟ ପଥ ହୋଇଥିବାରୁ ସେଠାରେ ଚାଇନାର ପ୍ରଭାବକୁ ସନ୍ତୁଳିତ କରିବା ଉଦ୍ଦେଶ୍ୟ ନିହିତ ରହିଛି। ଏସବୁ ସତ୍ତ୍ୱେ ଆମେରିକା ଯଦି ଭାରତ ସହିତ ତା'ର ବ୍ୟବସାୟିକ ଯୁଦ୍ଧ ଜାରି ରଖେ, ତେବେ ଆମକୁ ପ୍ରତ୍ୟେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଆମଦାନୀ ହ୍ରାସ କରି ଦେଶୀୟ ଉତ୍ପାଦନ ଓ ରପ୍ତାନିକୁ ଗୁରୁତ୍ୱ ଦେବାକୁ ହେବ।

ଆମେରିକା ଭାରତର ବନ୍ଧୁ ରାଷ୍ଟ୍ର ନୁହେଁ, ଏହା ପ୍ରମାଣିତ ହୋଇ ସାରିଛି । ଆମେରିକା ଓ ରୁଷିଆ ମଧ୍ୟରେ ସମ ଦୂରତା ରଖି ସମ୍ପର୍କ ବଜାୟ ରଖିବା ଭାରତ ପାଇଁ ଆଉ ସମ୍ଭବପର ହୋଇ ରହିପାରି ନାହିଁ। ତେଣୁ ଭାରତ ନିଜର ବ୍ୟାପାର ବୃଦ୍ଧି କରିବା ପାଇଁ ବର୍ତ୍ତମାନ ଦକ୍ଷିଣ ଆଫ୍ରିକା ସମେତ ଅନ୍ୟ କେତେକ ଆଫ୍ରିକୀୟ ଦେଶ ସହିତ ମୁକ୍ତ ବାଣିଜ୍ୟନାମା ସ୍ୱାକ୍ଷରିତ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏତଦ୍‌ବ୍ୟତୀତ ଲାଟିନ୍ ଆମେରିକା ଓ ପୂର୍ବ ଦକ୍ଷିଣ ଏସିଆ ଭଳି ଅଞ୍ଚଳରେ ସୁଯୋଗ ଖୋଜିବା ସଙ୍ଗେ ସଙ୍ଗେ ଜର୍ମାନୀ, ବ୍ରିଟେନ୍, ସିଙ୍ଗାପୁର ଓ ମାଲେସିଆ ସହିତ ବ୍ୟାପାର ପାଇଁ ପ୍ରସ୍ତାବ ଦେଇଛି । 'ଇଉରୋପ ସମୁଦାୟ' ଓ 'ନାଟୋ' ସଂଗଠନ ସହିତ ବେପାର ସହଯୋଗ ବୃଦ୍ଧି କରାଯାଇଛି। ବ୍ରିକ୍ସ ସଂଗଠନ ପକ୍ଷରୁ ରୁଷିଆ ଓ ଚାଇନା ମଧ୍ୟ ସହଯୋଗର ହାତ ବଢ଼ାଇଛନ୍ତି। ଏତଦ୍‌ବ୍ୟତୀତ ଭାରତ ଇଣ୍ଡୋପାସିଫିକ ଅଞ୍ଚଳରେ ଥିବା ଦେଶଗୁଡ଼ିକ ମଧ୍ୟରେ କୌଶଳଗତ ଓ ଅର୍ଥନୈତିକ ସଂପର୍କ ଅଧିକ ବୃଦ୍ଧି କରିବାରେ ଲାଗିଛି। ଭାରତ ଓ ଆମେରିକା ମଧ୍ୟରେ ବ୍ୟାପାରିକ ସମସ୍ୟା କଥାବାର୍ତ୍ତା ମାଧ୍ୟମରେ ସମାଧାନ ହେଲେ ଆମେରିକା କୋହଳ ମନୋବୃତ୍ତି ପୋଷଣ କରିପାରେ।



କହିବାବାହୁଲ୍ୟ ଯେ, ବର୍ତ୍ତମାନ ବିଶ୍ୱର ଭୂ-ରାଜନୈତିକ ସନ୍ତୁଳନ ଓ ଗତିବିଧିର ପରିବର୍ତ୍ତନ ରାଷ୍ଟ୍ର, ସମାଜ ଓ ବ୍ୟକ୍ତିସତ୍ତାକୁ ବିପଦମୁହଁକୁ ଠେଲି ଦେଇଛି। ତେଣୁ ଭାରତ ପରି ଏକ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦେଶର ପ୍ରତ୍ୟେକ ନାଗରିକ ଦେଶ ଗଠନରେ ସହାୟକ ହେଲେ ପ୍ରତ୍ୟେକ କ୍ଷେତ୍ରରେ ଆମେ ଯେ ସ୍ୱାବଲମ୍ବୀ ହୋଇପାରିବା ଏଥିରେ ଦ୍ୱିମତ ନାହିଁ।

ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର ଲେନ୍, ସମ୍ବଲପୁର
ମୋ: ୯୪୩୭୫୪୨୦୫୬

## ୫୦ ବର୍ଷ ତଳର ଧରିତ୍ରୀ

୧୩ ନଭେମ୍ବର ୧୯୭୬

- ନରେନ୍ଦ୍ର ସିଂହ ଲିବ୍ୟା ଆରବ ସାଧାରଣତନ୍ତ୍ରରେ ଭାରତର ରାଷ୍ଟ୍ରଦୂତ ରୂପେ ନିଯୁକ୍ତି ପାଇଛନ୍ତି।
- ଭାରତ ପକ୍ଷରୁ କିଣାଯାଇଥିବା ଏକ ବୃହଦକାୟ ଏୟାରବସ୍ ଟୁଲୋସ୍ 'ଫ୍ରାନ୍ସ'ରୁ ଆସି ସାନ୍ତାକ୍ରୁଜ ବିମାନବନ୍ଦରରେ ପହଞ୍ଚିଛି।
- ଆମେରିକାର ନବନିର୍ବାଚିତ ରାଷ୍ଟ୍ରପତି ଜିମି କାର୍ଟର ଆଣ୍ଡ୍ରୋନିଲେଙ୍କୁ ବହିର୍ବ୍ୟାପାର ମନ୍ତ୍ରୀ ରୂପେ ମନୋନୀତ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 2 | | | 7 | |
| | | | 6 | | | | | 3 |
| | 3 | | 1 | 4 | | | 6 | |
| | 8 | | | | | 7 | | 5 |
| | | | | 9 | | | 8 | 6 |
| | | 1 | | | 3 | 4 | | |
| | | | | 7 | | 5 | | |
| 9 | | 5 | | | | | | |
| | 6 | 4 | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 8 | 5 | 7 | 2 | 6 | 3 | 4 | 1 |
| 1 | 7 | 2 | 9 | 4 | 3 | 5 | 6 | 8 |
| 4 | 6 | 3 | 5 | 1 | 8 | 2 | 7 | 9 |
| 6 | 9 | 4 | 1 | 8 | 2 | 7 | 3 | 5 |
| 5 | 1 | 8 | 6 | 3 | 7 | 4 | 9 | 2 |
| 3 | 2 | 7 | 4 | 5 | 9 | 1 | 8 | 6 |
| 7 | 4 | 6 | 2 | 9 | 5 | 8 | 1 | 3 |
| 8 | 5 | 9 | 3 | 7 | 1 | 6 | 2 | 4 |
| 2 | 3 | 1 | 8 | 6 | 4 | 9 | 5 | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟାଳୟ ଏବେ ଭୋଜନାଳୟ

ମହାଶୟ,

ଦେଶ ସ୍ୱାଧୀନ ହେବାର ୭୮ ବର୍ଷ ହେଲାଣି। ସ୍ୱାଧୀନ ସରକାର ବିଭିନ୍ନ କ୍ଷେତ୍ରରେ ଉନ୍ନତି ପାଇଁ ସଂସ୍କାର କମିଟି ଗଠନକରି ଅନୁଧ୍ୟାନ କରୁଛନ୍ତି। ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍ତମ ନାଗରିକ ଏକାନ୍ତ ଆବଶ୍ୟକ। ଉତ୍ତମ ନାଗରିକ ତିଆରି ପାଇଁ ଭଲ ଯୁଗୋପଯୋଗୀ ଶିକ୍ଷାନୀତି ଦରକାର। ସେଥିପାଇଁ କୋଠାରି କମିଶନରୁ ଆଜି ପର୍ଯ୍ୟନ୍ତ ଅନେକ ସଂସ୍କାର କମିଟି ଗଠନ ହେଲାଣି। ଏବେ ଭାଷାଭିତ୍ତି ବିଷୟ ଆଲୋଚନା କରିବା। ଶିକ୍ଷାକୁ ସହଜ, ସରଳ ଏବଂ ସାର୍ବଜନୀନ କରିବାକୁ ଶିକ୍ଷା କ୍ଷେତ୍ରରେ ପରୀକ୍ଷାକୁ କୋହଳ କଲେ, ତା'ପରେ ଉଠାଇଦେଲେ ଏବଂ ପୁଣି ଲଗାଇବାକୁ ଚିନ୍ତା କରୁଛନ୍ତି। ଦଣ୍ଡମୁକ୍ତ ଅଞ୍ଚଳ କଲେ, ତା'ପରେ ଆସ୍ତେ ଆସ୍ତେ ପ୍ରାଥମିକ ସ୍କୁଲରେ ମଧ୍ୟାହ୍ନ ଭୋଜନ ଆରମ୍ଭକରି ଏବେ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଦିଆଯାଉଛି। ପାଠ ପଢ଼ାଇବାକୁ ଶିକ୍ଷକ ନ ଥିବା ବେଳେ ଶିକ୍ଷାଳୟରୁ ଭୋଜନାଳୟ ହୋଇଥିବା ଅନୁଷ୍ଠାନର ଶିକ୍ଷକ ଭୋଜନ ଠିକ୍ କରିବାରେ ବ୍ୟସ୍ତ। ଛାତ୍ରଛାତ୍ରୀ ପାଠ କଥା ନ ଭାବି ଭୋଜନ କଥା ଭାବୁଛନ୍ତି। ଶେଷରେ ପାଠର ଶୂନ୍ୟ ହେବାରେ ଲାଗିଛି।

-ରାମଚନ୍ଦ୍ର ପାଲଟାସିଂହ, କୁମାରବନ୍ତ, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗୋଲାପ ପାନକରେ ଶିଶିର ବିନ୍ଦୁ
ପ୍ରଭାତ ସମୀରଣେ ଉଚ୍ଛୁଳେ ସିନ୍ଧୁ
କିମ୍ପା ଗୋ ଆଖି ଜଳ ନୟନେ ଛଳ ଛଳ
ବିଦାୟ ମାଗେ ଦୂର ଗଗନେ ଇନ୍ଦୁ
ପ୍ରଭାତ ସମୀରଣେ ଉଚ୍ଛୁଳେ ସିନ୍ଧୁ ।
ପ୍ରଭାତୀ ସ୍ୱରେ ଆଜି କୁକ୍କୁଟ ଡାକେ
ତାହୁକ ଡାକିଲାଣି ନିକୁଞ୍ଜ ଶାଖେ ।
ଅଧରେ କିମ୍ପା ତବ ବ୍ୟାପିଛି କମ୍ପନ ଗୋ
ବଦନେ କିମ୍ପା ତବ ହାସ ନ ଲାଖେ
ତାହୁକ ଡାକିଲାଣି ନିକୁଞ୍ଜ ଶାଖେ ।

-(ପ୍ରଭାତ ପ୍ରାସ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ବିମଳାଗଡ଼ ଷ୍ଟେଶନର ନବୀକରଣ

ଭୁବନେଶ୍ୱର,୧୨।୧୧ (ଅନୁରାଧା ମହାରଣା)




ଭାରତୀୟ ରେଳପଥର ଅନ୍ତର୍ଗତ ଷ୍ଟେଶନଗୁଡ଼ିକର ଅମୃତ ଭାରତ ଷ୍ଟେଶନ ଯୋଜନା (ଏବିଏସ୍ଏସ୍) ଅଧୀନରେ ନବୀକରଣ କରାଯାଉଛି। ଯାତ୍ରୀ ଅନୁଭୂତି ଉନ୍ନତ କରିବା, ସ୍ଥାନୀୟ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା, ଆଞ୍ଚଳିକ ଅର୍ଥନୀତିକୁ ବଢ଼ାଇବା ଏବଂ ଷ୍ଟେଶନଗୁଡ଼ିକୁ ବହୁମୁଖୀ ସହରାଞ୍ଚଳ ଯୋଗାଯୋଗ କେନ୍ଦ୍ରରେ ପରିଣତ କରିବା ଏହି ଯୋଜନାର ଉଦ୍ଦେଶ୍ୟ ରହିଛି। ଦକ୍ଷିଣ ପୂର୍ବ ରେଳପଥର ୭୨ଟି ଷ୍ଟେଶନ ଏହି ଯୋଜନାରେ ବିକାଶ ପାଇବ। ପ୍ରତ୍ୟେକ ଷ୍ଟେଶନ ପାଇଁ ବିସ୍ତୃତ ଯୋଜନା ପ୍ରସ୍ତୁତ ହୋଇଛି ଏବଂ ଆବଶ୍ୟକତା ଅନୁଯାୟୀ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରାଯାଉଛି। ଷ୍ଟେଶନଗୁଡ଼ିକୁ ଅଧିକ ପରିଷ୍କାର, ଆରାମଦାୟକ ଏବଂ ସୁଲଭ କରିବା ଏହାର ଲକ୍ଷ୍ୟ ରହିଛି। ଚକ୍ରଧରପୁର ଡିଭିଜନର ରାଉରକେଲା ଓ ବରସୁଆଁ ମଧ୍ୟରେ ଅବସ୍ଥିତ ସୁନ୍ଦରଗଡ଼ ଜିଲ୍ଲାର ବିମଳାଗଡ଼ ଷ୍ଟେଶନ ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଏହି ଗୁରୁତ୍ୱପୂର୍ଣ୍ଣ ଷ୍ଟେଶନକୁ ଯାତ୍ରୀକେନ୍ଦ୍ରିକ ସୁବିଧା ସହିତ ଆଧୁନିକ କରିବା ପାଇଁ ୯.୮୪ କୋଟି ଟଙ୍କା ବ୍ୟୟରେ ନବୀକରଣ କାର୍ଯ୍ୟ ଚାଲିଛି। ବିମଳାଗଡ଼ ଷ୍ଟେଶନ ଯାତ୍ରା ଓ ମାଲବାହୀ ପରିବହନର କେନ୍ଦ୍ର ଭାବେ କାର୍ଯ୍ୟ କରୁଛି। ନବୀକରଣରେ ନୂଆ ଷ୍ଟେଶନ ଭବନ, କ୍ୟାନୋପି, ପ୍ରବେଶ ଓ ପ୍ରସ୍ଥାନ ଦ୍ୱାର, ନୂଆ ସଞ୍ଚାଳନ କ୍ଷେତ୍ର, ଦିବ୍ୟାଙ୍ଗଜନ ଶୌଚାଳୟ, ଦିବ୍ୟାଙ୍ଗଜନ ପାନୀୟଜଳ ବୁଥ୍, ର‌୍ୟାମ୍ପ, ନୂଆ ଉନ୍ନତ ପ୍ଲାଟଫର୍ମ ଛାତ, ପ୍ଲାଟଫର୍ମ ପୃଷ୍ଠଭୂମି, ସ୍ଥାନୀୟ କଳା ଓ ସଂସ୍କୃତି ଥିମରେ ରଙ୍ଗ, ପ୍ରତୀକ୍ଷାସ୍ଥଳ, ଟ୍ୟାକ୍ଟାଇଲ ଓ ବ୍ରେଲ ସାଇନେଜ ଏବଂ ନୂଆ ବସିବା ବ୍ୟବସ୍ଥା କରାଯିବ। ଏହି ପରିବର୍ତ୍ତନ ଷ୍ଟେଶନକୁ ଅଧିକ ସୁଲଭ ଓ ଆକର୍ଷଣୀୟ କରି ଯାତ୍ରୀଙ୍କ ଅନୁଭବକୁ ଉନ୍ନତ କରିବ ବୋଲି ଆଶାକରାଯାଉଛି।

## ଓଡ଼ିଶା ବୈଦ୍ୟୁତିକ ଯାନ ନୀତି ୨.୦ ଉପରେ ଆଲୋଚନା

ଭୁବନେଶ୍ୱର,୧୨।୧୧

ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତିରେ ପ୍ରସ୍ତାବିତ ସଂଶୋଧନ ଉପରେ ଏକ ଅଂଶୀଦାର ପରାମର୍ଶ ବୈଠକ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟର ଇଭି ଇକୋସିଷ୍ଟମକୁ ସୁଦୃଢ଼ କରିବା ଏବଂ ଆଗାମୀ ଓଡ଼ିଶା ଇଭି ନୀତି ୨.୦ ର ଢାଞ୍ଚା ଗଠନ ଉପରେ ବିଚାରବିମର୍ଶ କରିବା ପାଇଁ ଏକାଧିକ ବିଭାଗ ଓ କ୍ଷେତ୍ରର ବରିଷ୍ଠ ଅଧିକାରୀ ଓ ବିଶେଷଜ୍ଞମାନେ ଯୋଗଦେଇଥିଲେ। ଖାରବେଳ ଭବନରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିବହନ କମିଶନର ଅମିତାଭ ଠାକୁର, ସିଏମ୍ପି-ଓଏମ୍ଆର୍‌ସିସି ଏନ୍. ବି.ଏସ୍. ରାଜପୁତ, ଭୁକ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ବର୍ଦ୍ଧିତ କ୍ରୟ ପ୍ରୋତ୍ସାହନ, ଯାନ ରେଟ୍ରୋ-ଫିଟ୍‌ମେଣ୍ଟ ଏବଂ ସ୍କ୍ରାପେଜ ଲାଭ, ପିଏମ୍ ଇ-ଡ୍ରାଇଭ ଯୋଜନା ଅଧୀନରେ ଚାର୍ଜିଂ ଭିତ୍ତିଭୂମିର ବିକାଶ ଏବଂ ଇଭି ପଦକ୍ଷେପର ଦୀର୍ଘକାଳୀନ ସ୍ଥିରତା ସୁନିଶ୍ଚିତ କରିବା ପାଇଁ ଏକ ଉତ୍ସର୍ଗୀକୃତ ରାଜ୍ୟ ଇଭି ପାଣ୍ଠି ସୃଷ୍ଟି ଆଦି ଦିଗ ଉପରେ ଆଲୋଚନା ହୋଇଥିଲା।

## ବର୍ଷାଦିନେ ଗିଲୟରେ ସର୍ବାଧିକ ଔଷଧୀୟ ଗୁଣ ରହିଥାଏ

ଭୁବନେଶ୍ୱର,୧୨।୧୧

PATANJALI
PATANJALI FOODS LIMITED

ପତଞ୍ଜଳିର ନୂଆ ଅନୁସନ୍ଧାନରେ ପ୍ରମାଣ ହୋଇଛି ଯେ ବର୍ଷା ଋତୁରେ ସଂଗ୍ରହ କରାଯାଇଥିବା ଗିଲୟ ଡାଳରେ ଔଷଧୀୟ ଗୁଣ ସବୁଠାରୁ ଅଧିକ ରହେ। ଏନେଇ ଆଚାର୍ଯ୍ୟ ବାଲକୃଷ୍ଣ କହିଛନ୍ତି, ଆମର ଶାସ୍ତ୍ର ଓ ଉତ୍ସବ ହେଉଛି, ଜଡ଼ିବୁଟି ଦିବସ ଆଦି ଅନ୍ଧବିଶ୍ୱାସ ନୁହେଁ ବରଂ ଗଭୀର ବିଜ୍ଞାନସମ୍ମତ । ଡା. ଅନୁରାଗ ବାର୍ଷ୍ଣେୟ କହିଛନ୍ତି , ଋତୁ ଅନୁଯାୟୀ ଗଛରେ ଔଷଧ ବଢ଼େ ବା କମେ। ୨ ବର୍ଷ ଧରି ବିଭିନ୍ନ ଋତୁରେ ଗିଲୟ ଯାଞ୍ଚ କରି ଦେଖାଗଲା ବର୍ଷାରେ ସବୁଠାରୁ ଭଲ ଔଷଧ ମିଳେ, ଏହି ଗବେଷଣା ବିଶ୍ୱବିଖ୍ୟାତ ପତ୍ରିକା ବିଏମ୍ସି ପ୍ଲାଣ୍ଟ ବାୟୋଲୋଜିରେ ପ୍ରକାଶ ପାଇଛି। ଠିକ୍ ସମୟରେ ଔଷଧ ସଂଗ୍ରହ କରିଲେ ଆୟୁର୍ବେଦ ଔଷଧର ଗୁଣ ବଢ଼ିଯାଏ। ଏହା ଆମର ପୁରୁଣା ଜ୍ଞାନକୁ ବିଜ୍ଞାନ ସହ ଯୋଡ଼ିଥାଏ।

# ଓଡ଼ିଶା ହେବ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମୁଦ୍ରିକ ରାଜ୍ୟ

ଭୁବନେଶ୍ୱର, ୧୨।୧୧

ରାଜ୍ୟ ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ପକ୍ଷରୁ ବୁଧବାର ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (ଓଏମ୍‌ପିପି) ପ୍ରସ୍ତୁତି ଉପରେ ଏକ ଉଚ୍ଚସ୍ତରୀୟ ପରାମର୍ଶଦାତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କର୍ମଶାଳାରେ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ ପ୍ରତିଯୋଗିତାମୂଳକ ସାମୁଦ୍ରିକ ରାଜ୍ୟରେ ପରିଣତ କରିବା ପାଇଁ ଏକ ରଣନୈତିକ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ନିମନ୍ତେ ବିଚାରବିମର୍ଷ କରାଯାଇଥିଲା । ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟର ଦୀର୍ଘକାଳୀନ ସାମୁଦ୍ରିକ ରଣନୀତିକୁ ଚୂଡ଼ାନ୍ତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ପ୍ରଦାନ କରିବା ପାଇଁ ବିଭିନ୍ନ ବିଭାଗ ଏବଂ ଏଜେନ୍ସିଗୁଡ଼ିକର ବରିଷ୍ଠ ଅଧିକାରୀ ଏବଂ ପ୍ରମୁଖ ଅଂଶୀଦାରମାନଙ୍କୁ ଏକତ୍ରିତ କରାଯାଇଥିଲା। ପ୍ରକଳ୍ପର ବୈଷୟିକ ପରାମର୍ଶଦାତା ନ୍ୟାଶନାଲ ଟେକ୍ନୋଲୋଜି ସେଣ୍ଟର ଫର୍ ପୋର୍ଟସ(ଏନ୍‌ଟିସିପିଡବ୍ଲ୍ୟୁସି), ୱାଟରୱେଜ ଆଣ୍ଡ କୋଷ୍ଟସ, ଆଇଆଇଟି ମାଡ୍ରାସ ଦ୍ୱାରା ଓଡ଼ିଶା ସାମୁଦ୍ରିକ ଦୃଷ୍ଟିକୋଣ ଯୋଜନା (୨୦୨୫ – ୨୦୫୦) ପ୍ରସ୍ତୁତ କରାଯାଉଛି। ଏନ୍‌ଟିସିପିଡବ୍ଲ୍ୟୁସି, ଆଇଆଇଟି ମାଡ୍ରାସର ବିଶେଷଜ୍ଞମାନେ ଡ୍ରାଫ୍ଟ ଯୋଜନାର ମୁଖ୍ୟ ବୈଶିଷ୍ଟ୍ୟଗୁଡ଼ିକ ଉପସ୍ଥାପନ କରିଥିଲେ, ଯାହା ଓଡ଼ିଶାର ୫୭୫ କିଲୋମିଟର ଉପକୂଳ ଏବଂ ନଦୀର ବିଶାଳ ନେଟ୍‌ୱର୍କର ପୂର୍ଣ୍ଣ ସମ୍ଭାବନାକୁ ଅନଲକ କରିବା ପାଇଁ ଏକ ପର୍ଯ୍ୟାୟବଦ୍ଧ ଏବଂ ସ୍ଥାୟୀ ରୋଡମ୍ୟାପ ପ୍ରସ୍ତୁତ କରୁଛନ୍ତି। ଓଡ଼ିଶା ମାରିଟାଇମ ଦୃଷ୍ଟିକୋଣ ୬ଟି ରଣନୈତିକ ସ୍ତମ୍ଭକୁ ନେଇ ଗଠିତ। ସାମୁଦ୍ରିକ ବାଣିଜ୍ୟ ଏବଂ ଲଜିଷ୍ଟିକ୍ସକୁ ବୃଦ୍ଧି କରିବା ପାଇଁ ବିଦ୍ୟମାନ ବନ୍ଦର ଭିତ୍ତିଭୂମିକୁ ବୃଦ୍ଧି କରିବା ଏବଂ ନୂତନ ବନ୍ଦର ବିକାଶ କରିବା, ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସ ସହିତ ବନ୍ଦର ଏବଂ ଜଳପଥକୁ ସଂଯୋଗ କରି ବହୁମୁଖୀ ସଂଯୋଗକୁ ସୁଦୃଢ଼ କରିବା , ସ୍ଥାୟୀ ଜୀବିକା ସୃଷ୍ଟି କରିବା ପାଇଁ ମତ୍ସ୍ୟଜୀବିକା, ଜଳପାଳନ ଏବଂ ଉପକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା, ପରିବେଶଗତ ଭାବରେ ସ୍ଥାୟୀ ଏବଂ ଜଳବାୟୁ-ପ୍ରତିରୋଧୀ ଉପକୂଳ ସମ୍ପତ୍ତି ନିର୍ମାଣ କରିବା,ବର୍ଦ୍ଧିତ ସାମୁଦ୍ରିକ ଅର୍ଥନୀତିର ଆବଶ୍ୟକତା ପୂରଣ କରିବା ପାଇଁ ମାନବ ପୁଞ୍ଜି ବିକାଶ କରିବା ଏବଂ ଜାହାଜ ନିର୍ମାଣ, ଜାହାଜ ମରାମତି ଏବଂ ବନ୍ଦର-ଭିତ୍ତିକ ଶିଳ୍ପ ପାଇଁ କେନ୍ଦ୍ର ପ୍ରତିଷ୍ଠା କରିବା ଏହାର ଅଂଶ। ଓଡ଼ିଶା ସାମୁଦ୍ରିକ ବୋର୍ଡ, ବନ୍ଦର ଏବଂ ଆଭ୍ୟନ୍ତରୀଣ ଜଳ ପରିବହନ ନିର୍ଦ୍ଦେଶାଳୟ, ପର୍ଯ୍ୟଟନ ବିଭାଗ, ଇସ୍ପାତ ଏବଂ ଖଣି ବିଭାଗ, ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ, ମତ୍ସ୍ୟ ବିଭାଗ ଏବଂ ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ (ଆଇଡବ୍ଲ୍ୟୁଏଆଇ)ର ବରିଷ୍ଠ ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଫ୍ରୋଷ୍ଟର ଡ. ପୂର୍ଣ୍ଣେନ୍ଦୁ ମିଶ୍ର ମଧ୍ୟ ଯୋଗଦେଇ ଆଲୋଚନା ସମୟରେ ମୂଲ୍ୟବାନ ଅନ୍ତର୍ଦୃଷ୍ଟି ବାଣ୍ଟିଥିଲେ ବୈଠକରେ ଅନ୍ତର୍ଭୁକ୍ତ ଏବଂ ପରିବେଶଗତ ଭାବରେ ଦାୟୀ ଉପକୂଳ ବିକାଶ ପାଇଁ ରଣନୀତି ସହିତ ବନ୍ଦର ବିକାଶ, ମତ୍ସ୍ୟଚାଷ ଏବଂ ଜଳପଥକୁ ଆଭ୍ୟନ୍ତରୀଣ ଲଜିଷ୍ଟିକ୍ସ ସହିତ ସମନ୍ୱିତ କରିବା ଉପରେ ଗଭୀର ଆଲୋଚନା କରାଯାଇଥିଲା। ୨୦୪୭ ସୁଦ୍ଧା ଏକ ଅଗ୍ରଣୀ ସାମୁଦ୍ରିକ ରାଜ୍ୟ ହେବାର ଓଡ଼ିଶାର ଦୃଷ୍ଟିକୋଣକୁ ସାକାର କରିବା ପାଇଁ ପ୍ରମାଣଭିତ୍ତିକ ଯୋଜନା ଏବଂ ଆନ୍ତଃ ବିଭାଗୀୟ ସମନ୍ୱୟ ଉପରେ ଉଷା ପାଢ଼ୀ ଗୁରୁତ୍ୱାରୋପ କରିଥିଲେ।


**ନିଯୁକ୍ତି ଅଧିସୂଚନା ୦୧/୨୦୨୫**

**କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ଏବଂ ନବୋଦୟ ବିଦ୍ୟାଳୟ ସମିତିରେ ବିଭିନ୍ନ ଶିକ୍ଷଣ ଓ ଅଣ-ଶିକ୍ଷଣ ପଦବୀରେ ନିଯୁକ୍ତି**

କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (କେଭିଏସ୍) ଏବଂ ନବୋଦୟ ବିଦ୍ୟାଳୟ ସମିତି (ଏନ୍‌ଭିଏସ୍) ତରଫରୁ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍ଇ) ପ୍ରତ୍ୟକ୍ଷ ଭିତ୍ତିରେ କେଭିଏସ୍ ଏବଂ ଏନ୍‌ଭିଏସ୍‌ରେ ବିଭିନ୍ନ ଶିକ୍ଷଣ ଓ ଅଣ-ଶିକ୍ଷଣ ପଦବୀରେ ନିଯୁକ୍ତି ପାଇଁ ଯୋଗ୍ୟ ଭାରତୀୟ ନାଗରିକଙ୍କଠାରୁ ଅନଲାଇନ୍ ଆବେଦନ ଆହ୍ୱାନ କରୁଛି । ସବିଶେଷ ଅଧିସୂଚନା ପାଇଁ ପ୍ରାର୍ଥୀମାନଙ୍କୁ ଯଥାକ୍ରମେ ସିବିଏସ୍ଇ, କେଭିଏସ୍ ଏବଂ ଏନ୍‌ଭିଏସ୍‌ର ଆନୁଷ୍ଠାନିକ ୱେବ୍‌ସାଇଟ୍, ଅର୍ଥାତ୍ https://www.cbse.gov.in/, https://kvsangathan.nic.in ଏବଂ https://navodaya.gov.in ପରିଦର୍ଶନ କରିବା ପାଇଁ ପରାମର୍ଶ ଦିଆଯାଉଛି । ପୋର୍ଟାଲ୍‌ରେ ଅନ୍‌ଲାଇନ୍ ଆବେଦନ ଦାଖଲ ୧୪ ନଭେମ୍ବର ୨୦୨୫ରୁ ଆରମ୍ଭ ହେବ ଏବଂ ଅନଲାଇନ୍ ଆବେଦନ ଦାଖଲର ଶେଷ ତାରିଖ ହେଉଛି ୦୪ ଡିସେମ୍ବର, ୨୦୨୫ ।

ନିର୍ଦ୍ଦେଶକ (ସିଟିଇଟି)
ସିବିଏସ୍ଇ

cbc 21107/12/0007/2526



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
No.O-1394
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

No. e-tender // 4075 // RWC // BAM // Dated. 07.11.2025

2nd Corrigendum to Bid Identification No. Online Tender/30-2025-26/BPR

1) The partial modification of Road works under MMSY-Improvement to Existing R.D.Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **20.11.2025 to 04.12.2025 upto 5.30 P.M.** instead of 01.11.2025 to 15.11.2025 upto 5.30 P.M. |
| 2 | Last Date & Time of seeking tender clarification | : | **02.12.2025 at 5.30 P.M.** instead of 13.11.2025 at 5.30 P.M. |
| 3 | Date of opening of Technical Bid | : | **05.12.2025 at 11.00 A.M.** instead of 16.11.2025 at 11.00 A.M. |
| 4 | Date of opening of Financial Bid | : | **Will be intimated later on.** |

2) The Sl. No.3 of Tender Call Notice (TCN) for the above bid identification may be read as **Executive Engineer, Rural Works Division-II, Ganjam, Berhampur** insted of Executive Engineer, Rural Works Division-I, Ganjam, Berhampur.

**All Other contents will remain unchanged.**

Sd./- Chief Construction Engineer
R.W.Circle, Berhampur

OIPR-



ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର
No.O-1395
(ଗ୍ରାମ୍ୟ / ପୋଷ୍ଟ – ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର – ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**

(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

No. e-tender // 4069 // RWC // BAM // Dated. 07.11.2025

2nd Corrigendum to Bid Identification No. Online Tender/29-2025-26/BPR

1) The partial modification of Road works under MMSY-Improvement to Existing R.D.Roads vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **17.11.2025 to 01.12.2025 upto 5.30 P.M.** instead of 30.10.2025 to 13.11.2025 upto 5.30 P.M. |
| 2 | Last Date & Time of seeking tender clarification | : | **29.10.2025 at 5.30 P.M.** instead of 11.11.2025 at 5.30 P.M. |
| 3 | Date of opening of Technical Bid | : | **02.12.2025 at 11.00 A.M.** instead of 14.11.2025 at 11.00 A.M. |
| 4 | Date of opening of Financial Bid | : | **Will be intimated later on.** |

**All other contents will remain unchanged.**

Sd./- Chief Construction Engineer
R.W.Circle, Berhampur

OIPR-



ଭା.କ.ନି.
CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା –୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ ତାରିଖ: ୧୨.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



**ଦ.ପୂ. ରେଳପଥ – ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ପିୟୁପିଏଆଇଏନଟି୨୪-୨୫-୧, ତାରିଖ: ୧୧।୧୧।୨୦୨୫ । ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (କ୍ୟାରେଜ୍ ୱାର୍କସ୍), ଖଡ଼ଗପୁର ୱାର୍କଶପ୍, ଖଡ଼ଗପୁର, ଦ.ପୂ. ରେଳପଥ ଏବଂ ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ସିଙ୍ଗଲ ପ୍ୟାକେଟ୍ ପ୍ରଣାଳୀରେ ଖୋଲା ଇ-ଟେଣ୍ଡର ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ଏଲ୍‌ଏଚ୍‌ବି କୋଚ୍‌ଗୁଡ଼ିକର ପିୟୁ ପେଣ୍ଟିଂ (ସ୍କ୍ରିନ୍ ପେଣ୍ଟିଂ ପାଇଁ ସ୍କ୍ରିନ୍ ଓ ଫ୍ରେମ୍‌ଗୁଡ଼ିକର ଯୋଗାଣ ସମେତ କୋଚ୍‌ଗୁଡ଼ିକର ଲେଟରିଂ/ନମ୍ବରିଂ ସାଇଡ୍ ୱାଲ୍, ଏଣ୍ଡ ୱାଲ୍, ରୁଫ୍, ସ୍କ୍ରିନ୍ ପ୍ରିଣ୍ଟିଂ/ସାଇନ୍ ରାଇଟିଂ) । କ୍ୟାରିଏଜ୍ ଶପ୍, ଖଡ଼ଗପୁର ୱାର୍କଶପ୍‌ଠାରେ କୋଚ୍ ଅଣ୍ଡରଫ୍ରେମ୍ ଉପରେ ସ୍କ୍ରାପିଂ ଏବଂ ସ୍ପ୍ରେ ପେଣ୍ଟିଂ । **କାର୍ଯ୍ୟର ସ୍ଥାନ:** ଖଡ଼ଗପୁର ୱାର୍କଶପ୍, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ– ଖଡ଼ଗପୁର, ଜିଲ୍ଲା– ପଶ୍ଚିମ ମେଦିନାପୁର, ପିନ୍– ୭୨୧୩୦୧ । **ପରିମାଣ:** ୧୪୪୦ କୋଚ୍ । **ଟେଣ୍ଡର ମୂଲ୍ୟ:** ₹୨,୪୦,୪୭,୯୨୮/– । **ଅମାନତ ରାଶି:** ₹୨,୭୦,୨୦୦/– । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଶୂନ । **ଠିକା ଅବଧି:** ଏଲ୍‌ଓଏ ଜାରି ତାରିଖରୁ ୨୪ ମାସ । **ଠିକାର ପ୍ରକାର:** ସ୍ୱାଭାବିକ ଖୋଲା କାର୍ଯ୍ୟ ଟେଣ୍ଡର । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୫।୧୨।୨୦୨୫ରିଖ ୧୫.୦୦ ଘଟିକାରେ । ଟେଣ୍ଡର ବିଜ୍ଞପ୍ତିର ବିବରଣୀ ଏବଂ ଟେଣ୍ଡର ଦସ୍ତାବିଜ ଇ-ପୋର୍ଟାଲ ୱେବ୍‌ସାଇଟ **https://www.ireps.gov.in** ରେ ଉପଲବ୍ଧ । (PR-828)



# OFFICE OF THE ENGINEER IN CHIEF
## PUBLIC WORKS DEPARTMENT, NAVA RAIPUR, ATAL NAGAR
## (CENTRAL TENDER CELL)
## E-Procurement Tender Notice

**Main Portal: https://eproc.cgstate.gov.in**

Tenders are invited for the following works:

| S. No. | System Tender No./Date | Name of Work | PAC Amount (Rupees in lacs) |
|---|---|---|---|
| 1 | 178428 - First Call 03.11.2025 | Construction of Kheda Junwani Road Length 3.75 Km. including Bridges & Culverts at Distt.: Bemetara (C.G.). | 368.30 |
| 2 | 178429 - First Call 03.11.2025 | Construction of Chhipa to Bade Kushmi Approach Road Length 1.50 Km. including Bridges & Culverts at Block Dongargarh Distt.: Rajnandgaon (C.G.). | 346.42 |
| 3 | 178467 - First Call 03.11.2025 | Construction of Main Road Dumarsindha approach road length 2.20 Km. | 224.41 |
| 4 | 178474 - First Call 03.11.2025 | Construction of Rabo to Aamborai (Odisha Border) Road length 2.00 Km. | 333.96 |
| 5 | 178476 - First Call 03.11.2025 | Strengthening of Tiwraiya - Raita - Kirna Road in Km. 1, 2, 3, 5, 6, 7, 8 & 11 = 8.00 Km. I/C Culverts at Distt.; Raipur (Vidhansabha Dn. Raipur). | 1244.57 |
| 6 | 178632 - First Call 03.11.2025 | Construction of Dhyanchand Chowk to Bajran Chowk 2 Lane CC Road Length 2.84 Km. | 2598.47 |
| 7 | 178648 - First Call 03.11.2025 | Construction of Shri Agrasen Gowshala Road Chattirma to Mendrakhurd Road length = 3.0 Km. (Actual Length = 2.55 Km.) Distt.: Ambikapur | 281.90 |
| 8 | 178711 - First Call 03.11.2025 | Construction of Narayanpur-Palli-Chotedongar Orchha C.C. Road/ Bridge from Km. 13.00 Km. 22.00 Length = 10.00 Km. | 2802.05 |
| 9 | 178667 - First Call 03.11.2025 | Construction of Narayanpur-Palli-Chotedongar Orchha C.C. Road/ Bridge from Km. 23.00 Km. 31.00 Length - 09.00 Km. | 2600.41 |
| 10 | 178690 - First Call 03.11.2025 | B.T. & CC Work in the area of Tatibandh-Jarvay-Hirapur-Sarona-Kota (Difference Routes) at Raipur, Length 6.745 Km. Distt.: Raipur | 447.52 |
| 11 | 178692 - First Call 03.11.2025 | Construction of Chandkhuri-Jawa-Mohndi Road, Length 5.50 Km. I/C Culverts at Raipur, Distt.: Raipur (DN No. 1, Raipur) | 1334.14 |
| 12 | 178703 Second Call 03.11.2025 | Construction of Cherakur to Kolebeda Road length 4.80 Km. including culverts, Dist.: Bastar | 464.98 |
| 13 | 178715 - First Call 03.11.2025 | Construction of Palnar-Phoolpad-Junapara Road, Length - 4.50 Km. with bridges & culverts (Balance Work) | 226.05 |
| 14 | 178716 Second Call 03.11.2025 | Construction of the H.L. Bridge i/c approach road across Mand River on Raimer-Saskoba Road (Balance Work) | 560.13 |
| 15 | 178822 Second Call 06.11.2025 | Construction of Kolyari D-3 (Pilari D-3) Canal Road to Hardibandh Main Road Length 2.30 Km. | 251.79 |
| 16 | 178823 Second Call 06.11.2025 | Construction of Hirriama to Badragarh Road Length 7.00 Km. (Actual Length 6.00 Km). i/c Bridge & Culvert work (Deposit Work) | 667.38 |
| 17 | 178827 Second Call 06.11.2025 | Construction of Patha to Khairbahri Dhanuharpara Road Length 4.00 Km. (Actual Length 1.80 Km.) Block Podiuproda | 209.17 |

Last date of tender downloading S. No. 12, S. No. 14 date 20.11.2025, S. No. 15 to S. No. 17 date 24.11.2025. Other tenders date are schedule as date 25.11.2025. For more details on the tender and bidding process please visit the above mentioned portal.

Sd./- Chief Engineer
(Central Tender Cell)
Office of Engineer in Chief
P.W.D. Nava Raipur, Atal Nagar

G-252604661/5



सीएमपीडीआई मिनी रत्न cmpdi Mini Ratna

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
**Central Mine Planning & Design Institute Ltd.**
(कोल इण्डिया लिमिटेड की एक अनुषंगी ईकाई)/(A Subsidiary of Coal India Ltd.)
गोन्दवाना प्लेस, काँके रोड, राँची 834008, झारखण्ड, भारत

**सूचना/NOTICE**

''सामग्री, कार्यों एवं सेवाओं की खरीद हेतु सीआईएल एवं इसकी अनुषंगी कंपनियों द्वारा जारी सभी निविदाएं कोल इंडिया लिमिटेड की वेबसाइट **www.coalindia.in**/संबंधित अनुषंगी कंपनी (सीएमपीडीआई,**www.cmpdi.co.in**), सीआईएल ई-प्रोक्योरमेंट पोर्टल **https://coalindiatenders.nic.in** एवं सेंट्रल पब्लिक प्रोक्योरमेंट पोर्टल **https://eprocure.gov.in** पर उपलब्ध है। इसके अलावा, जीईएम पोर्टल **https://gem.gov.in** के माध्यम से भी खरीद की जाती है।''/"All the tenders issued by CIL and its Subsidiaries for Procurement of Goods, Works and Services are available on websites of Coal India Ltd. **www.coalindia.in/** respective Subsidiary Company (CMPDI **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in** in addition, procurement is also done through GeM portal **https://gem.gov.in"**



भा.कृ.अनु.प- केन्द्रीय मीठाजल जीवपालन अनुसंधान संस्थान
**I.C.A.R-Central Institute of Freshwater Aquaculture**
कौशल्यागंग, भुवनेश्वर-751002, ओड़ीशा
Kausalyaganga, Bhubaneswar-751002, Odisha

Advertisement No.20/2025-26 Date: 12.11.2025

**वॉक–इन–इंटरव्यू**

भा.कृ.अनु.प–केन्द्रीय मीठाजल जीवपालन अनुसंधान संस्थान, सीफा कौशल्यागंग, भुवनेश्वर, ओडिशा में अनुबंधन के आधार पर काम करने के लिए **01 (एक) यंग प्रोफेशनल-I** पद की भर्ती हेतु दिनांक **24.11.2025 को पू. 10.00** बजे चल–साक्षात्कार आयोजित किया जायेगा। अधिक जानकारी के लिए कृपया संस्थान कि वेबसाइट **http://www.cifa.nic.in**

**WALK-IN INTERVIEW**

A Walk-in-Interview will be held on **24.11.2025 at ICAR-CIFA, Bhubaneswar** at 10.00 A.M. for **01 (One) no. of Young Professional-I (YP-I) at ICAR-CIFA, Bhubaneswar,** purely on contractual basis to work in Training Cell at ICAR-Central Institute of Freshwater Aquaculture, Kausalyaganga, Bhubaneswar, Odisha. For further details please visit to ICAR-CIFA website: **http://www.cifa.nic.in.**

सहायक प्रशासनिक अधिकारी / **Asst. Administrative Officer**



TPWODL

**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following packages :

1. **TPWODL/VP/O/SU/2500001092- PO for supply of Phantom Loading kit for Meter Testing in TPWODL.**
2. **TPWODL/RP/O/SU/2500001088- PO for supply of CTPT ratio error tester.**

Interested bidders are to submit Tender Participation Fee and Authorization Letter through email on or before **22nd November 2025, 18:00Hrs,** respectively, after which link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**


See Career Appointment on every Wednesday & Saturday


केनरा बैंक Canara Bank
सिंडिकेट Syndicate

** କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ, ୟୁନିଟ୍ ନଂ.:୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ-୭୫୩୦୦୧

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ **କାନାରା ବ୍ୟାଙ୍କ** ଦ୍ୱାରା ଜାରିକରାଯାଇଥିବା ଡ଼ିମାଣ୍ଡ ନୋଟିସ୍ ଯାହା ଏହାର ନିମ୍ନଲିଖିତ ଶାଖାର ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା ।

| ବଡପଡା ଶାଖା / ଋଣଗ୍ରହୀତା/ ସହ-ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନପିଏ ତାରିଖ (ଗ)ଡିମାଣ୍ଡ ନୋଟିସ୍ ତାରିଖ | ନିର୍ଦ୍ଧାରିତ ତାରିଖ ସୁଦ୍ଧା ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସଞ୍ଜୟ ସୂତାର,** ପିତା: ଶତ୍ରୁଘ୍ନ ସୂତାର / **ସହ-ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ସୂତାର,** ସ୍ୱାମୀ: ଶ୍ରୀ ସଞ୍ଜୟ ସୂତାର / **ଗ୍ୟାରେଣ୍ଟିଦାତା: ଗଣେଶ ପ୍ରସାଦ ଆଚାର୍ଯ୍ୟ,** ପିତା: ରାଧାଶ୍ୟାମ ଆଚାର୍ଯ୍ୟ, ସମସ୍ତଙ୍କ ଠିକଣା- ସା: ବଡପଡା, ପୋ: ବଡପଡା, ଜିଲ୍ଲା: କେନ୍ଦ୍ରାପଡା, ଓଡିଶା, ପିନ୍-୭୫୪୨୪୫ / **ଆକାଉଣ୍ଟ ନଂ.: ୮୦୪୧୧୪୦୦୦୦୦୩୦୧, ୮୦୪୧୯୭୪୦୦୦୦୧୦୩, ୧୬୦୦୦୨୨୨୫୪୬୪, ୧୨୫୦୦୮୭୩୯୬୧୮** | କ)ଟ.୨୫,୦୦,୦୦୦/- ଖ) ୦୬.୧୧.୨୦୨୫ ଗ) ୧୦.୧୧.୨୦୨୫ | ୧୦.୧୧.୨୦୨୫ ସୁଦ୍ଧା ଟ.୨୩,୯୨,୨୫୯.୯୦ + ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ସଞ୍ଜୟ ସୂତାରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୨୬/୮୧, ପ୍ଲଟ୍ ନଂ.: ୧୧୨୬, କ୍ଷେତ୍ର: ଏକର୦.୦୧୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୨୧, କ୍ଷେତ୍ର: ଏକର୦.୦୫୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୨୨/୧୭୫୭, କ୍ଷେତ୍ର: ଏକର୦.୦୧୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୧୬, କ୍ଷେତ୍ର: ଏକର୦.୧୦୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୧୭, କ୍ଷେତ୍ର: ଏକର୦.୦୮୦ ଡିସିମିଲି (ବଗାୟତ) ଏବଂ ଖାତା ନଂ.: ୫୨୬/୬୪, ପ୍ଲଟ୍ ନଂ.: ୧୧୩୦, କ୍ଷେତ୍ର: ଏକର୦.୧୦ ଡିସିମିଲି (ଘରବାରୀ), ପ୍ଲଟ୍ ନଂ.: ୧୧୨୭, କ୍ଷେତ୍ର: ଏକର୦.୦୨୦ ଡିସିମିଲି (ଘରବାରୀ), **ସମୁଦାୟ କ୍ଷେତ୍ର: ଏକର୦.୨୮୦ ଡିସିମିଲି,** କିସମ: ଘରବାରୀ/ବଗାୟତ, ମୌଜା: ବଡପଡା, ଥାନା/ତହସିଲ ନଂ.: ୧୩୧, ଥାନା/ଏସ୍‌ଆରଓ/ତହସିଲ: ପଟ୍ଟାମୁଣ୍ଡାଇ, ଜିଲ୍ଲା: କେନ୍ଦ୍ରାପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ବଳରାମ ଚକ୍ରବର୍ତ୍ତୀ, ଦକ୍ଷିଣ: ସୁନିଲ ଚକ୍ରବର୍ତ୍ତୀ, ପୂର୍ବ: ଶିବଶଙ୍କର ଚକ୍ରବର୍ତ୍ତୀ, ପଶ୍ଚିମ: ସଞ୍ଜୟ ସୂତାର |

ଆପଣ, ଉପରୋକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତା ଆମର ଉପରଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ଉପରୋକ୍ତ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତୀ ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି । ଉପରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା । ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି । ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଇଅଛି କି ଏହି ନୋଟିସ ପ୍ରକାଶନର **୬୦ ଦିନ** ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବୁ । ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ଉପର ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ । କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ । ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ । ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ । କଥିତ ଆକ୍ଟର ଉପଧାରା (୨) ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ବକେୟା ରାଶି ସମ୍ପୂର୍ଣ୍ଣଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

**ସ୍ଥାନ: କଟକ, ତାରିଖ: ୧୨.୧୧.୨୦୨୫** ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ




୧୨।୧୧।୨୦୨୫

| | |
|---|---|
| ୩,୪୪,୨୩୩ ଟଙ୍କା | |
| ସୁନା | ୧୦୦ ମିଲିଗ୍ରାମ୍ |
| ରୁପା | ମିଳିନାହିଁ |

# ଶ୍ରୀମନ୍ଦିରରେ ସହଜ ପ୍ରବେଶ ପାଇଁ ଏକାଠି ହେଲେ ପୁରୀବାସୀ

**ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)**

ପୁରୀବାସୀଙ୍କ ସ୍ୱତନ୍ତ୍ର ପ୍ରବେଶ ଅଭିଯାନ ନାମକ ଗ୍ରୁପ ପକ୍ଷରୁ ଏକ ବୈଠକ ବୁଧବାର ସ୍ଥାନୀୟ ନାୟକ ପ୍ଲାଜା ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସେବାୟତ, ସଂଗଠନ, ସାମାଜିକ କର୍ମୀ, ଖବରଦାତା, ବରିଷ୍ଠ ନାଗରିକ, ଅଧିବକ୍ତା, ମହିଳା ଏବଂ ପୁରୀ ଅଧିବାସୀ ଉପସ୍ଥିତ ରହି ନିଜ ନିଜ ମତ ଉପସ୍ଥାପନ କରିଛନ୍ତି। ବୈଠକର ନିଷ୍ପତ୍ତି ଅନୁଯାୟୀ, ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଗଜପତି ମହାରାଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଆଇନମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲାପାଳ, ଏସ୍‌ପି, ଏମ୍‌ପି, ବିଧାୟକ, ଶ୍ରୀମନ୍ଦିର ପରିଚାଳନା କମିଟିକୁ ପତ୍ର ଲେଖି ବିଶେଷ ବ୍ୟବସ୍ଥା ପାଇଁ ଅନୁରୋଧ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ପୁରୀ ସହରବାସୀ କେଉଁ ଆବହମାନ କାଳରୁ ଶ୍ରୀଜଗନ୍ନାଥଙ୍କୁ ନିଜ ଘରର ଦେବତା ଭାବେ ଗ୍ରହଣ କରିଆସୁଛନ୍ତି। ଏଥିସହ ବିନା ଦ୍ୱିଧାରେ ମହାପ୍ରଭୁଙ୍କ ଦର୍ଶନ ଏବଂ ଆବଶ୍ୟକ ସମୟରେ ବିନା ବାଧାରେ ଶ୍ରୀମନ୍ଦିରକୁ ଯାଇ ମହାପ୍ରସାଦ ଆଣିପାରୁଥିଲେ। କିନ୍ତୁ ବର୍ତ୍ତମାନ ଭକ୍ତଙ୍କ ଅସମ୍ଭାଳ ଭିଡ଼ ଓ ସେମାନଙ୍କ ଦର୍ଶନ ଆଗ୍ରହକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ଶୃଙ୍ଖଳିତ ଦର୍ଶନ ନିମନ୍ତେ ବିଭିନ୍ନ ବ୍ୟବସ୍ଥାବଳୀ ଆପଣାଇଛନ୍ତି, ଯଦ୍ୱାରା ପୁରୀ ସହରବାସୀଙ୍କ ସୁଲଭ ଶ୍ରୀଜଗନ୍ନାଥଙ୍କ ଦର୍ଶନରେ ବାଧା ଉପୁଜିଛି। ପୁରୀ ସହରର ଭକ୍ତ ଓ ଭଗବାନଙ୍କ ମଧ୍ୟରେ କୃତ୍ରିମ ଦୂରତ୍ୱ ବୃଦ୍ଧି ପାଇଛି, ଯାହା ଭକ୍ତଙ୍କ ମନରେ ଆଘାତ ସୃଷ୍ଟି କରିଛି। ସମୟକ୍ରମେ ଶ୍ରୀମନ୍ଦିର ପ୍ରଶାସନ, ଜିଲା ପ୍ରଶାସନ ଓ ରାଜ୍ୟ ସରକାର ଏଦିଗ ପ୍ରତି ଭ୍ରୂକ୍ଷେପ ମଧ୍ୟ କରୁନାହାନ୍ତି। ସହରର ଅନେକ ବୃଦ୍ଧାବୃଦ୍ଧ ଅଛନ୍ତି, ଯେଉଁମାନେ ମହାପ୍ରଭୁଙ୍କୁ ଦର୍ଶନ ନ କରିବା ପର୍ଯ୍ୟନ୍ତ ଅନ୍ନ ଓ ଜଳ ଗ୍ରହଣ କରନ୍ତି ନାହିଁ। ତେଣୁ ଏ ପ୍ରକାର ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ସହରବାସୀଙ୍କ ପାଇଁ କିଛି ବ୍ୟବସ୍ଥା କରାଯାଉ।

ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଥିବା ସମସ୍ତ ବ୍ୟାରିକେଡ୍ ମଧ୍ୟରୁ ଗୋଟିଏ ବ୍ୟାରିକେଡ୍ ଲାଇନ ପୁରୀବାସୀଙ୍କ ପାଇଁ ଉଦ୍ଦିଷ୍ଟ ରଖି ଆଧାର କାର୍ଡ/ସ୍ୱତନ୍ତ୍ର ପରିଚୟ ପତ୍ର ତନଖି କରି ପ୍ରବେଶ ଅନୁମତି ପ୍ରଦାନ କରାଯାଉ। ଶ୍ରୀମନ୍ଦିରର ଅନ୍ୟ ତିନି ଦ୍ୱାର ଦେଇ ପୁରୀବାସୀଙ୍କୁ ପ୍ରବେଶ ସୁଯୋଗ ଦିଆଯାଉ। ଶ୍ରୀମନ୍ଦିର ପାଟଅଗଣାରେ ଥିବା ୮ଟି ଷ୍ଟିଲ ବ୍ୟାରିକେଡ୍ ମଧ୍ୟରୁ ଗୋଟିଏ ବ୍ୟାରିକେଡ ଲାଇନ୍ ପୁରୀବାସୀଙ୍କ ନିମିତ୍ତ ଉଦ୍ଦିଷ୍ଟ କରି ଆଧାର କାର୍ଡ/ସ୍ୱତନ୍ତ୍ର ପରିଚୟ ପତ୍ର ତନଖି କରି ଦର୍ଶନ ସୁଯୋଗ ଦିଆଯାଉ। ପୁରୀ ସହରର ବରିଷ୍ଠ ନାଗରିକଙ୍କ ପାଇଁ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ଉପଲବ୍ଧ କରାଯାଉ। ଏହି ବ୍ୟବସ୍ଥା ପୁରୀବାସୀଙ୍କ ନିମନ୍ତେ ସବୁଦିନ ଲାଗି କରାଯାଉ ବୋଲି ମତପ୍ରକାଶ ପାଇଛି। ଏନେଇ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରାଯିବା ସହ ପୁରୀବାସୀଙ୍କ ଦସ୍ତଖତ କରାଯାଇ ସରକାରଙ୍କୁ ପ୍ରଦାନ କରାଯିବା ନେଇ ଆଲୋଚନା କରାଯାଇଛି। ବୈଠକରେ ରାଜେଶ କୁମାର ମହାନ୍ତି, ଡ. ବିଶ୍ୱନାଥ ମିଶ୍ର, ହେକ୍ଟର ମିଶ୍ର, ମଧୁସୂଦନ ମିଶ୍ର, ମନୋଜ ରଥ, ଶିବ ସୁନ୍ଦର ମିଶ୍ର, ଶ୍ୟାମ ପ୍ରକାଶ ସେନାପତି, ଭବାନୀ ଶଙ୍କର ସାହୁ, ଚକ୍ରଧର ମହାପାତ୍ର, ଉମା ବଲ୍ଲଭ ମହାପାତ୍ର, ଶରତ କୁମାର ରାୟଗୁରୁ, ସନ୍ତୋଷ ମହାନ୍ତି, ବିଭୂତି ତ୍ରିପାଠୀ, ସ୍ୱାଧୀନ ପଣ୍ଡା, ସୂର୍ଯ୍ୟ ରଥ, ସୁକାନ୍ତ ପଣ୍ଡା, ଜୟନ୍ତୀ ମହାପାତ୍ର, ସୁପ୍ରଭା ମହାନ୍ତି, ଶାନ୍ତି ମିଶ୍ର, ଡ. ବାନାମ୍ବର ସେନାପତି, ଡ. ସୂର୍ଯ୍ୟ ପୃଷ୍ଟି, ସଞ୍ଜୟ ପ୍ରଧାନ, ଗଙ୍ଗାଧର ଦାଶ, ଅମରେନ୍ଦ୍ର ପାଇକରାୟ, ସୁକାନ୍ତ ପ୍ରଧାନ, ଚିତ୍ତରଞ୍ଜନ ମହାନ୍ତି, ପଣ୍ଡିତ ହରିଶଙ୍କର ମିଶ୍ରଙ୍କ ସହ ଅନ୍ୟ ବ୍ୟକ୍ତିବିଶେଷମାନେ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ବୁଦ୍ଧିଜୀବୀ ଏବଂ ସ୍ଥାନୀୟ ବାସିନ୍ଦା। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ଗଜପତି, ମୁଖ୍ୟ ପ୍ରଶାସକ, ସରକାରଙ୍କୁ ପତ୍ର ଲେଖିଲେ**

# ପୂଜା ପାଇବେ ଶୁଖୁଆ ବୋହୂ

**ଆଜି କାଞ୍ଜିଅଁଳା ନବମୀ**

**କାକଟପୁର/ଅସ୍ତରଙ୍ଗ,୧୨।୧୧ (ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)**

କୃଷ୍ଣପକ୍ଷ ନବମୀ ତିଥି ତଥା ପ୍ରଥମାଷ୍ଟମୀ ପରଦିନ କାଞ୍ଜିଅଁଳା ଓଷା କରାଯାଇଥାଏ। ଏହି ପୂଜା ଷଠିଦେବୀଙ୍କ ପାଇଁ କରାଯାଏ। ପିଲାମାନଙ୍କ ସୁରକ୍ଷା ପାଇଁ ଷଠିଦେବୀଙ୍କୁ ପୂଜା କରାଯାଏ। ଷଠିଦେବୀଙ୍କର ଆଉ ଏକ ପୂଜା ଅଛି, ଯାହାକୁ ଷଠିଓଷା କୁହାଯାଏ । ସନ୍ଧ୍ୟାରେ ମହିଳାମାନେ ଏକତ୍ରିତ ହୋଇ ଏହି ପୂଜା କରନ୍ତି। କାଞ୍ଜି ପ୍ରସ୍ତୁତ କରାଯାଏ। କାଞ୍ଜିରେ ଅଁଳା ପଡ଼ିଥାଏ। ତେଣୁ ଏହାକୁ କାଞ୍ଜିଅଁଳା ନବମୀ କୁହାଯାଏ। ଏହିଦିନ ପିତାଶୁଖୁଆ ପୂଜା କରାଯାଏ। ୭ଟି ଶୁଖୁଆକୁ ହଳଦୀପାଣିରେ ଭଲଭାବେ ଧୋଇ ଦିଆଯାଏ। ହଳଦୀ କିମ୍ବା ନାଲି ରଙ୍ଗର ବସ୍ତ୍ର ଶୁଖୁଆକୁ ପିନ୍ଧାଯାଏ। କଜଳ ଲଗାଯାଏ। ସନ୍ଧ୍ୟା ପରେ ଏହି ଓଷା ହୋଇଥାଏ। ଘର ଅଗଣାରେ ଗୋଲାକାର ଗାତଟିଏ ଖୋଳି ସେଥିରେ ପାଣି ଭର୍ତ୍ତିକରି ଛୋଟ ମାଛ ଛାଡ଼ନ୍ତି। ଏହାକୁ ଓଷାକୋଠି କୁହାଯାଏ। ପୋଖରୀ ଚାରିପଟେ ଧାନ, ଅପମାରଙ୍ଗ ଓ ସାରୁ ଗଛ ଲଗାଯାଏ। ପିତ୍ତଳ ଥାଳିରେ ୭ଟି ପିତାଶୁଖୁଆ ରଖାଯାଏ। ପୋଖରୀ ମଧ୍ୟକୁ ଫୁଲ ପକାଯାଏ। ପ୍ରସ୍ତୁତ ଖାଦ୍ୟକୁ କିଛି ପରିବାରକୁ ବଣ୍ଟନ କରାଯାଇଥାଏ।

# ଦେବ ଦୀପାବଳିରେ ବଡ଼ଦାଣ୍ଡରେ ଝଲସିବ ଲକ୍ଷେ ଦୀପ


ପ୍ରସ୍ତୁତି ବୈଠକରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆଙ୍କ ସମେତ ଅନ୍ୟମାନେ।

**ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)**

ପବିତ୍ର ଦେବ ଦୀପାବଳିରେ ଏକଲକ୍ଷ ଦୀପଶିଖାରେ ଝଲସିବ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ଦୀପମୟ ହେବ। ଏନେଇ ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଏବଂ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ପୁରୀ ହୋଟେଲ୍ ହଲିଡେ ରିସୋର୍ଟର ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖବରଦାତା ସମ୍ମିଳନୀରେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କହିଛନ୍ତି, ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ପବିତ୍ର ଦେବ ଦୀପାବଳି ଅବସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରର ଛତିଶା ନିଯୋଗ ସମେତ ପୁରୀର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ଏଥିରେ ଅଂଶଗ୍ରହଣ କରିବେ। ଦେବତାମାନଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁସାରେ ଦୀପଦାନ କରି ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଉକ୍ତ ଦିନ ବିଶ୍ୱଶାନ୍ତି ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ। ସେହିପରି ସନ୍ଧ୍ୟାରେ ଶରଧାବାଲି ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜ କିଶୋର ପାତ୍ର, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ସେବାୟତ ରବୀନ୍ଦ୍ର କୁମାର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଓଡ଼ିଶାର ସମସ୍ତ ଜଗନ୍ନାଥପ୍ରେମୀ ତଥା ପୁରୀର ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ।

## ସଂକ୍ଷେପରେ

### ଜାଲେଣି କାଠରେ ଆକ୍ରମଣ

**ବଳଙ୍ଗା,୧୨।୧୧(କେଦାରେଶ୍ୱର ନନ୍ଦ):** ଜାଲେଣି କାଠକୁ କେନ୍ଦ୍ରକରି ବଳଙ୍ଗା ଥାନା ଅନ୍ତର୍ଗତ କେସିଙ୍ଗା ଗ୍ରାମରେ ଜଣେ ମହିଳାଙ୍କୁ ଆକ୍ରମଣ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। କେସିଙ୍ଗା ଗ୍ରାମର ପ୍ରଦୀପ ନାୟକଙ୍କ ସ୍ତ୍ରୀ ମିଲି ନାୟକ କରିଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନରେ ମିଲି ଘରେ ନ ଥିବା ସମୟରେ ତାଙ୍କ ଦେଢ଼ଶୁରଙ୍କ ପୁଅ ସିପୁନା ନାୟକ ମଦ ପିଇ ଆସି ଘରେ ରଖିଥିବା ଧାନକୁ ନେଇଯାଇଥିଲେ। ଏହା ଦେଖି ମିଲିଙ୍କ ଝିଅ ମା'ଙ୍କୁ ଫୋନ୍‌ରେ ଜଣାଇଥିଲେ। ପରେ ମିଲି ଘରକୁ ଆସି ସିପୁନାକୁ ପଚାରିବାରେ ସିପୁନା ଓ ତାଙ୍କ ଭାଇ ପ୍ରସନ୍ନ ନାୟକ, ବୋଉ କୁନି ନାୟକ ମିଶି ମିଲିଙ୍କୁ ଗାଳିଗୁଲଜ କରିବା ସହ ତଳେ ପକାଇ ମାଡ଼ ମାରିଥିବା ନେଇ ଅଭିଯୋଗରେ ଦର୍ଶାଇଛନ୍ତି। ବଳଙ୍ଗା ପୋଲିସ ଅଭିଯୋଗ ପାଇବା ପରେ ୨୪୬/୨୫ରେ ଏକ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

### ଟାଇଲ ମିସ୍ତ୍ରିଙ୍କୁ ହତ୍ୟା

**ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି):** ପୁରୀ ତାଳବଣିଆ ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ଟାଇଲ ମିସ୍ତ୍ରିଙ୍କୁ ତାଙ୍କର ଜଣେ ସହଯୋଗୀ ହାତୁଡ଼ିରେ ମାରି ମାରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ପଶ୍ଚିମବଙ୍ଗ ମେଦିନୀପୁରର ଶେଖ୍ ନୋରା ଆଲମ୍(୩୫)। ଖବରପାଇ ମେରାଇନ ଓ ତାଳବଣିଆ ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପରେ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ସଦର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ମୃତକ ଗତ ଦେଢ଼ ବର୍ଷ ଧରି ଆଖପାଖ ଅଞ୍ଚଳର ଲେବର୍‌ଙ୍କୁ ଆଣି ଟାଇଲ କାମ କରି ଆସୁଥିଲେ। ଗତ ୩ ମାସ ଧରି ଘଟଣା ଘଟିଥିବା ସ୍ଥାନରେ କାମ କରୁଥିଲେ। ଜଣେ ଲେବର୍ ମୁସାରଫଙ୍କ ସହ ପାଟିତୁଣ୍ଡ ହୋଇଥିଲା। ପରେ ଶେଖ୍ ନୁରାକୁ ମୁସାରଫ ହତ୍ୟା କରିଥିବା କୁହାଯାଉଛି ବୋଲି ଅନ୍ୟଜଣେ ସହଯୋଗୀ ଫିର୍ଦୋଶ ଅଭିଯୋଗ କରିଛନ୍ତି। ଏକ ରେକର୍ଡିଂ ଡିଲିଟ କରିବାକୁ ନେଇ ଏଭଳି ଘଟଣା ଘଟିଥିବା ସହଯୋଗୀ ଫିର୍ଦୋଶ କହିଛନ୍ତି। ପୋଲିସ ଏନେଇ ତଦନ୍ତ ଆରମ୍ଭ କରିଥିବା ବେଳେ ଅଭିଯୁକ୍ତ ଫେରାର ହୋଇଥିବା ଜଣାପଡ଼ିଛି।


କଂଗ୍ରେସ ପକ୍ଷରୁ ମାଟିଆପଡ଼ା ଛକରେ ରାସ୍ତାରୋକୋ କରାଯାଇଛି।

# କଂଗ୍ରେସର ରାସ୍ତାରୋକୋ

**ସିଦ୍ଧ ମହାବୀର ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ**

**ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)**

ସିଦ୍ଧ ମହାବୀର-ମାଟିଆପଡ଼ା ରୋଡ୍ ଓଭରବ୍ରିଜ୍ ନିର୍ମାଣରେ ବିଳମ୍ବ ଏବଂ ଦୁଇ ପାର୍ଶ୍ୱ ରାସ୍ତା (ଆପ୍ରୋଚ୍ ରୋଡ୍) ନିର୍ମାଣରେ ଜାଣିଶୁଣି ଅବହେଳା କରାଯାଉଥିବା ବିରୋଧରେ ଜିଲା କଂଗ୍ରେସ କମିଟି ପକ୍ଷରୁ ବୁଧବାର ମାଟିଆପଡ଼ା ଚଉରା ଛକରେ ଜାତୀୟ ରାଜପଥ ୩୧୬ ଅବରୋଧ କରାଯାଇ ବିକ୍ଷୋଭ କରାଯାଇଥିଲା। କଂଗ୍ରେସ ପକ୍ଷରୁ ଅଭିଯୋଗରେ ଉଲ୍ଲେଖ କରିଛନ୍ତି, ୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାରଙ୍କ ଜାତୀୟ ରାଜପଥ ଓ ପରିବହନ ମନ୍ତ୍ରଣାଳୟ ଦ୍ୱାରା ସ୍ୱୀକୃତି ମିଳିଥିଲା। ୨୦୨୧ ମସିହାରେ ଭୂଅର୍ଜନ ବା ଜମି ଅଧିଗ୍ରହଣ କାର୍ଯ୍ୟ ଶେଷ ହୋଇ ୨୦୨୨ ସୁଦ୍ଧା କାର୍ଯ୍ୟ ଶେଷ ହେବାର ଥିଲା ବିଳମ୍ବିତ ହୋଇ ଶେଷରେ ମାର୍ଚ୍ଚ ୨୦୨୫ ସୁଦ୍ଧା ରୋଡ୍ ଓଭରବ୍ରିଜ୍ ନିର୍ମାଣ ସମ୍ପୂର୍ଣ୍ଣ ହେବାର ଡେଡ୍‌ଲାଇନ ରଖାଯାଇଥିଲା। ମାତ୍ର ସରକାରୀ ଉଦାସୀନତା ଯୋଗୁ ଏ ପର୍ଯ୍ୟନ୍ତ ଓଭରବ୍ରିଜ୍ କାର୍ଯ୍ୟ ୫୦% ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଏହା ପର୍ଯ୍ୟଟକ, ସ୍ଥାନୀୟ ବାସିନ୍ଦା, ବିଦ୍ୟାର୍ଥୀ, ଦମକଳ, ଆମ୍ବୁଲାନ୍ସ ଆଦି ଯିବାରେ ଅସୁବିଧା ହେଉଛି। ଅସୁବିଧାର ମୁଖ୍ୟ କାରଣ ହେଉଛି, ନିର୍ମାଣାଧୀନ ଓଭରବ୍ରିଜ୍ ଦୁଇ ପାର୍ଶ୍ୱରେ ଆପ୍ରୋଚ୍ ରୋଡ୍ ନିର୍ମାଣ କରି ପରବର୍ତ୍ତୀ ସମୟରେ ଓଭରବ୍ରିଜ୍ ନିର୍ମାଣ ନିୟମ ଥାଇ ମଧ୍ୟ ଠିକା ସଂସ୍ଥା ଏବଂ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଅପାରଗତା କିମ୍ବା ମୋଟା ଧରଣର ପିସି କାରବାର କାରଣରୁ ଆଜି ପର୍ଯ୍ୟନ୍ତ ସର୍ଭିସ୍ ରୋଡ୍ ନିର୍ମାଣ ହୋଇପାରିନାହିଁ। ତୁରନ୍ତ ଦୁଇ ପାର୍ଶ୍ୱ ରାସ୍ତା ନିର୍ମାଣ ସହ ରୋଡ୍ ଓଭରବ୍ରିଜ୍ ନିର୍ମାଣ ଦାବିରେ ପୁରୀ ଜିଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ମାଟିଆପଡ଼ାଠାରେ ରାସ୍ତାରୋକୋ କରାଯାଇଥିଲା । ତେବେ ଜାତୀୟ ରାଜପଥ ପ୍ରାଧିକରଣ, ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟରଙ୍କ ଲିଖିତ ପ୍ରତିଶ୍ରୁତି ଅନୁଯାୟୀ, ରାସ୍ତା କାମ ଚଳିତ ମାସ ୨୦ ତାରିଖ ସୁଦ୍ଧା ଆରମ୍ଭ ହେବ। ପରେ ଆନ୍ଦୋଳନ ପ୍ରତ୍ୟାହୃତ ହେବା ସହ ଏଥିରେ ଅବହେଳା ହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କଂଗ୍ରେସ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ବିକ୍ଷୋଭ ପ୍ରଦର୍ଶନରେ ଉତ୍ତମ ଆଚାର୍ଯ୍ୟ, ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର, ଅମରେନ୍ଦ୍ର ପାଇକରାୟ, ସୀତାକାନ୍ତ ମହାନ୍ତି, ସୁଜିତ ମହାପାତ୍ର, ସ୍ୱାଧୀନ କୁମାର ପଣ୍ଡା, ରଜତ କୁମାର ସାହୁ, ସୁରେନ୍ଦ୍ର ପାଇକରାୟ, ଅବିନାଶ ମିଶ୍ର, ଆଶୁତୋଷ ମିଶ୍ର, ସସ୍ମିତା ସ୍ୱାଇଁ, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ସୁକାନ୍ତ କୁମାର ପ୍ରଧାନ, ଉମାକାନ୍ତ ବେହେରା, ଆଡଭୋକେଟ୍ ପାଣ୍ଡି ବାବୁ, ଅମିୟ କୁମାର ମହାପାତ୍ର, ମନୋଜ ମହାପାତ୍ର, ବିଶ୍ୱରଞ୍ଜନ ସାମନ୍ତରାୟ ଏବଂ ଶତାଧିକ ସ୍ଥାନୀୟ ଅଧିବାସୀଙ୍କ ସମେତ ବହୁ ସଂଖ୍ୟକ ସାଧାରଣ ଲୋକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସିଦ୍ଧ ମହାବୀର ମନ୍ଦିର ଦାନବାକ୍ସ ଲୁଟ୍

**ସାକ୍ଷୀଗୋପାଳ,୧୨।୧୧(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର/ଭରତ ରାଉତ):** ସାକ୍ଷୀଗୋପାଳ ସିଦ୍ଧବକୁଳ ପୀଠ ନିକଟରେ ପ୍ରତିଷ୍ଠିତ ସିଦ୍ଧମହାବୀରଙ୍କ ଦାନବାକ୍ସ ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଲୁଟି ନେଇଛନ୍ତି। ଏନେଇ ଉକ୍ତ ମନ୍ଦିର କମିଟି ସଦସ୍ୟ ରବିନାରାୟଣ ପତ୍ରୀ ସତ୍ୟବାଦୀ ଥାନାରେ ଏକ ଅଭିଯୋଗ କରିଛନ୍ତି। ଠାକୁରଙ୍କ ଏହି ଦାନବାକ୍ସ ବର୍ଷକୁ ଗୋଟିଏ ଥର ଖୋଲାଯିବା ସହ ସେଥିରୁ ଲକ୍ଷାଧିକ ଟଙ୍କା ସହ ଅନ୍ୟ ମୂଲ୍ୟବାନ ସାମଗ୍ରୀ ବାହାରିଥାଏ। ତେଣୁ ଆଉମାତ୍ର କିଛି ଦିନ ମଧ୍ୟରେ ଏହି ଦାନବାକ୍ସ ଖୋଲାଯିବାର ବ୍ୟବସ୍ଥା କରାଯାଉଥିଲା। ଏଥିରେ ଅନ୍ୟବର୍ଷ ତୁଳନାରେ ଚଳିତବର୍ଷର ଅଧିକ ଦାନ ଅର୍ଥ ମିଳିବା ସମ୍ଭାବନା ରହିଥିଲା, ଯାହା ଠାକୁରଙ୍କ ବିକାଶ କାର୍ଯ୍ୟରେ ବିନିଯୋଗ ହୋଇଥାନ୍ତା ବୋଲି ଅଭିଯୋଗକାରୀ ପତ୍ରୀ କହିଛନ୍ତି। ଅଭିଯୋଗକୁ ଭିତ୍ତିକରି ସତ୍ୟବାଦୀ ଥାନାରେ ଏକ ମାମଲା ରୁଜୁ ହେବା ସହ ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି ବୋଲି ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି। ପ୍ରକାଶଥାଉ କି ଉକ୍ତ ମନ୍ଦିର ଓ ଏହାର ସଂଲଗ୍ନ ଅଞ୍ଚଳର ବିକାଶ ନିମନ୍ତେ ଅନେକ ବଦାନ୍ୟ ବ୍ୟକ୍ତିଙ୍କ ଦାନ ଅର୍ଥରେ ମନ୍ଦିରର ବିକାଶ କାର୍ଯ୍ୟ ହେଉଥିବା ବେଳେ ଠାକୁରଙ୍କ ଦାନବାକ୍ସ ଚୋରି ଘଟଣା ଭକ୍ତ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିବା ସହ ଭକ୍ତଙ୍କ ଭାବନାକୁ ଆଘାତ ଦେଇଛି ବୋଲି ପ୍ରକାଶ କରିଛନ୍ତି। ତେବେ ଘଟଣାରେ ସମ୍ପୃକ୍ତ ଥିବା ଲୁଟେରାମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି ।

# ପହୁଁଆ ଅଷ୍ଟମୀ ପିଠା ଭୋଗ ବଣ୍ଟନ



**ପୁରୀ/ଚାରିଛକ,୧୨।୧୧ (ଅଜିତ କୁମାର ମହାନ୍ତି/ଶିଶିର କୁମାର ସ୍ୱାଇଁ):** ପୁରୀ ବଡ଼ଦାଣ୍ଡରେ ଜଗନ୍ନାଥଙ୍କ ମାମୁଁଘର ମାଧବସ୍ଥିତ ମାଧବାନନ୍ଦ ଟ୍ରଷ୍ଟର ବଂଶାନୁକ୍ରମିକ ଟ୍ରଷ୍ଟି ପ୍ରଶାନ୍ତ କୁମାର ଦେ ଗୋସ୍ୱାମୀଙ୍କ ନେତୃତ୍ୱରେ ବୁଧବାର ଶ୍ରୀମନ୍ଦିର ସମ୍ମୁଖରେ ପହୁଁଆ ପିଠା ଭୋଗ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ଚଳିତବର୍ଷ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମେତ ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନଙ୍କ ପାଖରେ ମାମୁଁଘର ମାଧବରୁ ଯାଇଥିଲା ପାଟବସ୍ତ୍ର ସହିତ ପ୍ରସ୍ତୁତ ହୋଇଥିବା ପିଠା ଭୋଗ ଲାଗି ପରେ ସେହି ପିଠାକୁ ମନ୍ଦିର ଆଗରେ ସର୍ବସାଧାରଣରେ ବଣ୍ଟନ ହୋଇଥିଲା। ଏହି ପିଠା ବଣ୍ଟନ କାର୍ଯ୍ୟକ୍ରମରେ ମାଧବାନନ୍ଦ ଟ୍ରଷ୍ଟର ଉପଦେଷ୍ଟା ରାମକୃଷ୍ଣ ମହାପାତ୍ର, ପୂର୍ବତନ ସଦର ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଜଗୁ କାଠୁରିଆ, ଜଗନ୍ନାଥପ୍ରେମୀ କେଦାରନାଥ ବେହେରାଙ୍କ ସମେତ ଟ୍ରଷ୍ଟର ସମସ୍ତ ସଭ୍ୟଙ୍କ ସହ ଗୋପାଳ ସେବକମାନେ ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ଭକ୍ତନିବାସ କର୍ମଚାରୀଙ୍କ ବିକ୍ଷୋଭ

**ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)**

ଶ୍ରୀମନ୍ଦିର ଭକ୍ତ ନିବାସ କର୍ମଚାରି ସଂଘ (ସିଆଇଟିୟୁ)ର ସମସ୍ତ ସଭ୍ୟାସଭ୍ୟ, କର୍ମଚାରୀ ବିଭିନ୍ନ ଦାବିପୂରଣ ନେଇ ବୁଧବାର ସଂଘ ସଭାପତି ତଥା ସିଆଇଟିୟୁ ଜିଲା ସମ୍ପାଦକ ଶରତ କୁମାର ରାୟଗୁରୁଙ୍କ ନେତୃତ୍ୱ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସଂଘର ସଦସ୍ୟମାନେ ଟାଉନ୍ ଥାନା ନିକଟରୁ ଶୋଭାଯାତ୍ରାରେ ବାହାରି ମନ୍ଦିର କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥଲେ। ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି, ଜଗନ୍ନାଥ ମନ୍ଦିରର କର୍ମଚାରୀ ନିଯୋଜନ ଆଉଟ୍ ସୋର୍ସିଂ ସଂସ୍ଥା ହାତରେ ଠିକାରେ ନିଯୁକ୍ତି କରୁଛନ୍ତି। ଠିକା ସଂସ୍ଥା ମନଇଚ୍ଛା ଶୋଷଣ କରୁଛି। ପ୍ରତିବାଦ କଲେ ଛଟେଇର ଧମକ ଦିଆଯାଉଛି। ୨୦୧୯ରୁ ୨୦୨୫ ପର୍ଯ୍ୟନ୍ତ ବର୍ଦ୍ଧିତ ଦରମାର ବକେୟା ପ୍ରଦାନ୍ କରିବା, ରଥଯାତ୍ରା ଓ ଦଶହରାରେ କର୍ମଚାରୀଙ୍କୁ ବୋନସ୍ ଦେବା, ଜୟକମାଲ କ୍ୟାଟେରିଂ ସଂସ୍ଥା ଠକି ନେଇଥିବା ଇପିଏଫ୍, ଇଏସ୍‌ଆଇ ଆଦାୟ କରିବା, ୨ ହଳ ପୋଷାକ ସହ ରାଷ୍ଟ୍ରୀୟ ଛୁଟିଗୁଡ଼ିକରେ ସବୈତନିକ ଛୁଟିଦେବା ପାଇଁ ସଭାପତି ରାୟଗୁରୁ ଦାବି କରିଥଲେ। ଉକ୍ତ ବିକ୍ଷୋଭରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ସଂଘ ସମ୍ପାଦିକା ରଶ୍ମିତା ଗୋଛିକାର, ଅମରେନ୍ଦ୍ର ନନ୍ଦ, ମନୋଜ ବାରିକ, ସୋମନାଥ ନାୟକ, ଜ୍ଞାନ ରଞ୍ଜନ ଜେନା, ରାଜେଶ ମହାପାତ୍ର, ବିଜ୍ଞାନ ବେହେରା, ସୂର୍ଯ୍ୟକାନ୍ତ ନାୟକ, ଚିନ୍ମୟ ଜେନା, ଲୋକନାଥ ନାୟକ, ଜଗଦୀଶ ପରିଡ଼ା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ ୨ଟି ଠିକାସଂସ୍ଥା ସହ ଆଲୋଚନା କରି ଦାବି ଉପରେ ଠିକ୍ ନିର୍ଣ୍ଣୟ ନିଆଯିବ ବୋଲି ପ୍ରଶାସକ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିବା ସଂଘ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ଶ୍ରୀମନ୍ଦିର ଭକ୍ତନିବାସ କର୍ମଚାରୀମାନେ ବିକ୍ଷୋଭ କରୁଛନ୍ତି।

# ଜରାଜୀର୍ଣ୍ଣ ଅବସ୍ଥାରେ ନୂଆଗଡ଼ ଜେଟି

**କେବେ ହେବ ନବୀକରଣ କାର୍ଯ୍ୟ, ନା କେବଳ ଫାଇଲ୍‌ରେ ରହିଯିବ**

**ଅସ୍ତରଙ୍ଗ,୧୨।୧୧(ପ୍ରଦୀପ୍ତ କୁମାର ଦୀକ୍ଷିତ)**

ମତ୍ସ୍ୟ ଉତ୍ପାଦନ ବୃଦ୍ଧି ଏବଂ ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ସହାୟତା ଯୋଗାଇଦେବା ପାଇଁ ସରକାର ବିବିଧ ପଦକ୍ଷେପ ନେଉଛନ୍ତି। ମତ୍ସ୍ୟଜୀବୀମାନଙ୍କୁ ଥଇଥାନ କରିବା ପାଇଁ ସରକାରଙ୍କ ନିର୍ଦ୍ଦିଷ୍ଟ ଯୋଜନା ରହିଛି। ଗଭୀର ସମୁଦ୍ର ମଧ୍ୟରେ ଜୀବନକୁ ବିପଦରେ ପକାଇ ମାଛ ଧରି ପରିବାର ପୋଷୁଥିବା ମତ୍ସ୍ୟଜୀବୀଙ୍କ ପାଇଁ ସରକାର ଜାଲ, ଡଙ୍ଗା ଓ ଇଞ୍ଜିନ ରିହାତି ଦରରେ ଯୋଗାଇଦେଉଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ଭାବେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା (ଏମ୍‌ଏମ୍‌କେୱାଇ) କାର୍ଯ୍ୟ କରୁଛି। ନଭେମ୍ବର ୧ରୁ ମେ ୩୧ ତାରିଖ ପର୍ଯ୍ୟନ୍ତ ଅଲିଭ୍ ରିଡ୍‌ଲେଙ୍କ ପାଇଁ ମାଛ ଧରିବା ଉପରେ କଟକଣା ରହିଛି। ଏହି ସମୟରେ ମତ୍ସ୍ୟଜୀବୀଙ୍କ ପରିବାରକୁ ସରକାରୀ ସହାୟତା ମଧ୍ୟ ଯୋଗାଇ ଦିଆଯାଉଛି। ଏସବୁ ବାଦ୍ ମାଛ ଧରୁଥିବା ମତ୍ସ୍ୟଜୀବୀଙ୍କ ମାଛ ବିକ୍ରିବଟା ପାଇଁ ଜେଟି ନିର୍ମାଣ ସହ ଆନୁଷଙ୍ଗିକ ସୁବିଧା ଖଞ୍ଜି ଦିଆଯାଇଛି। ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ ନୂଆଗଡ଼ ଜେଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିଛି।

ଦୀର୍ଘ ବର୍ଷ ହେବ ଜେଟି ପରିତ୍ୟକ୍ତ ହୋଇଥିବା ବେଳେ ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ କେବଳ ବିଭିନ୍ନ ମଞ୍ଚରେ ନେତାଙ୍କ ବାକ୍ୟ ମାଧ୍ୟମରେ ଚାଲିଥିବା ବେଳେ କାର୍ଯ୍ୟ ଓ ନିର୍ମାଣ, ମରାମତି ହୋଇପାରିଲା ନାହିଁ। ଜେଟି କାର୍ଯ୍ୟକ୍ଷମ ନ ହେବା ଦ୍ୱାରା ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ହଜାର ହଜାର ମତ୍ସ୍ୟଜୀବୀ ପରିବାର ନାନାଦି ସମସ୍ୟା ଭୋଗୁଛନ୍ତି। ମତ୍ସ୍ୟଜୀବୀଙ୍କ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ନାହିଁ। ମାଛ ଅଭାବ ବିକ୍ରିର ସମ୍ମୁଖୀନ ହେଉଛନ୍ତି ମତ୍ସ୍ୟଜୀବୀ। ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ୯୦ଦଶକରେ ଏହି ଜେଟି ନିର୍ମାଣ କରାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ଏହାର ରକ୍ଷଣାବେକ୍ଷଣ ପ୍ରତି ଆଉ ଗୁରୁତ୍ୱ ଦିଆଗଲା ନାହିଁ। ଜେଟି ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରା ନ ଯିବା ଯୋଗୁ ପ୍ରଥମତଃ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଏମାନଙ୍କ ବୋଟ୍ ଲାଗିପାରୁ ନାହିଁ। ଦେବୀ ନଦୀ ନିକଟସ୍ଥ ଅସ୍ତରଙ୍ଗ ବ୍ଲକ୍ ଅଞ୍ଚଳରେ ୨୧ଟି ସାମୁଦ୍ରିକ ଗାଁ ରହିଛି। ଏହି ସମସ୍ତ ଗାଁର ଅଧିକାଂଶ ଲୋକ ସମୁଦ୍ରରୁ ମାଛ ଧରି ଜୀବିକା ନିର୍ବାହ କରିଥାନ୍ତି। ନୂଆଗଡ଼ ଜେଟି ନିକଟରେ କିଛି ଟ୍ରଲର, ଭୁଟୁଭୁଟି, ହାତ ବାହାଣୀ ଡଙ୍ଗା ରହିଥିବା ବେଳେ ୧୦୦ଟି ଟ୍ରଲର ଲାଇସେନ୍ସ ରହିଛି ବୋଲି ସୂଚନା ମିଳିଛି। କିନ୍ତୁ ଭିତ୍ତିଭୂମି ଅଭାବ ହେତୁ ଅନେକ ଟ୍ରଲର ପାରାଦୀପରେ ରହୁଛନ୍ତି। ବେସରକାରୀ ଭାବେ ଅଧିକ ଥିବା ଅନୁମାନ କରାଯାଏ। ଦେବୀନଦୀ ଉପରେ ଭରସାକରି ଜୀବିକା ନିର୍ବାହ କରୁଥିବା ମତ୍ସ୍ୟଜୀବୀଙ୍କ ପାଇଁ ମାଛ ବିକ୍ରି ନିମନ୍ତେ ସ୍ଥାୟୀ ବଜାର ସୁବିଧା ନାହିଁ। ନୂଆଗଡ଼ ଯେଉଁ ଜେଟି ଅଛି ନା ଅଛି ଆଇସି ଫାକ୍ଟ୍ରି, ନା ବିଦ୍ୟୁତ୍, ନା ପାନୀୟ ଜଳ ବ୍ୟବସ୍ଥା। ଅପରପକ୍ଷେ ବିଭିନ୍ନ ଦେଶ ତଥା ପ୍ରଦେଶର ମତ୍ସ୍ୟଜୀବୀ ଓଡ଼ିଶା ସୀମା ସମୁଦ୍ରରୁ ମାଛ ଧରି ନେଉଥିବା ବେଳେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ଦୁଃଖ କହିଲେ ନ ସରେ। ନୂଆଗଡ଼ରେ ମତ୍ସ୍ୟ ଗବେଷଣାଗାର, ପାଣିପାଗ କେନ୍ଦ୍ର, ବରଫକଳ ଓ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନାହିଁ। ଅନ୍ୟପଟେ ନୂଆଗଡ଼ରେ ମତ୍ସ୍ୟଜୀବୀ ସୁରକ୍ଷାକୁ ଦୃଷ୍ଟିରେ ରଖି ମେରାଇନ୍ ହସ୍ପିଟାଲ, ସ୍ୱତନ୍ତ୍ର ଡିଜେଲ ପମ୍ପ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତି।



# ଇଣ୍ଡୋନେସିଆ ବାଲିରେ ହେବ ସୁଭଦ୍ରା ଶକ୍ତି ମେଳା

**ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଉଦ୍‌ଯାପିତ**

**୧୨ଦିନରେ ୧୨ କୋଟିରୁ ଅଧିକ ବିକ୍ରୟ**

ଭୁବନେଶ୍ୱର,୧୨।୧୧(ସୁଚିସ୍ମିତା ସାହୁ)



ସୁଭଦ୍ରା ଶକ୍ତିମେଳାରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସମ୍ବର୍ଦ୍ଧିତ କରୁଛନ୍ତି।

ଇଣ୍ଡୋନେସିଆ ବାଲିରେ ଆରମ୍ଭ ହେବ 'ସୁଭଦ୍ରା ଶକ୍ତି ମେଳା'। ୨୦୨୬ ମସିହାରୁ ଓଡ଼ିଶାର ପ୍ରତି ଜିଲାରେ ଏହି ମହିଳା ସଶକ୍ତୀକରଣ ଏବଂ ଉଦ୍ୟୋଗିତା ମହୋତ୍ସବର ଆୟୋଜନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମିଶନ ଶକ୍ତି ବିଭାଗ ପକ୍ଷରୁ ଭୁବନେଶ୍ୱର ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ 'ସୁଭଦ୍ରା ଶକ୍ତି ମେଳା' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିବା ସହ ମହିଳାଙ୍କ ଉଦ୍ୟୋଗୀ ପରାକାଷ୍ଠାର ପ୍ରଶଂସା କରିଥିଲେ। ଲୋକାଲରୁ ଗ୍ଲୋବାଲ ଅଭିମୁଖେ ଅଭିଯାନ ଆରମ୍ଭ କରିବାକୁ ଏହା ଏକ ଉତ୍କୃଷ୍ଟ ମଞ୍ଚ। ଚଳିତବର୍ଷ ସୁଭଦ୍ରା ଶକ୍ତିମେଳାରେ ୧୨ କୋଟିରୁ ଊର୍ଦ୍ଧ୍ୱ ବେପାର ହୋଇଛି, ଯାହା ଗତବର୍ଷ ତୁଳନାରେ ଦୁଇ ଗୁଣା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଲେ, ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ନିମନ୍ତେ ସରକାର ପ୍ରୟାସ ଜାରି ରଖିଛନ୍ତି। ମିଶନ ଶକ୍ତି ବିଭାଗର ନିର୍ଦ୍ଦେଶିକା ଡ଼. ମୋନିକା ପ୍ରିୟଦର୍ଶିନୀ ସ୍ୱାଗତ ଅଭିଭାଷଣ ଦେଇଥିବାବେଳେ ବିଭାଗୀୟ ଯୁଗ୍ମ ଶାସନ ସଚିବ ମମତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମ ସ୍ଥାନ ପାଇଁ ୩୦ହଜାର ଟଙ୍କା, ଦ୍ୱିତୀୟ ସ୍ଥାନ ପାଇଁ ୨୫ ହଜାର ଟଙ୍କା ଏବଂ ତୃତୀୟ ସ୍ଥାନ ପାଇଁ ୨୦ହଜାର ଟଙ୍କାର ପୁରସ୍କାର ରାଶି ସହିତ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ପୁରୀର ମା ମଙ୍ଗଳା ଚିତ୍ରକରକୁ ଶ୍ରେଷ୍ଠ ଷ୍ଟଲ୍‌ଭାବେ ୫୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ସୁଭଦ୍ରା ଶକ୍ତି ମେଳାରେ ପ୍ରଥମଥର ଅଂଶଗ୍ରହଣ କରିଥିବା ୬୯ ଜଣଙ୍କୁ ମାନପତ୍ର ସହିତ ୧୦ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ୧୦ଟି ବର୍ଗରେ ଯଥା ଶ୍ରେଷ୍ଠ ପ୍ରଥମଥର ଅଂଶଗ୍ରହଣକାରୀ ଷ୍ଟଲ, ଶ୍ରେଷ୍ଠ ଖାଦ୍ୟ ଦ୍ରବ୍ୟ ଷ୍ଟଲ, ଶ୍ରେଷ୍ଠ ହସ୍ତତନ୍ତ ଷ୍ଟଲ, ଶ୍ରେଷ୍ଠ ହସ୍ତଶିଳ୍ପ ଷ୍ଟଲ, ଶ୍ରେଷ୍ଠ ଲଘୁ ବନଜାତ ଦ୍ରବ୍ୟ ଷ୍ଟଲ, ଶ୍ରେଷ୍ଠ କୃଷିଜାତ ଦ୍ରବ୍ୟ ଷ୍ଟଲ, ଶ୍ରେଷ୍ଠ ପ୍ରଦର୍ଶନୀ ଷ୍ଟଲ, ଶ୍ରେଷ୍ଠ ପ୍ୟାକେଜିଂ ଷ୍ଟଲ, ଶ୍ରେଷ୍ଠ ଗ୍ରାହକ ପସନ୍ଦ ଷ୍ଟଲ, ଶ୍ରେଷ୍ଠ ଅଭିନବ ଦ୍ରବ୍ୟ ଷ୍ଟଲ ଖୋଲିଥିବା ୩୦ଟି ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଉତ୍ପାଦକ ଗୋଷ୍ଠୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ୩୨୮ଜଣ ମହିଳା ଉତ୍ପାଦ ବିକ୍ରୟ କରି ଲକ୍ଷପତି ଦିଦି ଓ ୧୦ଜଣ ଲକ୍ଷପତି ଦିଦି ମହାଲକ୍ଷପତି ଦିଦିରେ ରୂପାନ୍ତରିତ ହୋଇପାରିଥିବା ସୂଚନା ଦିଆଯାଇଛି।

## 'କେତେ ଫୁଲ ଫୁଟିଛି' ପାଇଁ କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର ପାଇବେ ରାଜକିଶୋର ପାଢ଼ୀ

ଭୁବନେଶ୍ୱର,୧୨।୧୧ (ସୌମ୍ୟରଞ୍ଜନ ରାଉତ)

**୧୫ରେ ପୁରସ୍କାର ବିଜେତାଙ୍କ ସମ୍ମିଳନୀ**




ବିଶିଷ୍ଟ ସାହିତ୍ୟିକ ତଥା କବି ରାଜକିଶୋର ପାଢ଼ୀ ତାଙ୍କ କବିତା ପୁସ୍ତକ 'କେତେ ଫୁଲ ଫୁଟିଛି' ଲାଗି ଓଡ଼ିଆ ଭାଷା ବର୍ଗରେ 'କେନ୍ଦ୍ର ବାଲ୍ ସାହିତ୍ୟ ପୁରସ୍କାର' ପାଇବେ। ନଭେମ୍ବର ୧୫ରେ ନୂଆଦିଲ୍ଲୀର ରବୀନ୍ଦ୍ର ଭବନଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ପୁରସ୍କାର ବିଜେତାଙ୍କ ପାଇଁ ଏକ ସମ୍ମିଳନୀ ଆୟୋଜନ କରାଯିବ। ଯେଉଁଠାରେ ଲେଖକମାନେ ସେମାନଙ୍କ ସୃଜନଶୀଳ ଅନୁଭୂତି ବିଷୟରେ ଆଲୋଚନା କରିବେ। ଏହି ଅବସରରେ ଶିଶୁ ସାହିତ୍ୟରେ ତାଙ୍କର ଅବଦାନ ଲାଗି ଓଡ଼ିଆ ଲେଖକ ରାଜକିଶୋର ପାଢ଼ୀ ଏହି ସମ୍ମାନଜନକ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ପୁରସ୍କାର ପାଇଁ ଦେଶର ବିଭିନ୍ନ ଭାଷାର ୨୪ଜଣ ଲେଖକଙ୍କୁ ମନୋନୀତ କରାଯାଇଛି। ବିଜେତାଙ୍କୁ ମାନପତ୍ର ସହ ୫୦ ହଜାର ଟଙ୍କାର ଚେକ୍ ସାଙ୍ଗକୁ ଏକ କାଂସ୍ୟ ଫଳକ ପ୍ରଦାନ କରାଯିବ। ବାର୍ଷିକ ପୁରସ୍କାର ବିତରଣ ସମାରୋହ ଆସନ୍ତା ୧୪ରେ ନୂଆଦିଲ୍ଲୀ ତାନ୍‌ସେନ୍ ମାର୍ଗସ୍ଥିତ ତ୍ରିବେଣୀ ଅଡିଟୋରିୟମଠାରେ ଅନୁଷ୍ଠିତ ହେବ। ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ସମ୍ମାନିତ ଅତିଥି ଭାବରେ ଗୁଜରାଟୀ ଲେଖକ ବର୍ଷା ଦାସ ଯୋଗଦେବେ।

## ପଟୁଆଁ ହେଲେ ପ୍ରଭୁ ଶ୍ରୀଲିଙ୍ଗରାଜ, କପିଳେଶ୍ୱର ମହାଦେବ


ଶ୍ରୀକପିଳେଶ୍ୱର ମହାଦେବ

ପୁରୁଣା ଭୁବନେଶ୍ୱର, ୧୨।୧୧(ସୁବାସ ଚନ୍ଦ୍ର ପ୍ରଧାନ)

ପ୍ରଥମାଷ୍ଟମୀ ଅବସରରେ ବୁଧବାର ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଏବଂ କପିଳେଶ୍ୱର ଗ୍ରାମରେ ପୂଜା ପାଉଥିବା ଶ୍ରୀକପିଳେଶ୍ୱର ମହାଦେବଙ୍କ ପଟୁଆଁ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସେବକମାନଙ୍କ ଦ୍ୱାରା ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ସନ୍ଧ୍ୟା ଧୂପ ଆଳତି କରାଯାଇଥିଲା। ପରେ ପ୍ରଭୁ ଶ୍ରୀଲିଙ୍ଗରାଜ ଏବଂ ଅନ୍ୟ ଦେବଦେବୀଙ୍କ ସହ ସୁସଜ୍ଜିତ ବିମାନ ଓ ପାଲିଙ୍କିରେ ସ୍ୱମନ୍ଦିରର ପଶ୍ଚିମ ପଟରେ ଥିବା ଲିଙ୍ଗରାଜଙ୍କ ମାମୁଁଘର ତଥା ଶ୍ରୀମୈତ୍ରେୟେଶ୍ୱର ଦେବଙ୍କ ମନ୍ଦିରରେ ପହଞ୍ଚି ଯଥାବିଧି ନୂତନ ବସ୍ତ୍ର ପରିଧାନ ପୂର୍ବକ ପଟୁଆଁ କାର୍ଯ୍ୟ ସମ୍ପନ୍ନ କରାଯାଇଛି।

ସେହିପରି ସେବକମାନେ କପିଳେଶର ମନ୍ଦିରରୁ ଘଣ୍ଟ ମଶାଲ ସହ ଆସି ମଙ୍ଗଳବାର ସନ୍ଧ୍ୟା ପ୍ରାୟ ୭ଟାରେ କୈବର୍ତ୍ତ ସାହିରେ ପୂଜା ପାଉଥିବା ଶ୍ରୀଖୁଣ୍ଟକେଶ୍ୱର ମହାଦେବ ଙ୍କ(ଯାହାକି କପିଳ ନାଥ ଙ୍କ ମାମୁଁଘର ବୋଲି କୁହାଯାଏ)ମନ୍ଦିରରେ ପହଞ୍ଚି ଥିଲେ। ସେଠାରେ ପୂଜାର୍ଚ୍ଚନା ସରିବା ପରେ ଭଣଜା କପିଳ ନାଥଙ୍କ ନିମନ୍ତେ ମାମୁଁଘରୁ ନବ ବସ୍ତ୍ର ନେଇ ବିରାଟ ପଟୁଆରରେ ଘଣ୍ଟ, ବାଣ, ବାଜା ଓ ଶଙ୍ଖ ବଜାଇ ସେବକମାନେ କପିଳ ନାଥ ମନ୍ଦିରକୁ ଫେରିଥିଲେ। ପ୍ରଥମାଷ୍ଟମୀରେ ପ୍ରଭୁଙ୍କ ୪ ଧୂପରେ ୪ ଗୋଟି ନୂତନ ବସ୍ତ୍ର ପରିଧାନ କରି ପୂଜା ପାଉଛନ୍ତି। ଏହି ଶୋଭାଯାତ୍ରାରେ ମାମୁଁଘର ପଟୁ କୈବର୍ତ୍ତ ସାହିର ବୃନ୍ଦାବନ ବେହେରା, ଲକ୍ଷ୍ମୀଧର ବେହେରା, ବାସୁଦେବ ବେହେରା ମାନ୍ୟ ଗଣ୍ୟ ଓ ମୁରବିମାନେ ଯୋଗ ଦେଇଥିଲେ।

## ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'ରେ ପୁରସ୍କାର ବିତରଣ


ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'ର ବୁଧବାର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ଶିଶୁ ପ୍ରତିଭାମାନେ।

ଭୁବନେଶ୍ୱର,୧୨।୧୧(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡ଼ିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ପୁରସ୍କାର ବିତରଣ କରାଯାଇଛି। ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ସମାଜ କଲ୍ୟାଣର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ, ୟୁନିସେଫ୍‌ର ରାଜ୍ୟ ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ ହଲୋନ ଜୁନିୟର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କ ପ୍ରତିଭା ବିକାଶ କରିବାରେ ସହାୟକ ହେବା ସହିତ ଶିଶୁଙ୍କ ଲୁକ୍କାୟିତ ମହକକୁ ଲୋକଲୋଚନକୁ ଆଣିପାରୁଛି। ଶିଶୁମାନଙ୍କୁ ନୂତନ ସମ୍ଭାବନା ଦିଗରେ ଅଗ୍ରସର କରାଇବାରେ ଏହା ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅନୁଷ୍ଠାନର ପିଲାମାନେ ଯୋଗଦେଇ ନୃତ୍ୟ, ସଙ୍ଗୀତ, ବକ୍ତୃତା, ଚିତ୍ରକଳା ଓ କୁଇଜ ପ୍ରତିଯୋଗିତାରେ ସେମାନଙ୍କ ପାରଦର୍ଶିତା ପ୍ରତିପାଦନ କରିଥିଲେ। ସେହିଭଳି ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମରେ ତିନିଦିନିଆ 'ଉତ୍ସାହ' କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

## ଆଜିଠାରୁ 'କୋହର୍ଟ କନେକ୍ଟ' ଜାତୀୟ ସମ୍ମିଳନୀ

**ଯୋଗଦେବେ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ**

ଭୁବନେଶ୍ୱର, ୧୨।୧୧(ବନ୍ଦନା ସେଠୀ)

ଭାରତ ଏବେ ହୃଦ୍‌ରୋଗ-ମେଟାବୋଲିକ୍ ରୋଗଗୁଡ଼ିକ ସହିତ ସଂଘର୍ଷ କରିଚାଲିଛି। ଏଭଳି ସ୍ଥିତିରେ ବୈଜ୍ଞାନିକ ଏବଂ ଶିଳ୍ପ ଗବେଷଣା ପରିଷଦ (ସିଏସ୍‌ଆଇଆର୍) ଏହାର ପ୍ରମୁଖ ପଦକ୍ଷେପ ଫେନୋମ ଇଣ୍ଡିଆ-ସିଏସ୍‌ଆଇଆର୍ ସ୍ୱାସ୍ଥ୍ୟ କୋହର୍ଟ ନଲେଜ୍‌ବେସ୍(PI-CHeCK) ମାଧ୍ୟମରେ ଦେଶରେ ସ୍ୱାସ୍ଥ୍ୟକ୍ଷେତ୍ରକୁ ଡିକୋଡ୍ କରିବା ପାଇଁ ପ୍ରୟାସ କରୁଛି। ଏହି ପଦକ୍ଷେପକୁ ଆଗକୁ ବଢ଼ାଇବା ପାଇଁ ଗୁରୁବାର ଏବଂ ଶୁକ୍ରବାର ଦୁଇଦିନ ଧରି ଭୁବନେଶ୍ୱରସ୍ଥିତ ସିଏସଆଇଆର୍-ଆଇଏମ୍ଏମ୍‌ଟିଠାରେ ଜାତୀୟ ସମ୍ମିଳନୀ 'କୋହର୍ଟ କନେକ୍ଟ' ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ କେନ୍ଦ୍ର ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଜିତେନ୍ଦ୍ର ସିଂ ଯୋଗଦେବେ। ଏଥିସହିତ ପ୍ରମୁଖ ଅଂଶୀଦାର, ଡାକ୍ତର ଏବଂ ଚିକିତ୍ସା କ୍ଷେତ୍ରର ବିଶେଷଜ୍ଞମାନେ ମଧ୍ୟ ଏଥିରେ ଯୋଗଦେବେ ବୋଲି ବୁଧବାର ସିଏସ୍‌ଆଇଆର୍‌ଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ ସିଏସ୍‌ଆଇଆର୍ ହେଲ୍‌ଥ କୋହର୍ଟ ନଲେଜବେସ୍‌ର ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟର ଶାନ୍ତନୁ ସେନଗୁପ୍ତା କହିଲେ, ଏବେସୁଦ୍ଧା ୧୬ଟି ରାଜ୍ୟରେ ୩୭ଟି ପ୍ରୟୋଗଶାଳା ସ୍ଥାପନ କରାଯିବ। ଏଥିପାଇଁ ୨୦୨୩ ଡିସେମ୍ବର ୭ରୁ ୧୦ ହଜାର ଲୋକଙ୍କୁ ନେଇ ଏକ ଅଧ୍ୟୟନ ଆରମ୍ଭ ହୋଇଛି। ଆଉ ଗୋଟିଏ ବର୍ଷ ପରେ ଏହି ଅଧ୍ୟୟନ ଦ୍ୱାରା ସମ୍ପୃକ୍ତ ବ୍ୟକ୍ତିଙ୍କର ଜେନେଟିକ୍ସ, ଜୀବନଶୈଳୀ, ଖାଦ୍ୟ ଏବଂ ପରିବେଶଗତ କାରକର ତଥ୍ୟ ଜଣାପଡିବା ସହିତ ଭବିଷ୍ୟତରେ ସେମାନଙ୍କୁ କେଉଁ କେଉଁ ରୋଗ ହେବାର ଆଶଙ୍କା ରହିଛି ତାହାର ଆକଳନ କରାଯାଇ ପାରିବ। ଆଗାମୀ ଦିନରେ ଦେଶର ବିଭିନ୍ନ ରାଜ୍ୟରେ ଏହି ଅଧ୍ୟୟନ କରାଯିବାର ଯୋଜନା ରହିଥିବା ସେନଗୁପ୍ତା ସୂଚନା ଦେଇଥିଲେ। ସମ୍ମିଳନୀରେ ସିଏସ୍‌ଆଇଆର୍-ଆଇଜିଆଇବି ନିର୍ଦ୍ଦେଶକ ସୌଭିକ ମାଇତି, ସିଏସ୍‌ଆଇଆର୍-ଆଇଏମ୍ଏମ୍‌ଟିର ନିର୍ଦ୍ଦେଶକ ରାମାନୁଜ ନାରାୟଣ, ସିଏସ୍‌ଆଇଆର ହେଲ୍‌ଥ କୋହର୍ଟ ନଲେଜବେସ୍‌ର ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟର ଶାନ୍ତନୁ ସେନଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ସିଏସ୍‌ଆଇଆର୍ ହେଲ୍‌ଥ କୋହର୍ଟ ନଲେଜବେସ୍‌ର ପ୍ରିନ୍ସିପାଲ ଇନ୍‌ଭେଷ୍ଟିଗେଟର ଶାନ୍ତନୁ ସେନଗୁପ୍ତାଙ୍କ ସହ ଅନ୍ୟମାନେ।

## ବିଆଇପିଏଫ୍ ଶାମ୍ଭବୀ ପୁରସ୍କାର ପାଇଁ ଆବେଦନ ଆହ୍ୱାନ

ଭୁବନେଶ୍ୱର,୧୨।୧୧

ବଂଶୀଧର ଏବଂ ଇଲା ପଣ୍ଡା ଫାଉଣ୍ଡେଶନ (ବିଆଇପିଏଫ୍) ପକ୍ଷରୁ ୧୩ତମ ଶାମ୍ଭବୀ ପୁରସ୍କାର ପାଇଁ ସାମାଜିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିବିଶେଷ, ଗୋଷ୍ଠୀ ଏବଂ ସଙ୍ଗଠନଠାରୁ ଆବେଦନ ଆମନ୍ତ୍ରଣ କରାଯାଇଛି। ଶାମ୍ଭବୀ ପୁରସ୍କାର ବାବଦକୁ ୫ ଲକ୍ଷ ଟଙ୍କାର ନଗଦ ରାଶି, ପ୍ରଶସ୍ତିପତ୍ର ଏବଂ ଏକ ଟ୍ରଫି ପ୍ରଦାନ କରାଯିବ। ସେହିପରି ଜୁରି ପ୍ରଶଂସା ପ୍ରମାଣପତ୍ରରେ ୧ ଲକ୍ଷ ଟଙ୍କା ନଗଦ ପୁରସ୍କାର ସହ ପ୍ରଶସ୍ତିପତ୍ର ପ୍ରଦାନ କରାଯିବ। ତୃଣମୂଳ ସ୍ତରରେ ସମ୍ପ୍ରଦାୟରେ ପ୍ରଭାବଶାଳୀ ପରିବର୍ତ୍ତନ ଆଣିଥିବା ବ୍ୟକ୍ତିବିଶେଷଙ୍କୁ ଉତ୍ସାହିତ କରିବା ପାଇଁ ୨୦୧୪ରେ ବିଆଇପିଏଫ୍ ପକ୍ଷରୁ 'ଶାମ୍ଭବୀ ପୁରସ୍କାର' ପ୍ରଦାନ ଆରମ୍ଭ କରାଯାଇଥିଲା। ଏବର୍ଷ ବିଆଇପିଏଫ୍ ସାମାଜିକ ନବସୃଜନ ଉପରେ ଏକ ନୂତନ ଧ୍ୟାନ ପ୍ରଦାନ କରିଛି, ଯାହା ଦ୍ୱାରା ଷ୍ଟାର୍ଟଅପ୍, ଉଦ୍ୟୋଗୀ, ଛାତ୍ର, ଅଣ ସରକାରୀ ସଙ୍ଗଠନ, ସିଏସ୍‌ଆର୍ ବୃତ୍ତିଗତ ଏବଂ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ଜଳ ଓ ପରିମଳ, ମହିଳା ସଶକ୍ତୀକରଣ ଓ ସମ୍ପ୍ରଦାୟ କଲ୍ୟାଣ ପାଇଁ କାର୍ଯ୍ୟ କରୁଥିବା ସଂଗଠନଗୁଡ଼ିକୁ ଉତ୍ସାହିତ କରାଯାଇପାରିବ। ପ୍ରଭାବ, ସ୍ଥାୟିତ୍ୱ, ସମ୍ପ୍ରଦାୟ ଅଂଶଗ୍ରହଣ, ସ୍କେଲେବିଲିଟି, ନବସୃଜନ ଏବଂ ହିତାଧିକାରୀଙ୍କ ସଂଖ୍ୟା ଭଳି ମାନଦଣ୍ଡ ଉପରେ ଆଧାରିତ। ସରକାର, ଶିକ୍ଷା, ଶିଳ୍ପ, ଗଣମାଧ୍ୟମର ସମ୍ମାନିତ ନେତା ଏବଂ ବିଆଇପିଏଫ୍‌ର ପ୍ରତିନିଧିଙ୍କୁ ନେଇ ଗଠିତ ଏକ ସ୍ୱାଧୀନ ଜୁରି ପ୍ୟାନେଲ ପ୍ରତିବର୍ଷ ବିଜେତାଙ୍କ ଚୟନ କରିଥାନ୍ତି। ଶାମ୍ଭବୀ ପୁରସ୍କାର ପାଇଁ ୱେବ୍‌ସାଇଟ www.bipf.orgରେ ବିବରଣୀ ଓ ଫର୍ମ ଉପଲବ୍ଧ ରହିଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଆବେଦନ କରିବାକୁ ବିଆଇପିଏଫ୍ ପକ୍ଷରୁ କୁହାଯାଇଛି।

## ଏନ୍‌ଡିଆର୍‌ଏଫ୍ ପକ୍ଷରୁ ତାଲିମ ଶିବିର

ତ୍ରିଶୂଳିଆ, ୧୨।୧୧(ତୁଷାର କାନ୍ତ ବେହେରା)

ବାରଙ୍ଗ ବ୍ଲକ ଅନ୍ତର୍ଗତ ମୁଣ୍ଡଳି ଗ୍ରାମପଞ୍ଚାୟତ ପରିସରରେ ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ପକ୍ଷରୁ ବୁଧବାର ପ୍ରାଥମିକ ଉପଚାର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିଭଳି ପ୍ରାଥମିକ ଉପଚାର ତାଲିମ କରାଯାଇ ପାରିବ, ବନ୍ୟା ସମୟରେ ନିଜସ୍ୱ ଉଦ୍ୟମରେ କିଭଳି ନିଜକୁ ଉଦ୍ଧାର କରିବ, ସାପ କାମୁଡାର ପ୍ରାଥମିକ ଚିକିତ୍ସା, ଚେତା ନଥିବା ଲୋକର କଣ କଲେ ଚେତା ଫେରିବ ସେ ସମ୍ପର୍କରେ ଇନସ୍ତ୍ରକ୍ଟର ରିତିକ କୁମାର ଓ ଡି.ରବି ଉପସ୍ଥିତ ଲୋକମାନଙ୍କୁ ବିଭିନ୍ନ କୌଶଳ ମାଧ୍ୟମରେ ବୁଝାଇଥିଲେ। ଇନ୍ସପେକ୍ଟର ସନ୍ଦୀପ ସିଂହଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ମୁଣ୍ଡଳି ସରପଞ୍ଚ କଣ୍ଟେଇ ସାହୁ, ସମାଜସେବୀ ଅଶ୍ୱିନୀ ସାହୁ, ସନ୍ତୋଷ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଦୂଷଣ ଦୂର କରିବାକୁ ନବୀକରଣଯୁକ୍ତ ଶକ୍ତି ଉପରେ ଫୋକସ୍ ଆବଶ୍ୟକ

ଭୁବନେଶ୍ୱର, ୧୨।୧୧(ବନ୍ଦନା ସେଠୀ)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି)ର ମିଳିତ ଆନୁକୂଲ୍ୟରେ ବୁଧବାର '୫ମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ' ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। 'ବାୟୁ ପ୍ରଦୂଷଣ ଏବଂ ଜଳବାୟୁ ପରିବର୍ତ୍ତନ: ପରସ୍ପର ସଂଯୋଗ, ପ୍ରଭାବ ଏବଂ ସମନ୍ୱିତ ସମାଧାନ ଅନୁସନ୍ଧାନ' ଶୀର୍ଷକ ଏହି ସମ୍ମିଳନୀରେ ଆଇସିସି ପୂର୍ବତନ ଅଧ୍ୟକ୍ଷ ଜେ.ବି. ପାଣି ଅଧ୍ୟକ୍ଷତା କରିଥିଲେ। ଓଡ଼ିଶାରେ ଅଧିକ ଶିଳ୍ପାଞ୍ଚଳ ରହିଥିବାବେଳେ ଏହା ମିନେରାଲ ବେସ୍‌ଡ। ଏଥିପାଇଁ ଅଧିକ ବାୟୁ ପ୍ରଦୂଷଣ ହେଉଛି। ତେଣୁ ଆମକୁ ନ୍ୟୁକ୍ଲିୟର ଓ ନବୀକରଣଯୁକ୍ତ ଶକ୍ତି ଉପରେ ଫୋକସ୍ କରିବା ଆବଶ୍ୟକ ବୋଲି ପାଣି ମତ ରଖିଥିଲେ। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ ଯୋଗଦେଇ କହିଲେ, ସାମ୍ପ୍ରତିକ ପରିସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଏକ ପ୍ରମୁଖ ସମସ୍ୟା ହୋଇ ଛିଡ଼ାହୋଇଛି। ସରକାର ପ୍ରଦୂଷଣ କମାଇବାକୁ ଅନେକ ପଦକ୍ଷେପ ନେଉଛନ୍ତି। ରାସ୍ତା ଧୂଳି, ବିଲ୍ଡିଂ ତିଆରି ପାଇଁ ମଧ୍ୟ ପ୍ରଦୂଷଣ ବଢୁଛି। ତେଣୁ ପ୍ରଦୂଷଣ କମାଇବାକୁ ସମସ୍ତଙ୍କୁ ସଚେତନ ହେବାକୁ ପଡିବ। ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ କମିଶନର ତଥା ସଚିବ ଭୂପିନ୍ଦର ସିଂ ପୁନିଆ କହିଲେ, ଜଳବାୟୁ ପ୍ରଦୂଷଣ ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଶିଳ୍ପାଞ୍ଚଳ ସହ ଆମେ ବ୍ୟକ୍ତିଗତ ସ୍ତରରେ ମଧ୍ୟ ପ୍ରଦୂଷଣର କାରଣ ପାଲଟିଛେ। ସଚେତନତା ହିଁ ପ୍ରଦୂଷଣକୁ କମାଇପାରିବ ବୋଲି ସେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ଏସ୍‌ଏମ୍‌ଇ ନିର୍ଦ୍ଦେଶକ ଅବୋଲି ସୁନୀଲ ନାରାଭାନେ, ସହ ଆବାହକ ଇଂ. ରାଜେଶ କାନୁନ୍‌ଗୋ, ରାଜ୍ୟ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟ ଉପନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଉପରେ ମତ ରଖିଥିଲେ। ଡ. ଏନ୍.ଆର୍. ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।


ଭୁବନେଶ୍ୱରଠାରେ ବୁଧବାର ଅନୁଷ୍ଠିତ ୫ମ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

## ଫରେଷ୍ଟ ଡାଇଭର୍ସନ ପ୍ରସ୍ତାବର ତ୍ୱରିତ ପ୍ରକ୍ରିୟାକରଣକୁ ଗୁରୁତ୍ୱ

ଭୁବନେଶ୍ୱର, ୧୨।୧୧ (ବନ୍ଦନା ସେଠୀ)

**ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ତୃତୀୟ ସମନ୍ୱୟ ବୈଠକ**


ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସହ ଅଧିକାରୀମାନେ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ତୃତୀୟ ସମନ୍ୱୟ ବୈଠକ ବୁଧବାର ଗୃହ ବିଭାଗ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ସମ୍ବନ୍ଧୀୟ ସମସ୍ୟାର ସମାଧାନ ଏବଂ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଫରେଷ୍ଟ ଡାଇଭର୍ସନ ପ୍ରସ୍ତାବଗୁଡ଼ିକର ତ୍ୱରିତ ପ୍ରକ୍ରିୟାକରଣ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଏଥିରେ ଅଧ୍ୟକ୍ଷତା କରି ଗତ ବୈଠକରେ ଆଲୋଚିତ ପ୍ରକଳ୍ପଗୁଡିକର ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପିଏମ୍‌ଜି/ପ୍ରଗତି ପୋର୍ଟାଲରେ ଥିବା ମୁଖ୍ୟ ପ୍ରକଳ୍ପ, କ୍ୟାପିଟାଲ ରିଜିଅନ ରିଂରୋଡ୍ ପ୍ରକଳ୍ପ, ଦକ୍ଷିଣ ପୂର୍ବ ରେଳପଥର ବାଙ୍ଗିରିପୋଷିଠାରୁ ଗୋରୁମହିଷାଣୀ ନୂତନ ରେଳ ଲାଇନ, ରିଲାଏନ୍ସ ଜିଓ ଇନ୍‌ଫୋକମ୍ ଲିମିଟେଡ୍ ଏବଂ ବିଏସ୍‌ଏନ୍‌ଏଲ୍‌ର ୪ଜିଭିତ୍ତିକ ମୋବାଇଲ ସେବା ପ୍ରକଳ୍ପ, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ(ଜିଏସ୍‌ଆଇ)ର ଖନନ ଅନୁସନ୍ଧାନ ପ୍ରସ୍ତାବ, ଏନ୍‌ଟିପିସିର ତୁଲାଙ୍ଗ ମାଇନ୍ ପ୍ରକଳ୍ପ ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ ହୋଇଥିଲା। ଏଥିସହ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକର ଫରେଷ୍ଟ ଡାଇଭର୍ସନ ଅନୁମୋଦନ ପ୍ରକ୍ରିୟାକୁ ପ୍ରାଥମିକତା ଦେଇ ସମସ୍ତ ମାମଲାର ସମାଧାନ କରିବାକୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ, ଡିଭିଜନ ବନଖଣ୍ଡ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷକରି କ୍ୟାପିଟାଲ ରିଜିଅନ ରିଂରୋଡ୍ ପ୍ରକଳ୍ପ ଅଧୀନରେ ଆସୁଥିବା ଢେଙ୍କାନାଳ, ଆଠଗଡ଼, କଟକ ଏବଂ ଖୋର୍ଦ୍ଧା ବନଖଣ୍ଡରେ ଭୂମି ଅଧିଗ୍ରହଣ ସମସ୍ୟାଗୁଡ଼ିକୁ ଆସନ୍ତା ୨୦ ତାରିଖ ଭିତରେ ସମାଧାନ କରିବାକୁ ସମ୍ପୃକ୍ତ ଡିଭିଜନର ବନଖଣ୍ଡ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନାବଶ୍ୟକ ବିଳମ୍ବକୁ ଏଡ଼ାଇବା ପାଇଁ ସମସ୍ତ ପର୍ଯ୍ୟାୟରେ ତଦାରଖ, ସୁବିଧା ଏବଂ ଅନୁପାଳନ ନିଶ୍ଚିତ କରିବାକୁ ନୋଡାଲ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ପ୍ରକ୍ରିୟାକରଣ ସମୟକୁ କମ୍ କରିବା ପାଇଁ ସମସ୍ତ ଆବଶ୍ୟକ ଡକ୍ୟୁମେଣ୍ଟ, ମାନଚିତ୍ର ଏବଂ ଏନ୍‌କ୍ଲୋଜରକୁ ବିଳମ୍ବ ନ କରି ସମ୍ପୃକ୍ତ ଡିଏଫ୍‌ଓଙ୍କୁ ଦାଖଲ କରିବାକୁ ଉପଭୋକ୍ତା ଏଜେନ୍ସିଗୁଡ଼ିକୁ କୁହାଯାଇଛି। ଶିଳ୍ପ ବିଭାଗଗୁଡ଼ିକ ଅନେକ ଶିଳ୍ପ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଥିବାରୁ ବନ ବିଭାଗ ସକ୍ରିୟ ଓ ତ୍ୱରିତ ଭାବେ ବିଭିନ୍ନ ଶିଳ୍ପ ପାଇଁ ଜମି ଚିହ୍ନଟ, ସର୍ଭେ ଏବଂ ସୀମା ନିର୍ଦ୍ଧାରଣ, ଜନଶୁଣାଣି ଇତ୍ୟାଦି ଦ୍ୱାରା ଜଙ୍ଗଲ ପରିବର୍ତ୍ତନ ପ୍ରସ୍ତାବ ଦାଖଲ କରି ସହଜ ପନ୍ଥା ଗ୍ରହଣ କରିବାକୁ ପରାମର୍ଶ ଦିଆଯାଇଛି। ବୈଠକରେ ଅତିରିକ୍ତ ପିସିସିଏଫ୍(ନୋଡାଲ) କେ.ମୁରୁଗେଶନ, ସ୍ୱତନ୍ତ୍ର ଶାସନ ସଚିବ ଲିଙ୍ଗରାଜ ଓଟା, ସିସିଏଫ୍ (ନୋଡାଲ) ଏ.କେ. କର, ରେଲ୍‌ୱେ ମୁଖ୍ୟ ଯନ୍ତ୍ରୀ ସଞ୍ଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଗୋଳବାଇରେ ହାତୀ ଉପଦ୍ରବ

## ଗଛ ଭାଙ୍ଗିଲା, ଫସଲ ନଷ୍ଟ କଲା

ନିରାକାରପୁର,୧୨।୧୧ (ମାନସ ଚନ୍ଦ୍ର ପଟ୍ଟନାୟକ)



ଦୁଇଦିନ ହେବ ଗୋଳବାଇ ଅଞ୍ଚଳରେ ଜଙ୍ଗଲୀ ହାତୀ ଉପଦ୍ରବ ଲାଗିରହିଛି। ଏକ ଗୋଠଛଡ଼ା ଦନ୍ତା ମଙ୍ଗଳବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ଗୋଳବାଇ ବଜାର ଅଞ୍ଚଳରେ ପଶି କେଳା ପରିଡ଼ା, ସତୁରା ସାହୁ, ମାଗୁଣି ସାହୁ, ବାଲିଆ ବେହେରା ପ୍ରମୁଖଙ୍କ ବାଡ଼ିରେ ପଶି ବ୍ୟାପକ ନଡ଼ିଆଗଛ, ଆମ୍ବଗଛ ଭାଙ୍ଗିବା ସହ କଦଳୀ ଓ ଭଣ୍ଡା ଗଛ ଦଳିଚକଟି ନଷ୍ଟ କରିପକାଇଛି। ସେହିପରି ବୁଧବାର ଅପରାହ୍ନରେ କାୟା ସ୍କୁଲ ନିକଟରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଏପରିକି ଦିନବେଳେ ଗାଁ ଭିତରେ ହାତୀଟିକୁ ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ସନ୍ଧ୍ୟା ପର୍ଯ୍ୟନ୍ତ ହାତୀଟି ଗୋଳବାଇ ଅଞ୍ଚଳରେ ଘୂରିବୁଲୁଥିବା ଦେଖିବାକୁ ମିଳିଥିଲା। ଏଭଳି ସ୍ଥିତିରେ ବନ ବିଭାଗ ତୁରନ୍ତ ଏ ଅଞ୍ଚଳରୁ ଉକ୍ତ ଗୋଠଛଡ଼ା ଦନ୍ତାକୁ ଘଉଡ଼ାଇବା ନିମନ୍ତେ ବରିଷ୍ଠ ନାଗରିକ କସ୍ତୁରି ଚରଣ ସାମନ୍ତରାୟଙ୍କ ସମେତ ଅଞ୍ଚଳବାସୀ ନିବେଦନ କରିଛନ୍ତି। ଏହି ହାତୀପଲ ଦିନବେଳା କାଜୁ, ଆକାଶିଆ, ପଟାସ ଆଦି ଜଙ୍ଗଲ ଓ ନିକଟସ୍ଥ ବଣପାହାଡ଼ରେ ଲୁଚିରହୁଛନ୍ତି। ସଞ୍ଜ ନଇଁଲେ ବାଡ଼ିବଗିଚାରେ ପଶି ବ୍ୟାପକ ଭଣ୍ଡା, କଦଳୀ, ସଜନା ଗଛ ନଷ୍ଟ କରୁଥିବାବେଳେ ରାତିହେଲେ ଗାଁଗଣ୍ଡାରେ ପଶି ଉତ୍ପାତ କରୁଛନ୍ତି। ଏଥିସହ ପଡ଼ିଆ, ପଦର ଓ ଜମିରେ ହୋଇଥିବା ଭେଣ୍ଡି, ଜହ୍ନି, କାକୁଡ଼ି, କଖାରୁ, ବିଲାତି, ବାଇଗଣ ଓ ମକା ଆଦି ସବୁଜ ପନିପରିବା ଖାଇବା ସହ ଦଳିଚକଟି ନଷ୍ଟ କରୁଛନ୍ତି। ବିଶେଷକରି ପାଚିଲା ଧାନଫସଲର ସୁରକ୍ଷା ନେଇ ଏବେ ଚାଷୀ ମହଲରେ ଚିନ୍ତା ଛାଇଯାଇଛି। ଏନେଇ ଭୂଷଣ୍ଡପୁର ଫରେଷ୍ଟର ପ୍ରଶାନ୍ତ କୁମାର ଦାଶ କହିଛନ୍ତି, ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ହାତୀପଲକୁ ଘଉଡ଼ାଇବା ନିମନ୍ତେ ଚେଷ୍ଟା ଚାଲିଛି। ଯେଉଁ ଚାଷୀଙ୍କର ଫସଲ ନଷ୍ଟ ହୋଇଛି ଅବା ଘର ଭାଙ୍ଗି କ୍ଷୟକ୍ଷତି ଘଟିଛି, ସେମାନେ ଆବେଦନ କଲେ ନିୟମ ଅନୁଯାୟୀ ବିଭାଗ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯିବ।

## ବଣୁଆ ହାତୀ ବିଚରଣ ଯୋଗୁ ଲୋକେ ଭୟଭୀତ

ବେଗୁନିଆ, (ସନ୍ଧ୍ୟାରାଣୀ ମିଶ୍ର)

ଦୁଇଟି ବଣୁଆ ହାତୀ ଚନ୍ଦକା ଜଙ୍ଗଲ ଅଞ୍ଚଳରୁ ଆସି ବେଗୁନିଆ ବ୍ଲକରେ ବିଚରଣ କରୁଥିବାରୁ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ହାତୀ ଦୁଇଟି ମଙ୍ଗଳବାର ଶରଧାପୁର, ବାମଡିହ ଓ ଚଣ୍ଡିଆପଲା ଗ୍ରାମରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଖବର ପାଇ ସ୍ଥାନୀୟ ବନପାଳ ପ୍ରିୟଦର୍ଶିନୀ ସେଠୀ ଓ ଦୁର୍ଗାପ୍ରସାଦ ପଣ୍ଡା ପହଞ୍ଚି ହାତୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ବୁଧବାର ସନ୍ଧ୍ୟାରେ ହାତୀ ଦୁଇଟି ଗଡ଼ମାଣତୀର ନିକଟସ୍ଥ ଛିଆମ ଗ୍ରାମ ପାଖରେ ରହିଛନ୍ତି ବୋଲି ବନପାଳ ସେଠୀ କହିଛନ୍ତି। ହାତୀ ଦୁଇଟିଙ୍କୁ ଘଉଡ଼ାଇବା ପାଇଁ ବନ ବିଭାଗ ତରଫରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପଢୁଆଁ ହେଲେ ମା' ଭଗବତୀ

ବାଣପୁର,୧୨।୧୧(ଦିଲ୍ଲୀପ କୁମାର ସ୍ୱାଇଁ)



ପ୍ରଥମାଷ୍ଟମୀ ଅବସରରେ ବୁଧବାର ଶକ୍ତିପୀଠ ଭଗବତୀ କ୍ଷେତ୍ର ବାଣପୁରର ଆରାଧ୍ୟ ଦେବୀ ମା' ଭଗବତୀ ପଢୁଆଁ ହୋଇଛନ୍ତି। ମା' ଭଗବତୀ ଏହି ଅବସରରେ ପିତ୍ରାଳୟରୁ ଆସିଥିବା ନବ ପାଟବସ୍ତ୍ର ପରିଧାନ କରି ନୂଆ ବିରି ନଡ଼ିଆ ଗୁଡ଼ରେ ପ୍ରସ୍ତୁତ ଏଣ୍ଡୁରି ପିଠା ସହ ନାନାଦି ନୈବେଦ୍ୟ ଗ୍ରହଣ କରିଥିଲେ। ଏହି ଅନନ୍ୟ ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ ହୋଇଆସୁଛି। ଓଡ଼ିଆ ଘରର ପର୍ବ ପ୍ରଥମାଷ୍ଟମୀରେ ଇଷ୍ଟ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରି ଘରର ବଡ଼ପୁଅ ବା ବଡ଼ଝିଅ ମାମୁଁଘରୁ ଆସିଥିବା ନବବସ୍ତ୍ର ପରିଧାନ କରିବା ପରେ ବନ୍ଦାପନା ହୋଇ ବିଭିନ୍ନ ସ୍ୱାଦିଷ୍ଟ ପିଠାପଣା ଖାଇଥାନ୍ତି। ସେହି ପରମ୍ପରା ଅନୁଯାୟୀ ମା' ଭଗବତୀଙ୍କୁ ପଢୁଆଁ କରାଯାଇଥିଲା। ଏହା ଦେବୀଙ୍କ ମାନବୀୟ ଲୀଳାର ଏକ ଅଂଶ। ବୁଧବାର ପ୍ରତ୍ୟୁଷରୁ ମନ୍ଦିର ଦ୍ୱାରଫିଟା, ଅଙ୍ଗରାଗ, ମାଜଣା ହୋଇ ମହାପ୍ରସାଦ ଅର୍ପଣ ପରେ ମଙ୍ଗଳ ଆଳତି, ବଲ୍ଲଭ କରାଯାଇ ଛତିଶା ସେବକ ଦଣ୍ଡସେଣା ପିତା ଦକ୍ଷପ୍ରଜାପତିଙ୍କ ମନ୍ଦିରରୁ ପଢୁଆଁ ନିମନ୍ତେ ଅଷ୍ଟମୀ ଭାର ସହିତ ନୂତନ ପାଟବସ୍ତ୍ର ଆଣିଥିଲେ। ଏହି ନୂିନ ପାଟବସ୍ତ୍ରରେ ମା'ଙ୍କୁ ବେଶ କରାଯାଇଥିଲା। ପରେ ଖେଚୁଡ଼ି, ଡାଲି ଓ ଏଣ୍ଡୁରି ପିଠାରେ ଧୂପ କରାଯାଇ ଆଳତି କରାଯାଇଥିଲା। ମା' ଭଗବତୀ ଅପରୂପ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ମା'ଙ୍କ ପଢୁଆଁ ବେଶ ଦର୍ଶନ ନିମନ୍ତେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ବାଣପୁରର ପ୍ରତ୍ୟକ୍ଷ ଦେବତା ଶ୍ରୀରଙ୍ଗନାଥ ଦେବ ଏବଂ ଶ୍ରୀଚରଣ ଚକାଦେବଙ୍କ ପୀଠରେ ପ୍ରଥମାଷ୍ଟମୀ ପାଳିତ ହୋଇଯାଇଛି।

# ବିଜ୍ଞାନମେଳାରେ ୭୬ ପ୍ରକଳ୍ପ ପ୍ରଦର୍ଶିତ

ବେଗୁନିଆ,୧୨।୧୧(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଆନୁକୂଲ୍ୟରେ ବିଦ୍ୟାଳୟର ବାଳକ ଓ ବାଳିକା ବର୍ଗର ବାଲ ବୈଜ୍ଞାନିକମାନେ ୭୬ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଦର୍ଶନୀ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସାରୁଅସ୍ଥିତ ପଞ୍ଚପଲ୍ଲୀ ବାଉତୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ୍ୱର ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଶିକ୍ଷକ ତନ୍ମୟ କୁମାର ଖୁଣ୍ଟିଆ ମଞ୍ଚାସୀନ ଥିଲେ। କନିଷ୍ଠ ଓ ବରିଷ୍ଠ ବିଭାଗରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଧୀନରେ ୧୪ଟି ବିଜ୍ଞାନ ପ୍ରକଳ୍ପ ଓ ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୭ଟି ଉପବିଷୟବସ୍ତୁ ଉପରେ ବାଲ ବୈଜ୍ଞାନିକମାନେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଜଳ, ବାୟୁ, ଜୀବଜଗତ, ଶକ୍ତି ସଂରକ୍ଷଣ, ବୃକ୍ଷଲତା, ପରିବେଶ, ସୋଲାର ଏବଂ ପୃଥିବୀ ଆଦି ଅନେକ ପ୍ରକଳ୍ପ ସ୍ଥାନ ପାଇଥିଲା। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଉଦ୍‌ଯାପନୀ ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବେଗୁନିଆ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ଶିବ କୁମାର ମୁନି, ଇଂ. ରାମମାନସ ପଣ୍ଡା, ପଞ୍ଚସଖା ଶିକ୍ଷା ସେତୁର ସଭାପତି ମାୟାଧର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ଓ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷକ ସୌମ୍ୟରଞ୍ଜନ ସାହୁ, ଅଜିତ କୁମାର ପୁରୀ, ଶିକ୍ଷୟିତ୍ରୀ ସସ୍ମିତା ସାହୁ, ମୋହିନୀକାନ୍ତି ଦାସ, ରିସ୍ମାରଶ୍ମି ପାଇକରାୟ, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ଶୁଭସ୍ମିତା ସାହୁଙ୍କ ମାର୍ଗଦର୍ଶନରେ ବିଦ୍ୟାର୍ଥୀମାନେ ପ୍ରକଳ୍ପ ତିଆରି କରିଥିଲେ। ଶିକ୍ଷକ ହିମାଂଶୁ ଭୂଷଣ ସ୍ୱାଇଁ ସ୍ୱାଗତ ଭାଷଣ ଓ ସୂର୍ଯ୍ୟକାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ଆଶା ମୁର୍ମୁ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଶ୍ରୀକାନ୍ତ ପଣ୍ଡା, ପ୍ରଭାତ କୁମାର ନିଶଙ୍କ, କର୍ମଚାରୀ ବିରଞ୍ଚି ନାରାୟଣ ସାହୁ ଓ ବିଶ୍ୱରଞ୍ଜନ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବେଗୁନିଆ ସଦର ମହକୁମାସ୍ଥିତ ପିଏମ୍‌ଶ୍ରୀ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବିଦ୍ୟାଳୟସ୍ତରୀୟ ବିଜ୍ଞାନମେଳାରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

# ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ'ରେ ପୁରସ୍କାର ବିତରଣ

ଭୁବନେଶ୍ୱର,୧୨।୧୧(ସୁଚିସ୍ମିତା ସାହୁ)

ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ରାଜ୍ୟ ଶିଶୁ ସୁରକ୍ଷା ସମିତିର ମିଳିତ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡ଼ିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଶିଶୁ ଉତ୍ସବ 'ମହକ' ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶେଷ ସନ୍ଧ୍ୟାରେ ପୁରସ୍କାର ବିତରଣ କରାଯାଇଛି। ଅତିଥି ଭାବେ ସମନ୍ୱିତ ଶିଶୁ ବିକାଶ ଯୋଜନା ଏବଂ ସମାଜ କଲ୍ୟାଣର ନିର୍ଦ୍ଦେଶକ ମୋନିଷା ବାନାର୍ଜୀ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ, ୟୁନିସେଫ୍‌ର ରାଜ୍ୟ ମୁଖ୍ୟ କ୍ଷେତ୍ର ଅଧିକାରୀ ୱିଲିୟମ ହଲୋନ ଜୁନିୟର ପ୍ରମୁଖ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଏଭଳି କାର୍ଯ୍ୟକ୍ରମ ଶିଶୁଙ୍କ ପ୍ରତିଭା ବିକାଶ କରିବାରେ ସହାୟକ ହେବା ସହିତ ଶିଶୁଙ୍କ ଲୁକ୍କାୟିତ ମହକକୁ ଲୋକଲୋଚନକୁ ଆଣିପାରୁଛି। ଶିଶୁମାନଙ୍କୁ ନୂତନ ସମ୍ଭାବନା ଦିଗରେ ଅଗ୍ରସର କରାଇବାରେ ଏହା ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ରାଜ୍ୟର ବିଭିନ୍ନ ଅନୁଷ୍ଠାନର ପିଲାମାନେ ଯୋଗଦେଇ ସାଂସ୍କୃତିକ ଓ ସୃଜନଶୀଳ ପ୍ରତିଯୋଗିତାରେ ସେମାନଙ୍କ ପାରଦର୍ଶିତା ପ୍ରତିପାଦନ କରିଥିଲେ। କାର୍ଯ୍ୟକ୍ରମରେ ନୃତ୍ୟ, ସଙ୍ଗୀତ, ବକ୍ତୃତା, ଚିତ୍ରକଳା ଓ କୁଇଜ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପିଲାମାନେ ସେମାନଙ୍କ ସୃଜନଶୀଳତା, ଦକ୍ଷତା ଏବଂ ଶୃଙ୍ଖଳାର ପରିଚୟ ଦେଇଥିଲେ। ସେହିଭଳି ଗୁରୁବାରଠାରୁ କଳିଙ୍ଗ ଷ୍ଟାଡିୟମରେ ତିନିଦିନିଆ 'ଉତ୍ସାହ' କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇଛି।

# ବିନା ଲାଇସେନ୍ସରେ ଚାଲିଛି ଲଜ୍, ହୋଟେଲ

## ଫୁଡ୍ ସେଫ୍ଟି ସ୍କ୍ୱାଡ୍ ଷ୍ଟାଣୁ

ଖୋର୍ଦ୍ଧା,୧୨।୧୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହରରେ ବିନା ଫୁଡ୍‌ସେଫ୍ଟି ଓ ଟ୍ରେଡ୍ ଲାଇସେନ୍ସରେ ଅନେକ ହୋଟେଲ ଏବଂ ରେଷ୍ଟୁରାଣ୍ଟ ଚାଲିଛି। ସେହିପରି କେତେକ ହୋଟେଲ ଓ ରେଷ୍ଟୁରାଣ୍ଟରେ ବାସି ତଥା ପଚାଶଢ଼ା ଖାଦ୍ୟ ବିକ୍ରି ନେଇ ଅଭିଯୋଗ ହେଉଛି। ସହରର ଗଳିକନ୍ଦିରେ ଚାଟ୍, ଫାଷ୍ଟଫୁଡ୍ ଓ ଜଳଖିଆ ଦୋକାନ ଖୋଲାଯାଇଛି। ତେବେ ରାସ୍ତାପାର୍ଶ୍ୱରେ ଖୋଲାରେ ବିକ୍ରି ହେଉଥିବା ଖାଦ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅସ୍ୱାସ୍ଥ୍ୟକର ପରିବେଶରେ ଖାଦ୍ୟ ପ୍ରସ୍ତୁତି ଚାଲିଥିବା ଏବଂ ଲୋକେ ଅଖାଦ୍ୟ ଖାଉଥିବା ନେଇ ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ ଖାଦ୍ୟର ମାନ ଯାଞ୍ଚ କରାଯାଉନାହିଁ।

୨୦୨୩ରେ ବିଏମ୍‌ସି ଏବଂ ଖୋର୍ଦ୍ଧା ପୌରାଞ୍ଚଳ ପକ୍ଷରୁ ମିଳିତ ଭାବେ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ହୋଟେଲ ଓ ରେଷ୍ଟୁରାଣ୍ଟ ଉପରେ ଚଢ଼ାଉ କରାଯାଇଥିଲା। ବାସିଖାଦ୍ୟ ଜବତ ସହ ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନ ଥିବାରୁ ଜରିମାନା କରାଯାଇଥିଲା। ରୋଷେଇଗୃହ ପରିଷ୍କାର ରଖିବା ସହ ପଚାଶଢ଼ା ପନିପରିବାକୁ ମନା କରାଯାଇଥିଲା। ବୁଦ୍ଧିଜୀବୀ ପ୍ରଭାତ ମିଶ୍ର କହିଛନ୍ତି, ବିଭାଗୀୟ ଅବହେଳା ଯୋଗୁ ଲୋକେ ଅଖାଦ୍ୟ ଖାଇ ରୋଗାକ୍ରାନ୍ତ ହେଉଛନ୍ତି। ଖାଦ୍ୟର ମାନ ସର୍ବଦା ଗୁଣବତ୍ତାଯୁକ୍ତ ହେବା ଜରୁରୀ ବୋଲି ସେ ମତ ଦେଇଥିଲେ। ଏନେଇ ଯୁବ ସାମାଜିକ କର୍ମୀ ଅବ୍ୟକ୍ତ ହରିହର ଖାଡ଼ଙ୍ଗା କହିଛନ୍ତି, ରାସ୍ତାକଡ଼ ଫୁଟ୍‌ପାଥ୍ ବ୍ୟବସାୟ ହେଉ ଅଥବା ହୋଟେଲ ଖୋଲିବାକୁ ଫୁଡ୍ ଲାଇସେନ୍ସ ନେବାକୁ ପଡ଼ିଥାଏ। ତେବେ ବିନା ଲାଇସେନ୍ସରେ ଦୀର୍ଘବର୍ଷ ଧରି ହୋଟେଲ, ଜଳଖିଆ ଦୋକାନ, ରେଷ୍ଟୁରାଣ୍ଟ ଚାଲିଛି। ଅନ୍ୟପକ୍ଷରେ ପୌର ନିର୍ବାହୀ ଅଧିକାରୀ ରିଜ୍‌ୱାନ କଅକବ କହିଛନ୍ତି, ହୋଟେଲ, ରେଷ୍ଟୁରାଣ୍ଟ, ଜଳଖିଆ ଏବଂ ମିଠା ଦୋକାନ ଖୋଲିବା ଲାଗି ଟ୍ରେଡ୍ ଓ ଫୁଡ୍ ଲାଇସେନ୍ସ ନେବା ଜରୁରୀ। ବିନା ପଞ୍ଜୀକରଣରେ ଦୋକାନ ଖୋଲିବା ଦଣ୍ଡନୀୟ ଅପରାଧ। ପୂର୍ବରୁ ଏ ନେଇ ତାଗିଦ୍ କରାଯିବା ସହ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଛି। ଆଗାମୀ ଦିନରେ ଏହାର ନବୀକରଣ ଅଥବା ପଞ୍ଜୀକରଣ ନ କରାଗଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଦେବଦୀପାବଳିରେ ବଡ଼ଦାଣ୍ଡରେ ଝଲସିବ ଲକ୍ଷେ ଦୀପ

ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)

ପବିତ୍ର ଦେବ ଦୀପାବଳିରେ ଏକଲକ୍ଷ ଦୀପଶିଖାରେ ଝଲସିବ ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡ। ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ଦୀପମୟ ହେବ। ଏନେଇ ଓଡ଼ିଶା ଇଣ୍ଟରନ୍ୟାଶନାଲ୍ ସେଣ୍ଟର ଏବଂ ଶ୍ରୀକ୍ଷେତ୍ର ବିକାଶ ମଞ୍ଚ ପକ୍ଷରୁ ପୁରୀ ହୋଟେଲ୍ ହଲିଡେ ରିସୋର୍ଟରେ ସମ୍ମିଳନୀ କକ୍ଷରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଖରବଦାତା ସମ୍ମିଳନୀରେ ରାଜ୍ୟସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ କହିଛନ୍ତି, ଆସନ୍ତା ୨୦ ତାରିଖ ସନ୍ଧ୍ୟାରେ ପବିତ୍ର ଦେବ ଦୀପାବଳି ଅବସରରେ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶ୍ରୀମନ୍ଦିରର ଛତିଶା ନିଯୋଗ ସମେତ ପୁରୀର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ସଂଗଠନ ଏଥିରେ ଅଂଶଗ୍ରହଣ କରିବେ। ଦେବତାମାନଙ୍କ ଉଦ୍ଦେଶ୍ୟରେ ଶ୍ରୀଜଗନ୍ନାଥ ସଂସ୍କୃତିର ପରମ୍ପରା ଅନୁସାରେ ଦୀପଦାନ କରି ବିଶ୍ୱ ମାନବ ସମାଜରେ ଶାନ୍ତି ପ୍ରତିଷ୍ଠା କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଉକ୍ତ ଦିନ ବିଶ୍ୱଶାନ୍ତି ଅଗ୍ନିହୋତ୍ର ଯଜ୍ଞର ଆୟୋଜନ କରାଯିବ। ସେହିପରି ସନ୍ଧ୍ୟାରେ ଶରଧାବାଲି ସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ଭଜନ ପରିବେଷଣ କରାଯିବ ବୋଲି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜ କିଶୋର ପାତ୍ର, ବରିଷ୍ଠ ନେତା କୃଷ୍ଣଚନ୍ଦ୍ର ପଣ୍ଡା, ବରିଷ୍ଠ ସେବାୟତ ରବୀନ୍ଦ୍ର କୁମାର ପ୍ରତିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କାର୍ଯ୍ୟକ୍ରମକୁ ସଫଳ କରାଇବା ପାଇଁ ଓଡ଼ିଶାର ସମସ୍ତ ଜଗନ୍ନାଥପ୍ରେମୀ ତଥା ପୁରୀର ଜନସାଧାରଣଙ୍କର ସହଯୋଗ କାମନା କରିଥିଲେ।

# ଫାଇନାଲରେ ଉତ୍କଳ ସ୍ପୋର୍ଟିଂ

## ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଯାଁଳା,୧୨।୧୧(ବୁଲା ବାରିକ)

ରାଧାଚରଣପୁର ଖେଳପଡ଼ିଆରେ ଶବର କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଆୟୋଜିତ ୨୭ତମ ରାଜ୍ୟସ୍ତରୀୟ ଶବର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍କଳ ସ୍ପୋର୍ଟିଂ ଜଟଣୀ ଆୟୋଜକ ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘକୁ ୪-୧ ଗୋଲରେ ପରାସ୍ତକରି ଫାଇନାଲରେ ପ୍ରବେଶ କରିଛି। ଖେଳ ପ୍ରଥମାର୍ଦ୍ଧର ୯ ଓ ୨୪ ମିନିଟ୍‌ରେ ଉତ୍କଳ ସ୍ପୋର୍ଟିଂର ୧୦ ନମ୍ବର ଖେଳାଳି ଅମର ଓରାମ ଦୁଇଟି ଗୋଲ ଦେଇ ଦଳକୁ ୨-୦ରେ ଅଗ୍ରଣୀ ରଖିଥିଲେ। ଖେଳର ଦ୍ୱିତୀୟାର୍ଦ୍ଧର ୩୨ ମିନିଟ୍ ସମୟରେ ଆୟୋଜକ ଶବର କ୍ରୀଡ଼ା ସଂଘର ୮ ନମ୍ବର ଖେଳାଳି ତୋଫାନ ନାଏକ ପ୍ରତିପକ୍ଷ ଦଳକୁ ଗୋଟିଏ ଗୋଲ ଦେଇ ଦଳକୁ ୨-୧ ସ୍ଥିତିକୁ ଆଣିଥିଲେ। କିନ୍ତୁ ଉତ୍କଳ ସ୍ପୋର୍ଟିଂ ୪୪ ମିନିଟ ସମୟରେ ୯ ନମ୍ବର ଖେଳାଳି ମାନସ ମାରାଣ୍ଡି ଏବଂ ୪୬ ମିନିଟ୍‌ରେ ୮ ନମ୍ବର ଖେଳାଳି ବାପି ମାରାଣ୍ଡି ପୁଣି ଦୁଇଟି ଗୋଲ ଦେଇ ଦଳକୁ ୪-୧ ସ୍ଥିତିକୁ ଆଣିଥିଲେ। ଫଳରେ ଆୟୋଜକ ଶବର କ୍ରୀଡ଼ା ସଂଘ ଟୁର୍ନାମେଣ୍ଟରୁ ବାଦ୍ ପଡ଼ିଛି। ବିଦେଶୀ ନାଏକ, ଶେଖାଓ୍ୱତ୍ ଖାନ୍, ସାଇରାମ କିସ୍କୁ ଓ ଉପେନ୍ଦ୍ର ନାଏକ ମ୍ୟାଚ ପରିଚାଳନା କରିଥିଲେ। ବିଶିଷ୍ଟ ଫୁଟ୍‌ବଲ ଖେଳାଳି ଦେବାଶିଷ ନାଏକ ଓ ଶିକ୍ଷାବିତ୍ ପୀତବାସ ନନ୍ଦ ଅତିଥି ଭାବେ ଯୋଗଦେଇଥିଲେ।



ଉତ୍କଳ ସ୍ପୋର୍ଟିଂ ଜଟଣୀ ଏବଂ ଖୋର୍ଦ୍ଧା ଜିଲା ଶବର କ୍ରୀଡ଼ା ସଂଘ ମଧ୍ୟରେ ଚାଲିଥିବା ମ୍ୟାଚ୍।

# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

## ୮ ସଫଳ ଚାଷୀ ପୁରସ୍କୃତ

ଜଟଣୀ,୧୨।୧୧(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଆୟୋଜିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ପ୍ରାଣୀସମ୍ପଦ ବିକାଶ ବିଭାଗ ପକ୍ଷରୁ ଆୟୋଜିତ ଏହି ମେଳାରେ ଅତିଥି ରୂପେ ଜଟଣୀ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଛୋଟରାୟ, ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ବେହେରା, ବିଡିଓ ବସନ୍ତ ହାତୀ, ତହସିଲଦାର ଶିବାଶିଷ ପରିଡା, ଏସ୍‌ଡିଭିଓ ଡାକ୍ତର ସଂଜୀବନୀ ପଟେଲ ପ୍ରମୁଖ ଯୋଗଦେଇଥିଲେ। ବ୍ଲକ ପ୍ରାଣୀ ଚିକିତ୍ସକ ଡାକ୍ତର ଆଶିଷ ପଟ୍ଟନାୟକ, ଏଭୟୁଭିଏସ୍ ଡାକ୍ତର ଅନୁପମା ଜେନା, ଜଟଣୀ ଭିଏସ୍ ଶୁଭଶ୍ରୀ ଷଡ଼ଙ୍ଗୀ, ଜଟଣୀ ଏଏଫ୍‌ଓ ମାନସ ରଞ୍ଜନ ଶବର, ଖୋର୍ଦ୍ଧା ଏଏଫ୍‌ଓ ମୋନାଲିସା ମଲ୍ଲିକ, ମୁଖ୍ୟାଳୟ ଏଫ୍‌ଓ ଅମ୍ରିତା ପ୍ରଧାନଙ୍କ ସହିତ ସମସ୍ତ କ୍ଷେତ୍ର କର୍ମଚାରୀ ଉପସ୍ଥିତ ଥିଲେ। ଏହି ମେଳାରେ ଜଟଣୀ ବ୍ଲକ ଅଧୀନ ୧୫ଟି ପଞ୍ଚାୟତରୁ ୩ ଶହ ଚାଷୀ ଯୋଗଦେଇଥିଲେ। ମତ୍ସ୍ୟ ବିଭାଗର ୪ଟି, ଏଆର୍‌ଡିର ୪ଟି, କୃଷି ବିଭାଗର ଗୋଟିଏ, ଫଳ ଓ ପନିପରିବା ଗୋଟିଏ, ମିଶନ ଶକ୍ତିର ଗୋଟିଏ, ପ୍ରାଣୀସମ୍ପଦର ଗୋଟିଏ ସମେତ ମୋଟ୍ ୧୨ ଷ୍ଟଲ୍ ଖୋଲିଥିଲା। ଚାଷୀମାନେ ସରକାରଙ୍କ ବିଭିନ୍ନ ଯୋଜନା ଦ୍ୱାରା କେଉଁ ପ୍ରଣାଳୀରେ କି ଫସଲ ଚାଷକରି ସ୍ୱାବଲମ୍ବୀ ହେବା ସହିତ ଅଧିକ ଲାଭବାନ୍ ହୋଇପାରିବେ ସେସବୁ ଜାଣିବା ପାଇଁ ଷ୍ଟଲ୍ ବୁଲି ଦେଖିଥିଲେ। ଏହି ଅବସରରେ ୮ ଜଣ ଉତ୍ତମ ଚାଷୀଙ୍କୁ ବିଭାଗ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ସେହିପରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ନାଟକ ମାଧ୍ୟମରେ ସଚେତନ କରାଯାଇଥିଲା।




ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାରେ ଯୋଗଦେଇଥିବା ଅତିଥି।

ଐତିହାସିକ ବାଲିଯାତ୍ରାର ୮ମ ଦିନ


କଟକ ବାଲିଯାତ୍ରା ଚଳପଡ଼ିଆ ଗଡ଼ଗଡ଼ିଆ ଘାଟ ମହାନଦୀ ତଟରେ ବୁଧବାର ଅନୁଷ୍ଠିତ ବୋଟ୍ ରେସିଂ ପ୍ରତିଯୋଗିତା(ମହିଳା)।


ଗଡ଼ଗଡ଼ିଆ ଘାଟ ମହାନଦୀ ତଟରେ ଉଡୁଥିବା ଗୁଡ଼ି।



## ୨ ମିନିଟ ଓହଳିଲେ ୫୦୦ ଓ ୨୦୦୦ ଟଙ୍କା ପୁରସ୍କାର

**କଟକ, ୧୨।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଆପଣ ଯଦି ଐତିହାସିକ ବାଲିଯାତ୍ରା କଟକ ବୁଲିବାକୁ ଆସୁଛନ୍ତି ତେବେ ହାତରେ ଟିକେ ସମୟ ନେଇ ଆସନ୍ତୁ। କାରଣ ପୂରା ବୁଲାବୁଲି କରିବା ପାଇଁ ଗୋଟିଏ ଦିନ ବି କମ୍ ପଡ଼ିବ। ଆଉ ବୁଲିବା ବେଳେ ବଡ଼ ବଡ଼ କାର୍ଯ୍ୟକ୍ରମ ତ ଆଖିରେ ନିଶ୍ଚୟ ପଡ଼ିବ। ହେଲେ ପଡ଼ିଆରେ ଏମିତି ଅନେକ ଛୋଟ ଛୋଟ କଥା ଆପଣଙ୍କ ନଜରରେ ପଡ଼ିବ ଯାହା ଆପଣଙ୍କୁ ବେଶ୍ ଆକର୍ଷଣୀୟ ଲାଗିବ ଏବଂ ମନକୁ ଟାଣିବ। ବାଲିଯାତ୍ରାରେ ପ୍ରଥମ କରି ଓହଳିବା ପ୍ରତିଯୋଗିତା କରାଯାଉଛି। ତାହା ବି ମାତ୍ର ଦୁଇ ମିନିଟ ପାଇଁ । ଆପଣଙ୍କୁ ଏକ ମୋଟା ଲୁହା ବାରକୁ ଧରି ଦୁଇ ମିନିଟ ଓହଳି ରହିବାକୁ ପଡ଼ିବ। ଶହେ ଟଙ୍କା ଟିକେଟ କିଣି ଦୁଇ ମିନିଟ ଓହଳି ପାରିଲେ ଆପଣଙ୍କୁ ୫ଶହ ଟଙ୍କା ମିଳିବ। ଦୁଇ ଶହ ଟଙ୍କା ଟିକେଟ କିଣି ଦୁଇ ମିନିଟ ଓହଳି ପାରିଲେ ୨ ହଜାର ଟଙ୍କା ମିଳିବାର ବ୍ୟବସ୍ଥା କରାଯାଇଛି। ହେଲେ ଅନେକ ଲୋକ ଏହି ଚ୍ୟାଲେଞ୍ଜରେ ସଫଳ ନ ହୋଇ ପାରିଲେ ମଧ୍ୟ ଏଥିପାଇଁ ବେଶ୍ ଭିଡ଼ ଦେଖିବାକୁ ମିଳୁଛି।

## ‘ନ୍ୟାୟ ଓଡ଼ିଶା’ ଷ୍ଟଲ୍‌ରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ

ରାଜ୍ୟରେ ବହୁ ହିତାଧିକାରୀ ସରକାରୀ ସହାୟତାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାରେ ଅନ୍ତର୍ଭୁକ୍ତ କରି ସୁବିଧା ଓ ସହାୟତା ଯୋଗାଇଦେବା ନିମନ୍ତେ ବୁଧବାର ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକ ଜିଲା ଆଇନ ସେବା ପ୍ରାଧିକରଣ, ଜିଲା ପ୍ରଶାସନ ଓ ଜିଲା ଶ୍ରମ ବିଭାଗର ମିଳିତ ଉଦ୍ୟମ କରାଯାଇଛି। ଏହି ଅବସରରେ ଐତିହାସିକ ବାଲିଯାତ୍ରା ପଡ଼ିଆରେ ଥିବା ‘ନ୍ୟାୟ ଓଡ଼ିଶା’ ଷ୍ଟଲରେ ବହୁ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟ ମୁଖ୍ୟ ବିଚାରପତି ତଥା ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ପ୍ରମୁଖ ପୃଷ୍ଠପୋଷକ ଜଷ୍ଟିସ ହରିଶ ଟଣ୍ଡନ, ବିଚାରପତି ତଥା ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟ ନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ୍ ମାନସ ପାଠକ, ବିଚାରପତି ତଥା ଉଚ୍ଚ ନ୍ୟାୟାଳୟ ଆଇନ ସେବା କମିଟିର ଅଧ୍ୟକ୍ଷ ଜଷ୍ଟିସ ସଙ୍ଗମ ସାହୁ ଏବଂ ହାଇକୋର୍ଟର ଅନ୍ୟ ସମସ୍ତ ବିଚାରପତି ଉପସ୍ଥିତ ରହି ହିତାଧିକାରୀଙ୍କୁ


ହାଇକୋର୍ଟ ମୁଖ୍ୟ ବିଚାରପତି ହରିସ୍ ଟଣ୍ଡନ ଜଣେ ମହିଳା ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

ବିଭିନ୍ନ ସରକାରୀ ଯୋଜନା ତଥା ଶ୍ରମିକ ପଞ୍ଜୀକୃତ ପରିଚୟପତ୍ର, ମୃତ୍ୟୁକାଳୀନ ସହାୟତା ରାଶି, ବିବାହ ସହାୟତା ରାଶି, ଦୁର୍ଘଟଣା ସହାୟତା ରାଶି, ଉଚ୍ଚଶିକ୍ଷା ସହାୟତା ରାଶି, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା ଆଦି ପ୍ରଦାନ କରିଥିଲେ। ଓଡିଶା ଉଚ୍ଚ ନ୍ୟାୟାଳୟର ରେଜିଷ୍ଟ୍ରାର, ଜିଲା ଆଇନ ସେବା ପ୍ରାଧିକରଣ କଟକର ଅଧ୍ୟକ୍ଷ ତଥା ଜିଲା ଜଜ୍, ଜୁଡିସିଆଲ ଏକାଡେମୀର ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରାଯାଇଥିଲା। କାର୍ଯ୍ୟକ୍ରମରେ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ସଦସ୍ୟ ସଚିବ, ଉପସଚିବ ଏବଂ ସହସଚିବ ଓ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

## ରସିଆ ଗୀତରେ ନଚାଇଲେ ମଣ୍ଟୁ ଛୁରିଆ

ଐତିହାସିକ ବାଲିଯାତ୍ରାର ବୁଧବାର ଅଷ୍ଟମ ସନ୍ଧ୍ୟାରେ ୨ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅକ୍ଷୟ ମହାନ୍ତି ମଞ୍ଚର ମୁଖ୍ୟ ଆକର୍ଷଣ ପାଲଟିଥିଲେ ଓଲିଉଡ୍ କଣ୍ଠଶିଳ୍ପୀ ମଣ୍ଟୁ ଛୁରିଆ। ଶୀତୁଆ ସନ୍ଧ୍ୟାରେ ବେଶ୍ ରୋମାଞ୍ଚକର ଗୀତ ଗାଇ ମଣ୍ଟୁ ଦର୍ଶକଙ୍କ ମନ ଜିତିଥିଲେ। ନିଜ ପ୍ରିୟ କଳାକାରଙ୍କଠୁ ଗୀତ ଶୁଣିବାକୁ ମଞ୍ଚ ନିକଟରେ ଦର୍ଶକଙ୍କ ବେଶ୍ ଭିଡ଼ ଜମିଥିଲା। ମଣ୍ଟୁ ପ୍ରଥମେ ରଙ୍ଗବତୀ ଓ ରଙ୍ଗବତୀ ଗୀତରୁ ଅଷ୍ଟମ ସନ୍ଧ୍ୟାର ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପରେ ପରେ ଝଲମଲ, ଲାଲ୍ ଟହ ଟହ, ରସିଆ, ସେଲ୍ଫି ବେବୋ ଆଦି ଗୀତ ପରିବେଷଣ କରିଥିଲେ। ରସିଆ ଗୀତରେ ମଣ୍ଟୁ ମଞ୍ଚ ତଳେ ଦର୍ଶକଙ୍କ ଗହଣରେ ପହଞ୍ଚି ଗୀତରେ ନଚାଇଥିଲେ। ଏଥିସହ କଟକର ନଡା ବ୍ରହ୍ମ କଳାଶ୍ରୀ ପରିଷଦ ପକ୍ଷରୁ ଭଜନ ପରିବେଷଣ କରାଯାଇଥିଲା। ସେହିପରି କଟକର ତ୍ରିନେତ୍ର କଳା କୁଞ୍ଜ ପକ୍ଷରୁ କାଳୀ ନୃତ୍ୟ, କଟକର ସରସ୍ୱତୀ କଳା କେନ୍ଦ୍ର ପକ୍ଷରୁ ଓଡିଶୀ ନୃତ୍ୟ, କଟକର ଶ୍ରୀ ଗୋପାଳ

### ଛେୟାଁ ଛେୟାଁ ଗୀତରେ ରିଷି ସିଂ ଦୁଲୁକାଇଲେ ମଞ୍ଚ

ଜୀଉ କଳା ନିକେତନ ପକ୍ଷରୁ ମାହାରୀ ନୃତ୍ୟ ମଧ୍ୟରେ ଶିବ ତାଣ୍ଡବ, କଟକର ଆଇଏମ୍‌ଭିଏସ୍ ପକ୍ଷରୁ ଲୋକନୃତ୍ୟ, କଟକର ଦୟାନିଧି ସ୍ମୃତି କଳା ପରିଷଦ ପକ୍ଷରୁ ନାଟକ, ବଲାଙ୍ଗୀର କୋସାଇ ଫୋକ ଏକାଡେମୀ ପକ୍ଷରୁ ସମ୍ବଲପୁରୀ ନୃତ୍ୟ, କଟକର ନୃତ୍ୟମ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ କ୍ରିଷ୍ଣା ରାସ ଲୀଳା ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ଅନ୍ୟପଟେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ବଲିଉଡ୍‌ର କଣ୍ଠଶିଳ୍ପୀ ରିଷି ସିଂ ଜରା ସା ଦିଲ୍ ମେ ଦେ ଜଗା ତୁ, ଯୋ ଭେଜି ଥି ଦୁଆ, ହମ୍ ତେରେ ବିନ୍ ଅବ ରେହ ନହିଁ ସକତେ, ତୁ ଇତ୍‌ନା ଜରୁରୀ କେସେ ହୁଆ, ଛେୟାଁ ଛେୟାଁ ଭଳି ରୋମାଞ୍ଚକର ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ।



## ମାଡିଆ ମାଡିନ ଦର ୫୦ ହଜାର ଟଙ୍କା

ବାଲିଯାତ୍ରାର ଓରମାସ ପରିସରକୁ ଭୁବନେଶ୍ୱରର ସୌମ୍ୟ ରଞ୍ଜନ ମହାନ୍ତି ଆଣିଛନ୍ତି ବ୍ରାସ୍‌ରେ ତିଆରି ଆଦିବାସୀଙ୍କ ସୋ ପିସ୍। ଓରମାସରେ ଥିବା ତାଙ୍କର ଏହି ଷ୍ଟଲରେ ବିଭିନ୍ନ କିସମର ସୋ ପିସ୍ ରହିଛି। ହେଲେ ସେଥିମଧ୍ୟରୁ ମାଡିଆ ମାଡିନ୍ ନାମକ ସୋ ପିସ୍ ରହିଛି। ସମ୍ପୂର୍ଣ୍ଣ ଭାବେ ବ୍ରାସରେ ଏହା ତିଆରି କରାଯାଇଛି। ଏହାର ଦର ୫୦ ହଜାର ଟଙ୍କା ରହିଛି। ସୌମ୍ୟଙ୍କ କହିବା ମୁତାବକ ପ୍ରତ୍ୟେକ ବର୍ଷ ଭଳି କି ଭଳି ଜିନିଷ ଆଣିଥାଉ। ହେଲେ ଚଳିତବର୍ଷ ଏହି ମାଡିଆ ମାଡିଆନ ଦମ୍ପତିଙ୍କ ସୋ ପିସ୍ ଆଣିଛୁ। ଲୋକ ଏହାକୁ ଦେଖିବା ସହ କିଣିବାକୁ ବେଶ୍ ପସନ୍ଦ କରୁଛନ୍ତି।

## ଆଜି ଶ୍ରେୟାଙ୍କ ସଙ୍ଗୀତରେ ଝୁମିବେ ଦର୍ଶକ

ଐତିହାସିକ ବାଲିଯାତ୍ରା କଟକର ଉଦ୍‌ଯାପନୀ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ହେଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାର ଅବଧିକୁ ଆଉ ଗୋଟିଏ ଦିନ ବା ଗୁରୁବାର ପର୍ଯ୍ୟନ୍ତ ବଢ଼ାଇଛନ୍ତି। ଗୁରୁବାର ଏହି ଅବସରରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ବଲିଉଡ କଣ୍ଠଶିଳ୍ପୀ ଶ୍ରେୟା ଘୋଷାଲ ସଙ୍ଗୀତ ପରିବେଷଣ କରିବେ। ଜିଲାପ୍ରଶାସନ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ବାଲିଯାତ୍ରା ପାଇଁ ପ୍ରଚାର ପ୍ରସାର କରାଯାଉଥିବା ପେଜ୍‌ରେ ଶ୍ରେୟାଙ୍କ ବାଲିଯାତ୍ରାରେ ସଙ୍ଗୀତ ପରିବେଷଣ କରିବା ନେଇ ଏକ ଭିଡିଓ ଜାରି କରାଯାଇଛି। ତେବେ ବାଲିଯାତ୍ରାରେ ଶ୍ରେୟାଙ୍କ କାର୍ଯ୍ୟକ୍ରମ ନେଇ ଦର୍ଶକ ବେଶ୍ ଉତ୍ସାହିତ ଥିବା ଦେଖିବାକୁ ମିଳିଛି।

### ଅବ୍ୟବସ୍ଥାରୁ ହଟହଟା ହେଲେ ଲୋକେ

ଗଣକବି ବୈଷ୍ଣବ ପାଣି ମଞ୍ଚରେ ବୁଧବାର ଐତିହାସିକ ବାଲିଯାତ୍ରା କଟକ ୨୦୨୫ର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ହରିବାବୁ କମ୍ଭମପାଟି ଯୋଗ ଦେଇଥିଲେ। ଏହାସହ ଅନ୍ୟାନ୍ୟ ମନ୍ତ୍ରୀ ଓ ବିଧାୟକ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟପାଳଙ୍କ ଗସ୍ତର କିଛି ଘଣ୍ଟା ପୂର୍ବରୁ ଗଣକବି ବୈଷ୍ଣବ ପାଣି ମଞ୍ଚ ନିକଟକୁ ସାଧାରଣ ଲୋକଙ୍କୁ ଛଡ଼ା ଯାଇ ନ ଥିଲା। ମଞ୍ଚ ନିକଟରୁ ପ୍ରାୟ ୨୦୦ ମିଟର ଦୂରରେ ଲୋକଙ୍କୁ ଅଟକାଇ ଦିଆଯାଇଥିଲା। ଭିଆଇପି ଓ ଭିଭିଆଇପିଙ୍କ ଯିବା ଆସିବା ଓ ଗାଡ଼ି ପାର୍କିଂ ସୁବିଧା ପାଇଁ ଏଭଳି ଅବ୍ୟବସ୍ଥା ଯୋଗୁ ସାଧାରଣ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ବାଲିଯାତ୍ରା ସାଧାରଣ ଲୋକଙ୍କ ପାଇଁ କରାଯାଉଥିବାବେଳେ ଏଭଳି ଅବ୍ୟବସ୍ଥା କାହିଁକି କରାଯାଉଛି ତାହା ଏବେ ସାଧାରଣ ଲୋକ ପ୍ରଶ୍ନ ଉଠାଇଛନ୍ତି ।

## ଶ୍ରୀଶ୍ରୀ ମଦନମୋହନ ନଦିଆ ନାମ ସଂକୀର୍ତ୍ତନ ମହାମଣ୍ଡଳ ଗଠିତ

**ଖୁଣ୍ଟୁଣୀ, ୧୨।୧୧(ସଚ୍ଚିଦାନନ୍ଦ ପଣ୍ଡା)**

ଆଠଗଡ଼ ଗୁରୁଡ଼ିଝାଟିଆଠାରେ ମହାନ ଆଧ୍ୟାତ୍ମିକ ସାଧୁ ଅସିତ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଶ୍ରୀ ମଦନମୋହନ ନଦିଆ ନାମ ସଂକୀର୍ତ୍ତନ ମହାମଣ୍ଡଳ ଗଠିତ ହୋଇଛି। ଗୁରୁଡ଼ିଝାଟିଆସ୍ଥିତ ଶ୍ରୀଶ୍ରୀ ମଦନମୋହନ ଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ଏହି ମହାମଣ୍ଡଳରେ ନବେଢ଼ା ଅଞ୍ଚଳର ୨୩ଟି ନଦିଆ ନାମ ସଂକୀର୍ତ୍ତନ ମଣ୍ଡଳୀର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇଛନ୍ତି। ମହାମଣ୍ଡଳ ଗଠନ ପରେ ସର୍ବପ୍ରଥମେ ମନ୍ଦିରଠାରୁ ଏହି ସଂକୀର୍ତ୍ତନ ମଣ୍ଡଳୀର ଶତାଧିକ ସଦସ୍ୟ ନାମ ସଂକୀର୍ତ୍ତନ କରି ଡାକ୍ତରଖାନା ଛକ ଛଗାଁ, ପର୍ବତୀୟା, ବାଳି ଗ୍ରାମ ଦେଇ ମଞ୍ଜେଶ୍ୱର ନିକଟରେ ପହଞ୍ଚିଥିଲେ। ସେଠାରେ ସାମାଜିକ କର୍ମୀ ପିଙ୍କନ ସାହୁ ଓ ତାଙ୍କ ସହଯୋଗୀମାନେ ଏହି ସଂକୀର୍ତ୍ତନ


ଶ୍ରୀଶ୍ରୀ ମଦନମୋହନ ନଦିଆ ନାମ ସଂକୀର୍ତ୍ତନ ମହାମଣ୍ଡଳର ସଦସ୍ୟ।

ମଣ୍ଡଳୀଙ୍କୁ ଅଭ୍ୟର୍ଥନା ଜଣାଇ ଗ୍ରାମ ପରିକ୍ରମା କରାଇଥିଲେ। ପରେ ସମସ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା ସହ ଧବଳେଶ୍ୱରଙ୍କ ପୀଠରେ ଏକ ଧର୍ମ ସଭାର ଆୟୋଜନ କରାଯାଇଥିଲା। ଏଥିରେ ମହାମଣ୍ଡଳର ସଭାପତି ଅନନ୍ତ ପଟ୍ଟନାୟକ, ହୃଦାନନ୍ଦ ବେଉରା, ଭାଗୀରଥି ସାହୁ, ଅକ୍ଷୟ ବେହେରା, ସନାତନ ଦଳାଇ, ସୁଦର୍ଶନ ସ୍ୱାଇଁ, ଭୀମସେନ ରାଉତ, ରବୀନ୍ଦ୍ର ଦଳାଇ ଓ ଗୋକୁଳାନନ୍ଦ ରାଉତ ପ୍ରମୁଖ ବହୁ ଭଗବତପ୍ରେମୀ ବୁଦ୍ଧିଜୀବୀ ଯୋଗଦେଇଥିଲେ।

## ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଯୁବ ସମ୍ମିଳନୀ

**କଣ୍ଟାପଡ଼ା, ୧୨।୧୧(ସୁରନାରାୟଣ ସାହୁ)**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍)ର ଶତାବ୍ଦୀ ବର୍ଷ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ରବିବାର ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂପଶାସିତ ବିଜ୍ଞାନ ଓ ବୈଷୟିକ ମହାବିଦ୍ୟାଳୟଠାରେ ଏକ ଯୁବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୋଟ ୨୫୦ ଯୁବକ ଯୋଗ ଦେଇଥିଲେ। ରାଷ୍ଟ୍ର ହିତ ପାଇଁ ଯୁବ ସମାଜର ଭୂମିକା ଉପରେ କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଥିଲା। ଆର୍‌ଏସ୍‌ଏସ୍‌ର କଟକ ବିଭାଗ ବୌଦ୍ଧିକ ପ୍ରମୁଖ ବିଜୟ କୁମାର ନାୟକ ମୁଖ୍ୟ ବକ୍ତାଭାବେ ଯୋଗଦେଇ ସଂଘର କାର୍ଯ୍ୟ ପଦ୍ଧତି, ବିଭିନ୍ନ ସେବାକାର୍ଯ୍ୟ, ସ୍ୱ ବୋଧ, ସାମାଜିକ ସମରସତା ତଥା ଭାରତର ବିଶ୍ୱକୁ ଅବଦାନ ଉପରେ ନିଜ ବକ୍ତବ୍ୟରେ ରଖିଥିଲେ। ସହ ଜିଲା କାର୍ଯ୍ୟବାହ ରାଜେଶ କୁମାର ଜେନା ଯୋଗଦେଇ ସଂଘ ଶତାବ୍ଦୀ କାର୍ଯ୍ୟକ୍ରମ ଏବଂ ଆଗାମୀ ଦିନରେ ସଂଘର ଲକ୍ଷ୍ୟ ଉପରେ ଆଲୋଚନା କରିଥିଲେ। ଏଥିରେ କଟକ ସହ ଜିଲା ସଂଘ ଚାଳକ ଡ.ରାମ ଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ। ଶିବିରରେ ବିଭିନ୍ନ ମହାପୁରୁଷଙ୍କ ଜୀବନୀ ଉପରେ ଏକ ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା।

## ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୦୭ତମ ପ୍ରତିଷ୍ଠା ଦିବସ



କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୦୭ତମ ପ୍ରତିଷ୍ଠା ଦିବସ ପାଳନ କରାଯାଉଛି।

**କଟକ, ୧୨।୧୧(କାର୍ତ୍ତିକ ସାହୁ)**

ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ୧୦୭ତମ ପ୍ରତିଷ୍ଠା ଦିବସ କଟକ କ୍ଷେତ୍ରୀୟ କାର୍ଯ୍ୟାଳୟ ପରିସରରେ ପାଳିତ ହୋଯାଇଛି। ମୁଖ୍ୟ ଅତିଥି ଭାବେ ଖାରବେଳ ମହାନ୍ତି ଓ ସମ୍ମାନିତ ଅତିଥି କ୍ଷେତ୍ରୀୟ ମୁଖ୍ୟ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସମେତ କ୍ଷେତ୍ରୀୟ କାର୍ଯ୍ୟାଳୟର ଅନ୍ୟାନ୍ୟ କାର୍ଯ୍ୟନିର୍ବାହୀ, ବ୍ୟାଙ୍କ ଅଧିକାରୀ, ଅବସରପ୍ରାପ୍ତ ଅଧିକାରୀ ଓ ସେମାନଙ୍କ ପରିବାର ଏବଂ ବ୍ୟାଙ୍କର ଗ୍ରାହକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କ୍ଷେତ୍ରୀୟ ମୁଖ୍ୟ ଷଡ଼ଙ୍ଗୀ ବ୍ୟାଙ୍କର ବ୍ୟାବସାୟିକ ଲକ୍ଷ୍ୟ ଉପରେ ଆଲୋକପାତ କରିବା ସହ ବ୍ୟାଙ୍କର ବିଭିନ୍ନ ଉତ୍ପାଦ ଯଥା ଏସ୍‌ଏସ୍‌ଏମ୍‌ଇ, ରିଟେଲ, ଅଗ୍ରୀମ, ସଞ୍ଚୟ ଏବଂ ଚଳନ୍ତି ଆକାଉଣ୍ଟ ଉପରେ ଆଲୋଚନା କରିଥିଲେ। ସେହିପରି ବିକଶିତ ଭାରତ ଲକ୍ଷ୍ୟରେ ବ୍ୟାଙ୍କର ଅବଦାନ ବିଷୟରେ ମଧ୍ୟ ସେ ପ୍ରକାଶ କରିଥିଲେ। ଏହି ଅବସରରେ ବ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

## ଏଚ୍-୧ବି ଉପରେ ଟ୍ରମ୍ପଙ୍କ ୟୁଟର୍ନ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏଚ୍-୧ବି ଭିଜା କାର୍ଯ୍ୟକ୍ରମ ପ୍ରସଙ୍ଗରେ ବୁଧବାର କୋହଳ ଆଭିମୁଖ୍ୟ ଦେଖାଇଛନ୍ତି। ଏକ ଟିଭି ସାକ୍ଷାତ୍କାରରେ ଟ୍ରମ୍ପ କହିଛନ୍ତି, ଆମେରିକାକୁ ସାରା ବିଶ୍ୱର ମେଧାବୀ ଆବଶ୍ୟକ। ୫ ବର୍ଷ ଧରି କାର୍ଯ୍ୟ କରି ନ ଥିବା ଲୋକଙ୍କୁ ବିଦେଶୀ ନିବେଶକମାନେ ବେରୋଜଗାର ଲୋକଙ୍କୁ ଆଣି ଆଣିପାରିବେ ନାହିଁ। ଏଭଳି ଲୋକଙ୍କୁ ଏକ ଫ୍ୟାକ୍ଟ୍ରିରେ ନିୟୋଜିତ କଲେ ସେମାନେ ମିଶାଇଲ୍ ତିଆରି କରିବେ ନାହିଁ ବୋଲି ଟ୍ରମ୍ପ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଟ୍ରମ୍ପ ଏଚ୍-୧ବି ଭିଜା ମୂଲ୍ୟ ୧ ଲକ୍ଷ ଡଲାରକୁ ବୃଦ୍ଧି କରିବା ପରଠାରୁ ତାଙ୍କର ଏହି ପଦକ୍ଷେପକୁ ଆମେରିକା ସମେତ ସାରା ବିଶ୍ୱରେ ସମାଲୋଚନା କରାଯାଉଛି।

# ଡାଇରିଆରେ ୨ ମୃତ

## କେନ୍ଦୁଗୁଡ଼ାରେ ସପ୍ତାହେ ହେବ ବ୍ୟାପିଛି ଝାଡ଼ାବାନ୍ତି

କୁନ୍ଦୁରା, ୧୨।୧୧
(ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ କେନ୍ଦୁଗୁଡ଼ାରେ ସପ୍ତାହେ ହେବ ଝାଡ଼ାବାନ୍ତି ବ୍ୟାପିଛି। ଏଥିରେ ଗାଁର ୧୮ ଜଣ ଆକ୍ରାନ୍ତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୨ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତକ ୨ ଜଣ ହେଲେ ଫୁଲମତି ଘସର୍ଲିଆ (୩୫) ଓ ହୀରାଦେବୀ ଘସର୍ଲିଆ (୫୧)। କୁନ୍ଦୁରାରୁ ଏକ ଡାକ୍ତରୀ ଟିମ୍ ଗାଁରେ ସ୍ଥିତି ଅନୁଧ୍ୟାନ କରିବା ସହ ଏବଂ ବିଭିନ୍ନ ସ୍ଥାନର ପିଇବା ପାଣି ନମୁନା ସଂଗ୍ରହ କରିଛନ୍ତି। ଖବରପାଇ କୋରାପୁଟ ଡିପିଏମ୍ ଏବଂ ଆଶା ମ୍ୟାନେଜର ଗାଁକୁ ଆସି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ଚିକିତ୍ସା ପରେ ଅନ୍ୟ ଆକ୍ରାନ୍ତ ଯୋଗେଶ ଗୋରାହାଣ୍ଡିଆ, ରତ୍ନବତି ଭୂମିଆ, ଜିତେନ୍ଦ୍ର ପୂଜାରୀ, ଦେବେନ୍ଦ୍ର ଭୂମିଆ, ବାସୁ ଭୂମିଆ, ରିନା ପୂଜାରୀ ଏବଂ ଫୁଲମତି ମସିଆ ପ୍ରମୁଖ ସୁସ୍ଥ ଅଛନ୍ତି। ଏ ନେଇ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଗଣେଶ ପ୍ରସାଦ ଦାସଙ୍କୁ ପଚାରିବାରୁ ସେହି କହିଛନ୍ତି, ଗାଁ ପ୍ରତି ନଜର ରଖାଯାଇଛି। ପ୍ରତିଦିନ ଦୁଇବେଳା ଡାକ୍ତରୀ ଦଳ ଯାଇ ସ୍ଥିତି ନିରୀକ୍ଷଣ କରୁଛନ୍ତି। ଗାଁରେ ଯେପରି ଝାଡ଼ାବାନ୍ତି ନ ବ୍ୟାପିବ, ସେଥିପାଇଁ ଗ୍ରାମବାସୀଙ୍କୁ ସଚେତନ କରାଯାଉଛି। ଔଷଧ, ଓଆର୍‌ଏସ୍ ଆଦି ଯୋଗାଇ ଦିଆଯାଉଛି। କାହାରିକୁ ଝାଡ଼ାବାନ୍ତି ହେଲେ ପରିବାର ଲୋକେ ରୋଗୀଙ୍କୁ ମେଡିକାଲ ଅଣିବା ପରିବର୍ତ୍ତେ ଶିରା, ଗୁଣିଆଙ୍କ ପାଖକୁ ନେଉଛନ୍ତି। ବହୁ ବିଳମ୍ବରେ ଓ ସ୍ଥିତି ଅଣାୟତ୍ତ ହେବା ପରେ ମେଡିକାଲକୁ ଅଣାଯାଉଛି। ତେଣୁ ଗାଁରେ ଦୁଇ ମହିଳାଙ୍କ ମୃତ୍ୟୁ ଘଟିଥିବା ସେ କହିଛନ୍ତି।

# ମୁନିରଙ୍କୁ ନୂଆ କ୍ଷମତା, ଆଜୀବନ ଆଇନଗତ ସୁରକ୍ଷା

## ୨୭ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ପାକ୍ ପାର୍ଲାମେଣ୍ଟର ମଞ୍ଜୁରୀ

ଇସ୍‌ଲାମାବାଦ,୧୨।୧୧

ପାକିସ୍ତାନ ପାର୍ଲାମେଣ୍ଟ ବୁଧବାର ୨୭ତମ ସମ୍ବିଧାନ ସଂଶୋଧନ ବିଲ୍‌କୁ ମଞ୍ଜୁରୀ ପ୍ରଦାନ କରିଛି। ତଦନୁସାରେ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ନୂଆ କ୍ଷମତା ସହ ଆଜୀବନ ଆଇନଗତ ସୁରକ୍ଷା ଦିଆଯିବ। ଏଥିସହ ସୁପ୍ରିମକୋର୍ଟଙ୍କ ସ୍ୱାଧୀନତା ସୀମିତ ହୋଇଯିବ। ତେଣୁ ବିରୋଧୀ ଏହାକୁ 'ଗଣତନ୍ତ୍ରର ଶେଷକୃତ୍ୟ' ବୋଲି ଅଭିହିତ କରିଛନ୍ତି।

ପାକିସ୍ତାନର ଅଘୋଷିତ ଶାସକ ବିବେଚନା କରାଯାଉଥିବା ସେନାର ଶକ୍ତିଶାଳୀ ମୁଖ୍ୟ ଆସିମ୍ ମୁନିର ହେଉଛନ୍ତି ୨୭ତମ ସମ୍ବିଧାନ ସଂଶୋଧନର ସବୁଠୁ ବଡ଼ ହିତାଧିକାରୀ। ଉକ୍ତ ବିବାଦୀୟ ବିଧେୟକକୁ ସୋମବାର ଉଚ୍ଚ ସଦନ ସିନେଟର ମଞ୍ଜୁରୀ ମିଳିଥିବାବେଳେ ବୁଧବାର ନିମ୍ନ ସଦନ ନ୍ୟାଶନାଲ ଆସେମ୍ବ୍ଲିରେ ମଧ ଏହା ଦୁଇ-ତୃତୀୟାଂଶ ଭୋଟରେ ପାରିତ ହୋଇଛି।


ଆସିମ୍ ମୁନିର

ଏବେ ବିଲ୍‌କୁ ସାମାନ୍ୟ ପରିବର୍ତ୍ତନ ପାଇଁ ପୁଣି ସିନେଟକୁ ପଠାଯିବ। ଏହା ପରେ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦାରୀ ଏଥିରେ ସ୍ୱାକ୍ଷର କରିବା ସହ ବିଧେୟକ ଆନୁଷ୍ଠାନିକ ଭାବେ ଆଇନରେ ପରିଣତ ହେବ। ନୂଆ ଆଇନ ଅନୁସାରେ ୫ ଷ୍ଟାର୍ ଜେନେରାଲ ମୁନିର ନୂଆକରି ସୃଷ୍ଟି କରାଯାଇଥିବା ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ ପଦକୁ ଉନ୍ନୀତ ହେବେ। ସେ କେବଳ ସେନା କଥା ବୁଝିବେ ନାହିଁ, ବରଂ ନୌସେନା ଓ ବାୟୁସେନା ମଧ୍ୟ ତାଙ୍କ ଅଧୀନକୁ ଆସିବ। ଏଥିସହ ମୁନିରଙ୍କ ବିରୋଧରେ ଆଜୀବନ କୌଣସି ପ୍ରକାର ଆପରାଧିକ ମାମଲା ଚାଲିପାରିବ ନାହିଁ।

ବିତର୍କ ବେଳେ ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ ପାର୍ଟି ସଦସ୍ୟମାନେ ବିଲ୍‌ର କପି ଚିରି ପ୍ରଧାନମନ୍ତ୍ରୀ ସେହବାଜ୍ ଶରିଫଙ୍କ ଆଡ଼କୁ ଫିଙ୍ଗିବା ଦେଖିବାକୁ ମିଳିଛି। ବିରୋଧୀ ସଦସ୍ୟଙ୍କ ହଙ୍ଗାମା ଓ ବହିଷ୍କାର ସତ୍ତ୍ୱେ ନ୍ୟାଶନାଲ ଆସେମ୍ବ୍ଲି ୨୭ତମ ସଂଶୋଧନର ସମସ୍ତ ୫୯ଟି କ୍ଲଜ୍‌କୁ ଅନୁମୋଦନ ଦେଇଛି। ବିଧେୟକକୁ ୨୩୪ ସଦସ୍ୟ ସମର୍ଥନ କରିଥିବାବେଳେ ମାତ୍ର ୪ ଜଣ ଏହା ବିରୋଧରେ ଭୋଟ ଦେଇଥିବା ବାଚସ୍ପତି ଆୟାଜ୍ ସାଦିକ୍ ସୂଚନା ଦେଇଛନ୍ତି।

# ମହାମେଣ୍ଟ ପାଇବ ୧୬୦ରୁ ଊର୍ଦ୍ଧ୍ୱ ଆସନ: ତେଜସ୍ୱୀ


ତେଜସ୍ୱୀ ଯାଦବ

ପାଟନା, ୧୨।୧୧

ବିହାର ବିଧାନସଭା ନିର୍ବାଚନ ଶେଷରେ ସର୍ଭେ ସଂସ୍ଥାଗୁଡ଼ିକ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)କୁ ସ୍ପଷ୍ଟ ବହୁମତ ଦେଇଥିବାବେଳେ ଇଣ୍ଡିଆ ବ୍ଲକ୍‌ର ମୁଖ୍ୟମନ୍ତ୍ରୀ ଚେହେରା ତେଜସ୍ୱୀ ଯାଦବ ମହାମେଣ୍ଟ ୧୬୦ରୁ ଅଧିକ ଆସନ ଦଖଲ କରିବ ବୋଲି ଭବିଷ୍ୟବାଣୀ କରିଛନ୍ତି। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନେତା ତେଜସ୍ୱୀ ବୁଧବାର ସମସ୍ତ ଏକ୍‌ଜିଟ୍ ପୋଲ୍ ଆକଳନକୁ ଖଣ୍ଡନକରିବା ସହ କହିଛନ୍ତି, ଏଥର ନିର୍ବାଚନରେ ୭୬ ଲକ୍ଷ ଅଧିକ ଭୋଟର ମତଦାନ କରିଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି ନୀତୀଶ କୁମାରଙ୍କୁ ସେମାନେ ମୁଖ୍ୟମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁନାହାନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଲୋକେ ଧାଡ଼ିରେ ଛିଡ଼ାହୋଇ ଭୋଟ ଦେବାକୁ ଯାଉଥିବାବେଳେ ଟିଭି ଚ୍ୟାନେଲଗୁଡ଼ିକରେ ଏକ୍‌ଜିଟ୍ ପୋଲ୍ ପ୍ରସାରିତ ହୋଇଥିଲା। ନିର୍ବାଚନ ଅଧିକାରୀମାନଙ୍କ ଉପରେ ମାନସିକ ଚାପ ପକାଇବା ପାଇଁ ଏହା ଉଦ୍ଦିଷ୍ଟ ଥିଲା। ତେଣୁ ଜାଣିଶୁଣି ଭୋଟ ଗଣତିକୁ ବିଳମ୍ବ କରାଯାଇପାରେ ବୋଲି ତେଜସ୍ୱୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

# ଜେ. କୁସୁମ କୁମାର ଏଆଇସିସିର ଓଡ଼ିଶା ସମ୍ପାଦକ



ନୂଆଦିଲ୍ଲୀ, ୧୨।୧୧

କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଏଆଇସିସି ସାଙ୍ଗଠନିକ ସ୍ତରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛନ୍ତି। ତଦନୁସାରେ ଜେଟି କୁସୁମ କୁମାରଙ୍କୁ ଦଳର ଓଡ଼ିଶା ସମ୍ପାଦକ ନିଯୁକ୍ତ କରାଯାଇଛି। ଏହାବ୍ୟତୀତ ଅନ୍ୟ ୮ ରାଜ୍ୟରେ ମଧ ନୂଆ ସମ୍ପାଦକଙ୍କୁ ନିଯୁକ୍ତି ମିଳିଛି। ଏଆଇସିସି ସାଙ୍ଗଠନିକ ସାଧାରଣ ସମ୍ପାଦକ ଏକ ପ୍ରେସ୍ ରିଲିଜରେ ଏହି ସୂଚନା ଦେଇଛନ୍ତି। ନବନିଯୁକ୍ତ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସାଧାରଣ ସମ୍ପାଦକମାନେ ହେଲେ ଶ୍ରୀନିବାସ ବି.ଭି. (ଗୁଜରାଟ), ଟିଏନ୍ ପ୍ରଥପନ୍ (ପଣ୍ଡିଚେରୀ ଓ ଲାକ୍ଷାଦୀପ), ସଜ୍ଜନା ଯାଦବ (ମଧ୍ୟପ୍ରଦେଶ), ସଚିନ ସାୱନ୍ତ (ତେଲଙ୍ଗାନା), ରେହାନା ରୟାଜ ଚିସ୍ତି (ମହାରାଷ୍ଟ୍ର), ନିବେଦିତା ଅଲ୍‌ଭା (ତାମିଲନାଡୁ)। ସେହିପରି ହୀନା କୱାରେ ଓ ସୁରଜ ଠାକୁରଙ୍କୁ ମିଳିତ ଭାବେ ପଞ୍ଜାବ ଦାୟିତ୍ୱ ଦିଆଯାଇଛି।

# ଯାତ୍ରା ମଞ୍ଚରେ କଳାକାରଙ୍କୁ ମାଡ଼

ଭଦ୍ରକ,୧୨।୧୧(ସନାତନ ରାଉତ)


ମଞ୍ଚ ଉପରେ କଳାକାରଙ୍କୁ ମାଡ଼ ମାରୁଛନ୍ତି ଜଣେ ଦର୍ଶକ।

ନାଟକ ମଞ୍ଚରେ ହଠାତ୍ ମଞ୍ଚ ଉପରକୁ ଚଢ଼ିଗଲେ ଜଣେ ଦର୍ଶକ। କିଛି ବୁଝିବା ଆଗରୁ ମଞ୍ଚ ଉପରେ କଳାକାରଙ୍କୁ ଚାପୁଡ଼ା ଉପରେ ଚାପୁଡ଼ା ମାରିଲେ। ମଙ୍ଗଳବାର ରାତିରେ ଭଦ୍ରକ ବ୍ଲକ ସାହାପୁର ପଞ୍ଚାୟତର ଅଞ୍ଚଳରେ ଗ୍ରାମରେ ଯାତ୍ରା ପରିବେଷଣ ବେଳେ ଏଭଳି ଏକ ଘଟଣା ଘଟିଛି। ଏହି ଘଟଣା ବୁଧବାର ସୋସିଆଲ ମିଡିଆରେ ବହୁ ମାତ୍ରାରେ ଭାଇରାଲ ହୋଇଛି।

ରାଜନନ୍ଦିନୀ ଅପେରା ପାର୍ଟି ପକ୍ଷରୁ 'ଏମିତି ବିଚାର କେବେ ଦେଖୁନି' ନାଟକ ଚାଲିଥିଲା। ନାଟକର ଏକ ଦୃଶ୍ୟରେ ନିଜ ପୋଲିସ ପୁଅ ପାଖରେ ମା' ବାପା ନ୍ୟାୟ ପାଇଁ ବିନତି କରିଥିଲେ। ଏହି ଦୃଶ୍ୟରେ ହଠାତ୍ ଜଣେ ଦର୍ଶକ ଉତ୍ତେଜିତ ହୋଇ ମଞ୍ଚ ଉପରକୁ ଚେୟାର ଫିଙ୍ଗିବା ସହ ମଞ୍ଚକୁ ଚଢ଼ିଯାଇ ଅଭିନୟ କରୁଥିବା ଜଣେ କଳାକାରଙ୍କୁ ମାଡ଼ ମାରିଥିଲେ। ମଞ୍ଚରେ ଅଭିନୟ କରୁଥିବା ଅନ୍ୟ କଳାକାରମାନେ ଉକ୍ତ ଦର୍ଶକଙ୍କୁ ବୁଝାଶୁଝା କରି ମଞ୍ଚ ତଳକୁ ପଠାଇ ଦେବା ପରେ ଯାତ୍ରା ପରିବେଷଣ ହୋଇଥିଲା। କମିଟିର ସଦସ୍ୟମାନେ ଉକ୍ତ ଦର୍ଶକଙ୍କୁ ଯାତ୍ରା ପେଣ୍ଡ ବାହାରକୁ ନେଇଯାଇଥିଲେ। ସେ ଭାବବିହ୍ୱଳ ହୋଇ ମଞ୍ଚକୁ ଚଢ଼ିଯାଇଥିଲେ ବୋଲି କହିବା ସହ କ୍ଷମାପ୍ରାର୍ଥନା କରିବା ପରେ ତାଙ୍କୁ ଛାଡ଼ି ଦିଆଯାଇଥିଲା।

# ଦୟା ଆମକୁ ଏକାଠି କରେ

## ଆଜି ବିଶ୍ୱ ଦୟା ଦିବସ



ଦୟାପୂର୍ଣ୍ଣ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ନଭେମ୍ବର ୧୩ରେ ପାଳନ ହେଉଛି ବିଶ୍ୱ ଦୟା ଦିବସ। ଏହା ସ୍କୁଲ, ପରିବାର ଏବଂ ସମ୍ପ୍ରଦାୟ ମଧ୍ୟରେ ଦୟାପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ଗ୍ରହଣ ସହ ପ୍ରସାର କରିବା ଲାଗି ପ୍ରେରଣା ଦିଏ। ଏଥିସହ ଏହି ଅନ୍ତର୍ଜାତୀୟ ସଚେତନତା ଦିବସ କରୁଣା, ସହାନୁଭୂତି ଏବଂ ସକାରାତ୍ମକତାର ଶକ୍ତିକୁ ପ୍ରୋତ୍ସାହିତ କରିଥାଏ, ଯାହା ଆସନ୍ତାକାଲିର ବିଶ୍ୱକୁ ଗଠନ କରୁଥିବା ଛାତ୍ର ଏବଂ ଯୁବକମାନଙ୍କ ପାଇଁ ବିଶେଷ ଭାବରେ ପ୍ରାସଙ୍ଗିକ ହୋଇଥାଏ।

ସୂଚନାଯୋଗ୍ୟ, ୧୯୯୭ରେ ଟୋକିଓଠାରେ ବିଶ୍ୱ ଦୟା ଆନ୍ଦୋଳନ ଗଠନ ସକାଶେ ବିଭିନ୍ନ ଦେଶର ପ୍ରତିନିଧିମାନେ ଏକାଠି ହୋଇଥିଲେ। ଏହିଠାରେ ହିଁ ଉକ୍ତ ଦିବସ ପାଳନ ଲାଗି ଭିତ୍ତିଭୂମି ସ୍ଥାପନ ହୋଇଥିଲା। ୧୯୯୮ରେ ଦୟାର ଗୁରୁତ୍ୱ ବିଷୟରେ ସଚେତନତା ବୃଦ୍ଧି ପାଇଁ 'ବିଶ୍ୱ ଦୟା ଦିବସ' ସୃଷ୍ଟି ହେବା ସହ ନଭେମ୍ବର ୧୩ରେ ଏହା ପାଳିତ ହୋଇଥିଲା।

ଚଳିତବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ଦୟା ଆମକୁ ଏକାଠି କରେ,' ଯାହା ଦୟାପୂର୍ଣ୍ଣ କାର୍ଯ୍ୟ କିପରି ଲୋକଙ୍କୁ ସଂଯୋଗ ସହ ଏକ ଶକ୍ତିଶାଳୀ ସମ୍ପ୍ରଦାୟ ଗଠନରେ ବିଶେଷ ଭୂମିକା ନିଭାଇଥାଏ ତାହା ଉପରେ ଗୁରୁତ୍ୱାରୋପ କରେ। ଏହା ମଧ ସୂଚାଇଦିଏ ଯେ ଦୟା ଏକ ସାର୍ବଜନୀନ ଶକ୍ତି; ଯାହା ଜାତି, ଧର୍ମ କିମ୍ବା ରାଜନୀତିରେ ପାର୍ଥକ୍ୟକୁ ଅତିକ୍ରମ କରିଥାଏ।

# କୋଇଲା ପରିବହନ ବେଳେ ପାଲ ନ ଢାଙ୍କିଲେ କାର୍ଯ୍ୟାନୁଷ୍ଠାନ

ଅନୁଗୋଳ,୧୨।୧୧(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲାରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଅତ୍ୟଧିକ ଯାନବାହନ ଚଳାଚଳ ସହ ଖଣିରୁ ଖୋଲାମେଲାରେ କୋଇଲା ପରିବହନ ଏହାର କାରଣ ପାଲଟିଛି। ତେଣୁ କୋଇଲା ପରିବହନ ବେଳେ ଏଣିକି ପାଲ ନ ଢାଙ୍କିଲେ ସରକାରୀ ନିର୍ଦ୍ଦେଶ ଅନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁଗୋଳ ଆଞ୍ଚଳିକ ଅଧିକାରୀ ଆର୍.ଏ. ଏକା. ଜିଲାର ୧୧ଟି ଖଣି ଓ କୋଲ୍ ୱାସେରିକୁ ବୁଧବାର ଚିଠି କରିଥିବା ଜଣାପଡ଼ିଛି।

ସୂଚନା ମୁତାବକ, ୨୦୨୦ ମେ ୨୧ରେ ଭାରତ ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ଜାରି କରାଯାଇଥିଲା। ରେଳ ୱାଗନ ମାଧ୍ୟମରେ ଖୋଲାମେଲାରେ କୋଇଲା ପରିବହନ ନ କରିବା ସହ କେତେକ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଥିଲା। କିନ୍ତୁ ଏସବୁ ନିୟମକୁ ଅଧିକାଂଶ କମ୍ପାନୀ ଏବଂ ଖଣି କର୍ତ୍ତୃପକ୍ଷ ପାଳନ କରୁ ନ ଥିବା ଦେଖାଯାଉଛି। ଏହି ପ୍ରଦୂଷଣ କାରଣରୁ ଗତ ମେ ୨୧ ତାରିଖରେ ପୂର୍ବତଟ ରେଳପଥ ଖୋର୍ଦ୍ଧା ଡିଭିଜନ ପକ୍ଷରୁ ଚିଠି କରାଯାଇ ପାଲ ଘୋଡ଼ାଇ କୋଇଲା ପରିବହନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ କୋଇଲା ପରିବହନରେ କୌଣସି ପରିବର୍ତ୍ତନ ନ ଆସିବାରୁ ବୁଧବାର ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅନୁଗୋଳ ଆଞ୍ଚଳିକ କାର୍ଯ୍ୟାଳୟର ଅଧିକାରୀ ଜିଲାର କୋଇଲା ଖଣି ଓ କୋଲ୍ ୱାସେରି ପ୍ରୋଜେକ୍ଟ ମ୍ୟାନେଜର ଏବଂ ନିର୍ଦ୍ଦେଶକମାନଙ୍କୁ ଚିଠି ଲେଖି ନିୟମ ନ ମାନିଲେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛନ୍ତି।

# ୨୦୨୯ ସୁଦ୍ଧା ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ

ଭୁବନେଶ୍ୱର,୧୨।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଜଳ ନୀତିକୁ ଠିକ୍‌ଭାବେ ପରିଚାଳନା କରି ୨୦୨୯ ସୁଦ୍ଧା ଯେପରି ୧୫ ଲକ୍ଷ ହେକ୍ଟର ଜମିକୁ ଜଳସେଚନ ସୁବିଧା ହୋଇପାରିବ, ସେନେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଗୁରୁତ୍ୱ ଦେଇଛନ୍ତି। ବୁଧବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ରାଜ୍ୟ ଜଳସମ୍ପଦ ବୋର୍ଡର ଏକ ବୈଠକ ଅବସରରେ ମୁଖ୍ୟ ସଚିବ କହିଥିଲେ, ପ୍ରତିବର୍ଷ କେତେ ପରିମାଣ ଜଳ ସଂରକ୍ଷଣ ପାଇଁ କ୍ଷମତା ସୃଷ୍ଟି ହେଉଛି ଓ ପ୍ରକୃତ କେତେ ଜଳ ଉପଯୋଗ ହେଉଛି ତାହାକୁ ଗୁରୁତ୍ୱ ଦେଇ ଏହା ମଧ୍ୟରେ ଥିବା ଅନ୍ତରକୁ ହ୍ରାସ କରିବାକୁ ପଡ଼ିବ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଆହୁଜା ଜଳସମ୍ପଦ ବିଭାଗ ଏବଂ ଜଳ ବ୍ୟବହାରକାରୀ ସମ୍ପୃକ୍ତ ଅଂଶୀଦାର ବିଭାଗକୁ ଜଳ ସମ୍ପଦର ବିକାଶ ଓ ଜଳ ପରିଚାଳନା କ୍ଷେତ୍ରରେ ଭିଜନ ଡକ୍ୟୁମେଣ୍ଟ ୨୦୩୬ ଓ ୨୦୪୭ରେ ରହିଥିବା ଲକ୍ଷ୍ୟ ସାଧନକୁ ସୁନିଶ୍ଚିତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ୍ୟ ଜଳ ନୀତି ଖସଡ଼ାର ପ୍ରମୁଖ ଦୃଷ୍ଟିକୋଣ ଓ ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଭାବେ ଅବଗତ କରାଇଥିଲେ। ବୈଠକରେ କୃଷି ଏବଂ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ କୁମାର ମିଶ୍ର ପ୍ରମୁଖ ଯୋଗଦେଇଥିଲେ।


**Government of Odisha** No.O-1375
**e-Procurement Notice**
E-mail: rw_boudh@yahoo.co.in
Bid Identification No.Online Tender/05/S.E.R.W. BOUDH/2025-26
NATIONAL COMPETITIVE BIDDING THROUGH e-Procurement
Name of the Work :- Road Works- 36 Nos.
1. Estimated Cost : Rs.5.04 to 44.54 lakh (approximately)
2. Period of Completion : 02 to 03 Calendar Months
3. Date & Time of availability of Bid documents in the Portal : From 13.11.2025, 10.00 AM to 25.11.2025, 5.00 P.M.
4. Last date/time for receipt of bids in the portal : 25.11.2025 upto 5.00 P.M.
5. Last date/time for seeking of Tender Clarification : 24.11.2025 upto 5.00 P.M.
6. Date & Time of opening of Tender/ Bid : 26.11.2025 at 11.00 AM
7. Name & Address of the Officer Inviting Bid : Executive Engineer R.W. Division, Boudh
Further details, corrigendum(s) etc can be seen from the e-procurement portal "Https://www.tendersorissa.gov.in"
Sd./- Executive Engineer
R.W.Division, Boudh
OIPR-

**COLLECTORATE RAYAGADA**
(ST & SC Development Section)
Email Id : dworayagada@gmail.com
DISTRICT WELFARE OFFICE, RAYAGADA
Notice No-4922 Date : 29.10.2025
QUOTATION CALL NOTICE
**No.V-16** : Sealed Quotations are invited from interested reputed Private Manpower Service Provider for providing services of Manpower on contractual (Outsourced) Basis to **District Welfare Office, Rayagada.**
For details visit www.rayagada.odisha.nic.in
OIPR- Sd./- District Welfare Officer, Rayagada

**OFFICE OF THE DEAN & PRINCIPAL, MAHARAJA KRISHNA CHANDRA GAJAPATI MEDICAL COLLEGE, BRAHMAPUR - 760 004, GANJAM, ORISSA**
Tel : 0680-2292746 // email : mkcgmc.bam@gmail.com/Website : www.mkcgmch.org
No. 21937/Welfare/2025/ Dt.07.11.2025
RECRUITMENT ADVERTISEMENT
**No.E-497** : Applications are invited for eligible candidates for engagement against the following category of posts on consolidated basis for **NATIONAL PROGRAMME ON AMR CONTAINMENT** MKCG Medical College, Berhampur.

| Sl. No. | Category of the post | No. of Posts | Remuneration per month |
|---|---|---|---|
| 1. | Lab Technician | 1 | Rs.25000/- P.M. |
| 2. | Data Manager | 1 | Rs.20000/- P.M. |

Interested candidates fulfilling the eligibility criteria can apply for the above posts through speed post within the stipulated date & time superscibed in the cover of the application (post applied for___). The details are available in the website www.mkcgmch.org. The last date for submission of application is 20.11.2025.
Sd./- Dean & Principal,
MKCG Medical College,
Berhampur
OIPR-

**GOVERNMENT OF ODISHA** No.A-894
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER ADDITIONAL SPILLWAY DIVISION, BURLA**
PHONE NO. : 0663-2430080
E-mails : eeasdhirakud@gmail.com or seadditionalspillway@gmail.com
Lt. No.-1395 Dt.11.11.2025
e-Procurement Notice No. - ASD-05/2025-26 (Online)

| | | |
|---|---|---|
| 1 | Name of Work | Supply, Installation and commissioning of 25 KVA transformer and overhead 11 KV lines near the Lunch Station site for the office building of the Additional Spillway Project of Hirakud Dam for the year 2024-25 |
| 2 | Nos of work | 1 (One) No. |
| 3 | Amount Put to Tender | Rs.16.75 Lakhs approximately |
| 4 | Period of Completion | As per D.T.C.N 60 Days |
| 5 | E.M.D. | Rs.17,000/- |
| 6 | Date and time of availability of Bid document in the portal | Date : 13.11.2025 at 11.00 A.M. to Date : 27.11.2025, up to 5:00 P.M. |
| 7 | Last date/time for receipt of Bids in the portal | Date : 27.11.2025, up to 5:00 P.M. |
| 8 | Date of opening of Bid | Dt.28.11.2025 at 11.00 A.M. |
| 9 | Last date & time of seeking tender clarification | Dt : 25.11.2025 up to 04.00 P.M. |
| 10 | Name and Address of the Officer inviting Bid | Superintending Engineer, Additional Spillway Division, Burla At/Po-Burla-768017, Dist-Sambalpur Email : eeasdhirakud@gmail.com/ seadditionalspillway@gmail.com |

Further detail can be seen from the e-procurement portal www.tendersodisha.gov.in.
Sd./- Superintending Engineer,
Additional Spillway Division, Burla
OIPR-

**OFFICE OF THE EXECUTIVE ENGINEER, L.I. DIVISION, BERHAMPUR**
e-mail: eeolicbam@ymail.com
e-Procurement Notice
Bid Identification No. 05/2025-26 OLIC (BAM)/Dt.07.11.2025
No. CAD-2240: The Executive Engineer, Lift Irrigation Division, Berhampur on behalf of the OLIC is inviting percentage rate bids for the installation, electrification, energization and commissioning of 17 cluster bore wells at Samantrapur in the Digapahandi Block of Ganjam district.
Bids should be submitted in a double-cover system through the Governments online portal **www.tendersodisha.gov.in**. The tender is open to 'B' Class contractors registered with the Government of Odisha or equivalent grade contractors registered with other State Governments, the Central Government, M.E.S., Railways or other Government undertakings.
All bidders must meet the minimum qualification criteria as detailed in the DTCN and must be enrolled on the portal with their own digital signature certificate.
1. Numbers of Package : 01 Number (17 Nos. Cluster DBW Projects)
2. Estimated Cost : 60.371 Lakhs
3. Tender Cost : As per DTCN
4. Class of Contractor : As per DTCN
5. Date & time of publication : Dt.10.11.2025 from 10.00 A.M.
6. Date & time of closing : Dt.20.11.2025 at 17.00 hrs.
7. Date & time of opening of bid : Dt.21.11.2025 at 12.00 Noon
Further details can be seen from the website **www.tendersorissa.gov.in**. Addendum/ Corrigendum/Cancellation of tender, if any, can be seen in the said website.
OIPR- Sd./- Executive Engineer

**OFFICE OF THE MUNICIPAL COUNCIL, NABARANGPUR**
NABARANGPUR (ODISHA), PIN-764059
G-mail ID : municipalityngpr@gmail.com
No.3298/NM-2025 Date : 06.11.2025
Tender Call Notice No.02/NM-2025-26, Dated :
Short Tender Call Notice
**No.C-1420** : Sealed bids are invited from eligible contractors for the execution of various civil works under Nabarangpur Municipality.
The Bid Documents, consisting of the details of work, estimated cost, cost of tender paper, bid declaration form, time of completion, class of contractors, terms and conditions of contract and other necessary documents can be seen and downloaded from the official websites i.e. www.nabarangpur.nic.in & https://nawarangpurm.in/
The documents will be available for download **from 07.11.2025 10:00 A.M. to 17.11.2025 05:00 P.M.** The prescribed **Short Tender Call Notice** can also be viewed on the above websites during the said period.
1. Name of the Work : As per Tender call Notice
2. No. of works : As per Tender call Notice
3. Estimated Cost : As per Tender call Notice
4. Period of Completion : 01 to 02 Month
5. Downloaded of tender paper : **From Dt.07.11.2025 10.00 A.M. to 17.11.2025 05:00 P.M.**
6. Last date & time for receipt of tender paper (Hard Copy) : **20.11.2025 at 05:00 P.M.**
7. Tender will be opened on : **4:00 P.M. hours of Dt.21.11.2025**
8. Name and address of the Officer inviting tender : Executive Officer, Nabarangpur Municipality
Sd./- Executive Office
Nabarangpur Municipality
OIPR-

**NOTIFIED AREA COUNCIL, DIGAPAHANDI**
GANJAM, ODISHA, PIN- 761012
Ph: 06814-295053, (E-mail): dgp_nac@yahoo.com
Letter No.2792/DIGNAC Date:06.11.25
E-Procurement Notice
BID IDENTIFICATION NO: DIGNAC-04/2025-26
No.C-1423: TENDER ID- 2025_ORULB_120808

| | | |
|---|---|---|
| 01 | Procurement Officer Publisher/ Officer Inviting The Tender/Bids (OIT) | Executive Officer NAC, Digapahandi |
| 02 | Name of the Works/ Packages | Individual Civil Construction works as published in the website |
| 03 | Nos. of Works | 8 Nos. |
| 04 | Estimated Cost (Including All taxes) | Rs.272411.00 to 1330498.00 |
| 05 | Date & Time of availability of RFP in the Portal | From 11.00 Hours of Dtd.07.11.2025 to 17.30 Hours of Dtd.17.11.2025 |
| 06 | Last date /time for receipt of bids in the portal (submission of technical bids & financial bids) online | 17.30 Hours of 17.11.2025 |
| 07 | Last date & time for receiving of the sealed envelopes | On 18.11.2024 (During the office hours) be submitted |
| 08 | Date & Time of opening of the bids | Technical Bid-11.00 AM hours of dtd.19.11.2025 financial bid to be intimated in the conference hall of NAC Digapahandi (If any holiday, then the tender will open in next working day) |

N.B.: Further more details can be seen in the DTCN available in the e-Procurement portal i.e. https://tendersodisha.gov.in.
Sd./- Executive Officer
N.A.C., Digapahandi, Ganjam
OIPR-

**MUNICIPAL OFFICE, JHARSUGUDA**
"E" Procurement Notice
Tender Call Notice No. 4253/JM Dt. 04.11.2025
**No.C-1429** : BID Documents consisting of Work, Estimated Cost, Cost of tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e. www.tenderodisha.gov.in
1. Tender Reference : EO/JMC/07/2025-26
2. Tender ID No. : 2025_ORULB_120881
3. Name of the Work : Civil Construction works as mentioned in website
4. No. of Works : As per DTCN
5. Estimated Cost : As per DTCN
6. Date & Time of availability of Bid Documents in the Portal : 11.11.2025 at 06.00 P.M.
7. Last date & time for receipt of Bids in the Portal : 24.11.2025 at 06.00 P.M.
8. Bids received online shall be opened on : 25.11.2025 at 03.30 P.M.
9. Name and address of the Officer inviting : Executive Officer, Jharsuguda Municipality
10. Further details can be seen from the procurement portal i.e. www.tenderodisha.gov.in
Sd./- Executive Officer
Jharsuguda Municipality
OIPR-

**Government of Odisha** No.O-1374
**e-Procurement Notice**
E-mail: rw_boudh@yahoo.co.in
Bid Identification No.Online Tender/06/S.E.R.W. BOUDH/2025-26
NATIONAL COMPETITIVE BIDDING THROUGH e-Procurement
Name of the Work :- Road Works- 2 Nos.
1. Estimated Cost : Rs.50.42 to 75.63 lakh (approximately)
2. Period of Completion : 03 Calendar Months
3. Date & Time of availability of Bid documents in the Portal : From 13.11.2025, 10.00 AM to 25.11.2025, 5.00 P.M.
4. Last date/time for receipt of bids in the portal : 25.11.2025 upto 5.00 P.M.
5. Last date/time for seeking of Tender Clarification : 24.11.2025 upto 5.00 P.M.
6. Date & Time of opening of Technical Bid- 26.11.2025 at 11.00 AM & Financial Bid- 01.12.2025 at 11.00 AM.
7. Name & Address of the Officer Inviting Bid : Executive Engineer R.W. Division, Boudh
**Further details, corrigendum(s) etc can be seen from the e-procurement portal "Https://www.tendersorissa.gov.in"**
Sd./- Executive Engineer
R.W.Division, Boudh
OIPR-

**GOVERNMENT OF ODISHA**
**HANDLOOMS, TEXTILES AND HANDICRAFTS DEPARTMENT**
LOKSEVA BHAWAN, BHUBANESWAR - 751001
Advt. No. 8643/HT&H Date: 11.11.2025
TENDER CALL NOTICE FOR SELECTION OF AN AGENCY FOR PROVIDING COMPREHENSIVE FACILITY MANAGEMENT SERVICES FOR HANDLOOMS, TEXTILES AND HANDICRAFTS DEPARTMENT
No. PP-46: Handlooms, Textiles & Handicrafts Department, Government of Odisha invites "Tender" in two bids i.e. Technical Bid and Financial Bid in sealed cover along with requisite documents from interested and experienced service providers for providing comprehensive facility management services equivalent to Two Nos. of Drivers, Seven Nos. of Attendants & Four Nos. of Sanitation Workers on outsourcing basis for working in Handlooms, Textiles and Handicrafts Department. Details regarding eligibility criteria, terms and conditions and the formats of submission of tender (Technical & Financial Bid) are mentioned in the tender document which can be downloaded from the website of **https://handloom.odisha.gov.in/**.
The last date of receipt of the sealed offers in the Office of the HT&H Department is upto 05.00 P.M. on Dtd.01.12.2025 by Speed Post/ Registered Post/Courier only. The "Technical Bids" will be opened at 11.00 A.M. on Dtd. 03.12.2025 in presence of the Bidders.
The authority reserves the right to accept or reject any or all the offers without assigning any reason thereof.
Sd./- Deputy Secretary to Government
Handlooms, Textiles and Handicrafts Department
OIPR-

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org
ପତ୍ରସଂଖ୍ୟା-୧୮୪ ତା.୧୫.୧୦.୨୦୨୫
**ବିଜ୍ଞାପନ**
**No.CAD-2246**:ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତିର ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ଏମଧୁଛନ୍ଦା ସାହୁ<br>ସ୍ୱାମୀ-ସୁମନ୍ତ କୁମାର ଚୋପଦାର<br>ସା-ଶାନ୍ତିପଡ଼ା<br>ପୋ-ବଲାଙ୍ଗୀର<br>ଥାନା-ବଲାଙ୍ଗୀର<br>ଜିଲ୍ଲା-ବଲାଙ୍ଗୀର | ଏମ୍‌ଆଇଜି-୨-୮୦<br>(MIG-II-80)<br>ଏସ୍‌ଏଚ୍‌ଏସ୍<br>ଲାଲଟିକିରା<br>ବଲାଙ୍ଗୀର | ୧.ସୁମନ୍ତ କୁମାର ଚୋପଦାର (ସ୍ୱାମୀ)<br>୨.କୁମାର ସୌରଭ ଚୋପଦାର (ଅ.ବି.ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-

**ଶ୍ରୀମନ୍ଦିରରେ ସନ୍ଧ୍ୟା ୬ଟାରୁ ରାତି ୧୦ ଦର୍ଶନ ବନ୍ଦ**

ପୁରୀ,(ଅଜିତ୍ କୁମାର ମହାନ୍ତି): ମାର୍ଗଶିର ମାସ କୃଷ୍ଣପକ୍ଷ ନବମୀ ତିଥି ଗୁରୁବାର ଅବସରରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକ ଲାଗି ନୀତି ଅନୁଷ୍ଠିତ ହେବ। ଶ୍ରୀବିଗ୍ରହମାନଙ୍କ ବିଭିନ୍ନ ଗୁପ୍ତନୀତି ମଧ୍ୟରେ ଏହି ନୀତି ଅନ୍ୟତମ। ଦଉମହାପାତ୍ର ସେବକମାନେ ଏହି ଗୁପ୍ତ ବନକ ଲାଗି ନୀତିକୁ ସମ୍ପାଦନ କରିଥାନ୍ତି। ଏହି ନୀତି ପାଇଁ ବହୁ ସମୟ ଲାଗୁଥିବାରୁ ବୁଧବାର ସନ୍ଧ୍ୟା ୬ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ନେଇ ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



# ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ: ମୁଖ୍ୟମନ୍ତ୍ରୀ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବଲିଉଡ୍ ଅଭିନେତ୍ରୀ ୱାହିଦା ରେହମାନ୍‌ଙ୍କ ସହ ଅନ୍ୟ ଅତିଥିମାନେ ଓଡ଼ିଆ ଚଳଚ୍ଚିତ୍ର 'ମାୟାମିରିଗ' ଓ 'କନକଲତା'ର ପୋଷ୍ଟର ଉନ୍ମୋଚନ କରୁଛନ୍ତି।

## ଭାରତୀୟ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳା ଉଦ୍‌ଘାଟିତ

### ରବିନ୍‌ଙ୍କୁ ଆଉଟ୍‌ଷ୍ଟାଣ୍ଡିଂ, ସଞ୍ଜୟ ଓ ସୂର୍ଯ୍ୟଙ୍କୁ ଚାମ୍ପିୟନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ

ଭୁବନେଶ୍ୱର,୧୨।୧୧
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସିନେମା ଆମ ସାଂସ୍କୃତିକ ଐତିହ୍ୟର ପ୍ରତୀକ। ଏଥିରେ ଅନେକ ସ୍ମୃତି ଜଡ଼ିତ ହୋଇରହିଛି। ଆମେ ଯେତେବେଳେ ଏହାର ସଂରକ୍ଷଣ ପାଇଁ ଉଦ୍ୟମ କରୁଛୁ ନିଶ୍ଚିତ ରୂପେ ଏହି ସ୍ମୃତିସବୁ ଜୀବିତ ହେବ ଏବଂ ଆଗାମୀ ପିଢ଼ି ଏଥିରୁ ପ୍ରେରଣା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱର ପୋଖରୀପୁଟ୍‌ସ୍ଥିତ କଳାଭୂମିଠାରେ ବୁଧବାରଠାରୁ ଆରମ୍ଭ ହୋଇଥିବା ୧୦ମ ଚଳଚ୍ଚିତ୍ର ସଂରକ୍ଷଣ ଓ ପୁନରୁଦ୍ଧାର କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମାଝୀ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ କହିଲେ, ଓଡ଼ିଆ ଚଳଚ୍ଚିତ୍ର ଐତିହ୍ୟର ସୁରକ୍ଷା ପାଇଁ ଏହି କର୍ମଶାଳା ଏକ ଯୁଗୋପଯୋଗୀ ପଦକ୍ଷେପ। ଚଳଚ୍ଚିତ୍ର ସଂରକ୍ଷଣ କେବଳ ଏକ ଟେକ୍ନିକାଲ କାମ ନୁହେଁ, ଏହା ମଧ୍ୟ ସାଂସ୍କୃତିକ ଦାୟିତ୍ୱ। ଏହି କର୍ମଶାଳା ଆମ ଚଳଚ୍ଚିତ୍ର ନିର୍ମାତା, ଗବେଷକ, ସଂରକ୍ଷକ ଓ ଏଥିସହ ସମ୍ପୃକ୍ତ ସମସ୍ତଙ୍କୁ ସଶକ୍ତ କରିବା ସହିତ ଆମର ଓଡ଼ିଆ ଚଳଚ୍ଚିତ୍ର ଶିଳ୍ପକୁ ବିଶ୍ୱସ୍ତରୀୟ ମାର୍ଗଦର୍ଶନ ପ୍ରଦାନ କରିବ। ୧୯୭୩ ମସିହାରେ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'କନକଲତା' ଏବଂ ୧୯୮୪ ରେ ନିର୍ମିତ 'ମାୟାମିରିଗ' ଚଳଚ୍ଚିତ୍ରର ପୁନରୁଦ୍ଧାର କାର୍ଯ୍ୟ ପାଇଁ ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ୍‌କୁ ଧନ୍ୟବାଦ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଓଡ଼ିଆ ଚଳଚ୍ଚିତ୍ରର ପୁନରୁଦ୍ଧାର ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେଶନ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିବା ପାଇଁ ଘୋଷଣା କରିବା ସହ ସରକାରଙ୍କ ପକ୍ଷରୁ ସମସ୍ତ ସହଯୋଗ ପ୍ରଦାନ କରାଯିବ ବୋଲି କହିଥିଲେ।

ହସ୍ତଶିଳ୍ପ ବିଭାଗ, ଫିଲ୍ମ ହେରିଟେଜ୍ ଫାଉଣ୍ଡେଶନ ଏବଂ ଇଣ୍ଟରନ୍ୟାଶନାଲ ଫେଡେରେଶନ ଅଫ ଫିଲ୍ମ ଆର୍କାଇଭ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗଦେଇଥିଲେ। ମନ୍ତ୍ରୀ କହିଲେ, ଚଳଚ୍ଚିତ୍ରର ସଂରକ୍ଷଣ ଦ୍ୱାରା ହଜିଯାଉଥିବା ପ୍ରତିଟି ରିଲ୍‌ରେ ଆମ ସ୍ମୃତି ଓ ସାଂସ୍କୃତିକ ଅଭିବ୍ୟକ୍ତି ଉଜ୍ଜୀବିତ ହୋଇ ରହିପାରିବ। ଅନ୍ୟତମ ଅତିଥି ଭାବେ ବର୍ଷିଆନ୍ ବଲିଉଡ୍ ଅଭିନେତ୍ରୀ ୱାହିଦା ରେହମାନ୍ ଚଳଚ୍ଚିତ୍ର ସଂରକ୍ଷଣ କ୍ଷେତ୍ରରେ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ବର୍ଷିୟାନ ଅଭିନେତା ଅମିତାଭ ବଚ୍ଚନ ଆଭାସି ମାଧ୍ୟମରେ କହିଲେ, ଓଡ଼ିଶାର ଏକ ସମୃଦ୍ଧ ଚଳଚ୍ଚିତ୍ର ପରମ୍ପରା ରହିଛି। ଏହି ପରମ୍ପରା ୧୯୩୬ ମସିହାରୁ ମୋହନ ସୁନ୍ଦର ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ସୀତାବିବାହ ଚଳଚ୍ଚିତ୍ରରୁ ଆରମ୍ଭ ହୋଇଛି। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ଯାତ୍ରାରେ ନୀରଦ ମହାପାତ୍ର, ମନମୋହନ ମହାପାତ୍ର, ଘନଶ୍ୟାମ ମହାପାତ୍ର, ପ୍ରଫୁଲ୍ଲ ସେନଗୁପ୍ତ, ନିତାଇ ପାଲିତ୍, ପାର୍ବତୀ ଘୋଷ, ପ୍ରଶାନ୍ତ ନନ୍ଦ, ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ଝରଣା ଦାସଙ୍କ ପରି କିମ୍ବଦନ୍ତୀ ଓଡ଼ିଆ ଚଳଚ୍ଚିତ୍ର ବ୍ୟକ୍ତିତ୍ୱଙ୍କ ଅବଦାନକୁ ପ୍ରଶଂସା କରିଥିଲେ।

ଏହି ଅବସରରେ ଚଳଚ୍ଚିତ୍ର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଫିଲ୍ମ ହେରିଟେଜ ଫାଉଣ୍ଡେଶନ ପକ୍ଷରୁ ରବିନ୍ ବେକର୍‌ଙ୍କୁ 'ଆଉଟଷ୍ଟାଣ୍ଡିଂ ଫିଲ୍ମ ହେରିଟେଜ୍ ପୁରସ୍କାର' ଏବଂ ସଞ୍ଜୟ ପଟ୍ଟନାୟକ ଓ ସୂର୍ଯ୍ୟ ଦେଓଙ୍କୁ 'ଚାମ୍ପିୟନ ଅଫ୍ ଫିଲ୍ମ ହେରିଟେଜ୍ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ଅଭିନେତା ପ୍ରଶାନ୍ତ ନନ୍ଦ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ଶାସନ ସଚିବ ଗୁହା ପୁନମ ତାପସ କୁମାର, କନକଲତା ଚଳଚ୍ଚିତ୍ରର ନିର୍ମାତା ଘନଶ୍ୟାମ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଫାଉଣ୍ଡେଶନର ନିର୍ଦ୍ଦେଶକ ଶିବେନ୍ଦ୍ର ସିଂ ଡୁଙ୍ଗରପୁର ସ୍ୱାଗତ ଭାଷଣ ଦେଇଥିଲେ। ୧୯ ତାରିଖ ପର୍ଯ୍ୟନ୍ତ ଚଳଚ୍ଚିତ୍ର ପ୍ରଦର୍ଶନ ଚାଲିବ ବୋଲି ଫାଉଣ୍ଡେଶନ ପକ୍ଷରୁ ସୂଚନା ଦିଆଯାଇଛି।



ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ସ୍ୱାଭିମାନର ପ୍ରତିଷ୍ଠାତା ଡ. ଶ୍ରୁତି ମହାପାତ୍ରଙ୍କ ସହ ଅନ୍ୟ ଅତିଥିମାନେ।

# ଦିବ୍ୟାଙ୍ଗଙ୍କୁ ସହଯୋଗ, ସୁଯୋଗ ମିଳିବା ଆବଶ୍ୟକ: ପ୍ରଭାତୀ

ଭୁବନେଶ୍ୱର,୧୨।୧୧(ସୁସ୍ମିତା ସାହୁ)

## ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ

ଅନ୍ତର୍ଜାତୀୟ ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବର ସୁବର୍ଣ୍ଣ ଜୟନ୍ତୀ ବୁଧବାର ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଶ୍ରୁତି ମହାପାତ୍ର ଜଣେ ପ୍ରେରଣାର ଉତ୍ସ। ସେ ୭ଶହରୁ ଅଧିକ ଦିବ୍ୟାଙ୍ଗ ପିଲାଙ୍କୁ ଏକାଠି କରି ଏକ ପରିବାର ସୃଷ୍ଟି କରିଛନ୍ତି। ସ୍ୱାଭିମାନ ଏକ ସଂସ୍ଥା ନୁହେଁ, ବରଂ ଏକ ପରିବାର। ଭିନ୍ନକ୍ଷମଙ୍କୁ ଦୟା ନୁହେଁ, ସହଯୋଗ ଓ ସୁଯୋଗ ମିଳିବା ଆବଶ୍ୟକ। ସେମାନଙ୍କ ଭିତରେ ନିଆରା ପ୍ରତିଭାକୁ ବିକଶିତ କରିବା ପାଇଁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। କେବଳ ସ୍ୱେଚ୍ଛାସେବୀମାନଙ୍କୁ ନେଇ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଏକ ଦୃଷ୍ଟାନ୍ତ। ଶ୍ରୁତି ଦେଇଥିବା ପ୍ରସ୍ତାବଗୁଡ଼ିକୁ ବିଭାଗ ସହିତ ଆଲୋଚନା କରିବା ପରେ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ପରିଡା କହିଛନ୍ତି।

ସ୍ୱାଭିମାନର ପ୍ରତିଷ୍ଠାତା ଡ. ଶ୍ରୁତି ମହାପାତ୍ର ୨୫ ବର୍ଷର ଗୌରବମୟ ଯାତ୍ରାର ସଂଘର୍ଷ ଓ ସଫଳତାର କାହାଣୀ ବର୍ଣ୍ଣନା କରିଥିଲେ। ସେ କହିଲେ, ଅଳ୍ପ ଲୋକଙ୍କୁ ନେଇ ଆରମ୍ଭ ହୋଇଥିବା ଅଞ୍ଜଳି ପରିବାର ଏବେ ବଡ଼ ପରିବାରରେ ପରିଣତ ହୋଇଛି। ଶାରୀରିକ ଦିବ୍ୟାଙ୍ଗ ପିଲାଙ୍କ ଉତ୍ସାହ ଓ ଆତ୍ମବିଶ୍ୱାସ ବଢ଼ାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି ଉତ୍ସବ କେବଳ ପ୍ରତିଯୋଗିତା ନୁହେଁ, ସମସ୍ତଙ୍କ ମଧ୍ୟରେ ସମାନତା ଓ ସହାନୁଭୂତିର ଏକ ମହାମଞ୍ଚ। ଚଳିତବର୍ଷର ପ୍ରସଙ୍ଗ ହେଉଛି 'କିମ୍ବଦନ୍ତୀ ପୌରାଣିକ କଥା, ଗଳ୍ପ ଓ ପୁରାଣ ସାହିତ୍ୟ'। ମିଥୋଲୋଜି ଅର୍ଥାତ ବିଭିନ୍ନ ଜାତି, ଧର୍ମ ଓ ସଂସ୍କୃତିର ପୁରାତନ ଦେବଦେବୀ, ବୀର ଓ ଅଲୌକିକ ଘଟଣାବଳୀ ସମ୍ପର୍କିତ କାହାଣୀଗୁଡ଼ିକ ମାନବର ଆସ୍ଥା, ଐତିହ୍ୟ ଓ ସାଂସ୍କୃତିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ଡ. ମହାପାତ୍ର କହିଛନ୍ତି।

ପଦ୍ମଶ୍ରୀ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦୀ, ବାଲୁକାଶିଳ୍ପୀ ପଦ୍ମଶ୍ରୀ ଡ. ସୁଦର୍ଶନ ପଟ୍ଟନାୟକ, ସିୱାଇଏସ୍‌ଡି ପ୍ରତିଷ୍ଠାନର ସଦସ୍ୟ ଜଗଦାନନ୍ଦ ଓ ଗାୟତ୍ରୀ କର ଉପସ୍ଥିତ ଥିଲେ। ଏହି ଅବସରରେ ସାହସିକତା ପାଇଁ ସୁରେଶ ଚୌଧୁରୀଙ୍କୁ 'ଅଞ୍ଜଳି ଆୱାର୍ଡ' ଏବଂ ସୁଲେଖା ବଡ଼ାଇଙ୍କୁ 'ଅଞ୍ଜଳି ଛାତ୍ର ବୃତ୍ତି' ପ୍ରଦାନ କରାଯାଇଛି। ଏଥିସହ ଅଞ୍ଜଳି କ୍ୟାମ୍ପ ବୁଲେଟିନ ଉନ୍ମୋଚିତ ହୋଇଛି। ଓଡ଼ିଶାର ୩୦ ଜିଲା ସହ ଲଦାଖ, ଲାକ୍ଷାଦ୍ୱୀପ, ଜମ୍ମୁ କାଶ୍ମୀର ଆଦି ଦେଶର ୧୮ଟି ରାଜ୍ୟରୁ ଶିଶୁ-ଯୁବ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶ୍ରୀଲଙ୍କାରୁ ମଧ୍ୟ ପ୍ରତିଯୋଗୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ସ୍ୱାଭିମାନ ପକ୍ଷରୁ ସମସ୍ତଙ୍କୁ ସ୍ୱାଭିମାନ ଲୋଗୋ ଯୁକ୍ତ ଟି-ଶାର୍ଟ ଓ ବ୍ୟାଜ୍ ପ୍ରଦାନ କରାଯାଇଛି।

# ହାଇକୋର୍ଟ ଏଏସ୍‌ଓ ମୁଖ୍ୟ ପରୀକ୍ଷା ବାତିଲ

କଟକ/ ଭୁବନେଶ୍ୱର, ୧୨।୧୧
(କାର୍ତ୍ତିକ ସାହୁ/ ତ୍ରିନାଥ ମହାନ୍ତି)

## ଅନିୟମିତତା ସନ୍ଦେହ: ଡିସେମ୍ବର ୭ରେ ସାନି ପରୀକ୍ଷା

ଆସିଷ୍ଟାଣ୍ଟ ସେକ୍ସନ୍ ଅଫିସର (ଏଏସ୍‌ଓ) ପଦ ନିମନ୍ତେ ଗତ ଜୁଲାଇ ୧୩ରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ପରୀକ୍ଷାକୁ ହାଇକୋର୍ଟ ବାତିଲ କରିଦେଇଛନ୍ତି। ପରୀକ୍ଷା ପରିଚାଳନାରେ ବିଭ୍ରାଟ ହୋଇଥିବା ସନ୍ଦେହ କରି ହାଇକୋର୍ଟ ରେଜିଷ୍ଟ୍ରାର (ପରୀକ୍ଷା) ଏହି ପରୀକ୍ଷାକୁ ବାତିଲ କରିଥିବା ନେଇ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଡିସେମ୍ବର ୭ରେ ସାନି ପରୀକ୍ଷା କରାଯିବ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

ସୂଚନା ଅନୁସାରେ, ହାଇକୋର୍ଟ ଏଏସ୍‌ଓ ପଦରେ ନିଯୁକ୍ତି ଲାଗି ଗତ ମେ' ୪ରେ ହୋଇଥିବା ପ୍ରାଥମିକ ପରୀକ୍ଷାରେ ୭,୧୧୩ ଜଣ ପରୀକ୍ଷାର୍ଥୀ ମୁଖ୍ୟ ପରୀକ୍ଷାକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଗତ ଜୁଲାଇ ୧୩ରେ ମୁଖ୍ୟ ପରୀକ୍ଷା କରାଯାଇଥିଲା। ତେବେ ପରୀକ୍ଷା ପରିଚାଳନା ଏଜେନ୍ସି 'ସିଲିକନ ଟେକ୍' ର କାର୍ଯ୍ୟକଳାପକୁ ନେଇ ହାଇକୋର୍ଟ ସନ୍ଦେହ ପ୍ରକଟ କରିଥିଲେ। ଫଳରେ ହାଇକୋର୍ଟଙ୍କ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇ ଉକ୍ତ ମୁଖ୍ୟ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଡିସେମ୍ବର ୭ରେ ହେବାକୁ ଥିବା ସାନି ପରୀକ୍ଷା ଦିନ ପ୍ରଥମ ସିଟିଂ ଇଂଲିଶ ବିଷୟ ରହିଛି। ଏହି ପରୀକ୍ଷା ସକାଳ ୯ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ହେବ। ଏହାପରେ ଦ୍ୱିତୀୟ ସିଟିଂ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୧ଟା ଜେନେରାଲ ଆୱାରନେସ୍ ଏବଂ ରିଜୋନିଂ, ତୃତୀୟ ସିଟିଂ ଅପରାହ୍ନ ୨.୩୦ରୁ ୪.୩୦ ପର୍ଯ୍ୟନ୍ତ ଗଣିତ ପରୀକ୍ଷା କରାଯିବ ବୋଲି ଜଣାଯାଇଛି।

# ଚପଲ ପିନ୍ଧି ମହାପ୍ରସାଦ ଖାଇଲେ ଭକ୍ତ

ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ସଂସ୍କୃତି ଓ ପରମ୍ପରାକୁ ଖୋଲାଖୋଲି ଭାବେ ଅସମ୍ମାନ କରାଯାଇଥିବା ଦେଖିବାକୁ ମିଳିଛି। ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ମହାପ୍ରଭୁଙ୍କୁ ଅପମାନ କଲାଭଳି ଦୃଶ୍ୟ ଦେଖିବାକୁ ମିଳୁଛି। ଏହାକୁ ନେଇ ଜଗନ୍ନାଥପ୍ରେମୀ କ୍ଷୋଭ ପ୍ରକାଶ କରିଛନ୍ତି। ଏକ ଭିଡିଓ ବୁଧବାର ଭାଇରାଲ୍ ହେବାରେ ଲାଗିଛି। ଏହି ଭିଡିଓରେ ଜଣେ ମହିଳା ଶ୍ରୀମନ୍ଦିର ପଶ୍ଚିମ ଦ୍ୱାର ସମ୍ମୁଖରେ ଚପଲ ପିନ୍ଧି ମହାପ୍ରସାଦ ସେବନ କରୁଛନ୍ତି, ଯାହାକୁ କେହି ଜଣେ ଓଡ଼ିଆ ଭକ୍ତ ତାଙ୍କୁ ଏପରି କରିବାକୁ ବାରଣ କରୁଛନ୍ତି। ସେ ସଙ୍ଗେ ସଙ୍ଗେ ଯେଉଁ ହାତରେ ମହାପ୍ରସାଦ ସେବନ କରୁଥିଲେ, ସେହି ହାତରେ ଚପଲ କାଢ଼ି ଅନ୍ୟତ୍ର ରଖିବାକୁ ଯାଉଛନ୍ତି। ମହିଳା ଭକ୍ତ ଜଣଙ୍କ ଅଣଓଡ଼ିଆ ବୋଲି ଅନୁମାନ କରାଯାଉଛି। ଏଠାରେ ପ୍ରଶ୍ନ ଉଠୁଛି, ଯେଉଁ ଯାତ୍ରୀ ଗୁମାସ୍ତା ଉକ୍ତ ମହିଳାଙ୍କୁ ଦର୍ଶନ କରିବାକୁ ନେଇଥିଲେ, ସେ କିପରି ମହାପ୍ରସାଦର ମହିମା ସମ୍ପର୍କରେ ଜଣାଇଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭକ୍ତଙ୍କ ଦର୍ଶନ କରାଇବା ପାଇଁ ନେଇଥିବା ନକଲି ଯାତ୍ରୀ ଗୁମାସ୍ତାଙ୍କ ଉପରେ ପ୍ରଶାସନ ରୋକ୍ ଲଗାଇବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି।

## ଐତିହାସିକ କଟକ ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟା

# ବାଲିଯାତ୍ରା ସତ୍ୟର ଜୀବନ୍ତ ପ୍ରତୀକ : ରାଜ୍ୟପାଳ

କଟକ,୧୨।୧୧(କାର୍ତ୍ତିକ ସାହୁ)


ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ହଜାର ବର୍ଷର ସହର କଟକରେ ଐତିହାସିକ କଟକ ବାଲିଯାତ୍ରା ବିଶ୍ୱକୁ ମାନବତାର ବାର୍ତ୍ତା ଦେଉଛି। ବାଲିଯାତ୍ରା ସତ୍ୟର ଜୀବନ୍ତ ପ୍ରତୀକ। କଟକ ସହରର ପ୍ରାଚୀନ ଐତିହ୍ୟ ପ୍ରତି ଏହା ପ୍ରମୁଖ ସମ୍ମାନ। ଓଡ଼ିଆର ସାହସିକତାକୁ ମନେପକାଉଛି ବାଲିଯାତ୍ରା ବୋଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି। ଗଣକବି ବୈଷ୍ଣବ ପାଣି ମଞ୍ଚରେ ଅନୁଷ୍ଠିତ ବାଲିଯାତ୍ରାର ଅଷ୍ଟମ ସନ୍ଧ୍ୟାରେ ରାଜ୍ୟପାଳ ଡ. କମ୍ଭମପାଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ସାହସୀ ସାଧବ ପୁଅମାନେ ଜାଭା, ସୁମାତ୍ରା, ବାଲି, କାମ୍ବୋଡିଆକୁ ଜଳଯାତ୍ରା କରି ବାଣିଜ୍ୟ କରୁଥିଲେ। ଦକ୍ଷିଣ-ପୂର୍ବ ଏସିଆରେ ଓଡ଼ିଶା ସଂସ୍କୃତି, ପରମ୍ପରାକୁ ମଧ୍ୟ ବିସ୍ତାର କରୁଥିଲେ। ରାଜ୍ୟର ଐତିହ୍ୟ ରକ୍ଷା ସହ ନଦୀର ସୁରକ୍ଷା କରାଯିବା ଆବଶ୍ୟକ। ଓଡ଼ିଆତ୍ୱର ଦର୍ପଣ ବାଲିଯାତ୍ରା। ଓଡ଼ିଆ ସାହିତ୍ୟ, ସଂସ୍କୃତି ପ୍ରତି ଯୁବବର୍ଗଙ୍କୁ ମଧ୍ୟ ଆକର୍ଷିତ କରୁଛି। କଟକର ଦହିବରା, ଆଳୁଦମ୍‌ର ପ୍ରାଚୀନତାକୁ ପ୍ରଚାରିତ କରୁଛି। ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୂରଦୃଷ୍ଟିସମ୍ପନ୍ନ କାର୍ଯ୍ୟକାରିତା ପାଇଁ ଏସବୁ ସମ୍ଭବ ହୋଇପାରିଛି। ସରକାର ବାଲିଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପ୍ରାପ୍ତି ପାଇଁ ଉଦ୍ୟମ କରୁଛନ୍ତି। ବାଲିଯାତ୍ରାରେ ଇଣ୍ଡୋନେସିଆର ଉପସ୍ଥିତି ମଧ୍ୟ ସମସ୍ତଙ୍କୁ ଉତ୍ସାହିତ କରିଛି। ପ୍ରଧାନମନ୍ତ୍ରୀ ମଧ୍ୟ ବାଲିଯାତ୍ରାକୁ ବିଶ୍ୱସ୍ତରରେ ପ୍ରଚାରିତ କରାଇଛନ୍ତି। ବାଲିଯାତ୍ରା ଏକ ଯାତ୍ରା ଜାରି ରଖିବାର ପ୍ରକ୍ରିୟା ହୋଇଛି।

ସମ୍ମାନିତ ଅତିଥି ଭାବେ ଶିଳ୍ପ, କୌଶଳ ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଲେ, ରାଜ୍ୟ ସରକାର ନୌବାଣିଜ୍ୟକୁ ଗୁରୁତ୍ୱ ଦେଉଛନ୍ତି। ବହୁ ଦିନ ଯାଏ ବୃହତ୍ ବନ୍ଦର ଓଡ଼ିଶାରେ ପ୍ରତିଷ୍ଠା ହୋଇପାରି ନ ଥିଲା। ଏବେ ତାହା ସମ୍ଭବ ହେବାକୁ ଯାଉଛି। ଗୋପାଳପୁରଠାରେ ସାଟଲାଇଟ୍ ବନ୍ଦର ହେବ। ଅସ୍ତରଙ୍ଗରେ ବନ୍ଦର ହେବ। ଆଗାମୀ ଦିନରେ ବହୁ ବନ୍ଦର ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ବନ୍ଦର ପ୍ରତିଷ୍ଠା ସହ ଜାହାଜ ମରାମତି କାରଖାନା ନିର୍ମାଣ ଦିଗରେ ସରକାର ଯତ୍ନବାନ ଅଛନ୍ତି। ବିଧାୟକ ପ୍ରକାଶ ସେଠୀ କହିଲେ, ସାଧବ ପୁଅମାନେ କୌଣସି ବୈଷୟିକ ଜ୍ଞାନକୌଶଳ ନ ଥାଇ ବିପଦପୂର୍ଣ୍ଣ ସାମୁଦ୍ରିକ ଯାତ୍ରା କରି ବଣିଜ କରୁଥିଲେ। ହାତୀ ମଧ୍ୟ ବିଦେଶରୁ ଆଣୁଥିଲେ। ଏହା ଉପରେ ଏକ ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଯିବା ଆବଶ୍ୟକ। ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଲେ, ବାଲିଯାତ୍ରା ଆଗାମୀ ଦିନରେ ୟୁନେସ୍କୋ ମାନ୍ୟତା ପାଇ ବିଶ୍ୱ ଦରବାରରେ ପ୍ରତିଷ୍ଠିତ ହେବାର ଆବଶ୍ୟକ ରହିଛି। ବାଲିଯାତ୍ରାର କଳେବର ଆହୁରି ବୃଦ୍ଧି ପାଉ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ବିଧାୟକ ସୌଭିକ ବିଶ୍ୱାଳ ଅଦମ୍ୟ ସାହସୀ ସାଧବ ପୁଅମାନେ ଆମ ସମସ୍ତଙ୍କ ମନରେ ସାହସ ଭରିଦେଇଛନ୍ତି ବୋଲି କହିଥିଲେ। କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା ମଞ୍ଚାସୀନ ଥିଲେ।

ଏହି ଅବସରରେ ପୃଷ୍ଠପୋଷକ ଜୟ ଭାରତ ମସଲାର ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ପଣ୍ଡା, ଓମ୍ ଅଏଲ ଆଣ୍ଡ ଫ୍ଲୋର ମିଲସ୍‌ର ଲୋକସମ୍ପର୍କ ଅଧିକାରୀ ଶୁଭେନ୍ଦୁ କୁମାର ଭୂୟାଁ, ଓମଫେଡ୍‌ର ଅଧିକାରୀଗଣ, ଆଇଏନ୍‌ଏସ୍ ଚିଲିକାର ଡେପୁଟି ନାଭାଲ ଅଫିସର, ୟୁକୋ ବ୍ୟାଙ୍କର ଜୋନାଲ ହେଡ୍, ମାଇଁ ହୋମ୍ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଯାତ୍ରାରେ ପ୍ରଥମଥର ପାଇଁ ଅନୁଷ୍ଠିତ ବୋଇତ ଚାଳନା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଓଡ଼ିଶା ଦଳ ପ୍ରଥମ, ଝାଡ଼ଖଣ୍ଡ ଦ୍ୱିତୀୟ ଓ ତୃତୀୟ ସ୍ଥାନ ପାଇଥିବା ବିହାରକୁ ଚେକ୍ ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଓ ଅତିରିକ୍ତ ଜିଲାପାଳ ଶିବ ଟପ୍ପୋ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ସିଏମ୍‌ସି କମିଶନର କିରଣଦୀପ କୌର ସହୋତା ଧନ୍ୟବାଦ ଅର୍ପଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଭିକି


@ ରୋଜି


@ ହୃଷୀକେଶ


@ ଚିତ୍ତରଞ୍ଜନ


@ ସଞ୍ଜୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କଟକ ବାଲିଯାତ୍ରା ଅବଧି ଦିନେ ବଢ଼ିଲା

ଭୁବନେଶ୍ୱର, ୧୨।୧୧(ସୁନିତ୍ ମିଶ୍ର)

## ଆଜି ଉଦ୍‌ଯାପନ

ବିଶ୍ୱ ପ୍ରସିଦ୍ଧ କଟକ ବାଲିଯାତ୍ରାର ଅବଧି ଆଉ ଗୋଟିଏ ଦିନ ବୃଦ୍ଧି କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘୋଷଣା କରିଛନ୍ତି। ଏହାଦ୍ୱାରା ବାଲିଯାତ୍ରା ବୁଧବାର ପରିବର୍ତ୍ତେ ଗୁରୁବାର ଉଦ୍‌ଯାପନ କରିବାକୁ ସୂଚନା ଦିଆଯାଇଛି। ବାଲିଯାତ୍ରା ପ୍ରତି ସାଧାରଣ ଲୋକଙ୍କ ଆକର୍ଷଣ ଓ ଆଗ୍ରହ ତଥା ମେଳାରେ ବ୍ୟବସାୟୀମାନଙ୍କ କାରବାରକୁ ନଜରରେ ରଖି ମୁଖ୍ୟମନ୍ତ୍ରୀ ଏହାର ଅବଧି ବୃଦ୍ଧି କରିଥିବା କୁହାଯାଇଛି। ସୂଚନାଯୋଗ୍ୟ, କଟକ ବାଲିଯାତ୍ରା ଗତ ୫ ତାରିଖରୁ ଆରମ୍ଭ ହୋଇଛି। ସରକାରଙ୍କ ପୂର୍ବ ନିର୍ଦ୍ଧାରିତ ସମୟାନୁଯାୟୀ ଏହା ବୁଧବାର ଉଦ୍‌ଯାପନ ହେବା କଥା। ମାତ୍ର ଲୋକଙ୍କ ଆଗ୍ରହକୁ ସରକାର ବିଶେଷ ଧ୍ୟାନଦେଇଛନ୍ତି। ସେଥିଲାଗି ଏହା ଅଧିକ ଦିନକ ପାଇଁ ବୃଦ୍ଧି କରାଯାଇଛି।

# ରୁପା କିଣିବ ଶ୍ରୀମନ୍ଦିର ପ୍ରଶାସନ

ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀମନ୍ଦିରର ବିଭିନ୍ନ ଦ୍ୱାରକୁ ଅତୀତରେ ରୁପା ଛାଉଣି କରାଯାଇଥିଲା। ଭକ୍ତମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ରୁପାରେ ଦ୍ୱାରଗୁଡ଼ିକର ରୁପା ଛାଉଣି କରାଯାଇଥିଲା। ତେବେ ଆଗାମୀ ଦିନରେ ଶ୍ରୀମନ୍ଦିର ବାହାର ଭଣ୍ଡାର ଦ୍ୱାର, ଭଣ୍ଡାର ଲୋକନାଥଙ୍କ ଖିଲଣ, ଅବକାଶ ଖଟୁଲି ସମେତ ୪ଟି ସ୍ଥାନରେ ରୁପା ଛାଉଣି କରିବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ତେଣୁ ଏହି ଦ୍ୱାରଗୁଡ଼ିକୁ ଛାଉଣି କରିବାରେ ରୁପା ବ୍ୟବହାର ହେବ ବୋଲି ସୂଚନା ମିଳିଛି। ମହାପ୍ରଭୁଙ୍କୁ ଦାନରେ ମିଳିଥିବା ରୁପା ବ୍ୟବହାର ଉପଯୋଗୀ ହୋଇ ନ ଥିବାରୁ ପ୍ରଶାସନ ବାହାରୁ ରୁପା କିଣିବ ବୋଲି ସୂଚନା ମିଳିଛି। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ୭୦୦ କେଜି ରୁପା କିଣିବ ବୋଲି ସୂଚନା ମିଳିଛି। ୯୯.୯ ଶୁଦ୍ଧତାର ୧ କେଜି କିମ୍ବା ୫ କେଜିଆ ରୁପାଇଟା କିଣାଯିବ। ଏନେଇ ଆଗ୍ରହୀ ସଂସ୍ଥାମାନଙ୍କୁ ଏହି ପ୍ରକ୍ରିୟାରେ ଭାଗ ନେବାକୁ ଶ୍ରୀମନ୍ଦିର ପ୍ରଶାସନ ଟେଣ୍ଡର ଆହ୍ୱାନ କରିଛି। ପୂର୍ବରୁ ଶ୍ରୀମନ୍ଦିର ୪ଦ୍ୱାର ସମେତ ନାଟମଣ୍ଡପ, ଭୋଗମଣ୍ଡପ, ଜଗମୋହନର ବିଭିନ୍ନ ଦ୍ୱାରକୁ ରୁପା ଛାଉଣି କରାଯାଇଥିଲା। ସେହିପରି ସିଂହଦ୍ୱାର ଗୁମୁଟରେ ପୂଜିତ ପତିତପାବନଙ୍କ ଖିଲଣକୁ ମଧ୍ୟ ରୁପା ଛାଉଣି କରାଯାଇଥିଲା। ଏହି ଢାଞ୍ଚାରେ ବାହାର ରତ୍ନଭଣ୍ଡାର ଓ ଅନ୍ୟ କାର୍ଯ୍ୟଗୁଡ଼ିକ କରିବାକୁ ପ୍ରଶାସନ ଲକ୍ଷ୍ୟ ରଖିଛି। ରତ୍ନଭଣ୍ଡାର ମରାମତି ସରିଥିବାରୁ ଏହାକୁ ଯୋଜନା ମୁତାବକ ରୁପା ଛାଉଣି କରିବାକୁ ଶ୍ରୀମନ୍ଦିର ପ୍ରଶାସନ ଲକ୍ଷ୍ୟ ରଖିଛି।

# ୩ ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ମିଳୁନି ପିଇବାପାଣି

## ବସୁଧା ଯୋଜନା ପାଣିଟାଙ୍କିରୁ କଟାଗଲା ବିଦ୍ୟୁତ୍

ଗୋପ,୧୨।୧୧(ଭାରତୀ ଭୂଷଣ ଉପାଧ୍ୟାୟ)

ବିଦ୍ୟୁତ୍ ବିଭାଗ ପକ୍ଷରୁ ଗୋପ ପଞ୍ଚାୟତରେ ଥିବା ବସୁଧା ଯୋଜନାରେ ଲୋକଙ୍କୁ ଯୋଗାଇ ଦିଆଯାଉଥିବା ପାଣି ଟାଙ୍କିର ବିଦ୍ୟୁତ୍ ସଂଯୋଗ କଟାଯିବା ଫଳରେ ୩ ହଜାରରୁ ଊର୍ଦ୍ଧ୍ୱ ପରିବାର ପିଇବାପାଣି ପାଇ ନ ଥିବା ଅଭିଯୋଗ ହେଉଛି। ପ୍ରକାଶ ଯେ, ସରକାର ପ୍ରତ୍ୟେକ ଘରେ ପିଇବା ପାଣି ପୁଆର ପୂର୍ବରୁ ଯୋଗାଇ ଦେବାର ଉଦ୍ଦିଷ୍ଟ ପିଯୁଷ ବେଳେ ଗୋପ ବ୍ଲକର ଅନେକ ପଞ୍ଚାୟତରେ ଥିବା ବସୁଧା ଯୋଜନା ପାଣି ଠିକ୍ ଭାବରେ ଚାଲୁ ନ ଥିବାରୁ ସାଧାରଣ ଲୋକ ଟୋପାଏ ପିଇବା ପାଣି ଲାଗି ଡହଳ ବିକଳ ହେଉଛନ୍ତି। ଏପରିକି ଅଧିକାଂଶ ପଞ୍ଚାୟତରେ ବସୁଧା ଯୋଜନାରେ ପିଇବା ପାଣି ଟାଙ୍କିରୁ ମଇଳା ପାଣି ବାହାରୁଥିବା ବେଳେ କେତେକ ପଞ୍ଚାୟତରେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଇପ୍ ଫାଟିବା ଫଳରେ ପାଣିରେ ଅଳିଆ ଆବର୍ଜନା ମିଶୁଥିବା ଭଳି ଅଭିଯୋଗ ହେଉଛି। ଗୋପ ବ୍ଲକର ଏରବଙ୍ଗ ପଞ୍ଚାୟତରେ ଥିବା କେତେକ ବସୁଧା ଯୋଜନାରେ ଥିବା ପାଣି ଟାଙ୍କିରୁ ଟଙ୍କା ବାକିଥିବାରୁ ବିଦ୍ୟୁତ କଟାଯାଇଥିବା ବେଳେ ବୁଧବାର ଗୋପ ବ୍ଲକ୍‌ର ହେଡ୍ କ୍ୱାର୍ଟର୍ସ ପଞ୍ଚାୟତରୁ ବିଦ୍ୟୁତ କଟାଯାଇଥିବା ଜଣାପଡ଼ିଛି। ଏପରି ବାରମ୍ବାର ହେବା ଫଳରେ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଏହି ସମସ୍ୟା ସାଧାରଣ ଲୋକେ ଭୋଗୁଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ଗୋପ ସରପଞ୍ଚ ସୁଲୋଚନା ଦାସଙ୍କୁ ପଚାରିବାରେ ସେ କହିଛନ୍ତି, ଆମ ନିକଟକୁ ବିଦ୍ୟୁତ୍ ବିଲ୍ ଆସୁ ନ ଥିବାରୁ ଠିକ୍ ସମୟରେ ଅର୍ଥ ପଇଠ କରିପାରୁନାହିଁ। ସେହିପରି ଏରବଙ୍ଗ ସରପଞ୍ଚ ରଶ୍ମିରେଖା ଦାସ କହିଛନ୍ତି, ବସୁଧା ଯୋଜନାରେ ଥିବା ପିଇବା ପାଣି ଟାଙ୍କିର ଦାୟିତ୍ୱ ବିଭାଗ ହସ୍ତାନ୍ତର କରି ନ ଥିବାରୁ ଏପରି ବିଭିନ୍ନ ସମୟରେ ଅସୁବିଧା ହେଉଛି। ବସୁଧା ଯୋଜନାରେ ଥିବା ପିଇବା ପାଣି ଟାଙ୍କିରୁ ବିଦ୍ୟୁତ୍‌ଛିନ୍ନ ସମ୍ପର୍କରେ ଗୋପ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବାଡ଼କ୍ରିୟାଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶରେ ବିଦ୍ୟୁତ୍ କଟାଯାଇଛି ବୋଲି ସେ କହିଛନ୍ତି।



ପୁରୀରେ ସୋମବାର ଆୟୋଜିତ ବିଦୁଷୀ ଇନ୍ଦିରା ପ୍ରତିହାରୀଙ୍କ ସ୍ମୃତିସଭାରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ ଅବସରରେ ଅତିଥିଙ୍କ ସହ ନୃତ୍ୟଶିଳ୍ପୀମାନେ।

## ଗାଡ଼ି ଚୋରି ନେଇ ଥାନାର ଦ୍ୱାରସ୍ଥ ମାଲିକ

ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି): ବ୍ୟାଟେରିଚାଳିତ ଅଟୋ ଚୋରି ହେବା ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି ଗାଡ଼ି ମାଲିକ। ଟାଉନଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହି ନୂଆସାହିର ବାସିନ୍ଦା ନିରଞ୍ଜନ ଲେଙ୍କା ତାଙ୍କର ଓଡି ୧୩ ଭି ୩୬୨୧ ନମ୍ବର ବିଶିଷ୍ଟ ବ୍ୟାଟେରି ଅଟୋ ଚଳାଇବା ପାଇଁ ଡ୍ରାଇଭରକୁ ଦେଇଥିଲେ। ୧୧ ତାରିଖ ଭୋର ସମୟରେ ଡ୍ରାଇଭର ଗାଡ଼ିକୁ ନୀଳାଦ୍ରି ଆପାର୍ଟମେଣ୍ଟ ସମ୍ମୁଖରେ ରଖି ଗାଧୋଇବାକୁ ଯାଇଥିଲେ। ଆସିବା ପରେ ଗାଡ଼ି ସେଠାରେ ନ ଥିବା ଦେଖିବାକୁ ପାଇଥିଲେ। ଟାଉନଥାନା ପୋଲିସ ଏକ କେସ୍ (ନଂ ୬୧୭/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ଭୟାବହ ବିସ୍ଫୋରଣରେ ମୃତକଙ୍କ ପ୍ରତି ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି)

ଲାଲକିଲ୍ଲା ନିକଟରେ ଗତ ୧୦ ତାରିଖ ସନ୍ଧ୍ୟାରେ ଘଟିଥିବା ଭୟାବହ ବିସ୍ଫୋରଣରେ ନିରୀହ ନାଗରିକଙ୍କ ମୃତ୍ୟୁ ଘଟିଥିବା ଘଟଣା ସମଗ୍ର ଦେଶକୁ ଦୋହଲାଇ ଦେଇଛି। ଏହି ଦୁଃଖଦ ଘଟଣାରେ ମୃତକଙ୍କ ପରି ସମବେଦନାପୂର୍ବକ ଗଭୀର ଶୋକ ପ୍ରକାଶ କରି କୁମାର ଉତ୍ସବ ସମିତି, ପୁରୀ ପକ୍ଷରୁ ସମିତିର କାର୍ଯ୍ୟାଳୟ ପରିସରରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ଉପସ୍ଥିତ ବ୍ୟକ୍ତିବିଶେଷ ତଥା ସମିତିର ସଦସ୍ୟା/ସଦସ୍ୟମାନେ ଘଟଣାକୁ ଦୃଢ଼ନିନ୍ଦା କରି ଏହି ଆକ୍ରମଣ ମାନବତାର ପରାଜୟ ବୋଲି କହିବା ସହ କେନ୍ଦ୍ର ସରକାର ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆତଙ୍କ ଘଟାଇଥିବା ଉଗ୍ରବାଦୀ କାର୍ଯ୍ୟର ଚେରକୁ ସମ୍ପୂର୍ଣ୍ଣ ଧ୍ୱଂସ କରିବାକୁ ଦାବି କରିଥିଲେ। ସଦସ୍ୟା/ସଦସ୍ୟଙ୍କ ପକ୍ଷରୁ ଗଭୀର ଶୋକବ୍ୟକ୍ତ କରି ମୃତକଙ୍କ ଆତ୍ମାର ସଦ୍‌ଗତି କାମନା କରି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିବା ବେଳେ ଚିକିତ୍ସିତ ହେଉଥିବା ଆହତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା।

ଶ୍ରଦ୍ଧାଞ୍ଜଳିସଭାରେ ସମିତିର ଉପଦେଷ୍ଟା ବିଦ୍ୟୁଲତା ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ରାଜେଶ ମିଶ୍ର, ବରିଷ୍ଠ ସଦସ୍ୟ ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ମାନସ ପଟ୍ଟନାୟକ, ବିକାଶ ଦତ୍ତ, ମଳୟ ଗଜେନ୍ଦ୍ର, ଅମରେନ୍ଦ୍ର ପାଇକରାୟ, ପ୍ରମୋଦ ପଟ୍ଟନାୟକ, ନିଗମ ପାତ୍ର, ରାଜା ମହାନ୍ତି, ରେଶ୍ମା ରଣା, ସନ୍ତୋଷ ମହାନ୍ତି, ଅସୀମା ରାଉଳ, ସନ୍ଧ୍ୟାରାଣୀ ସାହୁ, ସନ୍ତୋଷିନୀ ନାୟକ, ସୌମ୍ୟା ରଞ୍ଜନ ନାୟକ, ନୀରଜ ମହାନ୍ତି, ଗୌରୀ ଶଙ୍କର ସାମନ୍ତରାୟ, କ୍ଷୀରୋଦ ଦାଶ, ରମେଶ କୁମାର ମିଶ୍ର, ପ୍ରତ୍ୟୁଷ ଜୟସିଂହ ଓ ଚନ୍ଦ୍ର ଶେଖର ଓମ୍ ପାତ୍ର ପ୍ରମୁଖ ଉପସ୍ଥିତ ରହି ମୃତକଙ୍କ ପ୍ରତି ଅଶ୍ରୁଅର୍ଘ୍ୟ ଅର୍ପଣ କରିଥିଲେ।

# ପଢୁଆଁ ହେଲେ ଶ୍ରୀସାକ୍ଷୀଗୋପାଳ, ଶ୍ରୀରାଧା

ସାକ୍ଷୀଗୋପାଳ,୧୨।୧୧
(କିଶୋର ମହାପାତ୍ର/
ପ୍ରଶାନ୍ତ କୁମାର ବାରିକ/ଭରତ ରାଉତ)



ସାକ୍ଷୀଗୋପାଳ ମନ୍ଦିରରେ ପ୍ରଥମାଷ୍ଟମୀ ନୀତି ବୁଧବାର ପାଳିତ ହୋଇଛି। ଏହି ଉପଲକ୍ଷେ ଦୈନନ୍ଦିନ ଦେବନୀତି ସହିତ ଦ୍ୱିପ୍ରହର ଧୂପରେ ଶ୍ରୀସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧାଙ୍କୁ ନୂତନ ବସ୍ତ୍ର, ଫୁଲହାର, ଚନ୍ଦନଲାଗି କରାଯାଇଥିଲା। ଜାତଭୋଗ, ଆଳତି, ଉପଚାର ଓ ବନ୍ଦାପନା କରାଯାଇ ଠାକୁରଙ୍କ ପଢୁଆଁ ନୀତି ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଛତିତ୍ରାସ, ବିଜେକାହାଳୀ, ଘଣ୍ଟ, ତେଲିଙ୍ଗି ।ଦ୍ୟ, ମହୁରୀ ସେବା କରାଯାଇଥିଲା। ପୂଜପଣ୍ଡା ଶିବ ସୁନ୍ଦର ମହାପାତ୍ର, ପାଳିଆ ପତ୍ରୀ, ଚନ୍ଦ୍ରମଣି ନନ୍ଦ, ସିଂହାରୀ ଅଶୋକ ଖୁଣ୍ଟିଆ, ଭଣ୍ଡାର ମେକାପ ପ୍ରଶାନ୍ତ କୁମାର ମେକାପଙ୍କ ସହିତ ବିଭିନ୍ନ ବର୍ଗର ସେବାୟତ ସାମିଲ ହୋଇଥିଲେ। ବିଶେଷ କରି ପୋଢୁଆଁ ହୋଇଥିବା ବାଳିକା ବାଳକମାନେ ପରିବାର ସହ ଠାକୁରଙ୍କ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଘରେ ଘରେ ପିଠାପଣା ନୂତନ ବସ୍ତ୍ର ପରିଧାନ ବନ୍ଦାପନା ଆଦି ଆସର ଜମିଥିଲା।

# ପ୍ରଥମାଷ୍ଟମୀ: ଏଣ୍ଡୁରି ପିଠାରେ ମହକିଲା ଘର

କାକଟପୁର/ଅସ୍ତରଙ୍ଗ,୧୨।୧୧
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ ତିଥି ବୁଧବାର ପାଳିତ ହୋଇଛି। ଏହିଦିନକୁ ପ୍ରଥମାଷ୍ଟମୀ ଭାବେ ପାଳନ କରାଯାଏ। ଘରର ଜ୍ୟେଷ୍ଠ ସନ୍ତାନମାନଙ୍କ ପାଇଁ ସ୍ୱତନ୍ତ୍ର ପୂଜା କରିବାର ପରମ୍ପରା ରହିଛି। ଜ୍ୟେଷ୍ଠ ସନ୍ତାନମାନେ ସକାଳୁ ଉଠି ଗାଧୋଇ ନୂଆ ବସ୍ତ୍ର ପରିଧାନ କରିଥାଆନ୍ତି। ତା'ପରେ ତାଙ୍କୁ ପିଢ଼ାରେ ବସାଯାଇ ବନ୍ଦାପନା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନମାନଙ୍କର ଶୁଭମନାସି ଷଠିଦେବୀ ଓ କୁଳଦେବତାଙ୍କ ନିକଟରେ ପୂଜା କରାଯାଇଥାଏ। ଜ୍ୟେଷ୍ଠ ସନ୍ତାନଙ୍କୁ ପଢୁଆଁ କରିବା ପାଇଁ ମାମୁଘରୁ ନୂତନ ବସ୍ତ୍ର ଆସିଥାଏ। ନୂଆ ବସ୍ତ୍ର ପିନ୍ଧି ବନ୍ଦାପନା ହୋଇସାରିବା ପରେ ହଳଦୀପତ୍ରରେ ତିଆରି ସ୍ୱତନ୍ତ୍ର ଏଣ୍ଡୁରି ପିଠା ଖାଇଥାଆନ୍ତି। ମାର୍ଗଶିର ମାସର ପ୍ରଥମ ଅଷ୍ଟମୀକୁ ପ୍ରଥମାଷ୍ଟମୀ କୁହାଯାଏ। ଏଣ୍ଡୁରି ପିଠା ପ୍ରଥମାଷ୍ଟମୀର ବିଶେଷତ୍ୱ। ଏହି ପିଠା ପାଇଁ ହଳଦୀପତ୍ରର ବ୍ୟବହାର ମଧ୍ୟ ଅନ୍ୟ ଏକ ବିଶେଷତ୍ୱ। ଅନ୍ୟ କୌଣସି ପିଠାରେ ହଳଦୀପତ୍ର ବ୍ୟବହାର ହୁଏ ନାହିଁ ଓ କେବଳ ପ୍ରଥମାଷ୍ଟମୀ ଉପଲକ୍ଷେ ଏଣ୍ଡୁରି ପିଠାରେ ହଳଦୀପତ୍ରର ବ୍ୟବହାର ପ୍ରସିଦ୍ଧ। ଛେନା, ନଡ଼ିଆ ପୁର, ଗୁଡ଼, ଉଆପକ୍ଷିଆ ଚାଉଳ, ହଳଦୀପତ୍ର ଏବଂ ବିରିରେ ପିଠା ତିଆରି କରାଯାଏ। ହଳଦୀପତ୍ରର ମହମହ ବାସ୍ନାରେ ପିଠାର ସୁଆଦ ଅଧିକ ରୁଚିକର ଲାଗେ।

# ଶ୍ରୀମନ୍ଦିରରେ ପ୍ରଥମାଷ୍ଟମୀ ନୀତି ସମ୍ପନ୍ନ

ପୁରୀ,୧୨।୧୧(ଅଜିତ୍ କୁମାର ମହାନ୍ତି): ପବିତ୍ର ମାର୍ଗଶିର ମାସ କୃଷ୍ଣପକ୍ଷ ଅଷ୍ଟମୀ ବା ପ୍ରଥମାଷ୍ଟମୀ ଅବସରରେ ଘରର ଜ୍ୟେଷ୍ଠମାନଙ୍କୁ ପୋଢୁଆଁ କରାଯାଇ ବନ୍ଦାପନା କରାଯିବାର ପରମ୍ପରା ରହିଛି। ଏହି ପରିପ୍ରେକ୍ଷୀରେ ବୁଧବାର ପ୍ରଥମାଷ୍ଟମୀ ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ଅନୁଷ୍ଠିତ ହୋଇଛି। ପ୍ରଥମାଷ୍ଟମୀ ଅବସରରେ ଶ୍ରୀବିଗ୍ରହମାନଙ୍କ ବନ୍ଦାପନା ନୀତି ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ବେଶ ମଇଲମ କରାଯାଇ ପାଣି ପଡ଼ିଥିଲା। ତା'ପରେ ପୂଜାପଣ୍ଡା ସାମନ୍ତ ଯାତ୍ରାଙ୍ଗୀ ମହାସ୍ନାନ ନୀତି ସମ୍ପନ୍ନ କରିଥିଲେ। ପରେ ତିନି ଠାକୁରଙ୍କୁ ନୂଆଲୁଗା ଲାଗି କରାଯାଇଥିଲା। ଏହା ପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ମହାପ୍ରଭୁଙ୍କୁ ଚନ୍ଦନ ଲାଗି ସର୍ବାଙ୍ଗ ନୀତି କରିଥିଲେ। ପରେ ସେବକମାନେ ଶ୍ରୀବିଗ୍ରହଙ୍କୁ ୬ ମୂର୍ତ୍ତି ଅଳଙ୍କାର ଲାଗି କରି ବେଶ କରିଥିଲେ। ଏହାପରେ ତିନି ଠାକୁରଙ୍କୁ ବନ୍ଦାପନା ବା ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା। ପରେ ମଧ୍ୟାହ୍ନ ଧୂପ ଉଠିବା ପରେ ତିନି ବାଡ଼ରେ ମଙ୍ଗଳାର୍ପଣ ନୀତି ସମ୍ପନ୍ନ ହୋଇ ଫୁଲପୁରିଆ ଖଦି ଓ ଛେଦା ପ୍ରସାଦ ଲାଗି ହୋଇ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା। ବନ୍ଦାପନା ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିରରେ ପୋଢୁଆଁ ନୀତି ସମ୍ପନ୍ନ ହୋଇଥିଲା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୋଢୁଆଁ ନୀତି ହୋଇଛି। ସେହିପରି ଘରର ଜ୍ୟେଷ୍ଠମାନଙ୍କୁ ପୋଢୁଆଁ କରାଯାଇଥିଲା। ଷଠୀ ଦେବୀଙ୍କ ନିକଟରେ ଭୋଗ ଅର୍ପଣ କରାଯିବା ସହ ଘରର ଜ୍ୟେଷ୍ଠମାନେ ନୂଆ ପୋଷାକ ପିନ୍ଧି ପୋଢୁଆଁ ହୋଇଥିଲେ।



**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BOLANGIR**

No.O-1425

**2nd Corrigendum Notice**
**No.3308 dated. 06.11.2025**

2nd Corrigendum Notice vide this office Bid Identification No. **BLGR-Online-26/2025-26 & BLGR-Online-28/2025-26** regarding extension of time as follows :

| Procurement Officer | Bid Identification No. | Availability of Tender on line for bidding | | Last date and time of seeking tender clarification | Date & time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Bolangir | BLGR-Online-26/2025-26<br>BLGR-Online-28/2025-26 | 30.10.2025 at 11.00 A.M. | 18.11.2025 upto 5.00 P.M. | 17.11.2025 upto 5.00 P.M. | 20.11.2025 at 11.00 A.M. | Will be intimated separately |

N.B. - All other terms and conditions remain unchanged.
OIPR-
Sd./- Chief Construction Engineer
Rural Work Circle, Bolangir

**THE ODISHA STATE COOPERATIVE BANK LTD.**
Pandit Jawaharlal Nehru Marg, Bhubaneswar-751001
Ref. No. OSCB/HRDD/3973/2025-26 Date: 11.11.25

**NOTICE INVITING TENDER**

No. LL-22: The Bank desires to purchase a good number of Diary for the New year 2026. Registered Firms/NGOs having own offset colour printing press with adequate experience in offset printing work may participate in the tender/bid which should reach this office through Speed Post/Regd. Post by 2.00 P.M. on or before 19.11.2025. The intending parties may log on to Bank's website **www.odishascb.com** for downloading the required tender papers i.e. detailed tender call notice and tender documents including terms and conditions of the tender and submit the tender paper along with tender amount and EMD in shape of Bank Draft/Pay Order in favour of the Managing Director, Odisha State Cooperative Bank drawn on any Nationalized/Scheduled Bank on or before 19.11.2025.
For any query/clarification the premises officer may be contacted in person or over Phone No. 0674-2375155, 2375100.
OIPR- Sd./- Chief General Manager (Gen.)

**GOVERNMENT OF ODISHA**
**DEPARTMENT OF WATER RESOURCES**
No.A-
**e-Procurement Notice No. e-CHID-05/2025-26**

1. Type of Work :- Road work
2. Total No. of Works :- 01 (one) No.
3. Amount put to tender :- Rs.96.57 Lakh
4. Period of completion :- 11 (Eleven) calendar months
5. Paper Cost :- Rs.10000/-
6. Class of Contractor :- 'B' Class Contractor

| Procurement Officer | Bid Identification No. | Name of Work | Bid Amount (Rs. in lakh) | Availability & Submission of Bid On-line |
|---|---|---|---|---|
| Superintending Engineer, Chikiti Irrigation Division, Berhampur | SE(CHID) - 33/2025-26 | Improvement to Dam top Road from RD 0.00 Mtr to 1645.00 mtr of Baghalati Irrigation Project of Chikiti Irrigation Division | 96.57 | From 15.11.2025, 10.00 A.M. to 01.12.2025, 5.00 P.M. |

Date of opening of the Technical Bid :- **02.12.2025 at 11.30 A.M.**
Further details can be seen from the Govt. website **www.tendersodisha.gov.in.** Any addendum/Corrigendum/cancellation of the tender can be seen in the above website only.
OIPR-
Sd./- Superintending Engineer
Chikiti Irrigation Division
Berhampur

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER**
**RURAL WORKS CIRCLE, BALASORE**
No.O-1389
No : 3976/WE, Dt : 31.10.2025
**e-Procurement Notice**

1. Name of the Work : "Building Works", 2. Estimated Cost : As per Annexure, 3. Time for completion : As per Annexure, 4. No. of Work : As per Annexure, 5. Summary for key dates is provided below :-

| Procurement Officer | Bid Identification No | Availability of tender Online for bidding | | Last date & time of seeking tender clarification | Date & time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.45 of 2025-26 | Dt.13.11.2025 at 11.00 A.M. | Dt.24.11.2025 up to 5.00 P.M. | Dt.24.11.2025 up to 1.00 P.M. | Dt.25.11.2025 at 11.00 A.M. | Will be intimated later |

Further details can be seen from the website www.tendersodisha.gov.in. Any other changes/Corrigendums may be seen only in website www.tendersodisha.gov.in.
OIPR-
Sd./- Er. Durjyodhan Behera
Chief Construction Engineer,
Rural Works Circle, Balasore

**OFFICE OF THE NOTIFIED AREA COUNCIL KAMAKHYANAGAR**
At/Po-Kamakhyanagar, Ward No-06,District-Dhenkanal, Pin-759018
kamakhyanagarnac@gmail.com, kamakhyanagarn.hud@nic.in
**"e" Procurement Notice**
Notice No.2474 N.A.C. (K), Dt.07.11.25
**Tender Reference No.KNR-NAC-03/2025-26**

No.C-1426: The Notified Area Council, Kamakhyanagar invites online bid in single cover system through "e" Procurement.

| | | |
|---|---|---|
| Total Nos. of Works | : | 15 (Fifteen) |
| Value of Works | : | 1.52 Lakh to 15.67 Lakh |
| Date of availability of tender for online bidding | : | From dt.11.11.2025 at 11.00 AM upto dt.20.11.2025 at 5.00 P.M. |
| Date of Opening of Bid | : | Dt.21.11.2025 at 10.00 A.M. |
| Further details can be seen from the website | : | www.tendersodisha.gov.in |

Sd./- Executive Officer
OIPR- N.A.C., Kamakhyanagar

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION-I, MALKANGIRI**
NATIONAL COMPETITIVE BIDDING THROUGH e-Procurement
Identification No. Online Tender-05/RWD-I,MKG/2025-26 dt.29.10.2025

**No.O-1385:** 01. Name of the Work : Repair & Maintenance works (Detailed in Annexure), 02. Total number of Works: 11 nos. (Thirty-Three), 03. Estimated Cost: Rs.5.88 lakhs to Rs.75.63 Lakhs, 04. Class of Contractor: "D", "C" & "B" Class, 05. Period of Completion: (As per Detailed in Annexure), 6. Other details:

| Procurement Officer | Bid Identification No. | No. of Works | Availability of Tender online for bidding | | Last Date & Time of seeking tender Clarification | Date and time of opening of tender |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender-05/ RWD-I, MKG/ 2025-26 | Total 11 nos (Single cover & Double Cover) | 13.11.2025 from 11.00 AM | 28.11.2025 upto 5.00 PM | 27.11.2025 upto 5.00 PM | Tech Bid opening (Single Cover & Double Cover Tech.Bid) 29.11.2025 at 11.00 A.M. |

Further details can be seen from the website www.tendersorissa.gov.in
OIPR-
Sd./- Sujata Dishari
Executive Engineer, R.W.Division-I, Malkangiri

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, NIMAPARA IRRIGATION DIVISION, NIMAPARA**
No.A-887
E-mail Id:eenidnimapara@gmail.com
**Notice Invitation of Tenders**
**e-Procurement Notice No.-05/2025-26 on dated 11.11.2025**

1. Type of Works :- **River Embankment Works, Canal Linings, Canal Road & Bridge Works**. 2. Total No. of Works :- **29 (Twenty Nine) Nos.** 3. Bid Security (EMD) in Rupees:- **Rs.80,000/- to Rs.84,0000/-.** 4. Cost of Bids in Rupees :- **Rs.10,000/-.** 5. Class of Contractor:- **"B" Class**. 6. Period of Completion :- **6 (Six) Calendar Months.**

| Procurement Officer | Bid Identification No. | Bid Amount in Lakh Rs. | Availability & Submission of Bids online |
|---|---|---|---|
| Superintending Engineer, Nimapara Irrigation Division, Nimapara | NID-149/ 2025-26 to NID-177/2025-26 | 80.50 to 83.90 | From 14.11.2025 11.00 AM to 28.11.2025 5.30 P.M. |

Date of Opening of the Technical Bid :- 29.11.2025 at 11.00 A.M.
Further details can be seen from the Govt. website www.tendersodisha.gov.in
OIPR- **Sd./- Superintending Engineer, Nimapara Irrigation Division, Nimapara**

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍- (୦୬୭୪) ୨୩୯୩୫୨୪
ଏପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ https://oshb.org
ପତ୍ରସଂଖ୍ୟା-୧୯୦ ତା.୧୬.୧୦.୨୦୨୫

**ବିଜ୍ଞାପନ**

**No.CAD-2253:** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ ।

| କ୍ର. ନଂ. | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ସ୍ୱର୍ଗତ କୁମୁଦିନୀ ପଣ୍ଡା<br>ସ୍ୱାମୀ-ସ୍ୱର୍ଗତ ନିତ୍ୟାନନ୍ଦ ପଣ୍ଡା<br>ଗ୍ରା/ପୋ-କିଣ୍ଡିରା<br>ଥାନା-କୁଚିଣ୍ଡା<br>ଜିଲ୍ଲା-ସମ୍ବଲପୁର | ଘର ନଂ.-ଏଚ.ଆଇ.ଜି.-ଏ/୬୧<br>(HIG-A/61)<br>ଛେଣ୍ଡ, ଫେଜ-୩,<br>ରାଉରକେଲା,<br>ଜିଲ୍ଲା-ସୁନ୍ଦରଗଡ଼ | ୧.ରବିରତ୍ନ ପଣ୍ଡା (ବି.ପୁତ୍ର)<br>୨.ଅରୁଣରତ୍ନ ପଣ୍ଡା(ବି.ପୁତ୍ର)<br>୩.ବରୁଣରତ୍ନ ପଣ୍ଡା(ବି.ପୁତ୍ର)<br>୪.ତରୁଣରତ୍ନ ପଣ୍ଡା (ପୁତ୍ର) |

ସ୍ୱା./- ପ୍ରଶାସନିକ ଅଧିକାରୀ
OIPR- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**OFFICE OF THE PANCHAYAT SAMITI, PODIA**
At/Po-Podia, Dist-Malkangiri, Pin-764047 (ODISHA), E-mail-ori-podia@nic.in
No.3019/ Date : 10.11.2025
**TENDER CALL NOTICE No.02/2025-26 DATED 10.11.2025**

**No.i-375** : The Block Development Officer, Podia invites Percentage Rate bids in Single Cover System for the construction of work as detailed in the table, from eligible class of contractors as mentioned under column-8 (eight) registered with the State Governments and Contractors of equivalent Grades/ Class Registered with Central Government / MES / Railways for execution of similar nature of work. The proof of registration from the appropriate authority shall be enclosed along with the Bid. If successful, the bidder who has not registered under state government has to register under the state PWD in appropriate class of eligibility before signing of the agreement for the following works eventually to be drawn up in the P.W.D. P-2 forms in conformity with the Detailed Tender Call Notice.

| Sl. No. | Name of the G.P | Name of the Work | Amount put to Tender (in Rs) | Cost of Tender Paper (in Rs) | E.M.D (in Rs) (1%) | Work Completion Period | Class of Contractor |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Kaldapali | Construction of Additional Class Room Building at Kaldapalli UGHS | 14,62,532.00 | 6,000.00 | 14,625.00 | 04(four) months | 'C' & 'D' |
| 2 | Podia | Construction of Multi Purpose Hal at Block Office, Podia | 10,82,443.00 | 6,000.00 | 10,825.00 | 04(four) months | 'C' & 'D' |
| 3 | Podia | Construction of Block Development Officer Quarter | 11,69,960.00 | 6,000.00 | 11,700.00 | 04(four) months | 'C' & 'D' |

**Sale of tender paper** : The tender documents can be seen from the Govt. website malkangiri.odisha.gov.in only from 13.11.2025 to 27.11.2025 (up to 05:00 PM). No Tender paper will be sold by the Block office, Podia or any other offices. Interested bidders will download the bid documents from the same web site only i.e malkangiri.odisha.gov.in.
**Place and date of receipt of tender Paper** : Panchayat Samiti, Podia from 13.11.2025 to 27.11.2025 (upto 05:00 PM) through Registered/Speed post only (office hour from 10.00 AM to 5.00 PM, Except Sunday and public holidays).
**Place and date of opening of tender paper** : Panchayat Samiti, Podia on dt. 29.11.2025 at 11:00 AM.
**Mode of receipt of tender paper** :Registered/Speed post only (India Post)
**Name of the Scheme** : S & ME Department 5th SFC Const of RB & Non RB
The authority reserves the right to reject any or all of the tenders without assigning any reasons thereof. The detailed information/corrigendum on Tender call notice can be available in the District website http//Malkangiri.odisha.gov.in only.
N.B: All Should go through the terms and conditions of Tender call Notice and Detail Tender call notice before submission of Tender papers.
OIPR-
Sd./- Block Development Officer
Podia

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BOLANGIR**
1st Corrigendum Notice
No.3292, Dated 06.11.25

No.O-: The 1st Corrigendum to the Bid Identification No. BLGR-Online-28/2025-26, the Revised Estimated Cost, EMD amount and Date and Time for Sl.No.2, 17 & 24 of NIT (Annexure) are as follows:

**REVISED ANNEXURE & DATE**

| Sl.No. as per NIT | Name of the Work | Approx. Estimated cost excluding GST (Rs.in lakh) | EMD required (in Rs.) | Cost of tender paper (In Rs.) to be submitted online | Class of contractor | Time of completion (In Calendar months) | Name of R.W. Division |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 2 | Improvement to Singatimal to Arjunpur Road in the district of Bolangir under MMSY-Improvement to Existing RD Road for the year 2025-26 | 350.14 | Rs.3,50,140/- | 10,000/- per set | "A" Class | 9 (Nine Months) | Bolangir |
| 17 | Construction of Road from Komna Border to Bhalukuna via Kharli Road in the district of Bolangir under MMSY-CMRL for the year 2025-26 | 533.66 | Rs.5,33,660/- | 10,000/- per set | "A" Class | 9 (Nine Months) | Titilagarh |
| 24 | Improvement to NH-201 to Gambharipali Road in the district of Subarnapur under MMSY-Improvement to Existing RD Road for the year 2025-26. | 318.43 | Rs.3,18,430/- | 10,000/- per set | "A" Class | 9 (Nine Months) | Sonepur |

| Availability of Tender on-line for bidding | | Last Date & Time of seeking tender clarification | Date & Time of Opening of tender | |
|---|---|---|---|---|
| From | To | | Technical Bid | Financial Bid |
| 3 | 4 | 5 | 6 | 7 |
| 30.10.2025 at 11.00 AM | 18.11.2025 upto 5.00 PM | 17.11.2025 upto 5.00 PM | 20.11.2025 at 11.00 AM | The date will be intimated later on |

N.B.- All other terms and conditions remain unchanged.
OIPR- Sd./- Chief Construction Engineer, R.W.Circle, Bolangir

## ବେଆଇନ ମୋରମ ଚାଲାଣ, ୩ ଗିରଫ

**ବାରଙ୍ଗ, ୧୨।୧୧(ଲିଙ୍ଗରାଜ ରାଉତ)**

ଚନ୍ଦକା ଥାନା ଅନ୍ତର୍ଗତ ପାଇକେରାପୁର ପାଣିଟାଙ୍କି ପାଖରେ ବେଆଇନ ଭାବେ ମୋରମ ଖୋଳି ଚାଲାଣ କରୁଥିବା ଅଭିଯୋଗରେ ପୋଲିସ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ଘଟଣାସ୍ଥଳରୁ ପୋଲିସ ୩ ଗାଡ଼ି ସହ ସେମାନଙ୍କ ନିକଟରୁ ୩ଟି ମୋବାଇଲ ଫୋନ ଜବତ କରିଛି। ଅଭିଯୁକ୍ତମାନେ ହେଲେ ହାଇୱା ଗାଡ଼ି ଚାଳକ ଗଞ୍ଜାମର ସୁଶାନ୍ତ ସେନାପତି(୩୧),ଜେସିବି ଗାଡ଼ି ଚାଳକ ଭାରତପୁର ଥାନା ଅଧୀନ ଘାଟିକିଆର ରାଜେଶ କୁମାର ମହାପାତ୍ର(୨୩) ଓ ବୁଲେଟ ଚାଳକ ଘାଟିକିଆର ଅଜିତ କୁମାର ମହାପାତ୍ର(୫୦)। ଏନେଇ ପୋଲିସ ମାମଲା (ନଂ. ୫୧୨/୨୫) ରୁଜୁ କରିଛି ତଦନ୍ତ ଆରମ୍ଭ କରିଛି।

ମଙ୍ଗଳବାର ରାତିରେ ଚନ୍ଦକା ପୋଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ପାଣିଟାଙ୍କି ପାଖରେ ଅଭିଯୁକ୍ତମାନେ ମୋରମ ଖୋଳି ଚୋରାରେ ଚାଲାଣ କରୁଥିବା ଆଇଆଇସି ସମିତା ମିଶ୍ର ଜାଣିବାକୁ ପାଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ ଅନୁଯାୟୀ ପୋଲିସର ଉକ୍ତ ଦଳ ଅତର୍କିତ ଭାବେ ଯାଇ ଉକ୍ତ ସ୍ଥାନରେ ଚଢାଉ କରିଥିଲା। ଘଟଣାସ୍ଥଳରୁ ପୋଲିସ ଏକ ଜେସିବି, ହାଇୱା ଓ ଏକ ବୁଲେଟ୍ ଜବତ କରିଛି। ପଚରାଉଚରା କରିବାରୁ ବୁଲେଟ୍ ଚାଳକ ଅଜିତ ଚୋରା ମୋରମ ଚାଲାଣ ସମୟରେ ପୋଲିସର ଗତିବିଧି ଉପରେ ନଜର ଦେବା ପାଇଁ ଜଗି ରହିଥିଲେ ବୋଲି ପୋଲିସ ଆଗରେ ସ୍ୱୀକାର କରିଛନ୍ତି।

# ଜନ୍ମଗତ ଅସଙ୍ଗତି ସମାଧାନରେ ଶିଶୁ ଶଲ୍ୟ ଚିକିତ୍ସକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ସମ୍ମିଳନୀରେ ଏମ୍ସ ଭୁବନେଶ୍ୱରର ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ମୁଖ୍ୟ ଡା. ମନୋଜ କୁମାର ମହାନ୍ତିଙ୍କ ସହ ଅନ୍ୟ ଡାକ୍ତରମାନେ।

**ଆଇଏପିଏସ୍‌ଏସ୍‌ଏନ୍‌ର ୫୧ତମ ବାର୍ଷିକ ସମ୍ମିଳନୀ, ହୀରକ ଜୟନ୍ତୀ ଉତ୍ସବ**

**ଭୁବନେଶ୍ୱର, ୧୨।୧୧ (ବନ୍ଦନା ସେଠୀ)**

ଭାରତୀୟ ଶିଶୁ ଶଲ୍ୟ ଚିକିତ୍ସକ ସଂଘ (ଆଇଏପିଏସ୍‌ଏସ୍‌ଏନ୍)ର ୫୧ତମ ବାର୍ଷିକ ସମ୍ମିଳନୀ ଏବଂ ହୀରକ ଜୟନ୍ତୀ ଉତ୍ସବ ପୁରାଦିନ ଧରି ହୋଇଯାଇଛି। ସମ୍ମିଳନୀରେ ଦେଶବିଦେଶରୁ ଶିଶୁ ଶଲ୍ୟ ଚିକିତ୍ସକ, ଗବେଷକ, ଶିକ୍ଷାବିତ୍ ଏବଂ ପ୍ରଶିକ୍ଷାର୍ଥୀଙ୍କ ସମେତ ୫ଶହରୁ ଅଧିକ ପ୍ରତିନିଧି ଯୋଗଦେଇଥିଲେ। ଜନ୍ମଗତ ତ୍ରୁଟି ବା ଅସଙ୍ଗତି ଭାରତରେ ଶିଶୁ ରୋଗ ଏବଂ ମୃତ୍ୟୁର ଏକ ପ୍ରମୁଖ କାରଣ ଭାବେ ଜଣାଶୁଣା। ଏହାକୁ ସମୟୋଚିତ ଅସ୍ତ୍ରୋପଚାର ସହାୟତାରେ ଚିକିତ୍ସା କରାଯାଇ ପୀଡିତ ପିଲାଙ୍କୁ ନୂଆ ଜୀବନ ପ୍ରଦାନ କରିପାରିବ। ଏ କ୍ଷେତ୍ରରେ ଶିଶୁ ଶଲ୍ୟ ଚିକିତ୍ସକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଅତିଥିମାନେ କହିଛନ୍ତି।

ସମ୍ମିଳନୀର ବିଷୟବସ୍ତୁ ଥିଲା 'ଜନ୍ମ ତ୍ରୁଟି ପାଇଁ ଶିଶୁ ସର୍ଜନ: ବିକଶିତ ରାଷ୍ଟ୍ର ଦିଗରେ ଏକ ରାସ୍ତା'। ଶିଶୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଭ୍ରୂଣ ଶଲ୍ୟ ଚିକିତ୍ସା, ଶିଶୁ ମୂତ୍ରରୋଗ, ଆଘାତ ଯତ୍ନ, ଅଙ୍କୋଲୋଜି ଏବଂ ନବଜାତ ଶଲ୍ୟଚିକିତ୍ସା ଯତ୍ନରେ ଅତ୍ୟାଧୁନିକ ବିକାଶ ଉପରେ ଆଲୋଚନା ହୋଇଥିଲା। ଏହି କ୍ରମରେ 'ହ୍ୟାଣ୍ଡସ-ଅନ' ତାଲିମ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଏଣ୍ଡୋ ଟ୍ରେନର ଅନ୍ ସ୍କିଲ୍ସ, ରୋବୋଟିକ ଅନ୍ ସ୍କିଲ୍ସ କର୍ମଶାଳା, ବ୍ରୋଙ୍କୋସ୍କୋପି ହ୍ୟାଣ୍ଡସ-ଅନ୍ କର୍ମଶାଳା, ୟୁରୋଡାଇନାମିକ୍ସ କର୍ମଶାଳା, ମେଟା-ଆନାଲିସିସ୍ ଆଦି ଅନ୍ତର୍ଭୁକ୍ତ ଥିଲା। ଏମ୍ସ ଭୁବନେଶ୍ୱରର ଶିଶୁ ଶଲ୍ୟ ଚିକିତ୍ସା ବିଭାଗ ମୁଖ୍ୟ ଡା. ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ସଂଗଠନ ସମ୍ପାଦକ ଡା. ବିକାଶ ବିହାରୀ ତ୍ରିପାଠୀ, ସହ-ସଙ୍ଗଠନ ସମ୍ପାଦକ ଓ କୋଷାଧ୍ୟକ୍ଷ ଡା. ସୁବ୍ରତ କୁମାର ସାହୁ, ଡା. ଆକାଶ ବିହାରୀ ପତି ପ୍ରମୁଖଙ୍କୁ ନେଇ ଗଠିତ ଆୟୋଜନ କମିଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲା।

## ସ୍ଥିତି ଦେଖି ପରିଚୟ ବଦଳାଉଥିଲେ ଅଜିତ

**ଭୁବନେଶ୍ୱର, ୧୨।୧୧(ତ୍ରିନାଥ ମହାନ୍ତି)**

- ସିବିଆଇ ସ୍କାନରରେ ଅଜିତ ଲିଙ୍କ୍‌ରେ ଥିବା ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ
- ପୁରୀ ଗଲେ କଡା ସୁରକ୍ଷା ଯୋଗାଇ ଦେବାକୁ ଫୋନ କରୁଥିଲେ
- ମୋବାଇଲ୍‌ରୁ ମିଳିଲା ୧୩ଶହ ଫଟୋ, ୨ଶହ ଭିଡିଓ

ରାଜସ୍ଥାନରୁ ସିବିଆଇ ହାତରେ ମଙ୍ଗଳବାର ଗିରଫ ହୋଇଥିବା କୁଖ୍ୟାତ ଠକ ଅଜିତ କୁମାର ପାତ୍ରଙ୍କ କଳା କାରନାମାର ଗୁମର ଫିଟିବାରେ ଲାଗିଛି। ବୁଧବାର ସିବିଆଇ ରାଜଧାନୀ ଭୁବନେଶ୍ୱରରେ ଥିବା ଅଜିତଙ୍କ ଘର ଉପରେ ଚଢାଉ କରି ଛାନଭିନ କରିଛି। ତାଙ୍କ ଘରୁ ସିବିଆଇ ଏକାଧିକ ନକଲି ଆଇକାର୍ଡ ପାଇଛି, ଯାହାକି ସିବିଆଇ ଏସ୍‌ପି, ଇଡି ଅଧିକାରୀ, ଜିଏସ୍‌ଟି ଏବଂ ବିଚାରପତି ଥିବା ଉଲ୍ଲେଖ ରହିଛି। ଅଜିତ ସ୍ଥିତି ଦେଖି ନିଜ ପରିଚୟ ବଦଳାଉଥିଲେ। କେଉଁଠି ନିଜକୁ ସିବିଆଇ ଅଧିକାରୀ ବୋଲି କହୁଥିବା ବେଳେ ଆଉ କେତେବେଳେ ଇଡି ଅଧିକାରୀ ବୋଲି ପରିଚୟ ଦେଉଥିଲେ। ଏପରିକି କୌଣସି ସରକାରୀ ବାବୁ ଅସୁବିଧାରେ ପଡ଼ିଲେ ସେ ସମାଧାନ କରିବାକୁ କହି ଲକ୍ଷାଧିକ ଟଙ୍କା ଲୁଟି ନେଉଥିଲେ। ସିବିଆଇ ତାଙ୍କ ମୋବାଇଲ୍ ଜବତ କରି ଯାଞ୍ଚ କରିବା ପରେ ବଡ଼ ତଥ୍ୟ ପାଇଛନ୍ତି। ସେଥିରୁ ୧୩ ଶହ ଫଟୋ ଏବଂ ୨ଶହ ଭିଡିଓ ମିଳିଛି। ଏହି ଫଟୋରେ ଏକାଧିକ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ରହିଛନ୍ତି। ଅଜିତଙ୍କ ସହ ଫଟୋରେ ଥିବା ଅଫିସରଙ୍କ ସମ୍ପର୍କ କ'ଣ ରହିଛି ତାହାକୁ ସିବିଆଇ ଘାଣ୍ଟୁଛି। ଠକେଇରେ ସେମାନେ ସହଯୋଗ କରୁଥିଲେ କି ନାହିଁ ତାହାର ଯାଞ୍ଚ କରାଯାଉଛି। ଆହୁରି ମଧ୍ୟ ଅଜିତ ପୁରୀ ଗଲେ ତାଙ୍କୁ ଭିଆଇପି ସୁରକ୍ଷା ଦେବାକୁ ଏହି ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ପୁରୀ ପୋଲିସକୁ ଫୋନ୍ କରି କହୁଥିଲେ। ଗତ ରଥଯାତ୍ରା ସମୟରେ ବଡ଼ ଦାଣ୍ଡରେ ଏକ ଗାଡ଼ି ପଶିବାକୁ ନେଇ ବିବାଦ ହୋଇଥିଲା। ଏତେ ସୁରକ୍ଷା ଭିତରେ ଭିତରକୁ କିଭଳି କାର ପଶିଲା ବୋଲି ପ୍ରଶ୍ନ ଉଠିଥିଲା। ତେବେ ଉକ୍ତ ଗାଡ଼ି ଅଜିତଙ୍କ ଥିଲା ବୋଲି ଏବେ ସିବିଆଇ ତଦନ୍ତରୁ ଜାଣିବାକୁ ପାଇଛି। କେବଳ ସେତିକି ନୁହେଁ, ଅଫିସରଙ୍କ ଛଦ୍ମବେଶରେ ଅଜିତ ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ବି ସାମିଲ ହେଉଥିଲେ। ଏମିତିକି ହାଇସିକ୍ୟୁରିଟି ଜୋନ୍‌ରେ ମଧ୍ୟ ତାଙ୍କର ଅବାଧ ପ୍ରବେଶ ଥିଲା। ଦିଲ୍ଲୀ, ରାଜସ୍ଥାନ ଓ ଓଡ଼ିଶାରେ ଅଜିତଙ୍କ ନେଟୱର୍କ ବେଶ୍ ସକ୍ରିୟ ଥିଲା।

# ଭୁବନେଶ୍ୱରକୁ ଜିଲା ମାନ୍ୟତା: ୩ ମହୋତ୍ସବରେ ଦସ୍ତଖତ ସଂଗ୍ରହ

**ଭୁବନେଶ୍ୱର,୧୨।୧୧ (ସୌମ୍ୟରଞ୍ଜନ ରାଉତ)**

ଭୁବନେଶ୍ୱରକୁ ସ୍ୱତନ୍ତ୍ର ଜିଲା କରିବା ଦାବିରେ ରାଜଧାନୀର ୩ଟି ବଡ଼ ମହୋତ୍ସବରେ ଦସ୍ତଖତ ସଂଗ୍ରହ କରାଯାଇଛି। ଭୁବନେଶ୍ୱର ବାଲିଯାତ୍ରା, ଏକାମ୍ର ବାଲିଯାତ୍ରା ଓ ଉତ୍ତର ମହୋତ୍ସବରେ ଭୁବନେଶ୍ୱରକୁ ଏକ ସ୍ୱତନ୍ତ୍ର ଜିଲା ହେବା ନିହାତି ଆବଶ୍ୟକ ବୋଲି ମୁରବିମାନେ ମତ ପ୍ରକାଶ କରିଛନ୍ତି। ମିଳିତ ମହାମଞ୍ଚ ମୁଖ୍ୟ ଲିଙ୍ଗରାଜ ସାହୁଙ୍କ ନେତୃତ୍ୱରେ ଏହି ଦସ୍ତଖତ ଅଭିଯାନ ଚାଲିଛି। ଉତ୍ତର ମହୋତ୍ସବରେ ରୋଜାଲିନ୍ ପାଟ୍ଟଶାଣୀ, ରଶ୍ମୀ ମହାପାତ୍ର, ଦେବବ୍ରତ ନାୟକଙ୍କ ସମେତ ବହୁ ମହିଳା ଓ ମୁରବି ସାମିଲ୍ ହୋଇଥିବା ବେଳେ ଦୁଇଟି ବାଲିଯାତ୍ରା ମହୋତ୍ସବରେ ମୁରବିମାନେ ଏହି ଦାବି ଯଥାର୍ଥ ବୋଲି ମତ ଦେଇଥିଲେ।




ଉତ୍ତର ମହୋତ୍ସବରେ ଭୁବନେଶ୍ୱରକୁ ଜିଲା ଦାବି କରାଯାଉଛି।

